

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-175 ◆BHUBANESWAR ◆SATURDAY ◆21 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୭୫ ◆ଭୁବନେଶ୍ୱର ◆ଶନିବାର ◆୨୧ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


## ଏଲ୍‌ପିଜି ଟ୍ୟାଙ୍କର-ଟ୍ରକ୍ ଧକ୍କା ପରେ ରାଜପଥରେ ଅଗ୍ନି ତାଣ୍ଡବ

# ୧୧ ଜୀବନ୍ତ ଦଗ୍ଧ



**ବସ୍ ସମେତ ଜଳିଗଲା ୪୦ ଗାଡ଼ି; ୩୨ ଗୁରୁତର**

**ଡ୍ରାଇଭର, କଣ୍ଡକ୍ଟର ସମେତ ୧୪ ନିଖୋଜ**

**୪୦୦ ମିଟର ପର୍ଯ୍ୟନ୍ତ ଜଳିଗଲେ ଉଡ଼ନ୍ତା ପକ୍ଷୀ**

■ **ଜୟପୁର, ୨୦।୧୨ (ଏଜେନ୍ସି):** ରାଜସ୍ଥାନର ଜୟପୁର-ଆଜମେର ହାଇୱେରେ ଶୁକ୍ରବାର ସକାଳେ ସବୁଠୁ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦିଲ୍ଲୀ ପବ୍ଲିକ ସ୍କୁଲ୍ ସାମ୍‌ନାରେ ଭାରତ ପେଟ୍ରୋଲିୟମର ଏକ ଏଲ୍‌ପିଜି ଟ୍ୟାଙ୍କର ୟୁଟର୍ଣ୍ଣ ନେଉଥିବାବେଳେ ଟ୍ରକ୍ ଧକ୍କା ଦେଇଛି। ଏଥିଯୋଗୁଁ ଗ୍ୟାସ୍ ଲିକ୍ ହୋଇ ଚାରିଆଡ଼େ ବ୍ୟାପି ଯାଇଥିଲା। କିଛି ସମୟ ମଧ୍ୟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ପରେ ନିଆଁ ବ୍ୟାପି ଯାଇଥିଲା। ଏହା ଦେଖୁ ଦେଖୁ ପ୍ରାୟ ଏକ କିମି ପର୍ଯ୍ୟନ୍ତ ଅଞ୍ଚଳକୁ କବଳିତ କରି ନେଇଥିଲା। କେହି କିଛି ବୁଝିବା ଆଗରୁ ରାଜପଥ ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା। ଏକ ସ୍ଲିପର୍ ବସ୍ ସମେତ ୪୦ରୁ ଅଧିକ ଗାଡ଼ି ଏହା ସଂସ୍ପର୍ଶରେ ଆସି ଜଳି ଯାଇଥିଲେ। ଏହି ଏଲ୍‌ପିଜି ନିଆଁରେ ୧୧ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୪୦ରୁ ଅଧିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଡ୍ରାଇଭର-କଣ୍ଡକ୍ଟରଙ୍କ ସମେତ ୧୪ ଜଣ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି। ▶ପୃଷ୍ଠା-୭

## ଶୀତୁଆ ବର୍ଷାରେ ଜଡ଼ସଡ଼ ଉପକୂଳ ଓଡ଼ିଶା



# କ୍ଷେତରେ ଭିଜିଲା ପାଚିଲା ଧାନ

**୧୨ଘଣ୍ଟାରେ ଅବପାତ ରୂପ ନେବ ଲଘୁଚାପ**

**୪ ଜିଲ୍ଲାକୁ ବିଭାଗର ୟେଲୋ ୱାର୍ଣ୍ଣିଂ**

**କ୍ଷେତରୁ ଧାନ ଉଠାଇବାକୁ ଚାଷୀଙ୍କୁ ତର ନାହିଁ**

■ **ଭୁବନେଶ୍ୱର, ୨୦।୧୨ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ରାତିରୁ ଲାଗି ରହିଛି ଝିପ୍‌ଝିପ୍ ବର୍ଷା। ଆଜି ଦିନ ତମାମ୍ ପୁଷମାସର ଏହି ଅଦିନିଆ ବର୍ଷା ସମଗ୍ର ରାଜ୍ୟରେ ତାପମାତ୍ରାକୁ ତଳମୁହାଁ କରିଛି। ଲୋକମାନେ ଶୀତରେ ଜଡ଼ସଡ଼ ହେଉଛନ୍ତି। ଶୀତ ଅପେକ୍ଷା ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ମହରଗ ହୋଇଛି। ଏପଟେ ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଅବପାତରେ ପରିଣତ ହେବାର ଆଶଙ୍କା ଥିବାରୁ କ୍ଷେତ ଓ ଖଳାରେ ପଡ଼ିଥିବା ଧାନକୁ କିପରି ସୁରକ୍ଷିତ ରଖିବେ ସେଇ ଚାଷୀକୁଳ ଚିନ୍ତାରେ ପଡ଼ିଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଲଘୁଚାପ ଅବପାତରେ ପରିଣତ ହେବା ପରେ ଏହା ଉତ୍ତର-ଉତ୍ତରପୂର୍ବ ଦିଗକୁ ଗତି କରିବ। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବାବେଳେ ଆସନ୍ତାକାଲି ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାର କିଛି ସ୍ଥାନରେ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ୪ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସହିତ ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟ ସବୁ ସ୍ଥାନରେ ପାଗ ଶୁଖିଲା ରହିବା ନେଇ ପୂର୍ବାନୁମାନ କରାଯାଇଛି। ୨୨ ତାରିଖ ସକାଳ ସାଢ଼େ ୮ଟାରୁ ରାଜ୍ୟର ସବୁ ଜିଲ୍ଲାରେ ପାଗ ଶୁଖିଲା ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଆଗାମୀ ୩ ଦିନରେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତା'ପରେ ▶ପୃଷ୍ଠା-୭

# ବିବାଦ ଓ ହଙ୍ଗାମାରେ ସରିଲା ଶୀତ ଅଧିବେଶନ

## ସଂସଦ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ



**୨୦ ଦିନରେ ଗୃହକାର୍ଯ୍ୟ ଚାଲିଲା ମୋଟ ୧୦୫ ଘଣ୍ଟା**


**ଏକ ଦେଶ, ଏକ ନିର୍ବାଚନ ବିଲ୍ ସୃଷ୍ଟିକଲା ବିତର୍କର ଝଡ଼**

■ **ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି):** ସଂସଦର ଶୀତ ଅଧିବେଶନ ଶୁକ୍ରବାର ହଙ୍ଗାମାର ସହ ଶେଷ ହୋଇଛି। ମଣିପୁର ହିଂସା, ଆଦାନୀ, ଆମ୍ବେଦକର ପ୍ରସଙ୍ଗକୁ ନେଇ ବିରୋଧୀ-ଶାସକ ଦଳ ମୁହାଁମୁହିଁ ହୋଇଥିଲେ। ପରସ୍ପର ବିରୋଧରେ ଅଭିଯୋଗ ଲଗାଇ ଚାଲିଥିଲେ। ଶେଷ ଦିନରେ ବି ଗୃହରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ସୁରୁଖୁରରେ ନ ଚାଲିବାରୁ ରାଜ୍ୟସଭା ଅଧ୍ୟକ୍ଷ ଏବଂ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଆଜି ଆମ୍ବେଦକର ବିବାଦ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏତଲାକୁ ବିରୋଧ କରି ବିରୋଧୀ ଇଣ୍ଡିଆ ମେଣ୍ଟର ସଦସ୍ୟ ସଂସଦ ଭବନ ବାହାରେ ପ୍ରତିବାଦ କରିଥିଲେ। ବିଜୟ ଚୌକରୁ ସଂସଦ ଭବନ ପର୍ଯ୍ୟନ୍ତ ରାହୁଲଙ୍କ ସମର୍ଥନରେ ପଦଯାତ୍ରା କରିଥିଲେ। ତେବେ ଏଥିରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇ ନ ଥିଲେ। ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନ୍ୟ ବିରୋଧୀ ସାଂସଦ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପଟେ ଏନ୍‌ଡିଏ ସାଂସଦ ରାହୁଲଙ୍କୁ ବିରୋଧ କରି ସଂସଦ ଭବନ ବାହାରେ ବିରୋଧ ପ୍ରଦର୍ଶନ କରିଥିଲେ। ରାହୁଲଙ୍କୁ ଲୋକସଭାରୁ ନିଲମ୍ବିତ କରିବା ପାଇଁ ଦାବି କରିଥିଲେ। ଆଜି ବି ଗୃହରେ ବ୍ୟାଗ୍ ରାଜନୀତି ଦେଖିବାକୁ ମିଳିଥିଲା। ପ୍ରିୟଙ୍କାଙ୍କ ପରେ ବିଜେପିର ମହିଳା ସାଂସଦ ୧୯୮୪ ଲେଖାଥିବା ବ୍ୟାଗ୍ ଧରି ଯାଇଥିଲେ।

ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଲୋକସଭାରେ ମୋଟ ୨୦ଟି ବୈଠକ ହୋଇଥିଲା। ଉଭୟ ସଦନରେ ପ୍ରାୟ ୧୦୫ ଘଣ୍ଟା କାର୍ଯ୍ୟ ହୋଇଥିଲା। ଲୋକସଭାର ଉତ୍ପାଦକତା ୫୪ ପ୍ରତିଶତ। ୬୫ ଘଣ୍ଟା ନଷ୍ଟ ହୋଇ ଯାଇଥିଲା। ସେହିପରି ରାଜ୍ୟସଭାର ଉତ୍ପାଦକତା ୪୧ ପ୍ରତିଶତ ରହିଥିଲା। ଗୃହରେ ମୋଟ ପାଞ୍ଚୋଟି ବିଲ୍ ଉପସ୍ଥାପନ କରାଯାଇଥିଲା। କିନ୍ତୁ କେବଳ ଗୋଟିଏ ଉଭୟ ଗୃହରେ ପାରିତ ହୋଇଥିଲା। ଏକ ଦେଶ, ଏକ ନିର୍ବାଚନ ବିଲ୍ ସବୁଠାରୁ ଚର୍ଚ୍ଚାରେ ଥିଲା। ୧୨୯ତମ ସମ୍ବିଧାନ ସଂଶୋଧନ ପାଇଁ ଏହାକୁ ଉପସ୍ଥାପନ କରାଯାଇଥିଲା। ଏହି ବିଲ୍‌କୁ ସମୀକ୍ଷା ଲାଗି ୩୯ ସଦସ୍ୟ ବିଶିଷ୍ଟ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠା ଯାଇଥିଲା। ଆଗାମୀ ଅଧିବେଶନରେ ଏହି ▶ପୃଷ୍ଠା-୭

## ଜାତୀୟ ଜଳପଥ ପ୍ରକଳ୍ପ ଘୋଷଣାର ଦଶନ୍ଧି ପୂର୍ତ୍ତି

# ନଥିରେ ଅଟକିଛି ନୀଳ ଅର୍ଥନୀତି ନକ୍ସା




**ଜାତୀୟ ଜଳପଥ-୫ର ଅଗ୍ରଗତି ନୈରାଶ୍ୟଜନକ**

■ **ଭୁବନେଶ୍ୱର, ୨୦।୧୨ (ସମିସ):** ଓଡ଼ିଶାର ବିକାଶରେ ଆୟୁଧ ସାଜିବ ନୀଳ ଅର୍ଥନୀତି। ଓଡ଼ିଶା ପୂର୍ବ ଭାରତର ବିକାଶ ଦ୍ୱାର ପାଲଟିବ। ଏପରି କିଛି ମନଲୋଭା ଚିତ୍ର ଦେଖାଇ ଭାରତ ସରକାର ସାଗରମାଳା ପ୍ରକଳ୍ପରେ ଇନ୍‌ଲ୍ୟାଣ୍ଡ ୱାଟର୍ ୱେଜ୍‌କୁ ସାମିଲ କରିଥିଲେ ଓ ଏଥିରେ ୩ଟି ପର୍ଯ୍ୟାୟରେ ମୋଟ ୫୮୮ କିଲୋମିଟର ଜାତୀୟ ଜଳପଥ ଓଡ଼ିଶାରେ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହି ମହତ୍ୱାକାଂକ୍ଷୀ ଯୋଜନା ଏବେ ନଥିର ନାଲିଫିତା ଭିତରେ ଅଣନିଶ୍ୱାସୀ। ଜାତୀୟ ଜଳପଥ ସୂଚୀରେ ସ୍ଥାନ ପାଇବାର ୧୬ ବର୍ଷ ଓ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ୧୦ ବର୍ଷ ପରେ ମଧ୍ୟ ଓଡ଼ିଶାରେ ଏହି ପରିକଳ୍ପିତ ଜାତୀୟ ଜଳପଥ ଆରମ୍ଭ ହୋଇ ପାରିନାହିଁ। ବିଡ଼ମ୍ବନା ହେଉଛି ଯେ ପ୍ରକଳ୍ପର ଟିଇଏଫ୍ (ଟେକ୍ନୋ-ଇକୋନୋମିକ୍ ଫିଜିବିଲିଟି) ଅଧ୍ୟୟନର ୫ ବର୍ଷ ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁଦ୍ଧା ହୋଇ ପାରିନାହିଁ।

ବ୍ରାହ୍ମଣୀ, ଖରସୁଆଁ, ମହାନଦୀ, ମାତାଇ ନଦୀକୁ ପୂର୍ବତଟ କେନାଲକୁ ୨୦୦୮ରେ ନ୍ୟାସନାଲ ୱାଟରୱେ-୫ରେ ସ୍ଥାନ ମିଳିଥିଲା। ଆଇଡବ୍ଲୁଏଆଇ ଉପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି ମର୍ମରେ ଆଇଡବ୍ଲୁଏଆଇ ଏବଂ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ ମଧ୍ୟରେ ୨୦୧୪ ଜୁନ୍ ୩୦ ତାରିଖରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ୨୦୧ କିମି ଦୀର୍ଘ ଜଳପଥ କଳିଙ୍ଗ ନଗର ଶିଳ୍ପାଞ୍ଚଳ ନିକଟସ୍ଥ ଯୋଜଡ଼ିଆ/ପଙ୍କପାଳକୁ ଧାମରା ଓ ପାରାଦ୍ୱୀପ ବନ୍ଦର ସହିତ ଯୋଡ଼ାଯିବାର ଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ତାଳଚେର ଓ ଯୋକଡ଼ିଆ (୧୩୧ କିମି)କୁ ସଂଯୋଗ କରିବା ପାଇଁ ଯୋଜନା ହୋଇଥିଲା। ୩୩୨ ଲମ୍ବର ଜଳପଥକୁ ଯୋଡ଼ିବା ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟ ହୋଇଥିଲା। ୨୦୧୭ ମସିହାରେ ଜାତୀୟ ଜଳପଥ ପ୍ରକଳ୍ପରେ ଓଡ଼ିଶାର ଗୋଟିଏ ପ୍ରକଳ୍ପକୁ ସାମିଲ କରାଯାଇଥିଲା। ୨୦୧୯ରେ ଭାରତ ସରକାରଙ୍କ ଇନ୍‌ଲ୍ୟାଣ୍ଡ ୱାଟର୍‌ୱେଜ୍ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ୬ଟି ଜାତୀୟ ଜଳପଥ ▶ପୃଷ୍ଠା-୭

## ଏକ ଦେଶ ଏକ ନିର୍ବାଚନ ପ୍ରସଙ୍ଗ

# ଜେପିସିରେ ଓଡ଼ିଶାରୁ ୪ ସାଂସଦ



**ନବୀନଙ୍କୁ କୃତଜ୍ଞତା ଜଣାଇଲେ ମାନସ**

■ **ଭୁବନେଶ୍ୱର, ୨୦।୧୨ (ସମିସ):** ଏକ ଦେଶ ଓ ଏକ ନିର୍ବାଚନ ବିଲ୍ ତର୍ଜମା ପାଇଁ ଗଠିତ ଯୁଗ୍ମ ସଂସଦୀୟ ଦଳ (ଜେପିସି)ରେ ସ୍ଥାନ ପାଇଛନ୍ତି ଓଡ଼ିଶାର ୪ ଜଣ ସାଂସଦ। ଲୋକସଭାରୁ ୨୭ ମନୋନୀତ ସାଂସଦଙ୍କ ମଧ୍ୟରେ ଲୋକସଭାରୁ ଭର୍ତ୍ତୃହରି ମହତାବ, ବୈଜୟନ୍ତ ପଣ୍ଡା ଓ ସମ୍ବିତ ପାତ୍ର ସ୍ଥାନ ପାଇଛନ୍ତି ଏବଂ ରାଜ୍ୟସଭାରୁ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ ଏହି କମିଟିରେ ସ୍ଥାନ ମିଳିଛି। ଲୋକସଭାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ 'ଏକ ଦେଶ-ଏକ ନିର୍ବାଚନ' ବିଲ୍ ସପକ୍ଷରେ ୨୬୯ ଜଣ ସାଂସଦ ଓ ବିପକ୍ଷରେ ୧୯୬ ଜଣ ମତଦାନ କରିଥିଲେ। ସାଧାରଣତଃ ସମ୍ବିଧାନ ସଂଶୋଧନ ନିମନ୍ତେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଜରୁରୀ ହୋଇଥାଏ; ମାତ୍ର ଏହି ବିଲ୍‌ଟି ଅନୁରୂପ ସମର୍ଥନ ପାଇବାରେ ସଫଳ ▶ପୃଷ୍ଠା-୭

## 'ପଞ୍ଚସଖା ଶିକ୍ଷା ସେତୁ' ସଂକଳ୍ପପତ୍ର ଜାରି

# ନାମ ଅଲଗା; କାମ ସମାନ

■ **ଭୁବନେଶ୍ୱର, ୨୦।୧୨ (ସମିସ):** 'ମୋ ସ୍କୁଲ୍' ଯୋଜନାର ନାମ ପରିବର୍ତ୍ତନ କରି 'ପଞ୍ଚସଖା ଶିକ୍ଷା ସେତୁ' କରିବାର ପ୍ରାୟ ୬ମାସ ପରେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଂକଳ୍ପ ପତ୍ର ପ୍ରକାଶ କରିଛି। ପୂର୍ବପରି ସମସ୍ତ କାର୍ଯ୍ୟକ୍ରମ ଜାରି ରଖିବ। ବିଦ୍ୟାଳୟର ଶୈକ୍ଷିକ ଭିତ୍ତିଭୂମି ବିକାଶ କରିବାରେ ଆଲୁମନିଙ୍କୁ ପ୍ରେରିତ କରିବ। ଆଲୁମନି ବା ସଂଗଠନ ଦେଉଥିବା ଟଙ୍କାକୁ ଦୁଇଗୁଣା କରି ସେହି ବିଦ୍ୟାଳୟକୁ ପ୍ରଦାନ କରିବ। ସେହିପରି ପୂର୍ବରୁ 'ମୋ ସ୍କୁଲ୍' ପରିଚାଳନା କରୁଥିବା 'ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ'ର ନାମକୁ ମଧ୍ୟ ପରିବର୍ତ୍ତନ କରାଯାଇ 'ପଞ୍ଚସଖା ଶିକ୍ଷା ସେତୁ ସଂଗଠନ' କରାଯାଇଛି। ମୁଖ୍ୟ ଶାସନ ସଚିବ ସଂଗଠନର ମୁଖ୍ୟ ରହିବେ। ସଂଗଠନର ନେତୃତ୍ୱ

**ମୁଖ୍ୟ ସଚିବ ସଂଗଠନର ମୁଖ୍ୟ**

**'ମୋ ସ୍କୁଲ୍' ଢାଞ୍ଚାରେ ଚାଲିବ କାର୍ଯ୍ୟ**

ନେଇ ବିଭିନ୍ନ ପରାମର୍ଶ ସହ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେବେ। ପୂର୍ବପରି କାର୍ଯ୍ୟନିର୍ବାହୀ ପରିଷଦ ଦୈନନ୍ଦିନ କାର୍ଯ୍ୟ ତଦାରଖ କରିବ। ପରିଚାଳନା କରିବାକୁ ରାଜ୍ୟ ଓ ଜିଲ୍ଲା ସ୍ତରରେ କମିଟି ଗଠନ କରାଯିବ। ରାଜ୍ୟ ସ୍ତରୀୟ କମିଟି (ଏସ୍‌ଏଲ୍‌ସି)ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଓ ଜିଲ୍ଲା ସ୍ତରୀୟ କମିଟି (ଡିଏଲ୍‌ସି)ରେ ଜିଲ୍ଲାପାଳ ମୁଖ୍ୟ ରହିବେ ବୋଲି ସଂକଳ୍ପପତ୍ରରେ କୁହାଯାଇଛି। ଅନୁରୂପ ଭାବେ ଦାତାମାନେ ଅର୍ଥ ସହିତ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତୀକରଣ ପାଇଁ ଆବଶ୍ୟକ ସାମଗ୍ରୀ ଓ ସେବା ଯୋଗାଇପାରିବେ। ମୋ ସ୍କୁଲ୍ ପରି ପ୍ରାୟ ସବୁ କାର୍ଯ୍ୟ ସମାନ ଥିବାରୁ ଅନେକ ଏହାକୁ ନାମ ଓ ରଙ୍ଗ ପରିବର୍ତ୍ତନ ବୋଲି କହୁଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆରମ୍ଭ କରିଥିଲେ। ବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣରେ ନୂତନତ୍ୱ ଆଣିବାକୁ ପ୍ରୟାସ କରି ବେଶ୍ ସଫଳ ହୋଇଥିଲେ। ବିପୁଳ ପରିମାଣର ଅର୍ଥ ଦାନ ସହ ଆଲୁମିନିମାନେ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇଥିଲେ। ସ୍ମୃତି ସାଉଁଟିବାକୁ ଅନନ୍ୟ ସୁଯୋଗ ଦେବା ସହ ଯୋଜନାଟି ଲୋକପ୍ରିୟ ହୋଇପାରିଥିଲା।

# ହାଇୱା-ବାଇକ୍ ଧକ୍କା; ୨ ମୃତ



**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

■ **ସୁନ୍ଦରଗଡ଼/ହେମଗିରି, ୨୦।୧୨ (ସମିସ):** ହେମଗିରି ଥାନା ଅଧୀନ ବାଙ୍କିବାହାଲ-ଟପରିଆ ରାସ୍ତାର ଛତାବର ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଝୁପରୁଙ୍ଗା ଗ୍ରାମର କେଦାର କାଲୋ (୪୩) ଓ ଲୋକନାଥ ମାଝୀ (୩୨)। ଆଜି ପୂର୍ବାହ୍ନରେ ଏହି ଅଘଟଣ ଘଟିଛି। ଦୁହେଁ ଏକ ବାଇକ୍‌ରେ ବିଲାଇମୁଣ୍ଡା ପଟୁ ଗୋପାଳପୁର ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା।

ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏହି ରାସ୍ତାରେ କୋଇଲା ପରିବହନ ବନ୍ଦ ସହ ମୃତକଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତ୍ୟକ୍ତ ଲୋକ ରାସ୍ତା ଅବରୋଧ କରିଥିଲେ। ଖବର ଲେଖା ହେବା ସୁଦ୍ଧା ରାସ୍ତାରୋକ ଜାରି ରହିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଥିବାରୁ ▶ପୃଷ୍ଠା-୭

## ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ବନ୍ଦ

# ଉତ୍ତର ପ୍ରଦେଶ ଭରସାରେ ଓଡ଼ିଶା



**ବଙ୍ଗ ବେପାରୀଙ୍କ ମନମାନୀ ଯୋଗୁଁ କ୍ଷୁବ୍ଧ ବ୍ୟବସାୟୀ**

**ଟ୍ରେନ୍ ର୍ୟାକ୍‌ରେ ରାଜ୍ୟକୁ ଆମଦାନୀ ହେବ ଆଳୁ**

**ଉତ୍ତମ ମାନର ଆଳୁ ଆଣିବାକୁ ଚାଲିଛି ଆଲୋଚନା**

■ **ଭୁବନେଶ୍ୱର, ୨୦।୧୨ (ସମିସ):** ମାସାଧିକ କାଳ ହେଲା ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ଉପରେ କଟକଣା ଜାରି କରିଛନ୍ତି। ଆଳୁ ଗାଡ଼ି ନ ଛାଡ଼ିବା ପାଇଁ ସୀମାରେ କଟକଣା କଡ଼ାକଡ଼ି କରାଯାଇଛି। ଫଳରେ ବ୍ୟବସାୟୀମାନେ ଗଳାବାଟରେ ଝାଡ଼ଖଣ୍ଡ ସୀମା ଅର୍ଥାତ୍ ରାଞ୍ଚି ଦେଇ ଆଳୁ ଗାଡ଼ି ଆଣୁଥିଲେ। କିନ୍ତୁ ଏବେ ପଶ୍ଚିମବଙ୍ଗ ବ୍ୟବସାୟୀମାନେ ହଠାତ୍ ଦର ବଢ଼ାଇ ଦେଇଛନ୍ତି। ଏହାକୁ ଓଡ଼ିଶା ବ୍ୟବସାୟୀ ତୀବ୍ର ବିରୋଧ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ଦରରେ ଆଳୁ ଦେଲେ ଆଣିବେ, ନଚେତ୍ ପଶ୍ଚିମବଙ୍ଗରୁ ଆମଦାନୀ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଫଳରେ ରାଜ୍ୟରେ ଆଳୁକୁ ସଂକଟଜନକ ସ୍ଥିତି ଉପୁଜିଛି।

ପୂର୍ବରୁ ଆଳୁ କ୍ୱିଣ୍ଟାଲ୍ ପିଛା ୨୩ଶହରୁ ୨୫ଶହ ଟଙ୍କା ନେଉଥିଲେ। ହେଲେ ପଶ୍ଚିମବଙ୍ଗରେ ଆମଦାନୀ ବିଳମ୍ବ ଯୋଗୁଁ ଆଳୁ ସଂକଟ ଦେଖାଦେଲା। ଫଳରେ ଦର ବଢ଼ାଇ ୨୮ ଶହ ଟଙ୍କା କରିଦେଲେ। ଏବେ କୌଣସି କାରଣ ନଥାଇ ପୂର୍ବ ଗଚ୍ଛିତ ଆଳୁ ଉପରେ କ୍ୱିଣ୍ଟାଲ୍ ପିଛା ୩ହଜାର ଟଙ୍କା ଦାବି କରୁଛନ୍ତି। ବଙ୍ଗ ବ୍ୟବସାୟୀମାନେ ମନୁଷ୍ୟକୃତ ଭାବେ ଗଚ୍ଛିତ ଆଳୁର ଦାମ୍ ବଢ଼ାଇବା ଯୋଗୁଁ ଓଡ଼ିଶା ବ୍ୟବସାୟୀମାନେ କ୍ଷୁବ୍ଧ ହୋଇଛନ୍ତି। ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ସଂପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କାରଣ ଏମିତିବି ଓଡ଼ିଶାରେ ପୂର୍ବାପେକ୍ଷା ଦର ଉଚ୍ଚା ରହିଛି। ପାଇକାରୀ ଦର ୫ ଟଙ୍କା ବଢ଼ିଲା ବେଳକୁ ଖୁଚୁରା ଦର ୧୫ ଟଙ୍କା ବଢ଼ିଯାଉଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡ଼ୁଛି। ତେଣୁ ଗତ ଅଗଷ୍ଟ ମାସରୁ ଆଳୁ ଦର ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ ଝାଡ଼ୁଛନ୍ତି। ଏହି ସମୟରେ ପଶ୍ଚିମବଙ୍ଗରୁ ପୁଣି ଦର ବୃଦ୍ଧି ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ▶ପୃଷ୍ଠା-୭

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟିରେ କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।


**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

## ଆଜିର ଇତିହାସ

- ୧୯୧୦- ଇଂଲଣ୍ଡର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ୩୪୪ ଶ୍ରମିକ ମୃତ।
- ୧୯୫୨- ସୈଫୁଦ୍ଦିନ୍ କିଚଲୁ ଲେନିନ୍ ଶାନ୍ତି ପୁରସ୍କାର ପାଇଲେ।
- ୧୯୭୫- ମାଡ଼ାଗାସ୍କରରେ ସମ୍ବିଧାନ ଲାଗୁ ହେଲା।
- ୨୦୧୨- 'ଗଙ୍ଗନମ୍ ଷ୍ଟାଇଲ୍' ୟୁଟ୍ୟୁବ୍‌ରେ ୧୦୦ କୋଟି ଦେଖାଯାଇଥିବା ପ୍ରଥମ ଭିଡିଓ ହେଲା।

### ଆଜି ବାହୁଡ଼ିଥିଲେ

# କଥାସମ୍ରାଟ୍ ସୁରେନ୍ଦ୍ର ମହାନ୍ତି



ଜଣେ ପ୍ରଥିତଯଶା ସାହିତ୍ୟକାର ଭାବେ ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ଚିରନ୍ତନ ଗର୍ବ। ସେ ସାହିତ୍ୟ-ସାମ୍ବାଦିକତା-ରାଜନୀତିର ଶ୍ରେଷ୍ଠ ସମନ୍ୱିତ ସାଧକ ଥିଲେ। ରାଜନୀତି କ୍ଷେତ୍ରରେ ଯଦିଓ ସେ ଲମ୍ବା ସମୟ ଅତିବାହିତ କରି ନାହାନ୍ତି, ହେଲେ ସାହିତ୍ୟିକ ଭାବେ ସେ ସଫଳତା ହାସଲ କରିଛନ୍ତି। ସେ ଏକାଧାରରେ ଥିଲେ ଜଣେ ସାହିତ୍ୟିକ, ସାମ୍ବାଦିକ, ଔପନ୍ୟାସିକ ଏବଂ ରାଜନେତା। କ୍ଷୁଦ୍ରଗଳ୍ପ, ଉପନ୍ୟାସ, ନାଟକ ଏବଂ କଥା ସାହିତ୍ୟରେ ବିଭିନ୍ନ ପ୍ରକାରର ଚିନ୍ତା ଓ ଚେତନାକୁ ନେଇ ପରୀକ୍ଷା କରିବା ଏବଂ ସଫଳ ଭାବେ ପ୍ରୟୋଗ କରିବାରେ ସେ ଥିଲେ ସିଦ୍ଧହସ୍ତ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ସେ ପ୍ରଭାବିତ ହୋଇଥିଲେ। ବାପୁଙ୍କ ଜୀବନ କାହାଣୀକୁ ନେଇ ସେ ଆକାଶବାଣୀରେ ଧାରାବାହିକ ଭାବେ ବହୁ ନାଟକ ଲେଖିଛନ୍ତି। ଆଳଙ୍କାରିକ ଶବ୍ଦ ସଂଯୋଜନା ଓ ଭାବର ଅପୂର୍ବ ବିନ୍ୟାସ ତାଙ୍କର ପ୍ରତିଟି ସୃଷ୍ଟିକୁ କରିଛି ବଳିଷ୍ଠ ଏବଂ ହୃଦୟସ୍ପର୍ଶୀ। ସୁରେନ୍ଦ୍ର ମହାନ୍ତି ଜୁନ୍ ୨୧, ୧୯୨୨ ମସିହାରେ କଟକ ଜିଲ୍ଲାର ସାଲେପୁର ଅନ୍ତର୍ଗତ ପୁରୁଷୋତ୍ତମପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଓ ଗୋପୀନାଥ ମହାନ୍ତିଙ୍କ ପରେ ଯଦି କାହାର ନାମ ଆସେ; ସେ ହେଉଛନ୍ତି ସୁରେନ୍ଦ୍ର ମହାନ୍ତି। ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ଅଦ୍ୱିତୀୟ କଥାକାର। ଏହାଛଡ଼ା ଜୀବନୀ, ଆତ୍ମଜୀବନୀ, ଭ୍ରମଣ କହାଣୀ, ନାଟକର ଲେଖକ ଭାବରେ ତାଙ୍କର ଅବଦାନ ସ୍ମରଣୀୟ। ମଣିଷର ବିଭିନ୍ନ ପ୍ରକାର ଚିନ୍ତା ଓ ଚେତନାକୁ ସେ ତାଙ୍କ ଲେଖନୀ ମାଧ୍ୟମରେ ସଫଳ ଭାବେ ପ୍ରୟୋଗ କରିପାରିଥିଲେ। ଅପ୍ରଚଳିତ ଶବ୍ଦର ବ୍ୟବହାର, ପରିବେଶ ଚିତ୍ରଣ ଓ ମନୋବିଶ୍ଳେଷଣ କ୍ଷେତ୍ରରେ ସୁରେନ୍ଦ୍ରଙ୍କ ରଚନାର ଥିଲା ଅନ୍ୟତମ ସ୍ୱତନ୍ତ୍ରତା। ସ୍ୱାଧୀନତା ପରେ ସମାଜରେ ବଦଳୁଥିବା ନାନାଦି ଘଟଣା ଓ ଅଘଟଣକୁ ସେ ନିଜ ଲେଖନୀ ଦେଇ ଗପରେ ପରିଣତ କରିଥିଲେ। ସାଲେପୁର ହାଇସ୍କୁଲରେ ଏକାଦଶ ଶ୍ରେଣୀରେ ପାଠ ପଢ଼ିଲା ବେଳରୁ ସୁରେନ୍ଦ୍ରଙ୍କର ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ୧୯୩୮ ରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ତାଙ୍କର ପ୍ରଥମ ଗଳ୍ପ 'ବନ୍ଦୀ' ପ୍ରକାଶ ପାଇଥିଲା। ତାଙ୍କର ପ୍ରଥମ ନାଟକ 'ପୃଥ୍ୱୀବଲ୍ଲଭ', ପ୍ରଥମ କବିତା 'ବୁଲା ଷଣ୍ଢ' ଏବଂ ପ୍ରଥମ ପ୍ରକାଶିତ ଉପନ୍ୟାସ 'କଲେଜ ବଧୂ'। 'ନୀଳଶୈଳ', ନିଳାଦ୍ରି ବିଜୟ 'କାଳାନ୍ତର', 'ବଧୂ ଓ ପ୍ରିୟା', 'ଅନ୍ଧ ଦିଗନ୍ତ', 'ନେତି ନେତି', 'ଶତାବ୍ଦୀର ସୂର୍ଯ୍ୟ' ଆଦି ତାଙ୍କର ଲୋକପ୍ରିୟ ଉପନ୍ୟାସ। ୧୯୫୨ରେ ସେ ରାଜ୍ୟସଭା ସାଂସଦ ଥିଲେ। ୧୯୫୭ ଓ ୧୯୭୧ରେ ସେ ଲୋକସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ। ତେବେ ରାଜନୀତିରେ ରହିବି ସେ ସମ୍ବାଦିକତା ଓ ସାହିତ୍ୟକୁ ଛାଡ଼ିପାରି ନ ଥିଲେ। ୧୯୮୧ରୁ ୧୯୮୭ ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମିର ସଭାପତି ଆସନ ଅଳଙ୍କୃତ କରିଥିଲେ। 'କୁଳବୃଦ୍ଧ' ନିମନ୍ତେ ତାଙ୍କୁ ଶାରଳା ପୁରସ୍କାର ଓ 'ନୀଳଶୈଳ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ସେ ପାଇଥିଲେ। ତାଙ୍କର ଚର୍ଚ୍ଚିତ ଗପଗୁଡ଼ିକ ହେଉଛି 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ସବୁଜପତ୍ର ଓ ଧୂସର ଗୋଲାପ', 'ମହା ନିର୍ବାଣ'। ୧୯୯୦ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା।

# ସପିଂ ମଲ୍‌ରେ ଝରକା ନ ଥାଏ କାହିଁକି



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଲୋକଙ୍କୁ ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ଜିନିଷ କିଣିବାକୁ ସମୟ ନାହିଁ। ସେଥିପାଇଁ ଅନେକ ଲୋକ ସପିଂ ମଲ୍ ଯାଇ କିଣାକିଣି କରିବା ପାଇଁ ପସନ୍ଦ କରନ୍ତି। ସେହିପରି ସପିଂ ମଲ୍‌ରେ ଦିନରାତି ସବୁ ସମାନ ଲାଗିଥାଏ। ଅନେକ ଲୋକ ଦିନବେଳା ସପିଂ ମଲ୍‌କୁ ଯାଇଥିବାବେଳେ ବାହାରକୁ ଆସି ଦେଖିବା ମାତ୍ରେ ସଂଧ୍ୟା ହୋଇଯାଇଥାଏ। କାରଣ ସପିଂ ମଲ୍‌ଗୁଡ଼ିକରେ ଝରକା ନ ଥାଏ। ଯେଉଁଥିପାଇଁ ଲୋକେ ବାହାରର ସ୍ଥିତି ବିଷୟରେ ଜାଣିପାରନ୍ତି ନାହିଁ। ଏହି କାରଣରୁ ଲୋକେ ସପିଂ ମଲ୍‌ରେ କେତେ ସମୟ କାଟିଛନ୍ତି, ତାହା ବି ଜାଣିପାରନ୍ତି ନାହିଁ। ଏକ ରିପୋର୍ଟ ଅନୁସାରେ, ଆମେରିକାରେ ପ୍ରଥମେ ମଲ୍ ଧାରା ଆରମ୍ଭ ହୋଇଥିଲା। ସେହି ସମୟରେ ମଲ୍ ନିର୍ମାତାମାନେ ଚାଲାକି କରି ଏଥିରେ ଝରକା ରଖୁ ନ ଥିଲେ। କୃତ୍ରିମ ଆଲୋକମାଳାରେ ମଲ୍‌ଗୁଡ଼ିକ ଝଲସି ଉଠୁଥିଲା। ଫଳରେ ଲୋକେ ବାହାରର ଦୃଶ୍ୟ ନ ଦେଖିବାରୁ ସମୟ ଭୁଲି ଯାଆନ୍ତି ଏବଂ ଦୀର୍ଘ ସମୟ ମଲ୍‌ରେ ବିତାଉଥିଲେ। ଏହାଦ୍ୱାରା ଅଯଥା କିଣାକିଣି କରୁଥିଲେ। ଏହା ଏଯାବତ୍ ଚାଲୁ ରହିଛି। ଲୋକେ ମଲ୍‌ର ଚାକଚକ୍ୟ ଦେଖି ସେଠାରେ ଅଧିକ ସମୟ ବିତାଇବା ପାଇଁ ଇଚ୍ଛା କରନ୍ତି। ସେମାନେ ଘରକୁ ଶୀଘ୍ର ଯିବା ପାଇଁ ଇଚ୍ଛା କରି ନଥାନ୍ତି। ତେବେ ରିଟେଲ୍ କନ୍‌ସଲ୍‌ଟାନ୍ସିର ଷ୍ଟ୍ରାଟେଜିକ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବର୍ଟ ଫ୍ଲିକିଙ୍ଗରଙ୍କ କହିବାନୁଯାୟୀ, କମ୍ ଝରକା ଏବଂ ଅଧିକ ଦ୍ୱାର ଥିଲେ ଦୋକାନୀଙ୍କୁ ଫାଇଦା ହୋଇଥାଏ। ଏଥିଯୋଗୁଁ ଦୋକାନରେ ଜିନିଷ ରଖିବା ପାଇଁ ଅଧିକ ଜାଗା ମିଳିଥାଏ। ସେହିପରି ମଲ୍ ଲୋକଙ୍କୁ ଭ୍ରମିତ କରିଥାଏ। ଲୋକେ ମଲ୍‌ରେ ପ୍ରବେଶ କରିବା ପରେ ସେଠାର ଚାକଚକ୍ୟ ଦେଖି ମନ୍ତ୍ରମୁଗ୍ଧ ହୋଇଯାଆନ୍ତି। ତେଣୁ ସେମାନଙ୍କୁ ସମୟ ଜଣାପଡ଼େ ନାହିଁ। ସେହିପରି ଲୋକଙ୍କୁ ହାଲୁକା ଅନୁଭୂତି ଦେବା ପାଇଁ ରଙ୍ଗ ବେରଙ୍ଗ ଲାଇଟ୍ ସଙ୍ଗକୁ ସ୍ଲୋ-ମ୍ୟୁଜିକ୍ ଲଗାଯାଇଥାଏ। ଯାହାଦ୍ୱାରା ସେମାନେ ନିଶ୍ଚିତ ହୋଇ ବୁଲିଥାନ୍ତି। ଅନ୍ୟପକ୍ଷରେ ମଲ୍‌ରେ ଝରକା ନ ଥିବାରୁ ଏହାକୁ ଥଣ୍ଡା ରଖିବା କିମ୍ବା ଗରମ ରଖିବା ପାଇଁ କମ୍ ବିଜୁଳି ଖର୍ଚ୍ଚ ହୋଇଥାଏ।

# ଆସନ୍ତା ଡିସେମ୍ବରରେ ଶାହିଦ୍-ତ୍ରିପ୍ତିଙ୍କ ଫିଲ୍ମ



ବଲିଉଡ୍ ଅଭିନେତା ଶାହିଦ୍ କପୁର ଏବେ ତାଙ୍କ ଆକ୍ସନ ଭିତ୍ତିକ ଫିଲ୍ମ 'ଦେବା' ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଇତିମଧ୍ୟରେ ତାଙ୍କର ଅନ୍ୟ ଏକ ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି। ଏହି ଫିଲ୍ମରେ ଶାହିଦ୍‌ଙ୍କ ନାୟିକା ଭାବେ 'ଆନିମଲ' ଫେମ୍ ତ୍ରିପ୍ତି ଦିମ୍ରି ନଜର ଆସିବେ। ଏଥିରେ ରଣଦୀପ ହୁଡା ଏବଂ ନାନା ପାଟେକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଯଦିଓ ଫିଲ୍ମର ନାମ ଏଯାଏଁ ଘୋଷଣା କରାଯାଇ ନାହିଁ, ଏହା 'ଅର୍ଜୁନ୍ ଉସ୍ତରା' ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଇତିମଧ୍ୟରେ ଫିଲ୍ମ ନିର୍ମାତା ଏହାର ସୁଟିଂକୁ ନେଇ ସୂଚନା ଦେଇଛନ୍ତି। ଆସନ୍ତା ଜାନୁଆରୀ ୬ରୁ ଏହାର ସୁଟିଂ ଆରମ୍ଭ ହେବ। ସେହିଭଳି ପ୍ରଥମ ଥର ଏହି ଫିଲ୍ମ ମାଧ୍ୟମରେ ଶାହିଦ୍ ଓ ତ୍ରିପ୍ତି ସ୍କ୍ରିନ୍ ସେୟାର୍ କରୁଥିବାରୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଏହାର ପ୍ରଯୋଜନା ଦାୟିତ୍ୱରେ ସାଜିଦ୍ ନାଡିୟାଦୱାଲା ଥିଲାବେଳେ ଏହାର ନିର୍ଦ୍ଦେଶନା ଭାର ବିଶାଳ ଭରଦ୍ୱାଜ ସମ୍ଭାଳିଛନ୍ତି। ଏହା ଆସନ୍ତା ବର୍ଷ ଡିସେମ୍ବର ୫ରେ ପରଦାକୁ ଆସିବ।

# ସୁମନ

### ସକାଳ ଶିଶୁ କୁଇଜ୍-୧୪୬

(୧) ସାଞ୍ଚି ସ୍ତୁପ କିଏ ନିର୍ମାଣ କରିଥିଲେ?
ଉତ୍ତର: ____________

(୨) ଓଡ଼ିଆ ନବବର୍ଷ କେବେ ପାଳନ କରାଯାଏ?
ଉତ୍ତର: ____________

(୩) ନୀରଜ ଚୋପ୍ରା କେଉଁ ଖେଳ ସହିତ ସଂପୃକ୍ତ?
ଉତ୍ତର: ____________

(୪) ଉଗ୍ରତାରା ମନ୍ଦିର ଆମ ରାଜ୍ୟର କେଉଁଠାରେ ଅବସ୍ଥିତ?
ଉତ୍ତର: ____________

(୫) ମେଘାଳୟର ରାଜଧାନୀର ନାମ କ'ଣ?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ପୀୟୁଷ ପାଢୀ, ଧୁସୁରୀ, ଭଦ୍ରକ
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼
- ଅନୀଷା ମହାନ୍ତି, ପାରାଦୀପ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



ପ୍ରଶାନ୍ତ କୁମାର ଦାଶ



ଆସିଅଛି ବଡ଼ଦିନ
ଆଣି ହସଖୁସୀ
ପଢ଼ାସାରି ଖେଳିବାକୁ
ଗଲାଣି ଯେ ଲୁସି ||
ଅଳିଆ ଅସନା ଯେତେ
କରିବାକୁ ସଫା
କୁନା କୁନି ଟୁକୁନାକୁ
କହିଲାଣି ଅପା ||
ବଣଭୋଜି କରିବାକୁ
ଡାକିଲେଣି ଅଜା
ସଜହେଇ ଚାଲିଲେଣି
ଆମ ରାଣୀ ରଜା ||
ଏଇଦିନ ଧରଣୀରେ
ଏକ ସୁନାଶିଶୁ
ସାଜି ସେତ ଦେବଦୂତ
ଜନମିଲେ ଯୀଶୁ ||
ଦୁଃଖସହି ଦେଖାଇଲେ
କେତେ ଭଲବାଟ
ଗଢ଼ି ଦେଇ ଗଲେ ସେତ
କେତେ ସୁନାଚାଟ ||
କରି ହସ ଖୁସୀ ମଜା
କଟାଇବା ଦିନ
ରହିଯିବ କାଳ କାଳ
ସ୍ମୃତିର ସେ ଚିହ୍ନ ||
ଆମେ ଶିଶୁ ହେବା ଯୀଶୁ
କରି ଭଲକାମ
ରଖିଯିବା ଧରାବୁକେ
ଟେକ ଯଶ ନାମ ||



କୁଞ୍ଜର -ସଙ୍ଗଲାଇ
ପିପିଲି, ପୁରୀ
ମୋ -୯୭୬୮୮୨୨୧୯୦

## ଖ୍ରୀଷ୍ଟ ମାସ



ଗୋପୀନାଥ ଦାଶ

ଆନନ୍ଦ ଉଲ୍ଲାସ କହିଲେ ନ ସରେ
ବଡ଼ଦିନ ଆକର୍ଷଣ
ଘର ଅଗଣା ସଫାସୁତର
ରଙ୍ଗ ବେରଙ୍ଗ ତୋରଣ।
ଗିର୍ଜା ଘରଗୁଡ଼ିକ ରଙ୍ଗିନ ହୋଇଛି
ଆଲୋକ ମାଳାରେ ସଜ୍ଜିତ
ଖ୍ରୀଷ୍ଟ ମାସ ବୃକ୍ଷ କେତେ ମନଲୋଭା
ଖେଳଣା ବତି ଖଚିତ।
ଶୁଭେଚ୍ଛାର ବାର୍ତ୍ତା ଖ୍ରୀଷ୍ଟ ମାସ ପାଇଁ
ଆଦାନ ପ୍ରଦାନ କରନ୍ତି
ପ୍ରାର୍ଥନା କରି ଯୀଶୁଙ୍କ ନାମରେ
ପରସ୍ପର ସହ ମିଶନ୍ତି।
ନାଚ ଗୀତ ପୁଣି ଭୋଜି ଭାତ ହୁଏ
ମନକୁ ମିଶାଇ ମନ
ସମବେତ ହୋଇ ଖ୍ରୀଷ୍ଟୀୟ ସମସ୍ତେ
ବଡ଼ ଦିନ କରନ୍ତି ପାଳନ।



-ବରପାଲି ପଡ଼ା, ବଲାଙ୍ଗିର
ମୋ-୬୩୭୨୮୦୫୦୭୦

# ସାବାସ୍ ସୋମୁ





ସାଦ୍ୟାନ୍ତ ଶତପଥୀ

ହରିପୁର ଗାଁରେ ଏକ ସୁନ୍ଦର ବିଦ୍ୟାଳୟ ଅଛି। ସେହି ବିଦ୍ୟାଳୟର ପରିବେଶ ଯେମିତି ତା'ର ଛାତ୍ରଛାତ୍ରୀ ବି ସେମିତି। ପାଠପଢ଼ା ଓ ବ୍ୟବହାରରେ ସମସ୍ତେ ଦକ୍ଷ। ସେଦିନ ଥାଏ ଡିସେମ୍ବର ୨୨ ତାରିଖ। ଜାତୀୟ ଗଣିତ ଦିବସ। ଏହି ଦିବସ ବିଷୟରେ କୌଣସି ଛାତ୍ରଛାତ୍ରୀଙ୍କୁ ଜଣା ନ ଥାଏ। ହଠାତ୍ କିଛି ଭଦ୍ରବ୍ୟକ୍ତି ଆସି ବିଦ୍ୟାଳୟରେ ଗଣିତ ପରୀକ୍ଷା କରିବାକୁ ପ୍ରଧାନଶିକ୍ଷକଙ୍କୁ ପ୍ରସ୍ତାବ ଦେଲେ। ସେତେବେଳେ ଛାତ୍ରଛାତ୍ରୀଙ୍କ ଖେଳ ସମୟ ଥାଏ। ଏଣୁ ପ୍ରଧାନଶିକ୍ଷକ ହଁ ବୋଲି କହିଲେ। ସଙ୍ଗେ ସଙ୍ଗେ ପରୀକ୍ଷା ଆରମ୍ଭ ହେଲା। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସବୁ ଛାତ୍ରଛାତ୍ରୀ ଗଣିତ ପରୀକ୍ଷାରେ ଯୋଗଦେଲେ। ସେହି ଭଦ୍ରବ୍ୟକ୍ତିମାନେ ସବୁ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନପତ୍ର ଓ କାଗଜ ଦେଲେ। ଘଣ୍ଟାଏ ସମୟ ବି ଦେଲେ। କିନ୍ତୁ ଖେଳ ବେଳ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଖେଳିବାକୁ ମନ କରୁଥାନ୍ତି। ସେମାନଙ୍କର ପରୀକ୍ଷାରେ ମନ ନ ଥାଏ। ସେମାନେ ଭାବୁଥାନ୍ତି, ଏ ସବୁ ଗଣିତ ଆମ ପରୀକ୍ଷାରେ ପଡ଼ିବ ନାହିଁ। ଏ ପରୀକ୍ଷାର ମାର୍କ ବି କିଛି କାମରେ ଲାଗିବ ନାହିଁ। ତେଣୁ ଏହାକୁ ଶୀଘ୍ର ସାରିଦେଇ ଚାଲିଯିବା। ସବୁ ଛାତ୍ରଛାତ୍ରୀ ଉତ୍ତରଖାତା ଦେଇ ତରତର ହୋଇ ଚାଲିଗଲେ। ସୋମୁ ଏକା ପରୀକ୍ଷା ହଲ୍‌ରେ ବସିଥାଏ। ସେ ଧୀରସ୍ଥିର ଭାବରେ ସବୁ ଗଣିତର ପ୍ରଶ୍ନକୁ ଭାଲଭାବରେ ପଢୁଥାଏ ଓ ବୁଝୁଥାଏ। ଗୋଟି ଗୋଟି କରି ଉତ୍ତର ଦେଉଥାଏ। ଖାତାଦେବାକୁ ଆଉ କିଛି ସମୟ ବାକି ଥିବାର ଜାଣି ଆରମ୍ଭରୁ କିଛି ଛାଡ଼ିଯାଇଥିବ ଭାବି ଆଉ ଥରେ ଦେଖି ଦେଲା ସୋମୁ। ପରୀକ୍ଷା ସରିଲା। ସଙ୍ଗେ ସଙ୍ଗେ ଖାତା ଦେଖା ହେଲା। ଜଣାପଡ଼ିଲା, ସୋମୁ ପ୍ରଥମ ହୋଇଛି। ସୋମୁକୁ ସେହି ଭଦ୍ରବ୍ୟକ୍ତିମାନେ ପୁରସ୍କୃତ କଲେ। ସେହି ବ୍ୟକ୍ତିମାନେ ଅନ୍ୟ ଛାତ୍ରଛାତ୍ରୀଙ୍କୁ କହିଲେ, ତୁମେ ଯଦି ଗଣିତ ପରୀକ୍ଷା ପାଇଁ ଦିଆଯାଇଥିବା ସବୁ ସମୟର ସଦ୍‌ବିନିଯୋଗ କରିଥାନ୍ତ, ତେବେ ତୁମେମାନେ ବି ସୋମୁ ପରି ସଫଳତା ପାଇଥାନ୍ତ। ସୋମୁ କହିଲା, 'ଏହି ଗଣିତର ପ୍ରଶ୍ନଗୁଡ଼ିକ ଯଦିଓ ଆମ ବହିରୁ ନ ଥିଲା, ତଥାପି ଏହା ଆମ ଦୈନନ୍ଦିନର ସମୟ, କାର୍ଯ୍ୟକୁ ନେଇଥିଲା। ଯାହା ଆମର କାମରେ ଲାଗିବା ସହିତ ଏଥିରୁ ଗଣିତ ଦକ୍ଷତା ବୃଦ୍ଧି ହେଲା। ତେବେ ଗଣିତକୁ ସମୟ ଦେଲେ, ବୁଝିଲେ, ଏହା ସରଳ ହୋଇଯାଏ, ତାହା ଆମେମାନେ ଜାଣିବା ଜରୁରୀ।' ପ୍ରଧାନଶିକ୍ଷକ ଆସି କହିଲେ, 'ସାବାସ୍ ସୋମୁ! ଆଜିର ଏହି ଗଣିତ ଦିବସରେ ଅନେକ ଅଭିନନ୍ଦନ।' ସବୁ ଛାତ୍ରଛାତ୍ରୀମାନେ ତାଳି ମାରିଲେ ଓ ଏଥର ସୋମୁ ପରି ହେବାକୁ ଚେଷ୍ଟା କରିବୁ ବୋଲି କହିଲେ।

ଷଷ୍ଠ ଶ୍ରେଣୀ
ମଦର୍ସ ପବ୍ଲିକ୍ ସ୍କୁଲ, ପୁରୀ












**ମିହିକା ଶାହ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ପଦ୍ମିନୀ ବାରିକ୍**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



**ସଙ୍ଗୀତା ତ୍ରିପାଠୀ**
ସପ୍ତମ ଶ୍ରେଣୀ
ବିକାଶ ଗ୍ଲୋବାଲ ସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର



**ଶାନ୍ତନୁ ଶାନ୍ତିସ୍ୱରୂପ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

## ପ୍ରହେଳିକା

- ଡିସେମ୍ବର ଯେବେ ଧରାକୁ ଆସେ
ପଚିଶ ତାରିଖେ ପରାଣ ହସେ
ଯୀଶୁଙ୍କର ସିଏ ଜନମ ଦିନ
ସଭିଏଁ କରନ୍ତି ତାକୁ ପାଳନ
ଖ୍ରୀଷ୍ଟମାସ ଗଛ ହୁଅଇ ସଜା
ଆଲୋକ ମାଳାରେ ହସଇ ଗିର୍ଜା
ଏବେ କୁହ ସେଇ ପରବ ନାମ
କେକ୍ କଟାହୁଏ ସେଦିନ ଜାଣ।
ଉତ୍ତର-ବଡ଼ଦିନ ପର୍ବ

- ଗଛଟିଏ ସିଏ ନୁହେଁ ଜୀବନ୍ତ
ଆଲୋକ ମାଳାରେ ହୁଏ ସଜ୍ଜିତ
ଗିର୍ଜା ହେଉ ଅବା ଆପଣା ଘରେ
ସଜାହୁଏ ସିଏ ବଡ଼ ଦିନରେ
ଚକମକି ଜରି କାଗଜ ଦେଇ
ସଜାନ୍ତି ତାହାକୁ ଭଉଣୀ ଭାଇ
ଯିଏ କହିଦେବ ସେ ଗଛ ନାମ
ଚକୋଲେଟ୍ ଦୁଇ ମିଳିବ ଜାଣ।
ଉତ୍ତର-କ୍ରିସ୍‌ମାସ୍ ଟ୍ରି

- ବଡ଼ଦିନ ପର୍ବ ଯେବେ ଆସଇ
ନାଲି ପୋଷାକରେ ସିଏ ଆସଇ
ପାଚିଲା ଦାଢ଼ିକୁ ନାଲିଆ ଟୋପି
ସଭିଙ୍କୁ ଦେଖି ସେ ହସେ ମୁରୁକି
ଗିର୍ଜାଘର ଯେତେ ପିଲା ଆସନ୍ତି
ଉପହାର ଦିଏ ସଭିଙ୍କୁ ବାଣ୍ଟି
ବଡ଼ଦିନ ସହ ସିଏ ଜଡ଼ିତ
କହିପାରିବ କି ତା'ନାମ ମିତ।
ଉତ୍ତର-ସାନ୍ତା କ୍ଲଜ୍

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୭

## ନବୀନଙ୍କ ନେତୃତ୍ୱ ପ୍ରତି ଜାତୀୟ ନେତାଙ୍କ ଆସ୍ଥା ଅତୁଟ

# ହାରି ବି ଜିତିଛି ବିଜେଡି

**ଭୁବନେଶ୍ୱର,୨୦।୧୨(ସମିସ):** ନବୀନ କ୍ଷମତାରେ ନାହାନ୍ତି ସତ; କିନ୍ତୁ ସାରା ଦେଶରେ ନବୀନଙ୍କ ପ୍ରତି ରହିଥିବା ଶ୍ରଦ୍ଧା ଓ ସମ୍ମାନ ଅତୁଟ ରହିଛି । ବିଜେଡିର ସଂଖ୍ୟା ରାଜ୍ୟସଭାରେ ନଗଣ୍ୟ ହୋଇଥିଲେ ହେଁ ସାରା ଦେଶର ଅନ୍ୟ ରାଜନୈତିକ ଦଳଗୁଡ଼ିକ ବିଜେଡି ପ୍ରତି ସମର୍ଥନ ଜଣାଇଛନ୍ତି। ନିକଟରେ ସଂସଦରେ ଅନୁଷ୍ଠିତ ଭୁବନେଶ୍ୱର ଏମ୍ସର ପରିଚାଳନା ମଣ୍ଡଳୀ ନିର୍ବାଚନ ଏହା ପ୍ରତିଫଳିତ ହୋଇଛି। ରାଜ୍ୟ ସଭାରେ ବିଜେଡିର ୭ ଜଣ ସାଂସଦ ଥିବା ସତ୍ତ୍ୱେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ୬୯ ଜଣ ସାଂସଦ ସମର୍ଥନ ଦେଇଛନ୍ତି। ବିଜେଡିର ଏପରି ଲୋକପ୍ରିୟତାକୁ ନେଇ ଜାତୀୟ ରାଜନୀତିରେ ବେଶ୍ ଚର୍ଚ୍ଚା। ନବୀନଙ୍କ ନେତୃତ୍ୱ ପ୍ରତି ଏବେ ଅତୁଟ ରହିଛି ଦେଶର ଆସ୍ଥା। ଦେଶର ନେତାମାନେ ନବୀନଙ୍କୁ ଜଣାଇଛନ୍ତି ଆକୁଣ୍ଠ ସମର୍ଥନ। ନିର୍ବାଚନରେ ହାରି ଥିଲେ ବି ବିଜେଡିର ଆଧିପତ୍ୟ ହ୍ରାସ ପାଇ ନ ଥିବା ଜାତୀୟ ଗଣମାଧ୍ୟମରେ ଆଲୋଚନା ଚାଲିଛି। କାହାକୁ ସମର୍ଥନ ନ ମାଗି ମଧ୍ୟ ଅନ୍ୟ ରାଜ୍ୟର ୬୨ ଜଣ ସାଂସଦ ଜଣାଇଛନ୍ତି ସମର୍ଥନ।



ବିଜେଡିର ବରିଷ୍ଠ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, କେବଳ ଓଡିଶା ନୁହେଁ ବରଂ ଜାତୀୟ ରାଜନୀତିରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ସଦିଚ୍ଛା ରହିଛି। ଭୁବନେଶ୍ୱର ଏମ୍ସ ପରିଚାଳନା ମଣ୍ଡଳୀ ନିର୍ବାଚନ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ନବୀନ ବାବୁ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ସିଏ କ୍ଷମତାରେ ଥାନ୍ତୁ ଅବା ନଥାନ୍ତୁ, ସେ ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ସେଠୁ ତଳକୁ ଆସିବାର ପ୍ରଶ୍ନ ଉଠୁନାହିଁ। ବିଧାୟକ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ନବୀନ ପଟ୍ଟନାୟକ କେବଳ ଜଣେ ରାଜନେତାର ପରିସୀମା ମଧ୍ୟରେ ସୀମିତ ନାହାନ୍ତି, ଭାରତରେ ଜଣେ ରାଷ୍ଟ୍ରନେତା ଭାବେ ତାଙ୍କର ସ୍ୱତନ୍ତ୍ର ଖ୍ୟାତି ରହିଛି। ଜାତୀୟସ୍ତରରେ ରାଜନୈତିକ ଦଳ ହୁଅନ୍ତୁ ଅବା ନେତା, ସମସ୍ତଙ୍କ ପାଇଁ ନବୀନ ହେଉଛନ୍ତି ସ୍ୱତନ୍ତ୍ର। ଗତକାଲିର ନିର୍ବାଚନରେ ଏହା ପୁଣି ଥରେ ପ୍ରମାଣିତ ହୋଇଛି ବୋଲି ଶ୍ରୀ ବେହେରା କହିଛନ୍ତି। ଭୁବନେଶ୍ୱର ଏମ୍ସ ପରିଚାଳନା ମଣ୍ଡଳୀ ନିର୍ବାଚନରେ ବିଜେପି ସାଂସଦ ମମତା ମହନ୍ତ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିର ଶୁଭାଶିଷ ଖୁଣ୍ଟିଆ ପ୍ରାର୍ଥୀ ହୋଇଥିଲେ। ଏଥିରେ ମୋଟ ୧୮୩ ଜଣ ସଦସ୍ୟ ଭୋଟ ଦେଇଥିଲେ। ଏଥିରୁ ଶ୍ରୀ ଖୁଣ୍ଟିଆଙ୍କ ସପକ୍ଷରେ ୬୯ ଖଣ୍ଡ ଭୋଟ ପଡିଥିଲା ଏବଂ ୭ ଖଣ୍ଡ ଭୋଟ ନାକଚ ହୋଇଥିଲା।

## ବିଶ୍ୱ ଏନ୍‌ଜିଓ ଉପରେ ଇଡିର ଚଢ଼ଉ ଘଟଣା

### ୭୨ ଲକ୍ଷ ଅଚଳ, ନଗଦ ୧୦ ଲକ୍ଷ ଓ କାଗଜପତ୍ର ଜବତ

**ଭୁବନେଶ୍ୱର,୨୦।୧୨(ସମିସ):** ୨୦୦ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ ଏନ୍‌ଜିଓ ସଂସ୍ଥା 'ବିଶ୍ୱ'ର ଦିଲ୍ଲୀ ଓ ଓଡ଼ିଶାର ୪ଟି ସ୍ଥାନରେ ଚଢ଼ଉ କରିଥିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ତିନି ଦିନ ଧରି ଚାଲିଥିବା ତନାଘନା ପରେ ୭୨ ଲକ୍ଷ ଟଙ୍କା ଥିବା ୫୦୫ ଆକାଉଣ୍ଟକୁ ଅଚଳ କରାଯାଇଛି। ଏଥିସହିତ ନଗଦ ୧୦ ଲକ୍ଷ ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଚେକ୍‌ବୁକ୍, ଷ୍ଟାମ୍ପ ସହ ଡିଜିଟାଲ ଡିଭାଇସ୍ ଜବତ ହୋଇଛି। ଏହି ମାମଲାରେ ତଦନ୍ତ ଜାରି ରହିଥିବା ଇଡି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ବିଶ୍ୱ ଏନ୍‌ଜିଓର ପ୍ରତିଷ୍ଠାତା କ୍ଷିରୋଦ ମଲ୍ଲିକ ବ୍ୟାଙ୍କରୁ ୨୦୦ କୋଟିରୁ ଅଧିକ ଟଙ୍କା ଋଣ ଆଣି ପରିଶୋଧ କରିପାରି ନ ଥିଲେ। ଏନେଇ ପ୍ରଥମେ ଇଓଡବ୍ଲ୍ୟୁ ଏବଂ ପରେ ଇଡି ମାମଲାର ତଦନ୍ତ କରିଥିଲା।

## ୧୪ଟି ଜିଲ୍ଲାରେ ୩୭ଟି ତାପଜ ବିଦ୍ୟୁତ୍ କେନ୍ଦ୍ର

# ବର୍ଷକୁ ବାହାରୁଛି ୫୦ ନିୟୁତ୍ ଟନ୍ ପାଉଁଶ ବର୍ଜ୍ୟ



**ଭୁବନେଶ୍ୱର,୨୦।୧୨(ସମିସ):** ରାଜ୍ୟର ୧୪ଟି ଜିଲ୍ଲାରେ ଥିବା ତାପଜ କେନ୍ଦ୍ରରୁ ବର୍ଷକୁ ୫୦ ନିୟୁତ ଟନ୍ ଅଧିକ ପାଉଁଶ ବାହାରୁଛି। ଏହି ପାଉଁଶ ମଧ୍ୟରେ ଫ୍ଲାଏ ଆଶ୍ ଓ ବଟମ୍ ଆଶ୍ ଥିବା କୁହାଯାଇଛି। ରାଜ୍ୟର ୧୪ଟି ଜିଲ୍ଲାରେ ମୋଟ୍ ୩୭ଟି ତାପଜ ବିଦ୍ୟୁତ୍ କେନ୍ଦ୍ର ଥିବାବେଳେ ଅନୁଗୁଳ, ଝାରସୁଗୁଡା, ଓ ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୫ଟି ରହିଛି। ସେହଭଳି ଢେଙ୍କାନାଳ ଓ ସୁନ୍ଦରଗଡରେ ୪ଟି ତାଜପ ବିଦ୍ୟୁତ୍ କେନ୍ଦ୍ର ଥିବାବେଳେ କଟକରେ ୩ଟି, ଯାଜପୁର, ଜଗତସିଂହପୁର ଓ ରାୟଗଡାରେ ୨ଟି ଏବଂ ବାଲେଶ୍ୱର, ଭଦ୍ରକ, କୋରାପୁଟ, କେନ୍ଦୁଝର, କଳାହାଣ୍ଡିରେ ଗୋଟିଏ କରି ତାପଜ କେନ୍ଦ୍ର ରହିଛି। ୨୦୨୩-୨୪ ବର୍ଷରେ ଏହିସବୁ ତାପଜ କେନ୍ଦ୍ରରୁ ୫୧.୦୬ ନିୟୁତ ମେଟ୍ରିକ ଟନ୍ ପାଉଁଶ ବାହାରିଛି। ଏଥି ମଧ୍ୟରୁ ଅନୁଗୁଳ ଜିଲ୍ଲାରୁ ସର୍ବାଧିକ ୧୪.୬୪ ନିୟୁତ୍ ଟନ୍ ପାଉଁଶ ବାହାରିଥିବାବେଳେ ଝାରସୁଗୁଡା ଜିଲ୍ଲାରୁ ୧୨.୧୨ ନିୟୁତ ଟନ୍ ଏବଂ ସୁନ୍ଦରଗଡ ଜିଲ୍ଲାରୁ ୫.୧୭ ନିୟୁତ ଟନ୍ ପାଉଁଶ ବାହାରିଛି। ୫ଟି ତାପଜ କେନ୍ଦ୍ର ଥିବା ସତ୍ତ୍ୱେ ସମ୍ବଲପୁର ଜିଲ୍ଲାରୁ ଏହି ବର୍ଷ ମାତ୍ର ୪.୩୦ ନିୟୁତ ଟନ୍ ପାଉଁଶ ବାହାରୁଛି।

ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରଦାନ କରିଥିବା ତଥ୍ୟ ଅନୁସାରେ, ୨୦୨୧ ଡିସେମ୍ବର ୩୧ ତାରିଖରେ ପାଉଁଶ ପରିଚାଳନା ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ବୈଠକ ବସି ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଇଟା ଓ ନିର୍ମାଣ ସାମଗ୍ରୀ ପ୍ରସ୍ତୁତି, ସଡକ ଓ ଫ୍ଲାଏ ଓଭରର ନିର୍ମାଣ, ସିମେଣ୍ଟ ତିଆରି, ଖାଲୁଆ ଅଞ୍ଚଳ ଓ ଖଣି ଗର୍ତ୍ତ ଓ କୃଷି କ୍ଷେତ୍ରରେ ମୃତ୍ତିକା ବିଶୋଧନ କରାଯାଇଥାଏ। ତେବେ ଏହି ମୃତ୍ତିକା ବିଶୋଧନ ମାଟିର ଗୁଣବତ୍ତା ପରୀକ୍ଷା ଆଧାରରେ ହୋଇଥାଏ। ଏହାଛଡା ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶ ମଧ୍ୟ ବିଦେଶକୁ ରପ୍ତାନି ହୋଇଥାଏ। ଅବଶିଷ୍ଟ ପାଉଁଶକୁ ପାଉଁଶ ପୋଖାରୀରେ ଗଚ୍ଛିତ ରଖାଯାଇଥାଏ। ପାଉଁଶ ପରିଚାଳନା ଜନିତ ଜଳ, ବାୟୁ ଓ ମୃତ୍ତିକା ପରିଚାଳନା ନେଇ ସରକାର ସଚେତନ ଥିବାବେଳେ ଏ ବାବଦରେ କିନ୍ତୁ ବିଭାଗ ପକ୍ଷରୁ କୌଣସି ଅର୍ଥ ବ୍ୟୟ ହୋଇନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

■ ଆଶଙ୍କା ସତ ହେଲା

## ପଶ୍ଚିମବଙ୍ଗ ପଳାଇଲା 'ଜିନତ୍'



**ବାରିପଦା, ୨୦।୧୨(ସମିସ):** ସତ ହେଲା ଆଶଙ୍କା। ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ 'ଜିନତ୍' ଶିମିଳିପାଳ ଫେରିବା ପରିବର୍ତ୍ତେ ଝାଡ଼ଖଣ୍ଡରୁ ପଶ୍ଚିମବଙ୍ଗ ପଳାଇଛି। ଶୁକ୍ରବାର ସକାଳେ ପଶ୍ଚିମବଙ୍ଗର ଝାଡ଼ଗ୍ରାମର ବେଲପାହାଡ଼ି ରେଞ୍ଜରେ ତାକୁ ଦେଖିବାକୁ ମିଳିଥିବା ବେଳେ ସଂଧ୍ୟାରେ ସେ ପଶ୍ଚିମବଙ୍ଗର ଶିମୁଳପାଳ ଜଙ୍ଗଲକୁ ଚାଲି ଯାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି ହୋଇଛି। ତେବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଏ ନେଇ କୌଣସି ସୂଚନା ଦେଇନାହାନ୍ତି।

ସୂଚନାଯୋଗ୍ୟ, ଡିସେମ୍ବର ୧୦ ତାରିଖରୁ ଶିମିଳିପାଳ ଛାଡ଼ି ଝାଡ଼ଖଣ୍ଡ ପଳାଇଥିବା 'ଜିନତ୍' ୧୭ ତାରିଖରେ ଶେଷଥର ପାଇଁ ଚାକୁଳିଆ ନିକଟ ରାଜାବସା ଜଙ୍ଗଲରେ ଏକ ମଇଁଷି ଶିକାର କରି ଖାଇଥିଲା। ହାତୀପଲ ଭୟରେ ସ୍ଥାନ ପରିବର୍ତ୍ତନ କରି ପୁରୁଣାପାଣି-ମହୁଲବେଟ୍ ଜଙ୍ଗଲକୁ ପଳାଇଥିଲା। ସେଠାରୁ ୧୯ ତାରିଖରେ ଚିରଚିରା-ଚିକିଲିଗଡ଼-ଗିଦ୍ଧିନି-ପରିହାତୀ-ଦୁବରାଜପୁର ସିଲଦା ଦେଇ ବେଲପାହାଡ଼ି ଯାଇଥିବା ଜଣାପଡ଼ିଛି। ଗୋଟିଏ ଦିନରେ ୨୬ କିମି ପାର ହୋଇଥିବା ଜଣାପଡ଼ିଛି।

## ଲାଜକୁରା ଆରଓବି ପାଇଁ ହେବ ଫାଇନାଲ ଲୋକେସନ୍ ସର୍ଭେ

**ଭୁବନେଶ୍ୱର,୨୦।୧୨(ସମିସ):** ରେଳବାଇ ଭିତ୍ତିଭୂମିରେ ଉନ୍ନତି ଏବଂ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଦୁଇଟି ରେଳ ପ୍ରକଳ୍ପର ଫାଇନାଲ ଲୋକେସନ୍ ସର୍ଭେ ପାଇଁ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ଏଥିରୁ ଗୋଟିଏ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏଥିରେ ସୁନ୍ଦରଗଡ଼ ଜିଲ୍ଲା ଲାଜକୁରା ସ୍ଥିତ ଡବଲ ଲାଇନ୍ ଫ୍ଲାଏ ଓଭର ସ୍ଥାନ ପାଇଛି। ପୂର୍ବତଟ ରେଳପଥ ପକ୍ଷରୁ ହସ୍ତଗତ ସୂଚନା ଅନୁସାରେ ଲାଜକୁରା ଠାରେ ପ୍ରସ୍ତାବିତ ଆରଓବି ଦୈର୍ଘ୍ୟ ୧୦ କିମି ଥିବା ବେଳେ ଏହାର ସର୍ଭେ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ହେବ। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ନିକଟରେ ଏହି ଫ୍ଲାଏ ଓଭର ନିର୍ମାଣ ହେଲେ ଖଣି ପରିବହନ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଗତ ଫେବୃଆରୀ ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଲାଜକୁରା ରାପିଡ୍ ଲୋଡିଂ ସିଷ୍ଟମ୍‌ର କ୍ଷମତା ବୃଦ୍ଧି କରିବା ଦିନରେ ଏହି ପ୍ରକଳ୍ପ ସହାୟ ହେବ ବୋଲି କୁହାଯାଇଛି।

## ତେଲକୋଇରେ କ୍ରୋମାଇଟ୍ ଖଣି ପାଇଁ ସର୍ଭେ



**ତେଲକୋଇ, ୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ କ୍ରୋମାଇଟ ଖଣିର ସନ୍ଧାନ ମିଳିଛି। ଓଡ଼ିଶା ଖଣି ଓ ଭୂତତ୍ତ୍ୱ ବିଭାଗ ପକ୍ଷରୁ ତେଲକୋଇ ବ୍ଲକ୍‌ର ବଳଭଦ୍ରପୁର ପଞ୍ଚାୟତର ଅଜୟପୁର ଗାଁର କୁଟାରିନାଳି ସାହି ନିକଟ ପାହାଡ଼, ବଳଭଦ୍ରପୁର ଗାଁର ରେହେଡା ପାହାଡ଼, କାଟେଣି ଗାଁ ନିକଟ ପାହାଡ଼ରେ ପଥରକୁ ଫଟାଇ ତନଖି ପ୍ରକ୍ରିୟା ଚାଲିଛି। ପଥର ଖଣ୍ଡ ସବୁକୁ ନମ୍ବର ପକାଇ ସଂଗ୍ରହ କରାଯାଉଛି। ସପ୍ତାହେ ହେବ, ଭୂ-ତତ୍ତ୍ୱ ବିଭାଗ ଅଧିକାରୀମାନେ ବଳଭଦ୍ରପୁର ପଞ୍ଚାୟତର ବିସ୍ତୃତ ଅଞ୍ଚଳରେ କିଛି ଶ୍ରମିକଙ୍କୁ ନେଇ ପଥର ତନଖି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଆଗକୁ ଖଣି କାର୍ଯ୍ୟକାରୀ ହେଲେ, ଲୋକେ କାମ ପାଇବା ସହ ବେକାର ଯୁବକଯୁବତୀଙ୍କୁ କାମଧନ୍ଦା ମିଳିବ ବୋଲି ଆଶା ବାନ୍ଧିଛନ୍ତି। ଏ ସମ୍ପର୍କରେ ଭୂ-ତତ୍ତ୍ୱ ବିଭାଗ ଅଧିକାରୀ ଶୁଭକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ପଥର ନମୁନା ସଂଗ୍ରହ ଚାଲିଛି। ସେଥିରେ କ୍ରୋମାଇଟ୍ ପର୍ସେଣ୍ଟେଜ୍ ଠିକ୍ ଆସିଲେ, ଆଗକୁ ସର୍ଭେ ଆରମ୍ଭ ହେବ।

## ଲାଞ୍ଚ ନେଇ ଧରାପଡ଼ିଲେ ଦୁଇ ଟେକ୍ସଟାଇଲ୍ ଇନ୍ସପେକ୍ଟର

**ବୌଦ୍ଧ, ୨୦।୧୨(ସମିସ):** ୧୦ହଜାର ଟଙ୍କା ଲାଞ୍ଚ ନେଇ ବୌଦ୍ଧ ବୟନ ଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୨ଜଣ ଟେକ୍ସଟାଇଲ୍ ଇନ୍ସପେକ୍ଟର୍ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ, କୃଷ୍ଣଚନ୍ଦ୍ର ସାହୁ ଓ ଅଦିତ ଦାସ।





ସୂଚନାନୁଯାୟୀ, ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ବୈଦ୍ୟନାଥପୁର ଗ୍ରାମର ତନ୍ତୁବାୟ ସହଯୋଗ ସମିତିର ଟଙ୍କା ଉଠାଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ଦସ୍ତଖତ ଆବଶ୍ୟକତା ଥିଲା। ସମୁଦାୟ ୧୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ ପାଇଁ ସବୁ କିଛି କାଗଜପତ୍ର କାମ ସରିବା ପରେ ବୟନ ବିଭାଗର ଦୁଇ ଇନ୍ସପେକ୍ଟର୍ ସମିତିର ସମ୍ପାଦକ ପଞ୍ଚାନନ ମେହେରଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂପର୍କରେ ସମ୍ପାଦକ ଶ୍ରୀ ମେହେର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ଦୁହିଁଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ, ଆଜି ଦୁଇ କର୍ମଚାରୀ ଅଫିସ୍ ଭିତରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ ମାଡ଼ି ବସିଥିଲେ। ଉଭୟଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଛି। ବୌଦ୍ଧ ଭିଜିଲାନ୍ସ ଡିଏସ୍‌ପି ସୁରେଶ କହଁରଙ୍କ ନେତୃତ୍ୱରେ ଫୁଲବାଣୀ ଡିଏସ୍‌ପି ହେମନ୍ତ ମହାନ୍ତି, ସନ୍ତୋଷ ସାହୁ, ମନୋଜ ନାଏକ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ।

## ତାପମାତ୍ରା

(ଡିଗ୍ରୀ ସେଲ୍‌ସିୟସ)

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୮.୨ | ୧୬.୭ |
| ଚାନ୍ଦବାଲି | ୨୬.୨ | ୧୯.୮ |
| କଟକ | ୨୬.୫ | ୧୭.୮ |
| ପାରାଦୀପ | ୨୯.୧ | ୨୧.୩ |
| ଭୁବନେଶ୍ୱର | ୨୭.୬ | ୨୦.୪ |
| ଗୋପାଳପୁର | ୨୫.୮ | ୧୯.୭ |
| ପୁରୀ | ୨୮.୮ | ୨୧.୦ |
| ଅନୁଗୋଳ | ୨୫.୭ | ୧୬.୦ |
| ବାରିପଦା | ୨୬.୨ | ୧୪.୫ |
| ଝାରସୁଗୁଡ଼ା | ୨୯.୬ | ୧୩.୬ |
| କେନ୍ଦୁଝର | ୨୭.୩ | ୧୫.୪ |
| ସମ୍ବଲପୁର | ୨୯.୨ | ୧୮.୪ |
| ସୁନ୍ଦରଗଡ଼ | ୨୯.୧ | ୨୦.୬ |
| ହୀରାକୁଦ | ୨୮.୨ | ୧୭.୩ |
| ତାଳଚେର | ୨୭.୬ | ୧୮.୨ |
| ଭବାନୀପାଟଣା | ୨୭.୫ | ୨୦.୦ |
| ବଲାଙ୍ଗିର | ୨୬.୦ | ୧୯.୦ |
| କୋରାପୁଟ | ୨୬.୦ | ୧୫.୪ |
| ଫୁଲବାଣୀ | ୨୫.୯ | ୧୭.୦ |
| ଟିଟିଲାଗଡ଼ | ୨୭.୫ | ୨୦.୬ |
| ମାଲକାନଗିରି | ୩୦.୧ | ୨୦.୫ |
| ସୋନପୁର | ୨୬.୪ | ୨୦.୪ |
| ଦାରିଙ୍ଗବାଡ଼ି | ୨୩.୦ | ୧୪.୫ |
| ନୟାଗଡ଼ | - | ୧୭.୨ |
| ବୌଦ୍ଧ | ୨୩.୫ | - |
| ଛତ୍ରପୁର | ୨୬.୮ | ୧୯.୩ |
| ପାରଳାଖେମୁଣ୍ଡି | ୨୭.୦ | ୨୦.୦ |
| ରାୟଗଡ଼ା | - | ୧୯.୬ |
| ଭଦ୍ରକ | ୨୮.୦ | ୧୬.୨ |
| ଯାଜପୁର | ୨୯.୮ | ୧୬.୮ |
| ଢେଙ୍କାନାଳ | ୨୫.୭ | ୧୭.୬ |
| ବରଗଡ଼ | ୨୯.୦ | ୧୬.୦ |
| ଦେଓଗଡ଼ | ୨୮.୦ | ୧୬.୦ |
| ନୂଆପଡ଼ା | ୨୯.୦ | - |
| ନବରଙ୍ଗପୁର | ୨୭.୨ | ୧୮.୪ |
| ଖୋର୍ଦ୍ଧା | ୨୯.୦ | - |
| ଜଗତସିଂହପୁର | ୨୯.୨ | - |
| କେନ୍ଦ୍ରାପଡ଼ା | ୨୯.୪ | ୧୪.୨ |
| ରାଉରକେଲା | ୨୭.୨ | ୨୦.୯ |

### ପ୍ରାକ୍ ବଜେଟ ପରାମର୍ଶ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦାବି

## ପୁଞ୍ଜିନିବେଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ, ଅଭିବୃଦ୍ଧି ପାଇଁ ସହାୟତା ଦିଆଯାଉ

**ଭୁବନେଶ୍ୱର,୨୦।୧୨(ସମିସ):** ଆଜି ରାଜସ୍ଥାନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ-ବଜେଟ୍ ପରାମର୍ଶ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ଆଗାମୀ ବଜେଟରେ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ସଂକ୍ଷିପ୍ତ ବକ୍ତବ୍ୟ ମାଧ୍ୟମରେ ଅର୍ଥମନ୍ତ୍ରୀଙ୍କୁ ଜଣାଇଥିଲେ ଯେ ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ନିବେଶ ନିମନ୍ତେ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ରାଜ୍ୟକୁ ଅଧିକ ଆବଣ୍ଟନ ମିଳିବା ଆବଶ୍ୟକ। ସେହିପରି ଓଡିଶାରେ ସହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା, ଦକ୍ଷିଣ ଏବଂ ପଶ୍ଚିମ ଓଡିଶାରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଯଥାକ୍ରମେ ଗୋପାଳପୁର (ଲୁଣ ଖଳା) ଏବଂ ଝାରସୁଗୁଡ଼ା ପାଇଁ ନୂତନ ଇଣ୍ଡଷ୍ଟ୍ରିଆଲ୍ ଟାଉନ୍‌ସିପ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିସହ ଓଡିଶାରେ ନିବେଶ ପ୍ରୋତ୍ସାହନ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା ସହିତ ପର୍ଯ୍ୟଟନର ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି। ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ ପ୍ରକଳ୍ପ ସମାପ୍ତ କରିବା ଏବଂ ସମସ୍ତ ପ୍ରକଳ୍ପର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜଳ ଜୀବନ ମିଶନ ଅଧୀନରେ ପର୍ଯ୍ୟାପ୍ତ ବଜେଟ୍ ବ୍ୟବସ୍ଥା, ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା, ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ପୂର୍ବରୁ ଅନୁମୋଦିତ ୨୯ଟି ବ୍ଲକ୍ ବ୍ୟତୀତ ମୟୂରଭଞ୍ଜ ଏବଂ କେନ୍ଦୁଝରର ଜିଲ୍ଲାର ଅନ୍ୟ ୧୧ଟି ଅତିରିକ୍ତ ବ୍ଲକ୍ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଉପସ୍ଥାପିତ ସମସ୍ତ ଦାବି ଏବଂ ପରାମର୍ଶଗୁଡିକ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଜୟ ମହାପାତ୍ର ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ



**ଭୁବନେଶ୍ୱର,୨୦।୧୨(ସମିସ):** ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ତେବେ ପରବର୍ତ୍ତି ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ନିଯୁକ୍ତ ହେବା ପର୍ଯ୍ୟନ୍ତ ଡା ମହାପାତ୍ର ଏହାର ଅତିରିକ୍ତ ଦାୟିତ୍ୱରେ ରହିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଏହା କୁହାଯାଇଛି।

### ଅମଳ ବେଳେ ଅଦିନିଆ ବର୍ଷା

# ଦୋଛକିରେ ଚାଷୀ



**ସୋନପୁର, ୨୦।୧୨ (ସମିସ):** ବିଲରେ ଲହଡ଼ି ମାରୁଛି ପାଚିଲା ଧାନ; କିନ୍ତୁ କାଟିଲେ ବିପଦ, ନ କାଟିଲେ ବି ବିପଦ। ତେଣୁ କରିବେ କ'ଣ? ସୁବର୍ଣ୍ଣପୁର ଜିଲ୍ଲାର ଚାଷୀମହଲ ଏବେ ଏମିତି ଦୋଛକିରେ ପଡ଼ିଛନ୍ତି।

ସୂଚନାନୁଯାୟୀ, ଲଘୁଚାପ ପ୍ରଭାବରେ ଆଜି ମଧ୍ୟାହ୍ନରୁ ଜିଲ୍ଲାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପାଚିଲା ଧାନ ନ କାଟିଲେ ବିଲରେ ନଷ୍ଟ ହେବ, କାଟିଲେ ବର୍ଷାରୁ ବଞ୍ଚାଇବା ଅସମ୍ଭବ। ଧାନ କାଟି ବିଲରେ ଗଦାଇଥିବା ଚାଷୀଙ୍କ ଚିନ୍ତା ଆହୁରି ଅଧିକ। ସ୍ଥିତି ଏମିତି ଯେ କଟା ଧାନ ଦେଖିବାକୁ ଛତା ଧରି ଚାଷୀ ବିଲକୁ ବାରମ୍ବାର ଦୌଡୁଛି। କିଏ ପୁଣି ଜରିପାଲ ଢାଙ୍କି ଧାନ ବଞ୍ଚାଇବା ପାଇଁ ଚେଷ୍ଟା କରୁଛି। ଅପରପକ୍ଷେ, ସରକାର ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି। କିନ୍ତୁ ବର୍ଷା ପାଣି ଲାଗି ଧାନ ଓଦା ହୋଇ ରଙ୍ଗ ବଦଳି ଯାଉଥିବାରୁ ଏଫ୍‌ଏକ୍ୟୁ ମାନର ଧାନ କେଉଁଠୁ ଆଣିବୁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ଜିଲ୍ଲାରେ ମଣ୍ଡି ଖୋଲିଥିବାରୁ ବିକ୍ରି କରିବା ଆଶାରେ ଚାଷୀମାନେ ଏକରଏକର ଚାଷ ଜମିର ଧାନ କାଟି ବିଲରେ ପକାଇଛନ୍ତି। କିନ୍ତୁ ଆଉ ଦିନେ ଦୁଇ ଦିନ ବର୍ଷା ଲାଗି ରହିଲେ, ସବୁ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଅପରପକ୍ଷେ, ଖଳାକୁ ଆସିଥିବା ଧାନ ମଧ୍ୟ ଶୁଖିପାରିବ ନାହିଁ। ଜିଲ୍ଲାର ପ୍ରାୟ ୫୦ଭାଗ ଚାଷୀ ଧାନ କାଟି ସାରିଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ ବିଲରେ ପଡ଼ିଛି। କିଛି ଚାଷୀ ଅମଳ ଧାନକୁ ରାସ୍ତାକଡ଼ରେ ରଖି ଜରିପାଲ ଘୋଡ଼ାଇ ସାଇତିବା ଉଦ୍ୟମ କରିଛନ୍ତି। ତେବେ ଧାନ ଅମଳ ସମୟରେ ପ୍ରତି ବର୍ଷ ଏଭଳି ବର୍ଷା ଚାଷୀଙ୍କୁ ବିଶେଷ କ୍ଷତି ପହଞ୍ଚାଉଛି।

# ଖୋଲା ଆକାଶ ତଳେ ପାଚିଲା ଧାନ

**ବନ୍ତ/ଆଗରପଡ଼ା/ଦୋବଲ/ଧାମନଗର/ ବାରିକପୁର,୨୦।୧୨(ସମିସ):** ଲଘୁଚାପ ପ୍ରଭାବରେ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ସକାଳୁ ମେଘୁଆ ପାଗ ସହ ଝିପିଝିପି ବର୍ଷା ଲାଗି ରହିଛି। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଚାଷୀଙ୍କର ବର୍ଷକର ଦାନା ଧାନ କ୍ଷେତରେ ପଡ଼ିଥିବା ବେଳେ ଅମଳ ସମୟରେ ଏଭଳି ଅଦିନିଆ ବର୍ଷାକୁ ଦେଖି ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ଧାନ କାଟି ବିଲରେ ପକାଇଥିବା ବେଳେ କେତେକ ସ୍ଥାନରେ ଧାନ କଟା ମଧ୍ୟ ହୋଇ ନଥିବା ଦେଖିବାକୁ ମିଳିଛି। ଯେଉଁ ଧାନ କଟା ହୋଇଛି ତାକୁ ବୋହି ଖଳାକୁ ଆଣିବାରେ ବ୍ୟସ୍ତ ଚାଷୀ। କେତେଜଣ ଚାଷୀ ଧାନକୁ ଟ୍ରାକ୍ଟର ଓ ଭାର ଯୋଗେ ବୋହି ଆଣୁଥିବା ବେଳେ କେତେକ ବିଲରେ ଧାନକୁ ପଞ୍ଜା ମାରି ରଖିଛନ୍ତି। ବିଲରେ କଟା ହୋଇପଡ଼ିଥିବା ଓ ମେସିନ କାଟିଥିବା ଧାନକୁ ସୁରକ୍ଷିତ ରଖିବା ଲାଗି ଜରିପାଲ ଘୋଡ଼ାଇ ରଖିଛନ୍ତି। କିଛି ଲୋକ ପାଗକୁ ଦେଖି ତରବରିଆ ଭାବେ କଞ୍ଚା ଧାନ କାଟି ଖଳାରେ ଆଣି ଧାନକୁ ରଖିଥିଲେ ସୁଦ୍ଧା ତାହା ଗଜା ହୋଇ ନଷ୍ଟ ହୋଇଯିବାର ଡର ରହିଛି।



ଚଳିତବର୍ଷ ବିଳମ୍ବରେ ଖରିଫ ଧାନ ଚାଷ ହୋଇଥିବା ବେଳେ ଥୋଡ଼ ବାହାରିବା ବେଳକୁ ବାତ୍ୟା ଦାନା ଦାଉ ସାଧିଥିଲା। ଏବେ ପୁଣି ଧାନ ପାଚିଲା ବେଳକୁ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଏଭଳି ବର୍ଷା ଲାଗି ରହିଲେ, ଓଦା ଧାନକୁ ସମବାୟସମିତିରେ ବିକ୍ରି କରିବାରେ ସମସ୍ୟା ସୃଷ୍ଟି ହେବା ସହ ଧାନ ଗଜା ହୋଇପାରେ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଅଦିନିଆ ବର୍ଷା ହେବା ଦ୍ୱାରା ବନ୍ତ ଓ ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଚାଷୀମାନେ ଋଣ ଯନ୍ତାରେ ପଡ଼ି ଛଟପଟ ହେବା ସାର ହୋଇଛି। ଏଠାକାର ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ ଲୋକ କେବଳ ଧାନଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବହୁ ଲୋକ ବ୍ୟାଙ୍କ ଋଣ କିମ୍ବା ଗାଉଁଲି ଧାରକରଜ କରି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଧାମନଗର ବ୍ଲକ ଅଞ୍ଚଳରେ ଚଳିତବର୍ଷ ଧାନ ଭଲ ହୋଇଥିଲା ବେଳେ ବାତ୍ୟା ଦାନା ପ୍ରଭାବରେ କିଛି ନଷ୍ଟ ହୋଇଥିଲା। ଯାହା କିଛି ଥିଲା, ତାହା ଏବେ ଅଦିନିଆ ବର୍ଷାରେ ଧୋଇଯିବ ବୋଲି ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। କୋହଲା ପାଗ ଓ ଝିପଝିପି ବର୍ଷାକୁ ଦେଖି ଚାଷୀ ବିଲରୁ ତରତର ହୋଇ ଧାନ କାଟି ଆଣୁଛନ୍ତି। କେହି କେହି ବିଲେରେ ମଧ୍ୟ ଗଦା ମାରୁଛନ୍ତି। ବହୁ ସ୍ଥାନରେ ଧାନ କଟା ଯାଇନଥିବା ବେଳେ ଅନେକ ଜାଗାରେ ଧାନ କଟା ଯାଇ ବିଲରେ ପଡ଼ିଛି। ଯଦି ବର୍ଷା ଅଧିକ ହୁଏ, ତାହାଲେ ସେହି ସବୁ ଧାନ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

## ଦୁର୍ଦ୍ଦିନରେ ୪ ଅନାଥ ଶିଶୁ; ସହାୟତା ପାଇଁ ପହଞ୍ଚୁନି ପ୍ରଶାସନ



ଠାକୁରମୁଣ୍ଡା, ୨୦।୧୨(ସମିସ): ଚାରି ଅନାଥ ଶିଶୁ ଭୋକ ବିକଳରେ ଆଉଟୁ ପାଉଟୁ ହେଉଥିଲେ ମଧ୍ୟ ପ୍ରଶାସନ ସହାୟତା ନିମନ୍ତେ ପହଞ୍ଚିପାରୁ ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତ ପାତ୍ରବେଡା ଗାଁରେ। ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଥିବା ଏହି ଗାଁର ସୁରେନ୍ଦ୍ର ଓ ତାଙ୍କ ପତ୍ନୀ ବିଜୋ ବେଶ୍ରା ଚାରି ଛୁଆଙ୍କୁ ନେଇ ଭଲରେ ଚଳୁଥିଲେ। ଦୁଇ ବର୍ଷ ପୂର୍ବେ ଦେହ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ବିଜୋ ବେଶ୍ରା ମୃତ୍ୟୁ ଘଟିଥିଲା। ସ୍ତ୍ରୀର ଚିକିତ୍ସା ପାଇଁ ସୁରେନ୍ଦ୍ର ତାଙ୍କ ଜମିବାଡି ବନ୍ଧକ ରଖିଥିଲେ; ହେଲେ ପତ୍ନୀଙ୍କ ମୃତ୍ୟୁର ଦେଢବର୍ଷ ପରେ ସୁରେନ୍ଦ୍ରଙ୍କ ମଧ୍ୟ ଦେହ ଖରାପ ହୋଇଥିଲା। ବିଭିନ୍ନ ସ୍ଥାନରେ ତାଙ୍କର ଚିକିତ୍ସା ହୋଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ୪ ଜଣ ଶିଶୁ ଜୋବା ବେଶ୍ରା (୧୫), ସାକିଲା ବେଶ୍ରା (୧୨), ବୁଢ଼ାନ ବେଶ୍ରା (୧୦), ଭୀମ ବେଶ୍ରା (୭) ଅନାଥ ହୋଇଗଲେ। ସବୁ ସ୍ଥାବର ଅସ୍ଥାବର ସମ୍ପତ୍ତି ବନ୍ଧା ପଡ଼ିଥିବାରୁ ଚାରି ପିଲା ବହୁ ଅସୁବିଧା ଭୋଗିବା ସହିତ ବାପାଙ୍କ ଶୁଦ୍ଧି ପାଇଁ ଜୋବା ବେଶ୍ରା ଭଦ୍ରକରେ ମୂଲ ଲାଗୁଛି। ଏବେ ଗାଁରେ ତିନି ଶିଶୁ ଭୋକ ଉପାସରେ ଦିନ କାଟୁଛନ୍ତି। ଗାଁ ଲୋକ ଯାହା ଦିଅନ୍ତି ସେମାନେ ତାହା ଖାଆନ୍ତି; ନହେଲେ ଉପାସ ରୁହନ୍ତି। ତେଣୁ ଏହି କୁନି କୁନି ଅନାଥ ଶିଶୁମାନଙ୍କୁ ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ସୁନ୍ଦର ମୋହନ ମାଝୀଙ୍କ ପରିବାରକୁ ବାସନ୍ଦ ଘଟଣା

# ଶୁଦ୍ଧିକ୍ରିୟା କରାଇ ଦେଉନାହାନ୍ତି ଗ୍ରାମବାସୀ

### ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲା ଆଦିବାସୀ ସେଙ୍ଗେଲ ଅଭିଯାନ



ବାରିପଦା, ୨୦।୧୨(ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମରେ ଡାହାଣୀ ସନ୍ଦେହ କରି ଜଣେ ମହିଳାଙ୍କ ମୃତଦେହ ପ୍ରତି ହୋଇଥିବା ଅନ୍ୟାୟ ଘଟଣାରେ ଜିଲ୍ଲା ପ୍ରଶାସନ ସହଯୋଗରେ ବି ଆଜିଯାଏ ଶୁଦ୍ଧିକ୍ରିୟା ହୋଇପାରୁନି; ଯାହାକୁ ନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବାରିପଦା ଜୋନାଲ କମିଟି ସଭାପତି ସମେତ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟିର ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦିଘି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୋରକଣ୍ଟିଆ ଗ୍ରାମର ସୁନ୍ଦର ମୋହନ ମାଝୀଙ୍କ ପରିବାରକୁ ଡାହାଣୀ ସନ୍ଦେହରେ ସାମାଜିକ ବାସନ୍ଦ କରାଯାଇ ନିର୍ଯାତନା ଚାଲିଛି। ଗତ ନଭେମ୍ବରରେ ତାଙ୍କର ସ୍ତ୍ରୀଙ୍କ ମୃତ୍ୟୁ ପରେ ଶବକୁ ୩୦ ଘଣ୍ଟା ଧରି ଅଟକ ରଖି ସତ୍କାର କରିବାକୁ ଗ୍ରାମବାସୀ ଦେଇ ନ ଥିଲେ। ପରେ ପୁଲିସ ହସ୍ତକ୍ଷେପ ପରେ ଶବ ସତ୍କାର ହୋଇଥିଲା; କିନ୍ତୁ ଆଜିଯାଏ ଶୁଦ୍ଧିକ୍ରିୟା ଗ୍ରାମବାସୀ କରାଇ ଦେଉନାହାନ୍ତି। ଏଥିସହିତ କୂଅ, ନଳକୂଅରୁ ପାଣି ପିଇବାକୁ ମଧ୍ୟ ଦେଉନାହାନ୍ତି। ଏପରିକି ଜମିର ଧାନ ମଧ୍ୟ କାଟିବାକୁ ଦେଉନାହାନ୍ତି। ଏହିସବୁ ଘଟଣା ଘଟୁଥିଲେ ବି ଜିଲ୍ଲା ପ୍ରଶାସନ ନୀରବ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ପୂର୍ବରୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଅଭିଯୋଗ କରାଯାଇଛି। ଗତ ନଭେମ୍ବର ୧୧ ତାରିଖରେ ଶୁଦ୍ଧିକ୍ରିୟା ପୁଲିସ ଉପସ୍ଥିତରେ ହେଉଥିବା ବେଳେ ତାହା ବନ୍ଦ ହୋଇଯାଇଥିଲା। ବନ୍ଧୁବାନ୍ଧବଙ୍କୁ କଙ୍ଗାରୁ କୋର୍ଟ ମୁଖ୍ୟ (ମାଝୀବାବା) ବୁଢାନ ମୁର୍ମୁଙ୍କ ନିର୍ଦ୍ଦେଶରେ ଠେଙ୍ଗା, ବାଡିରେ ପିଟି ପିଟି ଶୁଦ୍ଧିକ୍ରିୟା କରାଇ ଦେଇନଥିଲେ। ଗ୍ରାମବାସୀଙ୍କ ଆଜି ପର୍ଯ୍ୟନ୍ତ ଗୁଣ୍ଡାରାଜ, ଦାଦାଗିରି ପାଇଁ ସାମ୍ବିଧାନିକ ମୌଳିକ ଅଧିକାରକୁ କ୍ଷୁଣ୍ଣ ହେଉଛି। ତେଣୁ ତୁରନ୍ତ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରି ପୀଡିତ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ପୀଡିତ ପରିବାର ପକ୍ଷରୁ ଡିସେମ୍ବର ୩୦ରେ ଶୁଦ୍ଧିକ୍ରିୟାରେ ଜିଲ୍ଲା ପ୍ରଶାସନ ସହଯୋଗ କରିବାକୁ ଦାବି କରାଯାଇଛି।

## ଆଜି ଶ୍ରୀଶ୍ୟାମ ବାବାଙ୍କ ୨୨ତମ ପ୍ରାଣ ପ୍ରତିଷ୍ଠା ଉତ୍ସବ



କରଞ୍ଜିଆ, ୨୦।୧୨(ସମିସ): ଆସନ୍ତାକାଲି ଅର୍ଥାତ୍ ୨୧ ଓ ୨୨ ତାରିଖରେ କରଞ୍ଜିଆ ସହରର ୧୨ନଂ. ୱାର୍ଡ଼ରେ ଶ୍ରୀ ଶ୍ୟାମ ବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଲାଗି ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏଥିପାଇଁ ଶ୍ରୀ ଶ୍ୟାମ ଉତ୍ସବ କମିଟି ପକ୍ଷରୁ ଆଜି ଗୋପାଳ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନିରଞ୍ଜନ ଅଗ୍ରୱାଲ, ଦୀପେଶ ଅଗ୍ରୱାଲ, ପବନ ଅଗ୍ରୱାଲ, ଲୋପୁ ଭାରୁକା ସମେତ ମାରୁୱାର୍ଡି ଯୁବା ମଞ୍ଚ ଓ ଶକ୍ତି ଶାଖାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିବେ। ସହରରେ ଶୋଭାଯାତ୍ରା, ପ୍ରସାଦ ବଣ୍ଟନ, ଭଜନ ସନ୍ଧ୍ୟା, ଆଧ୍ୟାତ୍ମିକ ପ୍ରବଚନ ନିମନ୍ତେ ଦାୟିତ୍ୱ ବଣ୍ଟନ କରାଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକୋତ୍ସବ

ଉଦଳା, ୨୦।୧୨(ସମିସ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୩୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ଲଢେଇ, ସମ୍ମାନିତ ଅତିଥିଭାବେ ଏବିଓ ମିନତୀ ମଞ୍ଜରି ପଣ୍ଡା, ଯୁଗ୍ମ ସମ୍ପାଦକ ଲଳିତ ବେହେରା, କୃଷ୍ଣଚୈତନ୍ୟ ସଦୁଆଳ, ଅନୁଷ୍ଠାନର ସ୍ଥାୟୀ ସଭାପତି କୁମାର ତ୍ରିପାଠୀ, ସମ୍ପାଦକ ମନୋରଞ୍ଜନ ପାଢ଼ୀ, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ବେହେରା ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ପରିଡ଼ା ଆତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଭୁବନେଶ୍ୱର ଏମ୍ସ କମିଟି ସଦସ୍ୟ ନିର୍ବାଚନରେ ସାଂସଦ ମମତା ବିଜୟୀ

ବିଶୋଇ, ୨୦।୧୨ (ସମିସ) : ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ (ଏମ୍ସ) ଭୁବନେଶ୍ୱର କମିଟିର ସଦସ୍ୟତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଆଜି ଭୁବନେଶ୍ୱର ଏମ୍ସ କମିଟି ସଦସ୍ୟତା ପାଇଁ ସମ୍ବିଧାନ ସଦନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡିର ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବିଜେପିର ରାଜ୍ୟସଭା ସାଂସଦ ମମତା ମହାନ୍ତ ନିର୍ବାଚନ ଲଢ଼ିଥିଲେ। ନିର୍ବାଚନରେ ସର୍ବମୋଟ ୧୯୦ଟି ମତଦାନ ହୋଇଥିବା ବେଳେ ୭ଟି ଖାରଜ ହୋଇଯାଇଥିଲା। ୧୮୩ ମତଦାନ ମଧ୍ୟରୁ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସପକ୍ଷରେ ୬୯ ଭୋଟ ଯାଇଥିଲା। ଶ୍ରୀ ଖୁଣ୍ଟିଆଙ୍କୁ ୪୫ ଭୋଟ ପଛରେ ପକାଇ ସାଂସଦ ମମତା ମହାନ୍ତ ୧୧୪ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଏ ନେଇ ରାଜ୍ୟସଭା ସଚିବଙ୍କ କମିଟି ସମନ୍ୱୟ ବିଭାଗର ସାଧାରଣ ସଚିବ ପିସି ମୋଦୀ ଘୋଷଣା କରିଛନ୍ତି।

## ସୁନାମୁହିଁ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ଶିଶୁ ଉତ୍ସବ



କୁଳିଅଣା, ୨୦।୧୨(ସମିସ): କୁଳିଅଣା ବ୍ଲକ ମାରାଙ୍ଗ ଡାଣ୍ଡି ପଞ୍ଚାୟତ ଭୂୟାଁ ଗୋଡାସ୍ଥିତ ସୁନାମୁହିଁ ଉଚ୍ଚ ବିଦ୍ୟାଳୟରେ ୪୧ତମ ଓଷ୍ଟା ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ କେଦାରନାଥ ଧଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କୁଳିଅଣା ବ୍ଲକ ଓଷ୍ଟା ସମ୍ପାଦକ ସୁଦର୍ଶନ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଷ୍ଟା ବ୍ଲକ ସଭାପତି ସଚିଦାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ ଓ ମୁଖ୍ୟବକ୍ତା ଭାବେ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଆନନ୍ଦଚନ୍ଦ୍ର ଟୁଡୁ, ସମିତି ସଭ୍ୟ ରାଜିବ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ବାରିପଦା, ୨୦।୧୨(ସମିସ): ମୁର୍ଗାବାଡି ସ୍ଥିତ ମହାଦେବଙ୍କ ମନ୍ଦିରଠାରେ ନୂତନ ପାନୀୟ ଜଳ ପକଳ୍ପ ଉଦଘାଟିତ ହୋଇଛି। ପୂର୍ବତନ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ବିଜେଡି ନେତ୍ରୀ ସରୋଜିନୀ ହେମ୍ବ୍ରମଙ୍କ ରାଜ୍ୟସଭା ପାଣ୍ଠିରୁ ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି, କାଉନସିଲର ଅନନ୍ତ ଦାସ ପ୍ରମୁଖ ଉଦଘାଟନ କରିଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ପାନୀୟ ଜଳ ପ୍ରକଳ୍ପ ପାଇଁ ସାଂସଦଙ୍କ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିଲା।

## ପଞ୍ଚମ ଓ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ଶୁକ୍ଳି, ୨୦।୧୨(ସମିସ): ଗତ ୨୦୨୩-୨୪ ଶିକ୍ଷା ବର୍ଷର ପଞ୍ଚମ ଓ ତୃତୀୟ ଶ୍ରେଣୀର ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଜାମଦାପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପାର୍ଥସାରଥୀ ବାରିକ, ସରସ୍ୱତୀ ଶିଶୁ ମନ୍ଦିର ଶୁକ୍ଳିର ଛାତ୍ରୀ ଗାୟତ୍ରୀ ମହାନ୍ତ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଣ୍ଡରଶିଳର ଛାତ୍ର ଦିବ୍ୟଜ୍ୟୋତି ପୃଷ୍ଟି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୁଆବେଡ଼ାର ଛାତ୍ର ଦିବ୍ୟାଂଶୁ କୁମାର ବାରିକ, ସରକାରୀ ପ୍ରାଥମିକ ବିଦ୍ୟାଳୟ ନାଉପନକ୍ଷର ଛାତ୍ର ଜିଗର କୁମାର ସ୍ୱାଗୁପ୍ତା, ସରକାରୀ ପ୍ରାଥମିକ ବିଦ୍ୟାଳୟ ଇନ୍ଦୁପୁରର ଛାତ୍ରୀ ଆରାଧ୍ୟା ମହାନ୍ତ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶରଦ୍ଧାର ଛାତ୍ରି ଖୁସି ନାୟକ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ତୃପ୍ତିମୟୀ ମହାନ୍ତ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଟିଙ୍ଗିରିଆର ଛାତ୍ରୀ ଆଦ୍ୟାଶା ମହାନ୍ତ, ଡିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ହିମାଂଶୁ ପୂର୍ତ୍ତି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଳଗାଁର ଛାତ୍ର ଯଶୋବନ୍ତ ନାଏକ, କଲଣି ସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ନେହା ମହାକୁଡ, ସରସ୍ୱତୀ ଶିଶୁ ମନ୍ଦିର ଶୁକ୍ଳିର ଛାତ୍ର ଶାଶ୍ୱତ କୁମାର ସାହୁ, ଟିଙ୍ଗିରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପିୟୂଷ ନାୟକ କୃତକାର୍ଯ୍ୟ ହୋଇଛନ୍ତି। ତୃତୀୟ ଶ୍ରେଣୀର ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ମନ୍ଦିର ଇନ୍ଦୁପୁରର ଛାତ୍ର ଉର୍ଦ୍ଧ୍ୱ ଗିରି, ଶୁକ୍ଳି ଶିଶୁ ମନ୍ଦିରର ଛାତ୍ର ଦିବ୍ୟପ୍ରକାଶ ସାହୁ ଓ ଛାତ୍ରୀ ସ୍ୱାଗତିକା ବେହେରା, ଜାମଦାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ୍ କୁମାର ସି, ଶିଶୁ ମନ୍ଦିର ଶୁକ୍ଳିର ଛାତ୍ରୀ ଅଙ୍କିତା ମହାନ୍ତ, ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ୍ ନାଏକ, ଆଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଇତିଶ୍ରୀ ଦାସ ଏବଂ ଡେରଣ୍ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆଦିତ୍ୟ ପ୍ରସାଦ ପଲେଇ, ଘରମାବେଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର କ୍ରିଷ୍ଣା ନାୟକ, ଖୁଂଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରାଚୀମିତା ନାଏକ, ନାଉପନା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ତାନିସା ତନ୍ମୟା ଗିରି, ନୂଆବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ବାରିକ, ତଳଗାଁ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପ୍ରଜ୍ଞା ନାୟକ, ନୂଆବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ତପସ୍ୟା ନାଏକ କୃତକାର୍ଯ୍ୟ ହୋଇଥିବା ସ୍କୁଲ ସୂତ୍ରରୁ ପ୍ରକାଶ।

## ରେଡମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ; ଶଶ ଟିମ୍ ଚାମ୍ପିଅନ



ରାଇରଙ୍ଗପୁର, ୨୦।୧୨(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ମୋରଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ରେଡମ ଗ୍ରାମର ମାରେଡି ସି.ଇ.ଏସ କ୍ଲବ ଆନୁକୂଲ୍ୟରେ ଡୁମୁକାଟାଣ୍ଡି ପଡ଼ିଆରେ ଚାଲିଥିବା ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬୪ଟି ଟିମ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୋରଣ୍ଡା ସରପଞ୍ଚ କାପୁରା ମାରାଣ୍ଡି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଡମ ଉପ୍ରା ବିଦ୍ୟାଳୟର ଶିକ୍ଷକ ବିରାମ ଟୁଟି, ଶିକ୍ଷୟିତ୍ରୀ ସ୍ୱତୀସ୍ଲୋଗ୍ମା ପ୍ରଧାନ, ପ୍ରେମାନନ୍ଦ ପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସମାୟ ମାରାଣ୍ଡି, ସାମ୍ବାଦିକ ତ୍ରିଲୋଚନ ମହାନ୍ତ, ଦିନେଶ ମୁଣ୍ଡା, ରେଡମ ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ଫୁଲମାଲ ମୁର୍ମୁ, ଅବସରପ୍ରାପ୍ତ ଶିକ୍ଷକ ଏମ.ଡି ସେଲିମ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ନିମନ୍ତେ ରାଜ୍ୟ ସରକାର ଧ୍ୟାନ ଦେବା ସହିତ ଫୁଟବଲ ଖେଳର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉଦ୍‌ଯାପନ ଖେଳରେ ସୁପରଷ୍ଟାର ଶଶ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ମଙ୍ଗଲ ଏଫ.ସି. ଦ୍ୱିତୀୟ, ପଟୁଆ ଏଫ.ସି ତୃତୀୟ, ଜେଲାଡାଣ୍ଡି ଏଫ.ସି ଚତୁର୍ଥ, ନୁସାଡିହି ପଞ୍ଚମ ସ୍ଥାନ, ରାଙ୍ଗାଘୁଟୁ ଷଷ୍ଠ, ଧଳାବେଡା ସପ୍ତମ, ସାଗେଘୁଟୁ ଅଷ୍ଟମ ସ୍ଥାନ ଅଧିକାର କରିଛି। ସି.ଏସ. କ୍ଲବ ମାରେଡି ତରଫରୁ ସଭାପତି ଅର୍ଜୁନ ସୋରେନ, ଉପସଭାପତି ମାନସିଂ ସୋରେନ ଖେଳ ପରିଚାଳନା କରିଥିଲେ।

## ହେସେଲପଟା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଜାମଦା, ୨୦।୧୨(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ହେସେଲପଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗେଶ୍ୱେ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଧିରେନ୍ଦ୍ର ନାଥ ମହାନ୍ତ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାରିପଦାରେ ଶୌର୍ଯ୍ୟ ଜାଗରଣ ଯାତ୍ରା



ବାରିପଦା, ୨୦।୧୨(ସମିସ): ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ବାରିପଦାରେ 'ଶୌର୍ଯ୍ୟ ଜାଗରଣ ଯାତ୍ରା' ଅବସରରେ ଏକ ବାଇକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଷ୍ଟାଡିୟମ ପରିସରରେ ଏକ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଭିଏଚପି ଜିଲ୍ଲା ସଭାପତି ନରେନ୍ଦ୍ର ସିଂ, ଜିଲ୍ଲା ସମ୍ପାଦକ ଦୟାନିଧି ଦାସ, ବରିଷ୍ଠ ନେତା କବିବିଷ୍ଣୁ ଶତପଥୀ, ଜିଲ୍ଲା ସହ ସମ୍ପାଦକ ମୋହନ ଗିରି, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବିଶ୍ୱଜିତ ରଣା, କଳ୍ପ ରାୟବାବୁ, ଦେବାଶିଷ ଦାସ, ସୌମ୍ୟରଞ୍ଜନ ମିଶ୍ର, ଅମିତ ନାୟକ, ସପନ ଘୋଷ, ସଞ୍ଜୟ କୁମାର ରାମ ଓ ବାସୁଦେବ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରା ସ୍ଥାନୀୟ ଛଉ ପଡ଼ିଆ ନିକଟରେ ପହଞ୍ଚିଥିଲା। ପରେ ସେଠାରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସାଧୁ ନୀଳାମ୍ବର ଦାସ ମହାରାଜ, ସ୍ୱାମୀ ପ୍ରୀତିସାଗର ଦାସ ମହାରାଜ ଓ ଦିବାକର ତ୍ରିପାଠୀ ପ୍ରମୁଖଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଭିଏଚପି ଓ ବଜରଙ୍ଗ ଦଳର ୫ ଶହରୁ ଅଧିକ କର୍ମୀ ସାମିଲ ହୋଇଥିଲେ।

## ଶ୍ରୀସତ୍ୟସାଇ ବିଦ୍ୟାବିହାରର ବାର୍ଷିକ କ୍ରୀଡ଼ା



ବାରିପଦା, ୨୦।୧୨(ସମିସ): ଶ୍ରୀସତ୍ୟସାଇ ବିଦ୍ୟାବିହାର ବାରିପଦାର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ମଧୁବନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା, ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ମୟୂରଭଞ୍ଜର ଜିଲା ସଭାପତି ବିଶ୍ୱରଞ୍ଜନ ସାହୁ, ପରିଚାଳକ ଦେବାଶିଷ ମହାପାତ୍ର, ଶ୍ରୀ ସତ୍ୟସାଇ ସେବାସମିତି ବାରିପଦାର ଆବାହକ ମାନସ ରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ଶ୍ରୀଶ୍ରୀହରିବଳଦେବଜୀଉ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବାହାରି ମଧୁବନ ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ପରେ ଜିଲ୍ଲା ସଭାପତି ଶ୍ରୀ ସାହୁ, ବିଦ୍ୟାଳୟ ଅଧ୍ୟକ୍ଷ ଗିରିଜା ଶଙ୍କର ମହାନ୍ତି, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିଚାଳନା ସମିତିର ସଦସ୍ୟଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ ସହ ବିଦ୍ୟାଳୟ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଂଶୁମାନ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ଖାଦ୍ୟ କମିଶନଙ୍କ ସମୀକ୍ଷା ବୈଠକ



ଉଦଳା, ୨୦।୧୨(ସମିସ): ଖାଦ୍ୟ କମିଶନ ସଦସ୍ୟ ଦୟାନିଧି ଦାଶ ଏବଂ ପ୍ରିୟବ୍ରତ ସାମନ୍ତରାୟ ଗୁରୁବାର ଉଦଳା ଗସ୍ତରେ ଆସି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ କାର୍ଯ୍ୟକ୍ରମ ତଦାରଖ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ଉଦଳା ବ୍ଲକର ସମନ୍ୱିତ ଶିଶୁ ବିଭାଗ ଅଧୀନସ୍ଥ ମଧ୍ୟାହ୍ନ ଭୋଜନ, ଧାର୍ଯ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥା, ପରିପୂରକ ପୁଷ୍ଟିକର ଭୋଜନ କାର୍ଯ୍ୟକ୍ରମ, ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ପୋଷଣ ଉଦ୍ୟାନ, ଆଶ୍ରମ ସ୍କୁଲ, ସେବାଶ୍ରମ ସ୍କୁଲ ଆଦି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ଭୀମତାଳି ଗ୍ରା:ପ:ର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନସ୍ଥ ସାଧାରଣ ବଣ୍ଟନ ବ୍ୟବସ୍ଥା, ବହୁବନ୍ଧ ଏବଂ ଶାଳଖୁଣ୍ଟା ଆଶ୍ରମ ସ୍କୁଲ ପରିଦର୍ଶନ କରିବା ସହିତ ଶାଳଖୁଣ୍ଟା ଆଶ୍ରମ ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ। ସେହିପରି ଭୀମତାଳି ଅଙ୍ଗନୱାଡ଼ି କେନ୍ଦ୍ରରେ ଦୁଇଜଣ ପିଲାଙ୍କ ଉଚ୍ଚତା ଏବଂ ଓଜନ ମାପି ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ମେଳ ନ ଖାଇବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ଦୁଗ୍‌ଧା ସ୍ଥିତ ମା' ମଙ୍ଗଳା ଟି.ଏଚ୍.ଆର୍. ୟୁନିଟ୍ ପରିଦର୍ଶନ କରିଥିଲେ। ପରେ ଉଦଳା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଦଳା ତୃପ୍ତ ବରାଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା ସଙ୍କ୍, ସହକାରୀ ଯୋଗାଣ ଅଧିକାରୀ ରୀନାରାଣୀ ମହାପାତ୍ର, ଉଦଳା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସତ୍ୟଜିତ୍ ସାହୁ, ସି.ଡି.ପି.ଓ. ଉଦଳା କୃଷ୍ଣା ମହାପାତ୍ର ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ।




ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ ॥

ତୁମର ଆକସ୍ମିକ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ସମସ୍ତେ ଅତ୍ୟନ୍ତ ମର୍ମାହତ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

୰ ଶଙ୍କର ପ୍ରସାଦ ନାୟକ
ଆବିର୍ଭାବ: ୨୬.୦୬.୧୯୪୬
ତିରୋଧାନ: ୧୧.୧୨.୨୦୨୪

॥ ଶୋକସନ୍ତପ୍ତ ପରିବାର ॥
କିରଣ କୁମାର ନାୟକ, କଲ୍ୟାଣ କୁମାର ନାୟକ, କଲ୍ଲୋକ କୁମାର ନାୟକ, କମଳେଶ କୁମାର ନାୟକ

ଶକ୍ତିନଗରପଡା, ଭବାନୀପାଟଣା

### ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ମୟୂରଭଞ୍ଜ ଗସ୍ତ

## ଅଙ୍ଗନବାଡ଼ି ପୌଷ୍ଟିକ ଖାଦ୍ୟର ମାନ ଅନୁଧ୍ୟାନ



**ବାରିପଦା, ୨୦।୧୨(ସମିସ):** ରାଜ୍ୟ ଖାଦ୍ୟ ଆୟୋଗର ଦୁଇ ଜଣ ସଦସ୍ୟ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ସମୀକ୍ଷା ବୈଠକ କରିବା ସହିତ ଅନୁଧ୍ୟାନ କରିଛନ୍ତି। ସଦସ୍ୟ ଦୟାନିଧି ଦାଶ ଓ ପ୍ରିୟବ୍ରତ ସାମନ୍ତରାୟ ଉଦଳା ଓ ଶ୍ୟାମାଖୁଣ୍ଟା ଦୁଇଟି ବ୍ଲକ ପରିଦର୍ଶନ କରି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପୌଷ୍ଟିକ ଖାଦ୍ୟର ମାନ ଅନୁଧ୍ୟାନ କରିଛନ୍ତି। ଏହା ସହିତ ରାଜ୍ୟ ଖାଦ୍ୟ ଆୟୋଗ ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ମଧ୍ୟ କରିଛନ୍ତି। ଦୁଇଟି ବ୍ଲକରେ ଥିବା ଆଇସିଡିଏସ, ଅମ୍ଳାନ, ନ୍ୟୁଟ୍ରି-ଗାର୍ଡେନ୍, ଅଙ୍ଗନବାଡି କେନ୍ଦ୍ର, ମଧ୍ୟାହ୍ନ ଭୋଜନ, ଏସଏସଡି, ଏମଡବ୍ଲୁ ବିସିଡବ୍ଲୁ ଆଦି ବିଭାଗ ଅଧୀନରେ ଥିବା ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟ ଗସ୍ତ କରିଥିଲେ। ଶୁକ୍ରବାର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜୟବିଲା ଅଙ୍ଗନବାଡି କେନ୍ଦ୍ର ଓ ଜୟବିଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ। ଅନୁଧ୍ୟାନ କରି ଯାଞ୍ଚ ରିପୋର୍ଟ ଜିଲ୍ଲା ପ୍ରଶାସନ ସମେତ ରାଜ୍ୟ ଖାଦ୍ୟ ଆୟୋଗକୁ ପ୍ରଦାନ କରାଯିବ ବୋଲି ସଦସ୍ୟ ଦୟାନିଧି ଦାଶ କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ କାର୍ଯ୍ୟଧାରା ନେଇ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରାଯିବ। ଦୁଇ ଦିନିଆ ଗସ୍ତ ସାରି ସଦସ୍ୟମାନେ ଶୁକ୍ରବାର ଭୁବନେଶ୍ୱର ଫେରିଛନ୍ତି।

## ଦେଶୀ ମଦ ଜବତ; ୨ ଗିରଫ

**ବାରିପଦା, ୨୦।୧୨(ସମିସ):** ଶୁକ୍ରବାର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢଉ କରି ୬୪୦ ଲିଟର ଦେଶୀ ମଦ, ୮୧୦୦ ଲିଟର ମହୁଲ ପୋଚ ଓ ଗୋଟିଏ ସ୍କୁଟି ଜବତ କରିଛି। ଏଥିସହିତ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ଜଣ ଫେରାର ଅଛନ୍ତି। ଗିରଫମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଜମଭିରାଡିହା ଗ୍ରାମର ବିଶ୍ୱନାଥ ହାଁସଦା (୩୫), ରାଇକୋଡ଼ଝରଣ ଗ୍ରାମର ଛୁଟୁ ସୋରେନ(୩୬)। ଏନେଇ ଅବକାରୀ ବିଭାଗ ପକ୍ଷରୁ ୪ଟି ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## 'ଆମ ବସ୍‌ଷ୍ଟାଣ୍ଡ'ର ଶୁଭଦେଲେ ବିଧାୟକ

**ଠାକୁରମୁଣ୍ଡା, ୨୦।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାରରେ ଆମ ବସଷ୍ଟାଣ୍ଡ ଓ ଶୌଚାଳୟ ନିମନ୍ତେ ଶୁକ୍ରବାର ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଶୁଭ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ଡ଼ ସୁଶ୍ରୀ ସୁପ୍ରିୟା, ସରପଞ୍ଚ ପ୍ରମିଳା ଲୁଗୁନ, ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଓଡ଼ିଶା ପୁଲିସ ହାଉସିଂ ଓ କଲ୍ୟାଣ ନିଗମର ଡେପୁଟି ମ୍ୟାନେଜର ବିଶ୍ୱମୋହନ ମିଶ୍ର, ସହକାରୀ ପ୍ରଜେକ୍ଟ ମ୍ୟାନେଜର ଇଂ ଗୌତମ ଦାସ, ସ୍ୱତନ୍ତ୍ର ଠିକାଦାର ଆଶୁତୋଷ ସାହୁଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ହାଇବ୍ରୁରୁ ଶୁଭ ଦେଇଥିଲେ। ବସଷ୍ଟାଣ୍ଡ ନିର୍ମାଣରେ ଜନସାଧାରଣ ସହଯୋଗ କରିବାକୁ ବିଧାୟକ ଅନୁରୋଧ କରିଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ




**ବାରିପଦା, ୨୦।୧୨(ସମିସ):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିରୂପେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲର ଅସ୍ଥିଶଲ୍ୟ ବିଭାଗ ପ୍ରଫେସର ଡା. ମଦନ ମୋହନ ସାହୁ ଯୋଗଦେଇ ସମାଜରେ ସମସ୍ତ କର୍ମର ଗୁରୁତ୍ୱ ରହିଥିବା କହିଛନ୍ତି। ଡାକ୍ତର ରୋଗୀମାନଙ୍କ ଚିକିତ୍ସା କରୁଥିବା ବେଳେ ସଫେଇ କର୍ମଚାରୀ ସ୍ୱଚ୍ଛତା କାର୍ଯ୍ୟକରି ବହୁ ଲୋକଙ୍କୁ ରୋଗମୁକ୍ତ କରୁଥିବା ପ୍ରଫେସର ଡ଼ଃ ସାହୁ କହିଥିଲେ। ଛାତ୍ରଛାତ୍ରୀ ଶିକ୍ଷା ଲାଭ ସହିତ ସମସ୍ତ ପ୍ରକାର ଘରୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପରିଚଳନା କମିଟି ସଭାପତି କଳ୍ପନା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଶିକ୍ଷାବିତ ପ୍ରବୋଧ କୁମାର ମହାପାତ୍ର ଶିକ୍ଷା କେନ୍ଦ୍ରର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା କବିତାରାଣୀ ସି ବାର୍ଷିକ ବିବାରଣୀ ପାଠ କରିଥିଲେ। ପରିଚାଳନା କମିଟିର ସଦସ୍ୟ କଲ୍ୟାଣ କୁମାର ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ କୃତୀ ଛାତ୍ର ଅଷ୍ଟମ ଶେଣୀର ବିଶ୍ୱଜିତ ମହାନ୍ତଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

### ପାଖେଇଲାଣି ବଡ଼ଦିନ ଓ ନୂଆବର୍ଷ

## ଖୋଲିଲାନି ତାଳବନ୍ଧ-ଚହଲା ରାସ୍ତା; ପର୍ଯ୍ୟଟକ ନିରାଶ

**ବାରିପଦା, ୨୦।୧୨(ସମିସ)**





- 'ଜିନତ୍' ପାଇଁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଡେରା ପକାଇଛନ୍ତି ଉପନିର୍ଦ୍ଦେଶକ ଓ ଟିମ୍
- କାମରେ ଲାଗୁନି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନେଚର କ୍ୟାମ୍ପ

ପିକିନିକ୍ ଋତୁ ଆରମ୍ଭ ହେବା ସହିତ ଏକ୍ସମାସ ଛୁଟି, ବଡଦିନ ଓ ନୂଆବର୍ଷ ମଧ୍ୟ ଆସି ପହଞ୍ଚିଲାଣି; ଶିମିଳିପାଳ ଅଭୟାରଣ୍ୟ ପାଇଁ ପ୍ରସ୍ତାବିତ ତାଳବନ୍ଧ-ଚହଲା ନୂତନ ରାସ୍ତା ଖୋଲିଲା ନାହିଁ କିମ୍ବା ବର୍ଷତମାମ ଖୋଲା ହେବାକୁ ଥିବା ତାଳବନ୍ଧ ନେଚର କ୍ୟାମ୍ପ ମଧ୍ୟ ପର୍ଯ୍ୟଟକଙ୍କ ଲୋକାର୍ପିତ ହେଲାନାହିଁ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ତତ୍କାଳୀନ ବାଙ୍ଗିରିପୋଷି ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଉଦ୍ୟମରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ନୂତନ ପ୍ରକଳ୍ପ ଚଳିତ ଋତୁରେ କାର୍ଯ୍ୟକାରୀ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ତାଳବନ୍ଧଠାରେ ନେଚର କ୍ୟାମ୍ପ ନିର୍ମାଣ ସରିଛି। ବନ୍ୟପ୍ରାଣୀ ସଫାରୀ ପାଇଁ ଗତ ଅକ୍ଟୋବର ମାସରୁ ବନବିଭାଗ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲିବା ସିଦ୍ଧାନ୍ତ ନେଇଥିଲା; ପରନ୍ତୁ ମହାରାଷ୍ଟ୍ରରୁ ଆସିଥିବା ୨ ବାଘୁଣୀ ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବ୍ୟସ୍ତ ରହିବାରୁ ତାହା ଏ ଯାଏ ସମ୍ଭବ ହୋଇପାରିନାହିଁ। ଶିମିଳିପାଳ ଉତ୍ତର ବନଖଣ୍ଡ ପ୍ରକଳ୍ପ ଉପନିର୍ଦ୍ଦେଶକ ସାଇକିରଣ ତାଙ୍କ ଟିମ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଡେରା ପକାଇଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ ଜିନତ୍ ପଛରେ ସେମାନେ ରହିଛନ୍ତି। ତେଣୁ ନୂତନ ପ୍ରକଳ୍ପ ଲୋକାର୍ପଣ ବିଳମ୍ବିତ ହୋଇଛି ବୋଲି ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ କହିଛନ୍ତି। ଏହି ନ୍ୟାଚର କ୍ୟାମ୍ପରେ ସମସ୍ତ ବିଳାସବ୍ୟସନ ସାମଗ୍ରୀ ଥିବା ୧୦ଟି ଅତ୍ୟାଧୁନିକ କଟେଜ ଗୃହ, ହୋଟେଲ, ଶିଶୁ ଉଦ୍ୟାନ, ସୁଇମିଂପୁଲ ଆଦି ନିର୍ମାଣ ହୋଇଛି। ଏପଟୁ ଶିମିଳିପାଳ ଜଙ୍ଗଲ ସଫାରୀ ପାଇଁ ୫ଟି ଗାଡି ମଧ୍ୟ ରହିଛି। ଜଙ୍ଗଲ ସଫାରୀ ଗାଡି ଚଳାଚଳ ହେଲେ ସ୍ଥାନୀୟ ଯୁବକମାନେ ରୋଜଗାର ପାଇବେ ଏବଂ ଦରକାର ପଡ଼ିଲେ ସେମାନଙ୍କ ଦକ୍ଷତା ବିକାଶ ପାଇଁ ମଧ୍ୟ ବିଭାଗ ତରଫରୁ ତାଲିମ ବ୍ୟବସ୍ଥା କରାଯିବ। ଏସଏଚଜି ତଥା ସ୍ଥାନୀୟ ମହିଳାଙ୍କୁ ନେଚର କ୍ୟାମ୍ପର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ସରକାର ବ୍ୟବସ୍ଥା କରିଛନ୍ତି। ଏହି କ୍ୟାମ୍ପ ବର୍ଷ ତମାମ ଖୋଲା ରହିବା ସହ ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରାଯିବା ଲକ୍ଷ୍ୟ ରଖିଛି ବିଭାଗ। ରକ୍ଷଣାବେକ୍ଷଣ ପାଇଁ ମାତ୍ର ୧୦ ପ୍ରତିଶତ ଟଙ୍କା ସରକାର ନେବେ ଏବଂ ଅବଶିଷ୍ଟ ସ୍ଥାନୀୟ ଅଞ୍ଚଳର ବିକାଶରେ ଲାଗିବ ବୋଲି ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ ଯେ, ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ ପାଇଁ ଯଶିପୁର ଆଉ ପିଠାବଟା ଦେଇ ଯିବାକୁ ପଡୁଥିଲା। ଯାହାକି ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ୧୦୦ କିମିରୁ ଅଧିକ ରାସ୍ତା ଅତିକ୍ରାନ୍ତ କରିବାକୁ ପଡୁଥିଲା। ତେବେ ଏବେ ବାଙ୍ଗିରିପୋଷି-ତାଳବନ୍ଧ ରାସ୍ତା ଦେଇ ଗଲେ ଶିମିଳିପାଳର ଚହଲା ବ୍ୟତୀତ ବରେହିପାଣି, ଯୋରନ୍ଦା ଆଦି ଅଞ୍ଚଳକୁ ଗଲେ ରାସ୍ତା ଓ ଖର୍ଚ୍ଚ କମ ପଡ଼ିବ। ବାଙ୍ଗିରିପୋଷିଠାରୁ ମାତ୍ର ୪୫ କିମି ଦୂର ରାସ୍ତା ଅତିକ୍ରମ କଲେ ହିଁ ଶିମିଳିପାଳର ନୈସର୍ଗିକ ସୁନ୍ଦରତାର ଆନନ୍ଦ ଉଠାଇ ହେବ। ଏଥିସହିତ ଶିମିଳିପାଳର ମନଲୋଭା ଦୃଶ୍ୟ ସାଙ୍ଗକୁ ବଣ୍ୟପ୍ରାଣୀଙ୍କୁ ଅତି ନିକଟରୁ ଦେଖିବାକୁ ସୁଯୋଗ ପାଇବେ ପର୍ଯ୍ୟଟକ। ପୂର୍ବରୁ ବହୁବାର ବ୍ରାହ୍ମଣଗାଁ ପଞ୍ଚାୟତ ଅନ୍ତର୍ଗତ ତାଳବନ୍ଧ ବିଟ ଦେଇ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ବାଟ ଫିଟାଇବା ପାଇଁ ଦାବି ହୋଇ ଆସୁଥିବା ବେଳେ ପୂର୍ବତନ ବିଧାୟକ ଶ୍ରୀ ମାରାଣ୍ଡି ଉଦ୍ୟମ ଆରମ୍ଭ କରିଥିଲେ। ଫେବୃଆରୀ ମାସରେ ନବୀନ ସରକାର ଏହାକୁ ମଞ୍ଜୁର କରିବା ସହିତ ମାର୍ଚ୍ଚ ୭ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଇକୋ ଟୁରିଜିମ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଲେ ପର୍ଯ୍ୟଟନ ବଢ଼ିବା ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ। ତାଳବନ୍ଧ ଅଞ୍ଚଳଟି ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପ୍ରାୟତଃ ଲୋକମାନେ କାମଧନ୍ଦା ପାଇଁ ବାହାରକୁ ଯାଇଥାନ୍ତି। ତେଣୁ ସେମାନଙ୍କ ଆର୍ଥିକ ବିକାଶକୁ ଲକ୍ଷ୍ୟ କରି ସରକାର ତୁରନ୍ତ ଏହି ପ୍ରକଳ୍ପକୁ ଲୋକାର୍ପିତ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ମୟୂରଭଞ୍ଜ ପୁସ୍ତକ ମେଳା ଉଦ୍‌ଘାଟିତ



**ବାରିପଦା, ୨୦।୧୨(ସମିସ):** ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବାରିପଦା ସ୍ଥିତ ଛଉ ପଡ଼ିଆଠାରେ ୧ ତମ ଜିଲ୍ଲା ସ୍ତରୀୟ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହା ଉତ୍ତର ଓଡ଼ିଶାର ସର୍ବବୃହତ୍ ପୁସ୍ତକ ମେଳା ଓ ସାରସ୍ୱତ ପର୍ବ। ମେଳା ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କୈଳାସଚନ୍ଦ୍ର ମହାନ୍ତି ଓ ମେଳା ସମ୍ପାଦକ ମନୋଜ ଦଳବେହେରା ଯୋଗ ଦେଇଥିଲେ। ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଶ୍ରୀ ଦଳବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଶ୍ରୀ ମଲ୍ଲିକ ନିଜ ଅଭିଭାଷଣରେ କହିଥିଲେ ଯେ ପୁସ୍ତକ ସମସ୍ତଙ୍କୁ ବୟସର ବ୍ୟକ୍ତି ବିଶେଷଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହେବା ଉଚିତ। ଆଜିକାଲିର ସୋସିଆଲ ମିଡ଼ିଆ ଯୁଗରେ ହାତରେ ବହି ଧରି ପଢ଼ିବା ଚାହିଦା କମି ଯାଇଥିଲେ ମଧ୍ୟ ପଢ଼ିବାର ଚାହିଦା କମିନାହିଁ। ସମସ୍ତେ ନିଜର ବ୍ୟସ୍ତ ବହୁଳ ଦିନଚର୍ଯ୍ୟା ମଧ୍ୟରୁ ସମୟ କାଢି ପ୍ରତିଦିନ କିଛି ନା କିଛି ପୁସ୍ତକ ପଢ଼ିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ମେଳା ଆସନ୍ତା ୨୯ ତାରିଖ ଯାଏ ଚାଲିବ ଏବଂ ୨୦ଟି ଷ୍ଟଲରେ ପୁସ୍ତକ ବିକ୍ରି ହେବ। ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ ପୁସ୍ତକ ବିକ୍ରେତା ଷ୍ଟଲ ଖୋଲିଥିବା ସୂଚନା ରହିଛି। ବିଭିନ୍ନ ଉପାଦେୟ ପୁସ୍ତକ ବିକ୍ରି ହେବା ସହିତ ପାଠକ ପାଠିକାଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ ଏହି ପ୍ରୟାସ କରାଯାଇଛି।

**୨୯ ଯାଏ ୨୦ଟି ଷ୍ଟଲ୍‌ରେ ହେବ ପୁସ୍ତକ ବିକ୍ରି**

## ୫ ଦିନିଆ ଜିଲ୍ଲାସ୍ତରୀୟ ଇଂରାଜୀ ଭାଷା କଥନ ଶିବିର



**ବାରିପଦା, ୨୦।୧୨(ସମିସ):** ବାରିପଦା ଶରତ ଚନ୍ଦ୍ର ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାଷା ତାଲିମ ଅନୁଷ୍ଠାନ, ଓଡ଼ିଶା ଓ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆୟୋଜିତ ୫ ଦିନିଆ ଇଂରାଜୀ ଭାଷା କଥନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୨୬ଟି ବ୍ଲକରୁ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶିବିରରେ ତାଲିମ ନେଇଛନ୍ତି। ରାଜ୍ୟ ଶିକ୍ଷକ ଭାଷା ତାଲିମ ଅନୁଷ୍ଠାନର ଜୟଚନ୍ଦ୍ର ବେହେରା ଶିବିରର ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ଥିଲେ। ସାଧନ କର୍ମୀ ଭାବେ ମଙ୍ଗୁଲୁ ପାତ୍ର, ରଞ୍ଜନ ସାହୁ, ରବିକାନ୍ତ ମହାପାତ୍ର ଓ ତୁଳସୀ ଦାସ ପ୍ରମୁଖ ଶିକ୍ଷାର୍ଥୀଙ୍କୁ ଇଂରାଜୀ ଭାଷାରେ କଥୋପକଥନ ଶୈଳୀ ଉପରେ ତାଲିମ ଦେଇଥିଲେ। ଚତୁର୍ଥ ଦିବସରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟର ଡଃ ଅନୁପମା ରାଜ ଓ ଅଜିମ ପ୍ରେମଜୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାର୍ଥୀମାନଙ୍କ ଅନର୍ଗଳ ଇଂରାଜୀ କଥୋପକଥନ ଶୁଣି ଉଭୟ ପର୍ଯ୍ୟବେକ୍ଷକ ବେଶ ପ୍ରଭାବିତ ହୋଇଥିଲେ।

## ରାଜ୍ୟସ୍ତରୀୟ ଭଲିବଲ୍ ଟିମ୍ ପାଇଁ ମହିଳା ଓ ପୁରୁଷ ଖେଳାଳି ଚୟନ

**ବାରିପଦା, ୨୦।୧୨(ସମିସ):** ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଭଲିବଲ ଚାମ୍ପିଅନସିପ ପାଇଁ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଆନୁକୂଲ୍ୟରେ ରାଜ୍ୟ ଭଲିବଲ ଟିମ ପାଇଁ ପ୍ରତ୍ୟେକ ଜିଲ୍ଲାରୁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଇଚ୍ଛୁକ ମହିଳା ଓ ପୁରୁଷ ଖେଳାଳି ଆସନ୍ତା ୨୨ ତାରିଖ ମଙ୍ଗଳବାର ବାରିପଦା ଷ୍ଟାଡିୟମ ଅଫିସରେ ସକାଳ ୮ଟା ସୁଦ୍ଧା ଡିଜିଟାଲ ଜନ୍ମପ୍ରମାଣ ପତ୍ର ସହ ନାମ ପଞ୍ଜିକରଣ କରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଚୟନ ପ୍ରକ୍ରିୟାରେ ବହୁ ସଂଖ୍ୟାରେ ଖେଳାଳି ଯୋଗ ଦେବା ପାଇଁ ରାଜ୍ୟ ଭଲିବଲ ଉପସଭାପତି ମନୋରଞ୍ଜନ ଜୀଉ ଓ ସହ ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ ଅନୁରୋଧ କରିଛନ୍ତି।

## ଦିବ୍ୟାଙ୍ଗ ବୃଦ୍ଧାଙ୍କ ଶେଷକୃତ୍ୟକଲା ମହାସଂଘ



**ବାରିପଦା, ୨୦।୧୨(ସମିସ):** ପିଆରଏମ ହସ୍ପିଟାଲରେ ଜଣେ ମୃତ ଦିବ୍ୟାଙ୍ଗ ବୃଦ୍ଧାଙ୍କ ଶେଷକୃତ୍ୟ କରିଛି ଦିବ୍ୟାଙ୍ଗ ମହାସଂଘ। ମୃତକ ଜଣକ ହେଲେ ବିଶୋଇ ଥାନା ଅନ୍ତର୍ଗତ ଖଡ଼ମବେଡା ଗ୍ରାମର କଙ୍କା ସର୍ଦ୍ଦାର। ସେ ବାଙ୍ଗିରିପୋଷି ହସ୍ପିଟାଲ ପରିସରରେ ଅସହାୟ ଅବସ୍ଥାରେ ରହିଥିଲେ। ଯାହାକୁ ନେଇ ଗତ ୧୭ତାରିଖରେ ବାଙ୍ଗିରିପୋଷି ହସ୍ପିଟାଲର ଜଣେ ସିକ୍ୟୁରିଟି ଗାର୍ଡ କଙ୍କାଙ୍କୁ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସିତ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହକୁ ସଂରକ୍ଷିତ ରଖି ସମ୍ପର୍କୀୟଙ୍କୁ ଯୋଗାଯୋଗ କରିବାକୁ ମେଡ଼ିକାଲ ଫାଣ୍ଡି କର୍ମଚାରୀ ସୁଶାନ୍ତ କୁମାର ଦାସ ଉଦ୍ୟମ କରିଥିଲେ। ପରେ ଏ ନେଇ ଦିବ୍ୟାଙ୍ଗ ସଂଘର ଜିଲ୍ଲା ସଭାପତି ଅରୁଣ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ। ବହୁ ଖୋଜାଖୋଜି କରି ଖଡ଼ମବେଡା ଗ୍ରାମରେ ପହଞ୍ଚିଥିଲେ। କିନ୍ତୁ ଶବ ସତ୍କାର ପାଇଁ କୌଣସି ସମ୍ପର୍କୀୟ ମିଳିନଥିଲେ। ପରେ ଚାଉଳଘେରି ଗ୍ରାମରେ ଥିବା ତାଙ୍କ ପୁତୁରା ରଙ୍ଗିଆ ସର୍ଦ୍ଦାରକୁ ଯୋଗାଯୋଗ କରିଥିଲେ। ସେ ମଧ୍ୟ ଦିବ୍ୟାଙ୍ଗ ହୋଇଥିବା ବେଳେ ଶବ ସତ୍କାର କରିବା ପାଇଁ ସକ୍ଷମ ନୁହନ୍ତି ବୋଲି କହିଥିଲେ। ଶେଷରେ ଦିବ୍ୟାଙ୍ଗ ମହାସଂଘ ସଭାପତି ଅରୁଣ ବେହେରାଙ୍କ ସହାୟତାରେ ବାରୁଣୀ ସ୍ଥିତ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି।

### ପାନୀୟ ଜଳ ଯୋଗାଣରେ ପ୍ରଶାସନ ବିଫଳ

## ଗରା ଓ ବାଲ୍ଟି ରଖି ରାସ୍ତା ଅବରୋଧ

**ବାରିପଦା, ୨୦।୧୨(ସମିସ)**



ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଦାବି ଜଣାଇବା ପରେ ବି କୌଣସି ସମାଧାନ ହୋଇପାରୁନାହିଁ। ଫଳରେ ଶୁକ୍ରବାର ଗ୍ରାମବାସୀ ପ୍ରତିବାଦ ଜଣାଇ ରାସ୍ତା ଅବରୋଧ କରିଛନ୍ତି। ଶ୍ୟାମାଖୁଣ୍ଟା ବ୍ଲକ ପୋଡାଅସ୍ତିଆ-ଲୁଲୁଙ୍ଗ ରାସ୍ତାର ଜାମବଣୀ ଛକରେ ଶୁକ୍ରବାର ପାଣି ପାଇଁ ରାସ୍ତାରେ ଗ୍ରାମବାସୀ ଗରା, ବାଲ୍ଟି ରଖି ଅବରୋଧ କରିଛନ୍ତି। ସୂଚନା ଅନୁସାରେ, ଶ୍ୟାମାଖୁଣ୍ଟା ବ୍ଲକ ଅଧୀନସ୍ଥ ବାଉଁଶବିଲ୍ଲା ପଞ୍ଚାୟତ ଜାମବଣି ଗ୍ରାମର ୯, ୧୦, ୧୩, ୧୪ ଓ ୧୫ନଂ.ରେ ପ୍ରାୟ ୫ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଏହିସବୁ ୱାର୍ଡରେ ଏକମାସରୁ ଅଧିକ ସମୟ ହେଲା ପାନୀୟ ଜଳ ସମସ୍ୟା ଲାଗିରହିଛି। ଦୀର୍ଘଦିନ ହେବ ପମ୍ପ ହାଉସର ମଟର ଅଚଳ ହୋଇଯାଇଥିବାରୁ ଲୋକେ ପିଇବା ପାଣି ପାଉନାହାନ୍ତି। ଏଥିସହିତ ସୌରଚାଳିତ ନଳକୂପରୁ ମଧ୍ୟ ପାଣି ବାହାରୁନାହିଁ। ଫଳରେ ପାନୀୟ ଜଳ, ରୋଷେଇ, ଗାଧୁଆ ଇତ୍ୟାଦି କାର୍ଯ୍ୟ ପାଇଁ ପାଣିର ଘୋର ସମସ୍ୟା ଦେଖାଦେଇଛି। ସମସ୍ୟା ଅତ୍ୟନ୍ତ ଉତ୍କଟ ହେବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ୱାର୍ଡବାସୀ ବାରମ୍ବାର ଗୁହାରି କରିଥିଲେ ବି କୌଣସି ସୁଫଳ ମିଳିଲା ନାହିଁ। ଯାହାକୁ ନେଇ ସ୍ଥାନୀୟ ୱାର୍ଡବାସୀ ଜାମବଣିଠାରେ ରାସ୍ତା ଅବରୋଧ କରିଥିଲେ। ତେବେ ସମାସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଅଡି ବସିଥିଲେ। ଦୀର୍ଘ ସମୟ ଧରି ଅବରୋଧ ଫଳରେ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ବିଶେଷକରି ଶିମିଳିପାଳ ଭ୍ରମଣରେ ଆସିଥିବା ଓ ଫେରୁଥିବା ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଇଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 13735 + ବ୍ୟାକଲଗ୍ : 456

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CR/2024-25/24 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.12.2024 ରୁ 07.01.2025 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 17.12.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)






### ପିଲାର ନାମ ରଖିବାକୁ ନେଇ ବିବାଦ; କୋର୍ଟ ଗଲେ ଦମ୍ପତି

# ନା' ଦେଇ ଛାଡ଼ପତ୍ର ଅଟକାଇଲେ କୋର୍ଟ



ବେଙ୍ଗାଲୁରୁ, ୨୦।୧୨ (ଏଜେନ୍ସି): ପିଲାଙ୍କ ନାମ ରଖିବା ସବୁଠୁ କାଠିକର ପାଠ। ଏହାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଅସହମତି ଥିଲା। ଆଲୋଚନା ସତ୍ତ୍ୱେ ନାମ ଛିଡ଼ି ପାରି ନ ଥିଲା। ଉଭୟେ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ କଥା କୋର୍ଟ ପର୍ଯ୍ୟନ୍ତ ପହଞ୍ଚି ଥିଲା। ଏହାକୁ ନେଇ ସ୍ୱାମୀଙ୍କଠାରୁ ସ୍ତ୍ରୀ ଛାଡ଼ପତ୍ର ଚାହିଁଥିଲେ। ଭରଣପୋଷଣ ଭତ୍ତା ଦାବି କରିଥିଲେ। ତେବେ କୋର୍ଟ ମାମଲାରେ ହସ୍ତକ୍ଷେପ କରିଥିଲେ। ନିଜେ ସନ୍ତାନର ନାମ ରଖି ବିଚ୍ଛେଦକୁ ଅଟକାଇ ଦେଇଥିଲେ। ଏବେ ସ୍ୱାମୀସ୍ତ୍ରୀ ୩ ବର୍ଷର ପୁଅ ସହିତ ଏକାଠି ରହୁଛନ୍ତି। କର୍ଣ୍ଣାଟକର ଏହି ମାମଲାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ଅନୁଯାୟୀ ୨୦୨୧ରେ ଦମ୍ପତିଙ୍କ ଏକ ପୁତ୍ର ହୋଇଥିଲା। ନାମକୁ ନେଇ ୨୬ ବର୍ଷୀୟ ସ୍ୱାମୀ ଏବଂ ୨୧ ବର୍ଷୀୟ ପତ୍ନୀଙ୍କ ମଧ୍ୟରେ ସହମତି ପ୍ରକାଶ ପାଇ ନ ଥିଲା। ପରେ ପତ୍ନୀ ପୁଅର ନାମ 'ଆଦି' ରଖିଥିଲେ। କିନ୍ତୁ ଏହି ନାମକରଣ ଉତ୍ସବକୁ ପୁଅ ନ ଆସିବାରୁ ବିବାଦ ହୋଇଥିଲା। ଶେଷରେ ପତ୍ନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମହୀଶୂର ସେସନ କୋର୍ଟ ଏଥିରେ ହସ୍ତକ୍ଷେପ କରି ଅନେକ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସ୍ୱାମୀସ୍ତ୍ରୀ ଏହାକୁ ଗ୍ରହଣ କରି ନ ଥିଲେ। ଶେଷରେ ଗତ ସପ୍ତାହରେ ବିଚାରପତି ଉଭୟଙ୍କୁ ଡାକି ସହମତିରେ ଶିଶୁର ନାଁ 'ଆର୍ଯ୍ୟବର୍ଦ୍ଧନ' ରଖିଥିଲେ। ଏବେ ସେମାନେ ନିଜ ଛୁଆକୁ ନେଇ ଏକାଠି ରହୁଥିବା ଜଣାପଡ଼ିଛି।

### ବିଦ୍ୟୁତ ଚୋରି କରି ଧରାପଡ଼ିଲେ ଏସ୍‌ପି ସାଂସଦ

# ୧.୯ କୋଟି ଜୋରିମାନା; ଭଙ୍ଗାଗଲା ବେଆଇନ ନିର୍ମାଣ



ଲକ୍ଷ୍ନୌ, ୨୦।୧୨: ଘରେ ଟିଭି, ଏସି, ଫ୍ୟାନ୍, ଲାଇଟ୍ ସମେତ ଅନେକ ବୈଦ୍ୟୁତିକ ଉପକରଣ ଲାଗିଥିଲା। ୨ କିଲୋୱାଟର ୨ଟି ବିଦ୍ୟୁତ ସଂଯୋଗ ଥିଲା। କିନ୍ତୁ ୬ ମାସ ହେଲା ମିଟର ରିଡିଂ ଶୂନ୍ୟ ଆସୁଥିଲା। ୨ ଦିନ ତଳେ ସ୍ମାର୍ଟ ମିଟର ଲଗାଇବାରୁ ଚୋରି ଧରା ପଡ଼ିଥିଲା। ଘରେ ୧୬ କିଲୋୱାଟର ବିଦ୍ୟୁତ ଚାହିଦା ଥିବା ଜଣାପଡ଼ିଥିଲା। ପୁରୁଣା ମିଟରରେ ଜାଲିଆତି କରି ବିଲ୍‌କୁ ଶୂନ୍ୟ କରାଯାଇଥିବା ଯାଞ୍ଚରୁ ଜଣାପଡ଼ିଥିଲା। କୌଣସି ସାଧାରଣ ଲୋକ ନୁହେଁ, ବର୍ଗ ସମ୍ଭଲର ସମାଜବାଦୀ ପାର୍ଟି (ଏସ୍‌ପି) ସାଂସଦ ଜିଆଉରରହମାନ ବର୍କଙ୍କ ଘରେ ଏଭଳି ବିଦ୍ୟୁତ ଚୋରି କରାଯାଉଥିଲା। ଏହାକୁ ନେଇ ଗୁରୁବାର ତାଙ୍କ ଘରେ ଚଢ଼ଉ କରାଯାଇଥିଲା। ବିଦ୍ୟୁତ ଚୋରି ନେଇ ସାଂସଦ ଏବଂ ଅଧିକାରୀଙ୍କ ସହ ଖରାପ ବ୍ୟବହାର ମାମଲାରେ ତାଙ୍କ ବାପାଙ୍କ ନାମରେ ଏତଲା ଦିଆଯାଇଥିଲା। ଘରର ବିଜୁଳି କାଟି ୧.୯୧ କୋଟି ଟଙ୍କାର ଜୋରିମାନା ଲଗା ଯାଇଥିଲା। ଅନ୍ୟପକ୍ଷରେ ଶୁକ୍ରବାର ବର୍କଙ୍କ ଘରେ ବୁଲ୍‌ଡୋଜର ଚାଲିଛି। ପ୍ରଶାସନ ଏବଂ ପୌରପାଳିକାର ଟିମ୍ ଦ୍ୱିପହରେ ତାଙ୍କ ଘର ବାହାରେ ଥିବା ପାହାଚକୁ ଭାଙ୍ଗି ଦେଇଛି। ୨୪ ଘଣ୍ଟା ମଧ୍ୟରେ ସାଂସଦଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ପଞ୍ଚମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ଭରଣପୋଷଣ ନାମରେ ସମାନ ସମ୍ପତ୍ତି ବାଣ୍ଟିବା ଭୁଲ୍

ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ବଡ଼ ରାୟ ଦେଇଛନ୍ତି। ଭରଣପୋଷଣ ଭତ୍ତା ନାମରେ ସ୍ୱାମୀଙ୍କ ସମ୍ପତ୍ତିକୁ ସମାନ ଭାବେ ବାଣ୍ଟିବା ଭୁଲ୍ ବୋଲି କୋର୍ଟ କହିଛନ୍ତି। ଆର୍ଥିକ ସ୍ଥିତିକୁ ସ୍ୱାମୀଙ୍କ ସମାନ କରିବାକୁ ଏହି ଭତ୍ତା ଉଦ୍ଦିଷ୍ଟ ନୁହେଁ। ଏହା କେବଳ ଜୀବନଯାପନ ସ୍ତରକୁ ଉତ୍ତମ କରିବା ପାଇଁ ଦିଆଯାଇଥାଏ। ମହିଳା ଏଥିପ୍ରତି ସାବଧାନ ରହିବା ଉଚିତ ଯେ ଆଇନ ସେମାନଙ୍କ ମଙ୍ଗଳ ପାଇଁ ରହିଛି। ସ୍ୱାମୀଙ୍କ ଦଣ୍ଡ ଦେବାକୁ, ଧମକାଇବାକୁ, ତାଙ୍କ ଉପରେ ଚାପ ପକାଇ ଜୋର ଜବରଦସ୍ତି ଟଙ୍କା ଆଦାୟ କରିବା ପାଇଁ ଆଇନକୁ ବ୍ୟବହାର କରାଯାଇପାରିବ ନାହିଁ। ଦେଶରେ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ମାମଲାକୁ ନେଇ ଦେଶବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ପଙ୍କଜ ମିତ୍ତଲଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଆତ୍ମହତ୍ୟା ପୂର୍ବରୁ ଅତୁଲ ରାଷ୍ଟ୍ରପତିଙ୍କ ନାମରେ ଭିଡିଓ ବାର୍ତ୍ତା ଜାରି କରିଥିଲେ। ଏଥିରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଇନର ଅପବ୍ୟବହାରକୁ ନେଇ ସେ ପ୍ରଶ୍ନ ଉଠାଇ ଥିଲେ।

**ଆଇନର ଅର୍ଥ ନୁହେଁ ସ୍ୱାମୀଙ୍କ ଠାରୁ ଜବରଦସ୍ତି ଆଦାୟ**

**ଭିକାରୀ ହୋଇଯିବା ପରେ ପୂର୍ବତନ ସ୍ୱାମୀଙ୍କୁ ଅର୍ଥ ଦେବେ କି?**

**ବିବାହକୁ ବ୍ୟବସାୟ ଭାବେ ଦେଖିବା ଅନୁଚିତ**

**ଉତ୍ତମ ବୈବାହିକ ସମ୍ପର୍କ ପରିବାରର ମୂଳଦୁଆ**



ସୁପ୍ରିମକୋର୍ଟରେ ଏକ ଦମ୍ପତି ଛାଡ଼ପତ୍ର ଆବେଦନ କରିଥିଲେ। ଉଭୟଙ୍କ ବିବାହ ୨୦୨୧ରେ ହୋଇଥିଲା। ଏହା ପରେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଯାଇଥିଲା। ମହିଳା ୮୦ ବର୍ଷୀୟ ଶଶୁରଙ୍କ ବିରୋଧରେ ଦୁଷ୍କର୍ମ ଏବଂ ଅପ୍ରାକୃତିକ ଯୌନ ସମ୍ବନ୍ଧ ମାମଲା ରୁଜୁ କରିଥିଲେ। ଏହି ବ୍ୟକ୍ତି ଆମେରିକା ନାଗରିକ ଥିଲେ। ସେ ଆଇଟି କନ୍‌ସଲଟାନ୍ସି ବ୍ୟବସାୟ କରୁଥିଲେ। ଏହି ମାମଲାରେ ପତ୍ନୀ କୋର୍ଟରେ ଦାବି କରିଥିଲେ ଯେ ତାଙ୍କ ସ୍ୱାମୀ ୫ ହଜାର କୋଟି ଟଙ୍କାର ମାଲିକ। ଏହା ସହିତ ଆମେରିକା ଏବଂ ଭାରତରେ ତାଙ୍କର ଅନେକ ସମ୍ପତ୍ତି ରହିଛି। ପୂର୍ବ ପତ୍ନୀଠାରୁ ଅଲଗା ହେବା ସମୟରେ ସେ ୫୦୦ କୋଟି ଟଙ୍କାର ସମ୍ପତ୍ତି ଏବଂ ଭର୍ଜିନିଆରେ ଘର ଦେଇଥିଲେ। ଉଭୟଙ୍କ ସମ୍ବନ୍ଧ ସୁଧୁରି ପାରିବନାହିଁ ବୋଲି ମତ ଦେଇ ସୁପ୍ରିମକୋର୍ଟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଥିଲେ। ପତ୍ନୀଙ୍କୁ ଏକାଥରକେ ମାସେ ଭିତରେ ୧୨ କୋଟି ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଖଣ୍ଡପୀଠ କହିଥିଲେ ଯେ ଭରଣପୋଷଣ ଭତ୍ତା ନାମରେ ସମ୍ପତ୍ତିକୁ ସମାନ ଭାବେ ବଣ୍ଟା ଯାଇପାରିବ ନାହିଁ। ଅନେକ ସମୟରେ ଭରଣପୋଷଣ ଭତ୍ତା ଜନିତ ଆବେଦନରେ ସମ୍ପତ୍ତି ବିଷୟରେ ଖୁଲାସା ହୋଇଥାଏ। ଜୀବନସାଥିର ସମ୍ପତ୍ତି, ସ୍ଥିତି ଏବଂ ଆୟ ବିଷୟରେ ଜଣାପଡ଼ିଥାଏ। ପରେ ପତ୍ନୀ ନିଜ ସ୍ୱାମୀଠାରୁ ଅଧା ସମ୍ପତ୍ତି ଚାହିଁଥାଆନ୍ତି। କୋର୍ଟ ଆବେଦନକାରୀ ମହିଳାଙ୍କୁ ପ୍ରଶ୍ନ କରିଥିଲେ ଯେ ଯଦି ଅଲଗା ହେବା ପରେ ସ୍ୱାମୀ ଭିକାରୀ ହୋଇଯିବେ ତେବେ ସେ କ'ଣ ନିଜ ସମ୍ପତ୍ତିର ସମାନ ହକ୍ ଦେବେ? ଖଣ୍ଡପୀଠ ମତ ଦେଇଥିଲେ ଯେ ହିନ୍ଦୁଙ୍କ ପାଇଁ ବିବାହ ପବିତ୍ର ସଂସ୍କାର ହୋଇଥାଏ। ଏହାକୁ ପରିବାରର ମୂଳଦୁଆ ଧରାଯାଇଥାଏ। ଏହାକୁ ବ୍ୟବସାୟ ଭାବେ ଦେଖିବା ଅନୁଚିତ।

## ଓମ୍ ପ୍ରକାଶ ଚୌତାଲାଙ୍କ ପରଲୋକ



ଗୁରୁଗ୍ରାମ, ୨୦।୧୨ (ଏଜେନ୍ସି): ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲାଙ୍କ ଶୁକ୍ରବାର ପରଲୋକ ହୋଇଛି। ୮୯ ବର୍ଷ ବୟସରେ ଗୁରୁଗ୍ରାମସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୫ ମସିହା ଜାନୁୟାରୀ ୧ ରେ ଜନ୍ମିତ ଓମ୍ ପ୍ରକାଶ ଚୌଧୁରୀ ଦେବୀଲାଲଙ୍କ ପୁତ୍ର ଥିଲେ। ୫ ସନ୍ତାନ ମଧ୍ୟରୁ ଓମ୍‌ପ୍ରକାଶ ସବୁଠୁ ବଡ଼ ଥିଲେ। ବାପା ଚୌଧୁରୀ ଦେବୀଲାଲ ଦେଶର ଷଷ୍ଠ ଉପ-ପ୍ରଧାନମନ୍ତ୍ରୀ ହେବା ପରେ ଓମ ପ୍ରକାଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ଇଣ୍ଡିଆନ ନ୍ୟାସନାଲ ଲୋକଦଳର ଅଧ୍ୟକ୍ଷ ଥିବା ବେଳେ ୫ ଥର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିବା ଓମ୍ ପ୍ରକାଶ ବେଶୀ ପାଠ ପଢ଼ି ନ ଥିଲେ। ଏହା ତାଙ୍କୁ ଖୁବ୍ କଷ୍ଟ ଦେଇଥିଲା। ତେଣୁ ୮୭ ବର୍ଷ ବୟସରରେ ସେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।

## ନୀତୀଶ କୁମାର ପୁଣି ଅସୁସ୍ଥ

ପାଟନା, ୨୦।୧୨ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଅଚାନକ ବିଗିଡ଼ି ଯାଇଛି। ଥଣ୍ଡାକାଶ ସହିତ ତାଙ୍କୁ ଜ୍ୱର ହୋଇଛି। ଏବେ ସେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଆରାମ କରୁଛନ୍ତି। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଯୋଗୁଁ ତାଙ୍କର ସବୁ



କାର୍ଯ୍ୟକ୍ରମକୁ ରଦ୍ଦ କରିଦିଆଯାଇଛି। ଆଜି ପାଟନାରେ ହେଉଥିବା 'ବିହାର ବିଜ୍‌ନେସ୍ କନେକ୍ଟ'ରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥାନ୍ତେ। ଏଠାରେ ଅନେକ ଏମ୍‌ଓୟୁ ସ୍ୱାକ୍ଷର ହେବାର ଥିଲା। କିନ୍ତୁ ଅସୁସ୍ଥତା ଯୋଗୁଁ ସେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରୁନାହାନ୍ତି। ସେ ରାଜଗୀରରେ ସମ୍ରାଟ ଜରାସନ୍ଧ ସ୍ମାରକ ସ୍ମୃତି ପାର୍କ ମଧ୍ୟ ଉଦ୍‌ଘାଟନ କରିବାର ଥିଲା। ଯଦି ସ୍ୱାସ୍ଥ୍ୟାବସ୍ଥା ଭଲ ରହେ ତେବେ ମୁଖ୍ୟମନ୍ତ୍ରୀ 'ବିଜ୍‌ନେସ୍ କନେକ୍ଟ'ରେ ସାମିଲ ହେବେ ବୋଲି କୁହାଯାଉଛି। ଏହା ପୂର୍ବରୁ ଜୁନ୍ ୧୫ରେ ନୀତୀଶଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା।

## ୟୁଗାଣ୍ଡାରେ ବ୍ୟାପୁଛି ଡିଙ୍ଗା-ଡିଙ୍ଗା ଭୂତାଣୁ

କାମ୍ପାଲା, ୨୦।୧୨ (ଏଜେନ୍ସି): ଆଫ୍ରିକୀୟ ଦେଶ ୟୁଗାଣ୍ଡାରେ ଡିଙ୍ଗା-ଡିଙ୍ଗା ଭୂତାଣୁ ବ୍ୟାପିବାରେ ଲାଗିଛି। ଏଥିରେ ୩୦୦ରୁ ଅଧିକ ଲୋକ ସଂକ୍ରମିତ ହେଲେଣି। ଏହା ସର୍ବାଧିକ ମହିଳା ଏବଂ ଶିଶୁଙ୍କୁ ପ୍ରଭାବିତ କରୁଛି। ଏହି ରହସ୍ୟମୟୀ ରୋଗ ୟୁଗାଣ୍ଡାର ବୁନ୍ଦିବଗ୍ୟୋ ଜିଲ୍ଲାରେ ଦ୍ରୁତଗତିରେ ବ୍ୟାପି ଚାଲିଛି। ରିପୋର୍ଟ ଅନୁଯାୟୀ ଏହି ଭୂତାଣରେ ସଂକ୍ରମିତ ଲୋକଙ୍କ ଶରୀରରେ କମ୍ପ ସୃଷ୍ଟି ହୋଇଥାଏ। ଏହା ଏତେ ଜୋରରେ ହୋଇଥାଏ ଯେ ରୋଗୀ ନାଚୁଥିବା ପରି ଦେଖାଯାଏ। ସଂକ୍ରମଣର ପ୍ରଭାବ ଅଧିକ ହେଲେ ରୋଗୀକୁ ପକ୍ଷାଘାତ ହେବାର ସମ୍ଭାବନା ରହିଥାଏ। ଏହି ଭୂତାଣୁ ବିଷୟରେ ପ୍ରଥମ ଥର ପାଇଁ ୨୦୨୩ରେ ଜଣା ପଡ଼ିଥିଲା। ପରେ ୟୁଗାଣ୍ଡା ସରକାର ଏହାର ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ।

## ଦିଲ୍ଲୀ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଦିଲ୍ଲୀ ପ୍ରଦୂଷଣ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଗୁରୁବାର କଡ଼ା ଟିପ୍ପଣୀ ଦେଇଛନ୍ତି। ରାଜଧାନୀର ସ୍ଥିତି ଅତ୍ୟନ୍ତ ବିପଜ୍ଜନକ। କୋର୍ଟରେ ଉଭୟ ପକ୍ଷ ମଧ୍ୟରେ ଟଣାଓଟରା ଚାଲିଲେ କିଛି ହେବ ନାହିଁ। ଏ ଦିଗରେ ପଦକ୍ଷେପ ନେବାକୁ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ। ଏହି ସମୟରେ କଠିନ ବର୍ଜ୍ୟ ପରିଚାଳନା ମାମଲା ମଧ୍ୟ ଉଠା ଯାଇଥିଲା। କୋର୍ଟ ଏହାକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଜଷ୍ଟିସ ଅଭୟ ଏସ ଓକା କହିଥିଲେ ଯେ ଏମସିଡି ଅଞ୍ଚଳରେ ୩ ହଜାର ମେଟ୍ରିକ ଟନ୍ କଠିନ ବର୍ଜ୍ୟକୁ ପରିଚାଳନା କରାଯାଇ ନାହିଁ। ୨୦୨୭ ସୁଦ୍ଧା ଏହା ୬୦୦୦ ମେଟ୍ରିକ ଟନ୍ ହୋଇଯିବ। କୋର୍ଟ ଏ ନେଇ ମୁଖ୍ୟ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ୨୭ ସୁଦ୍ଧା ସତ୍ୟପାଠ ଦାଖଲ କରି କଠିନ ବର୍ଜ୍ୟ ପରିଚାଳନାରେ କେଉଁ ନିୟମ ପାଳନ କରାଯାଇଛି ଏବଂ କେଉଁଟା ହୋଇନି ତାହାର ସୂଚନା ଦେବାକୁ କହିଛନ୍ତି। କୋର୍ଟ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ମଧ୍ୟ କହିଛନ୍ତି। ଦିଲ୍ଲୀରୁ ଦିନକୁ ୩ ହଜାର ଟନ୍ କଠିନ ବର୍ଜ୍ୟ ବାହାରୁଥିବା ଜାଣି ଦୁଃଖ ପ୍ରକାଶ କରିଛନ୍ତି।

# ସଂସଦରେ ଠେଲାପେଲା; ତଦନ୍ତ ଆରମ୍ଭକଲା କ୍ରାଇମ୍‌ବ୍ରାଞ୍ଚ



ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଶୀତ ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ସଂସଦରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସଂସଦ ଭବନ ବାହାରେ ବିରୋଧୀ-ଶାସକ ଦଳର ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଧକ୍କା ଯୋଗୁଁ ବିଜେପିର ଦୁଇ ସାଂସଦ ଆହତ ହେଲେ ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ବିଜେପି ରାହୁଙ୍କ ନାମରେ ଏତଲା ଦେଇଛି। ଏହି ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ଏବେ ଏହାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଏହାର ସ୍ୱତନ୍ତ୍ର ଟିମ୍ ମାମଲାର ତଦନ୍ତ ଆରମ୍ଭ କରିଛି। ବିଜେପି ସଂସଦଙ୍କ ବୟାନ ରେକର୍ଡ କରିବା ପରେ କ୍ରାଇମ୍ ସିନ ରିକ୍ରିଏଟ କରାଯିବ ବୋଲି କୁହାଯାଉଛି। ଏବେ ପୁଲିସ ସିସିଟିଭି ଫୁଟେଜ ଏବଂ ମୋବାଇଲ ଭିଡିଓ ଯାଞ୍ଚ କରିବ। ଏହା ସହିତ କ୍ୟାମେରାରେ କଏଦ ଫୁଟେଜକୁ ପ୍ରମାଣ ଭାବେ ସଂଗ୍ରହ କରାଯିବ। ସଂସଦ ଫୁଟେଜ ସଂଗ୍ରହ କରିବା ପାଇଁ ବାଚସ୍ପତିଙ୍କ ଅନୁମତି ମଧ୍ୟ ନିଆଯିବ। ଯାଞ୍ଚର ପରବର୍ତ୍ତୀ ପର୍ଯ୍ୟାୟରେ ରାହୁଲଙ୍କ ସମେତ ଅନ୍ୟ ସାଂସଦଙ୍କୁ ନୋଟିସ୍ ଜାରି କରାଯାଇପାରେ।

ସୂଚନା ଅନୁଯାୟୀ ବିଜେପିର ଅଭିଯୋଗକ୍ରମେ ଦିଲ୍ଲୀ ପୁଲିସ୍ ରାହୁଲଙ୍କ ନାମରେ ଉଦ୍ଦେଶ୍ୟମୂଳକ ଭାବେ ଗଭୀର ଆଘାତ ଦେବା, ଅନ୍ୟର ଜୀବନ ପ୍ରତି ବିପଦ ସୃଷ୍ଟି କରିବା, ଅପରାଧିକ କାର୍ଯ୍ୟକଳାପ ଦ୍ୱାରା ଭୟଭୀତ କରାଇବା ଭଳି ଗମ୍ଭୀର ଦଫା ଲଗାଇ ମାମଲା କରିଥିଲା। ଗୁରୁବାର ସଂସଦର ମକର ଦ୍ୱାର ନିକଟରେ ଏହି ଘଟଣା ଘଟିଥିଲା। ରାହୁଲଙ୍କ ସମେତ ବିରୋଧୀ ଦଳର ସାଂସଦମାନେ ଲୋକସଭା ଭିତରକୁ ଯାଉଥିଲେ। ଏହି ସମୟରେ ପ୍ରବେଶ ପଥର ପାହାଚରେ ବିଜେପି ସାଂସଦମାନେ ବିକ୍ଷୋଭ କରୁଥିଲେ। ଏହି ଉଭୟ ପକ୍ଷର ସାଂସଦ ମୁହାଁମୁହିଁ ହୋଇଥିଲେ।

## ବିଜେପି ନେତା ସିଟି ରବି ଗିରଫ



ବେଙ୍ଗାଲୁରୁ, ୨୦।୧୨ (ଏଜେନ୍ସି): କର୍ଣ୍ଣାଟକ ବିଜେପି ନେତା ତଥା ଏମ୍‌ଏଲସି ସିଟି ରବିଙ୍କୁ ପୁଲିସ ଶୁକ୍ରବାର ଗିରଫ କରିଛି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଲକ୍ଷ୍ମୀ ହବେଲକରଙ୍କୁ ପ୍ରୋଷ୍ଟିଚ୍ୟୁଟ କହିବା ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଲକ୍ଷ୍ମୀ ଏ ନେଇ ହିରେବାଗିୱାଡ଼ି ଥାନାରେ ଏତଲା ଦେଇଥିଲେ। ପରେ ବିଜେପି ନେତାଙ୍କୁ ଜେରା କରିବାକୁ ଖାନପୁରା ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ତେବେ ସେ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ଏଭଳି କୌଣସି ମନ୍ତବ୍ୟ ସେ ଦେଇନାହାନ୍ତି ବୋଲି କହିଛନ୍ତି। କଂଗ୍ରେସ ନେତା ଏବଂ ପୁଲିସ ତାଙ୍କ ହତ୍ୟା ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରିଛନ୍ତି। ଯଦି ତାଙ୍କ ସହ କିଛି ହୋଇଗଲା ତେବେ କଂଗ୍ରେସ ଏବଂ ପୁଲିସ ଦାୟୀ ରହିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରବିଙ୍କୁ ବେଲଗାଭି ଜିଲ୍ଲା କୋର୍ଟରେ ଉପସ୍ଥାପନ କରାଯାଇଥିଲା। ମାତ୍ର କୋର୍ଟ ତାଙ୍କୁ ବେଙ୍ଗାଲୁରୁର ସ୍ୱତନ୍ତ୍ର ଏମପି-ଏମଏଲଏ କୋର୍ଟରେ ହାଜର କରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଧାର୍ମିକ ଉତ୍ସବରେ ଦଳାଚକଟା; ୩୨ ମୃତ

ଅବୁଜା, ୨୦।୧୨ (ଏଜେନ୍ସି): ନାଇଜେରିଆ ଓୟୋ ରାଜ୍ୟରେ ଇବଦାନ ସ୍ଥିତ ଇସଲାମିକ ହାଇସ୍କୁଲରେ ଚାଲିଥିବା ଧାର୍ମିକ ଉତ୍ସବରେ ବୁଧବାର ଦଳାଚକଟା ହୋଇଛି। ଏଥିରେ ଶିଶୁଙ୍କ ସମେତ ୩୨ ଜଣଙ୍କ ମୃତ୍ୟୁ ହୋଇଛି। ଶତାଧିକ ମଧ୍ୟ ଆହତ ହୋଇଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଆହତ ଶିଶୁଙ୍କୁ ଏକ ଖୋଲା ପଡ଼ିଆକୁ ନିଆଯାଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ ହଜାର ଯୁବ ଗୋଷ୍ଠୀ ଏବଂ ଶିଶୁ ସାମିଲ ହୋଇଥିଲେ। ସମସ୍ତେ ଆକର୍ଷଣୀୟ ଉପହାର ଲୋଭରେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ପୁଲିସ ଆୟୋଜନକାରୀଙ୍କୁ ଗିରଫ କରିଛି। ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ପାର୍ସଲରେ ମୃତଦେହ ପଠାଇ ମହିଳାଙ୍କୁ ଧମକ

ହାଇଦରାବାଦ, ୨୦।୧୨ (ଏଜେନ୍ସି): ଆନ୍ଧ୍ର ପ୍ରଦେଶ ପଶ୍ଚିମ ଗୋଦାବରି ଜିଲ୍ଲା ୟେନଡ଼ାଗଣ୍ଡି ଗ୍ରାମର ମହିଳା ନାଗା ତୁଳସୀଙ୍କ ପାଖକୁ ଏକ ପାର୍ସଲ ଆସିଥିଲା। ପାର୍ସଲ ଭିତରେ ଘରର କିଛି ଉପକରଣ ଥିବ ବୋଲି ଭାବିଥିଲେ। ମାତ୍ର ଏହାକୁ ଖୋଲି ଦେଖିବା ପରେ ମହିଳାଙ୍କ ହୋସ୍ ଉଡ଼ି ଯାଇଥିଲା। ଏହି ବାକ୍ସ ଭିତରେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ମୃତଦେହ ଥିଲା। ଏହା ନିକଟରେ ଏକ ଧମକପୂର୍ଣ୍ଣ ଚିଠି ଥିଲା। ଏଥିରେ ୧.୩ କୋଟି ଟଙ୍କା ତୁରନ୍ତ ଦେବାକୁ ଧମକ ଦିଆଯାଇଥିଲା। ଟଙ୍କା ନ ଦେଲେ ପରିସ୍ଥିତି ଏଭଳି ହେବ ବୋଲି କୁହାଯାଇଥିଲା। ପୁଲିସ ସୂଚନା ଅନୁଯାୟୀ ଗୁରୁବାର ରାତିରେ ମହିଳାଙ୍କ ନିର୍ମାଣାଧୀନ ଘରକୁ ଏକ ଅଟୋରିକ୍ସାରେ ଏହି ପାର୍ସଲ ଆସିଥିଲା। ମହିଳା ଘରେ ଏକାକୀ ରହୁଥିଲେ। ତାଙ୍କ ସ୍ୱାମୀ ୧୦ ବର୍ଷ ତଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ମୃତଦେହ ପାଖରେ ଥିବା ଚିଟିରେ ଲେଖା ଯାଇଥିଲା ଯେ ୨୦୦୮ ରେ ତୁମ ସ୍ୱାମୀ ୩ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏବେ ଏହା ବଢ଼ି ୧.୩୫ କୋଟି ଟଙ୍କାରେ ପହଞ୍ଚି ଗଲାଣି। ଯଦି ପରିବାର ସହ କିଛି ଖରାପ ହେବାକୁ ନ ଚାହୁଁଛ, ତେବେ ସବୁ ଟଙ୍କା ପୈଠ କରିବାକୁ ପଡ଼ିବ।

## ଖାଲି ଫ୍ଲାଟ୍‌କୁ ୨ କୋଟିରେ ବିକ୍ରି

ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଚାଞ୍ଚଲ୍ୟକର ଘଟଣା ସାମ୍‌ନାକୁ ଆସିଛି। ଖାଲି ପଡ଼ିଥିବା ଏକ ଫ୍ଲାଟ୍‌କୁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଠକ ବିକି ଦେଇଛନ୍ତି। ଏ ବାବଦକୁ ୧ କୋଟି ୮୫ ଲକ୍ଷ ଟଙ୍କା ପାଇଛନ୍ତି। ପୁଲିସ ଏହି ମାମଲାରେ ଜଣେ ୭୦ ବର୍ଷୀୟା ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ଜଣେ ଅବସରପ୍ରାପ୍ତ ଅଧିକାରୀ ଦ୍ୱାରକା ଅଞ୍ଚଳରେ ପତ୍ନୀଙ୍କ ସହ ରହୁଥିଲେ। ୫ ବର୍ଷ ତଳେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ପରେ ବୃଦ୍ଧଙ୍କ ପରଲୋକ ଯୋଗୁଁ କିଛି ମାସ ହେଲା ଫ୍ଲାଟ୍‌ଟି ଖାଲି ପଡ଼ିଥିଲା। ଏହା ଜାଣିବା ପରେ ମାଷ୍ଟର ମାଇଣ୍ଡ ପବନଦୀପ, ସରବଜିତ ଓ ତାଙ୍କ ୭୦ ବର୍ଷୀୟ ମା' ରାଜେନ୍ଦ୍ର କୌର ଷଡ଼ଯନ୍ତ୍ର କରିଥିଲେ।

### ଅତୁଲ ସୁଭାଷଙ୍କ ମାଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

# ନାତିର ହେପାଜତ ଦାବି

ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ ସମାନ ଆଇନ ଆଣିବାକୁ ଦାବି କରାଯାଉଛି। ଏହା ମଧ୍ୟରେ ଅତୁଲଙ୍କ ମାଆ ଅଞ୍ଜୁ ମୋଦୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ନାତି ତଥା ଅତୁଲଙ୍କ ସାଢ଼େ ୪ ବର୍ଷର ପୁଅର ହେପାଜତ ମାଗିଛନ୍ତି। ଏହା ସହିତ ନାତି କେଉଁଠି ଅଛି ସେ ତାହା ଜାଣିନାହାନ୍ତି ବୋଲି କହିଛନ୍ତି। ବୋହୂ ନିକିତାଙ୍କୁ ପଚରାଉଚରା କରି ନାତିର ଦାୟିତ୍ୱ ତାଙ୍କୁ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ନାଗେଶ୍ୱର ସିଂହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉତ୍ତର



ପ୍ରଦେଶ, ହରିୟାଣା ଓ କର୍ଣ୍ଣାଟକ ସରକାରଙ୍କୁ ଜବାବ ତଲବ କରିଛନ୍ତି। ୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଅନ୍ୟପକ୍ଷରେ ଗିରଫ ନିକିତା ପୁଲିସକୁ କହିଛନ୍ତି ଯେ ତାଙ୍କ ପୁଅ ଏବେ ହରିୟାଣାର ଫରିଦାବାଦ ସ୍ଥିତ ଏକ ବୋର୍ଡିଂ ସ୍କୁଲରେ ପଢୁଛି। ବଡ଼ବାପା ସୁଶୀଲ ସିଂଘାନିଆ ପୁଅର ଦାୟିତ୍ୱ ନେଉଛନ୍ତି। ତେବେ ପୁଅ ବିଷୟରେ କିଛି ଜାଣି ନ ଥିବା ସୁଶୀଲ ପୁଲିସକୁ କହିଛନ୍ତି। ଏବେ ନିକିତା, ତାଙ୍କ ଭାଇ ଓ ମାଆ ପୁଲିସ ହେପାଜତରେ ଅଛନ୍ତି। ଏପରି ସ୍ଥିତିରେ ପୁଅ କାହା ପାଖରେ ଅଛି ବୋଲି ପ୍ରଶ୍ନ ଉଠୁଛି। ଗିରଫ ପୂର୍ବରୁ ନିକିତା ପୁଅକୁ କାହା ପାଖରେ ଛାଡ଼ିଛନ୍ତି ନା କେଉଁଠି ଲୁଚାଇ ରଖିଛନ୍ତି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

### ଆଇଟି ଟିମ୍‌କୁ ସଫଳତା

# କାର୍‌ରୁ ମିଳିଲା ୫୨ କେଜି ସୁନା, ୧୧ କୋଟି ଟଙ୍କା



ଭୋପାଳ, ୨୦।୧୨ (ଏଜେନ୍ସି): ଆୟକର ବିଭାଗ (ଆଇଟି) କୁ ବଡ଼ ସଫଳତା ମିଳିଛି। ଗୁରୁବାର ରାତିରେ ଆଇଟି ଟିମ୍ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳର ମେନ୍ଦୋରୀ ଜଙ୍ଗଲରେ ଚଢ଼ଉ କରିଛି। ଏଠାରେ ଥିବା ଏକ କାର୍‌ରୁ ୫୨ କେଜି ସୁନା ଏବଂ ନଗଦ ୧୦ କୋଟି ଟଙ୍କା ଜବତ କରାଯାଇଛି। ଏହି ସୁନାର ମୂଲ୍ୟ ପ୍ରାୟ ୪୦ କୋଟି ୪୭ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ତେବେ ଏହି ସୁନା ଏବଂ ଟଙ୍କା କାହାର ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ମଧ୍ୟପ୍ରଦେଶର ରିୟଲ ଇଷ୍ଟେଟ ବ୍ୟବସାୟୀଙ୍କ ଉପରେ ଆୟକର ବିଭାଗ ଚଢ଼ଉ ଜାରି ରଖିଥିବାବେଳେ ଏହି ସଫଳତା ମିଳିଛି। ଦୁଇ ଦିନ ହେଲା ଭୋପାଳ ଏବଂ ଇନ୍ଦୋରର ୫୧ ଠିକଣା ଉପରେ ଆଇଟି ଟିମ୍ ଚଢ଼ଉ କଲାଣି। ଏହି ଟଙ୍କା ଏବଂ ସୁନାର ଲିଙ୍କ୍ ବିଲ୍ଡର୍ସ ତଥା ଆରଟିଓର ପୂର୍ବତନ କନଷ୍ଟେବଲ ସୌରଭ ଶର୍ମାଙ୍କ ସହ ଜଡ଼ିତ ଅଛି କି ନାହିଁ ତାହାର ଯାଞ୍ଚ କରାଯାଉଛି। ସୁନା ଏବଂ ଟଙ୍କା ଥିବା କାର୍‌ଟି ଚେତନ ଗୌର ନାମକ ବ୍ୟକ୍ତିଙ୍କର। ସେ ସୌରଭଙ୍କ ବନ୍ଧୁ। ଏ ବିଷୟରେ ପଚାରିବାରୁ ଚେତନ କିଛି ଜାଣି ନ ଥିବା କହିଥିଲେ।

**ଆରଟିଓର ପୂର୍ବତନ କନଷ୍ଟେବଲଙ୍କ ଘରେ ଚଢ଼ଉ**

**୨.୫ କୋଟି ଟଙ୍କା; ୪୦ କେଜି ଅଳଙ୍କାର ଜବତ**

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜଙ୍ଗଲରେ ଥିବା ଏକ କାର୍‌ରେ ଟଙ୍କା ରହିଛି ବୋଲି ଗୁଇନ୍ଦା ସୂଚନା ମିଳିଥିଲା। ଏହାକୁ କେଉଁଆଡ଼େ ନିଆଯାଉଥିଲା। ଆଇଟି ଟିମ୍ ପହଞ୍ଚିବା ପୂର୍ବରୁ ଏହି ଇନୋଭା କାର୍ ନିକଟରେ ୩୦ ଗାଡ଼ି ଏବଂ ୧୦୦ ପୁଲିସ କର୍ମଚାରୀ ରହିଥିଲେ। ଅଧିକାରୀ ଏମାନଙ୍କୁ ଦେଖି ଭୟଭୀତ ହୋଇ ଯାଇଥିଲେ। କେହି ଜାଣିଶୁଣି ଫସାଇବା ପାଇଁ ଏପରି କରୁଥିବା ଆଶଙ୍କା କରିଥିଲେ। ମାତ୍ର ତଲାସୀ ଅଭିଯାନ ପରେ ଏକ୍ ବ୍ୟାଗରୁ ସୁନା ଏବଂ ଟଙ୍କା ମିଳିଥିଲା। ଏହା ଦେଖି ଅଧିକାରୀ ଚକିତ ହୋଇଯାଇଥିଲେ। ଏହି ଚଢ଼ଉ ଲୋକାୟୁକ୍ତ ଏବଂ ଆୟକର ବିଭାଗର ମିଳିତ କାର୍ଯ୍ୟାନୁଷ୍ଠାନରେ ଅଂଶ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ସୌରଭଙ୍କ ଘର ଏବଂ ଅଫିସରେ ଚଢ଼ଉ କରାଯାଇଥିଲା। ଏଠାରୁ ୨.୫ କୋଟି ଟଙ୍କା ଏବଂ ୪୦ କେଜିର ସୁନାରୁପା ଅଳଙ୍କାର ଜବତ କରାଗଲାଣି। ଚଢ଼ଉ ଏବେ ବି ଜାରି ରହିଛି।

# ଏକାଦଶ ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣର ଶୁଭାରମ୍ଭ



ବାଲେଶ୍ୱର, ୨୦।୧୨(ସମିସ): ବାଲେଶ୍ୱର ସହରରେ ଆଜିଠାରୁ ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣ ସପ୍ତାହର ଗତକାଲିଠାରୁ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ପାରାୟଣ ସପ୍ତାହ ଏକାଦଶ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ହେଉଥିବା ଏହି ପାରାୟଣ ସପ୍ତାହରେ ୩୫୦ରୁ ଊର୍ଦ୍ଧ୍ୱ ସାଇଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସର୍ଭାଣ୍ଟସ ସୋସାଇଟି ଟ୍ରଷ୍ଟର ଅଧ୍ୟକ୍ଷ ତଥା ଶ୍ରୀସାଇ ସତ୍‌ଚରିତ ଗ୍ରନ୍ଥର ଓଡ଼ିଆ ଅନୁବାଦକ ସତ୍ୟ ଖଡ୍‌ଗରାୟ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପାରାୟଣ ପରିଚାଳନା କରିଥିଲେ। ଆଜି ପ୍ରଥମ ଦିନରେ ଗୋପାଳଗାଁସ୍ଥିତ ଶିରିଡ଼ି ସାଇ ମନ୍ଦିରରୁ ପୋଥି ଶୋଭାଯାତ୍ରା ବାହାରି ପାରାୟଣ ମଣ୍ଡପରେ ପହଞ୍ଚିଥିଲା। ଏହାପରେ ବିଧିମୁତାବକ ପୂଜାର୍ଚ୍ଚନା ପରେ ପାରାୟଣ ଆରମ୍ଭ ହୋଇଥିଲା। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀଗୁରୁ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା।

# ଶିମିଳିପାଳରୁ ପୁଣି ୬ ଶିକାରୀ ଗିରଫ

ବାରିପଦା, ୨୦।୧୨(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ପୁଣି ୬ଶିକାରୀ ଧରାପଡ଼ିଛନ୍ତି। ସମସ୍ତ ଶିକାରୀ ଉଦଳା ଥାନା ଅନ୍ତର୍ଗତ ବାଣିଆଦରା ଗ୍ରାମର। ସେମାନଙ୍କଠାରୁ ୫ଟି ବନ୍ଧୁକ, ବାରୁଦ, ଲୁହା ଗୁଣ୍ଡି ଏବଂ ମାରଣାସ୍ତ୍ର ଜବତ ହୋଇଛି। ଏମାନେ ମାରଣାସ୍ତ୍ର ଧରି ଅଭୟାରଣ୍ୟର କୋର୍ ଅଞ୍ଚଳକୁ ପଶିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ୍ ହୋଇଥିଲା। ଏହାକୁ ଆଧାର କରି ସେମାନଙ୍କୁ ଧରାଯାଇଥିଲା। ଅପରପକ୍ଷେ, ଗିରଫ ଶିକାରୀଙ୍କ ମଧ୍ୟରୁ ୪ ଜଣଙ୍କୁ ବନବିଭାଗ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ସେମାନେ ହେଲେ, ସନ୍ତୋଷ ଭକ୍ତା(୨୮), ବିଶ୍ୱନାଥ ଭକ୍ତା(୨୫), ସନ୍ତୋଷ ଭକ୍ତା(୫୦) ଓ ସିମନାଥ ଭକ୍ତା (୩୦)।

# ଦେବେନ୍ଦ୍ର ସୂତାରଙ୍କୁ ଡାକ୍ତର ନରେନ୍ଦ୍ର ଦଭୋଲେକର ସ୍ମାରକୀ ଜାତୀୟ ପୁରସ୍କାର



ଭୁବନେଶ୍ୱର,୨୦।୧୨(ସମିସ): ଓଡ଼ିଶାର ବିଶିଷ୍ଟ ସମାଜ ସଂସ୍କାରକ ଦେବେନ୍ଦ୍ର ସୂତାର ପାଇବେ 'ଡାକ୍ତର ନରେନ୍ଦ୍ର ଦଭୋଲେକର ସ୍ମାରକୀ ଜାତୀୟ ପୁରସ୍କାର'। ବର୍ଷ ୨୦୨୪ ପାଇଁ ତାଙ୍କ ନାମ ଘୋଷଣା କରାଯାଇଛି। ପୁଣେ ସହରର ଏସ୍.ଏମ୍.ଯୋଶୀ ଅଡିଟୋରିୟମ୍‌ଠାରେ ଆସନ୍ତା ଜାନୁଆରୀ ୧୮ ତାରିଖରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପୁରସ୍କାର ସ୍ୱରୂପ, ତାଙ୍କୁ ୧ ଲକ୍ଷ ଟଙ୍କା ସହ ସ୍ମାରକପତ୍ର ପ୍ରଦାନ କରାଯିବ। ସମାଜ ସଂସ୍କାର କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆମେରିକାରେ ଅବସ୍ଥାପିତ ମହାରାଷ୍ଟ୍ର ଫାଉଣ୍ଡେସନ୍ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଓଡ଼ିଶାରେ ଡାହାଣୀ ହତ୍ୟା ନିରୋଧ ଆଇନ ଆଣିବା ଏବଂ ଏଥିପାଇଁ ସଚେତନତା ସୃଷ୍ଟି କରିବା, ବାସନ୍ଦପ୍ରଥାର ବିରୋଧ, ମୃତ୍ୟୁ ପରେ ଶରୀରଦାନ, ନରବଳି, ସାମାଜିକ ନ୍ୟାୟ, ଚେଙ୍କ ଚିକିତ୍ସା ଆଦି କୁ-ସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ଶ୍ରୀ ସୂତାର ଦୀର୍ଘ ୪୦ ବର୍ଷ ଧରି ତାଙ୍କର ନିରବଚ୍ଛିନ୍ନ ଭାବେ ସଂଗ୍ରାମ ଜାରି ରଖିଛନ୍ତି। ଏହାବ୍ୟତୀତ ୨୦ ବର୍ଷ ଧରି ବୈଜ୍ଞାନିକ ଚର୍ଚ୍ଚା ନାମରେ ଏକ ପତ୍ରିକା ଜରିଆରେ ରାଜ୍ୟରେ ବୈଜ୍ଞାନିକ ଚେତନା ପ୍ରସାର କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, କୁ-ସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ବୈଜ୍ଞାନିକ ମାନସିକତା ପ୍ରସାର ପାଇଁ କାମ କରୁଥିବା କେରଳ ଶାସ୍ତ୍ର ସାହିତ୍ୟ ପରିଷଦ, ଅଲ୍ ଇଣ୍ଡିଆ ପିପୁଲ୍ସ ସାଇନ୍ସ ନେଟ୍‌ୱର୍କ ଭଳି ସଂଗଠନ ଏବଂ ତାମିଲନାଡୁ ପେରିୟାର୍ ମାନିଆମାଇ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଚାନସେଲର୍ ବିଶିଷ୍ଟ ସଂସ୍କାରକ ଡ. କେ. ବିରମଣିଙ୍କ ପରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ପୂର୍ବରୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି।

# ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍‌ର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୦।୧୨(ସମିସ): ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍‌ର ଅଷ୍ଟମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରପର୍ସନ ରାଜଶ୍ରୀ ବିର୍ଲା ଯୋଗଦେଇ ଭଗବତ ଗୀତା ଓ ଯୋଗ ଶିକ୍ଷା ଜୀବନରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷା ପରାମର୍ଶଦାତା ଡ. ପଲ୍ ପୁତ୍ତୁସେରୀ ଯୋଗଦେଇ ପ୍ରତିଷ୍ଠା ଦିବସକୁ ଉତ୍ସବ ନୁହେଁ; ଭବିଷ୍ୟତ ଗଢ଼ିବା ପାଇଁ ଏକ ପ୍ରତିବଦ୍ଧତାର ଦିନ ବୋଲି କହିଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପ୍ ଶିକ୍ଷା ବିଭାଗ ଉପଦେଷ୍ଟା ଡଃ ଏସ୍ ଗାଙ୍ଗୁଲି ପରିବାରର ଚିନ୍ତାଧାରାକୁ ପିଲାମାନେ ଶିକ୍ଷାଲାଭ କରିବା ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିବାବେଳେ ମେଣ୍ଟର ଡାଫ୍‌ନୀ ଅଙ୍ଗର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ରାଟ ଅଶୋକଙ୍କ ପରିବର୍ତ୍ତନଶୀଳ ଜୀବନୀକୁ ନେଇ ଉପସ୍ଥାପିତ ନାଟକ 'ସମ୍ରାଟ ଅଶୋକ' ସମସ୍ତଙ୍କୁ ମୁଗ୍ଧ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧ ଜୀବନ୍ତ...

ଏହି ଦୁର୍ଘଟଣା ଏତେ ଭୟାବହ ଥିଲା ଟ୍ୟାଙ୍କର ୫ଟି ନୋଜଲ ଭାଙ୍ଗି ଯାଇଥିଲା। ଏଥିଯୋଗୁଁ ୧୮ ଟନ୍ ଗ୍ୟାସ୍ ଲିକ୍ ହୋଇଥିଲା। ଏଲ୍‌ପିଜିର ବାଦଲ ସାରା ଅଞ୍ଚଳକୁ ଘେରି ନେଇଥିଲା। କିଛି ସେକେଣ୍ଡ ମଧ୍ୟରେ ନିଆଁ ଲାଗି ଯାଇଥିଲା। ପରେ ଘଣ୍ଟାଏ ପର୍ଯ୍ୟନ୍ତ ବିସ୍ଫୋରଣ ହୋଇଥିଲା। ୨୦୦ ଫୁଟ ଉଚ୍ଚକୁ ଏହାର ଧାସ ଉଠି ଥିଲା। ଦେଢ଼ କିମି ପର୍ଯ୍ୟନ୍ତ ଶବ୍ଦ ଶୁଭି ଥିଲା। ଆଖପାଖର ଘରଦ୍ୱାର ପୋଡ଼ି ଯାଇଥିଲା। ୪୦୦ ମିଟର ପର୍ଯ୍ୟନ୍ତ ଆକାଶରେ ଉଡୁଥିବା ଅନେକ ପକ୍ଷୀ ଜଳି ଯାଇଥିଲେ। ବାଇକରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ମୁଣ୍ଡରେ ବି ନିଆଁ ଲାଗି ଯାଇଥିଲା। ରାଜପଥ ମୃତ୍ୟୁଯନ୍ତା ପାଲଟି ଯାଇଥିଲା। ଏହା ଯୁଦ୍ଧକ୍ଷେତ୍ର ପରି ଦେଖା ଯାଉଥିଲା। ନିଆଁରେ ସବୁ କିଛି ଜଳୁଥିବା ଦେଖି ଲୋକେ ଜୀବନ ବିକଳରେ ପୋଷାକ ଖୋଲି ଦୌଡ଼ି ଥିଲେ। ଆଉ କେହି ବାହାରିବାକୁ ସୁଯୋଗ ନ ପାଇ ଜିଅନ୍ତା ଜଳି ଯାଇଥିଲେ। ଏହି ଦୁର୍ଘଟଣାର ଭିଡିଓ ଫୁଟେଜ ଭାଇରାଲ ହେବାରେ ଲାଗିଛି। ଏଥିରେ କିଛି ସେକେଣ୍ଡ ପର୍ଯ୍ୟନ୍ତ ଗ୍ୟାସ୍ ଲିକ୍ ହେଉଥିବା ଦେଖାଯାଉଛି। ଦୁର୍ଘଟଣା ପରେ ଦମକଳ ବାହିନୀ, ପୁଲିସ ଏବଂ ଅନ୍ୟ ଉଦ୍ଧାରକାରୀ ଦଳଙ୍କ ୩୦ରୁ ଅଧିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣାର ୬ ଘଣ୍ଟା ପର୍ଯ୍ୟନ୍ତ ଆଖପାଖର ଲୋକଙ୍କ ଆଖିରେ ଜଳାପୋଡ଼ା ହୋଇଥିଲା। ତେବେ ଶହେ ମିଟର ଦୂରରେ ଥିବା ଅଶୋଧିତ ଗ୍ୟାସ୍ ପାଇପ୍ ଲାଇନ ସୁରକ୍ଷିତ ରହିଛି।

ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ସହ କଥା ହୋଇଛନ୍ତି। ଦୁର୍ଘଟଣାର କାରଣ ଯାଞ୍ଚ କରି ପୀଡ଼ିତଙ୍କୁ ଯଥାସମ୍ଭବ ସହାୟତା ଦେବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ନିମନ୍ତେ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ ଟ୍ୟାଙ୍କର ପଛରେ ଥିବା ଏକ ସ୍ଲିପର ବସ୍ ଏବଂ ରାସ୍ତାକଡ଼ରେ ଥିବା ଏକ ପାଇପ୍ କାରଖାନା ମଧ୍ୟ ଜଳି ଯାଇଛି। ଦୁର୍ଘଟଣା ଯୋଗୁଁ ବସ୍‌ର କବାଟ ଟ୍ରକକୁ ଲାଗି ରହି ଯାଇଥିଲା। ଏଥିପାଇଁ ୩୪ ଯାତ୍ରୀଙ୍କୁ ବାହାରିବାକୁ ସ୍ଥାନ ମିଳି ନ ଥିଲା। ଅତି କଷ୍ଟରେ ଡ୍ରାଇଭର ସିଟ୍ ଦେଇ ଲୋକଙ୍କୁ ବାହାର କରାଯାଇଥିଲା। ଏହି ବସ୍‌ରେ ଯାଉଥିବା ୧୯ ଯାତ୍ରୀ ନିଆଁରେ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛନ୍ତି। ନିଆଁ ଲିଭାଇବା ପରେ ଅନେକ ମୃତଦେହକୁ ହସ୍ପିଟାଲକୁ ନିଆଯାଇଛି।

### କ୍ଷେତରେ ଭିଜିଲା...

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ୨-୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି।

ଆଜି ସୁନ୍ଦରଗଡ଼ ଓ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିବ ନେଇ ପୂର୍ବାନୁମାନ କରାଯାଇଥିବା ବେଳେ ଝାରସୁଗୁଡ଼ା, ବୌଦ୍ଧ ଓ ଜଗତସିଂହପୁରରେ ୧୪, ବାରିପଦା, ନୂଆପଡ଼ା, ଫୁଲବାଣୀ ଓ କୋରାପୁଟରେ ୧୫, କେନ୍ଦୁଝରର ଓ ଅନୁଗୋଳରେ ୧୬, ଭଦ୍ରକ, କେନ୍ଦ୍ରାପଡ଼ା, ଦେବଗଡ଼, ବରଗଡ଼ ଓ ବାଲେଶ୍ୱର ୧୭, କଟକ, ଢେଙ୍କାନାଳ, ଯାଜପୁର, କଟକ, ନୟାଗଡ଼, ଟିଟିଲାଗଡ଼, ଭବାନୀପାଟଣା, ଖୋର୍ଦ୍ଧା ଓ ବଲାଙ୍ଗିରରେ ୧୮ ଡିଗ୍ରୀ ସେଲ୍‌ସିୟସ ରହିପାରେ। ସେହିଭଳି ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିପାରେ। ଗତ ୨୪ ଘଣ୍ଟା ଭିତରେ ସୁନ୍ଦରଗଡ଼ରେ ସବୁଠୁ ଅଧିକ ଶୀତ ଅନୁଭୂତ ହୋଇଛି। ସେଠି ସର୍ବନିମ୍ନ ତାପମାତ୍ରା ୧୦.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ବିବାଦ ଓ ହଙ୍ଗାମାରେ...

କମିଟି ଲୋକସଭାରେ ରିପୋର୍ଟ ଉପସ୍ଥାପନ କରିବେ। ଅଧିବେଶନ ପ୍ରାରମ୍ଭରେ ଆଦାନୀ ପ୍ରସଙ୍ଗକୁ ନେଇ ହଙ୍ଗାମା ହୋଇଥିଲା। ପରେ ବିରୋଧୀ ମଣିପୁର, ଚାଷୀ ସମସ୍ୟା ଉଠାଇ ଥିଲେ। ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ଆମ୍ବେଦକରଙ୍କ ପ୍ରସଙ୍ଗରେ ବିରୋଧୀ-ଶାସକ ସଦସ୍ୟ ଧସ୍ତାଧସ୍ତି ହୋଇଥିଲେ। ଏଥିରେ ଦୁଇ ବିଜେପି ସାଂସଦ ଆହତ ହୋଇଛନ୍ତି। ରାହୁଲ ଧକ୍କା ଦେଇଥିବା ଅଭିଯୋଗ ଲାଗିଛି। ତାଙ୍କ ବିରୋଧରେ ଏତଲା ରୁଜୁ ହୋଇଛି।

### ନଥିରେ ଅଟକିଛି...

କରିବା ପାଇଁ ଘୋଷଣା କରାଯାଇଥିଲା। ଏଥିରୁ ଗୋଟିଏ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଥିଲା। ସେହିପରି ନ୍ୟାସନାଲ ୱାଟରୱେ-୫ ଅଧୀନରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବିରୂପା, ବୁଢ଼ାବଳଙ୍ଗ ଏବଂ ସୁବର୍ଣ୍ଣରେଖା ନଦୀକୁ ସଂଯୋଗ କରିବା ଲାଗି ୨୦୧୯ରେ ଟେକ୍ନୋ-ଇକୋନୋମିକ୍ ଫିଜିବିଲିଟି ଅଧ୍ୟୟନ କରାଯାଇଥିଲା। ମହାନଦୀରେ ପାରାଦ୍ୱୀପ ବନ୍ଦରରୁ ସମ୍ବଲପୁର ମଧ୍ୟରେ (୪୨୫ କିମି) ଜଳପଥର ବିକାଶ ଲକ୍ଷ୍ୟରେ ନ୍ୟାସନାଲ ୱାଟରୱେଜ୍‌ରେ ସ୍ଥାନ ମିଳିଛି। ସେହିପରି ପାରାଦ୍ୱୀପ ବନ୍ଦରରୁ ଜୋବ୍ରା ବ୍ୟାରେଜ୍ (୯୮କିମି) ପ୍ରକଳ୍ପ ଉପାଦେୟ ବୋଲି କୁହାଯାଇଥିଲା। କିଛି କ୍ଷେତ୍ରରେ ପ୍ରକଳ୍ପ ଡିପିଆର ପର୍ଯ୍ୟନ୍ତ ବି ଯାଇଥିଲା। ଇତିମଧ୍ୟରେ ବର୍ଷ ପରେ ବର୍ଷ ବିତିଛି ଓ ୨୦୨୪ ଶେଷ ହେବାକୁ ବସିଲାଣି; ମାତ୍ର ଓଡ଼ିଶାରେ ଜାତୀୟ ଜଳପଥ ପ୍ରକଳ୍ପ ନୈରାଶ୍ୟଜନକ ସ୍ଥିତି ଦେଇ ଗତି କରୁଛି। ସଂସଦରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ତିନି ପର୍ଯ୍ୟାୟ ମଧ୍ୟରୁ ଗୋଟିଏ ପର୍ଯ୍ୟାୟ ଧାମରା-ପାରାଦ୍ୱୀପ (ଭାୟା ମଙ୍ଗଳାଗଡ଼ି-ପଙ୍କପାଳ) ୨୩୩ କିଲୋମିଟର କାର୍ଯ୍ୟ ଅଧା ବି ହୋଇ ପାରିନାହିଁ। ଦେଶର ମୋଟ ୧୪ଟି ଜଳପଥ ପ୍ରକଳ୍ପର ହାରାହାରି କାର୍ଯ୍ୟ ୪୭.୮୪% ହୋଇଥିବା ସେ ଉଲ୍ଲେଖ କରିଥିଲେ ହେଁ ଜାତୀୟ ଜଳପଥ-୫ର ବାସ୍ତବିକ ଅଗ୍ରଗତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ନିରବତା ଅବଲମ୍ବନ କରିଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ପୂରଣ କରିବା ପାଇଁ ସଡ଼କ ପଥ ଓ ରେଳପଥ ଉପରେ ପ୍ରବଳ ଚାପ ପଡୁଛି। ଇନ୍ଧନ ଓ ସମୟର ଅପଚୟ, ରାସ୍ତାରେ ଟ୍ରାଫିକ୍ ଭଳି ସମସ୍ୟାର ସମାଧାନ ଦିଗରେ ଜଳପଥରେ ପରିବହନ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ବର୍ଷ ବର୍ଷ ଧରି ପ୍ରକଳ୍ପ ଶୀତଳଭଣ୍ଡାରରେ ପଡିରହିବା କାରଣରୁ ଏହାର କାର୍ଯ୍ୟାନ୍ୱୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିଳ୍ପାୟନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରୁଥିବା ଓଡ଼ିଶା ପାଇଁ ଉତ୍ତମ ପରିବହନ ବ୍ୟବସ୍ଥା ଏକାନ୍ତ ଅପରିହାର୍ଯ୍ୟ; କିନ୍ତୁ କେନ୍ଦ୍ର ସରକାରଙ୍କର ଜଳପଥ ପ୍ରକଳ୍ପ ତ୍ୱରାନ୍ୱିତ ନ ହେବା ଚିନ୍ତା ଉଦ୍ରେକ କରଛି। ଚିହ୍ନିତ ହୋଇଥିବା ପ୍ରକଳ୍ପର ଅଗ୍ରଗତି ବିଳମ୍ବ ହେଉଥିବାରୁ ବିଜେଡି ସରକାର ନିଜେ ଏହି ପ୍ରକଳ୍ପ କାର୍ଯ୍ୟ ହାତକୁ ନେବାକୁ ଯୋଜନା କରିଥିଲେ। ୨୦୨୨ ନଭେମ୍ବର ମାସରେ ରାଜ୍ୟ କ୍ୟାବିନେଟ ପାରିତ କରିଥିବା 'ଓଡ଼ିଶା ବନ୍ଦର ନୀତି-୨୦୨୩' ଅନୁସାରେ ଜଳପଥ ସଂଯୋଗ ପ୍ରକଳ୍ପ ହାତକୁ ନେବା ପାଇଁ ଯୋଜନା କରାଯାଇଥିଲା। ଓଡ଼ିଶା ମାରିଟାଇମ୍ ବୋର୍ଡ ପକ୍ଷରୁ 'ଓଡ଼ିଶା ମାରିଟାଇମ୍ ପ୍ରୋସପେକ୍ଟିଭ୍ ପ୍ଲାନ୍' (ଓଏମ୍‌ପିପି) ପ୍ରସ୍ତୁତ ନିମନ୍ତେ ବ୍ୟବସ୍ଥା ହୋଇଥିଲା। ସମୁଦ୍ର ଭିତ୍ତିକ କାରବାର, ଭିତ୍ତିଭୂମି ଉନ୍ନୟନ, ଦକ୍ଷତା ବିକାଶ ଲକ୍ଷ୍ୟରେ ଓଡ଼ିଶା ମାରିଟାଇମ୍ ବୋର୍ଡ (ଓଏମ୍‌ବି) ପକ୍ଷରୁ ଆବଶ୍ୟକସ୍ଥଳେ ବନ୍ଦର ନୀତି ଅନୁସାରେ ଇନ୍‌ଲ୍ୟାଣ୍ଡ ୱାଟର୍‌ୱେଜ୍ ପ୍ରକଳ୍ପ ହାତକୁ ନେବା ପାଇଁ ଯୋଜନା ହୋଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏହା ଅଟକି ରହିଛି। ମୋଟାମୋଟି ଭାବରେ କହିବାକୁ ଗଲେ, ଏକପକ୍ଷରେ କେନ୍ଦ୍ର ସରକାର ଓଡ଼ିଶାର ଜଳପଥ ବିକାଶକୁ ଅଣଦେଖା କରି ଚାଲିଛନ୍ତି, ଅନ୍ୟପକ୍ଷରେ ରାଜ୍ୟର ନୂଆ ସରକାର ଏ ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି।

### ଜେପିସିରେ ଓଡ଼ିଶାରୁ...

ହୋଇ ନ ଥିଲା। ଶେଷରେ ବିଲ୍‌ର ଅଧିକ ତର୍ଜମା ନିମନ୍ତେ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଲୋକସଭା ଓ ରାଜ୍ୟସଭାର ୩୯ ଜଣ ସଂସଦଙ୍କୁ ନେଇ ସରକାର ଯୁଗ୍ମ ସଂସଦୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ, ମନୀଷ ତିୱାରୀ, ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ସହ ହରିଶ ବାଲଯୋଗୀ, ଶ୍ରୀକାନ୍ତ ଏକନାଥ ସିନ୍ଧେ, ଚନ୍ଦନ ଚୈହ୍ୱାନ, ବିଷ୍ଣୁ ଦୟାଲ ରାମ, ପୁରୁଷୋତ୍ତମ ଭାଇ ରୂପାଲା, ଅନୁରାଗ ଠାକୁରଙ୍କ ସହ ଓଡ଼ିଶାର ଭର୍ତ୍ତୃହରି ମହତାବ, ବୈଜୟନ୍ତ ପଣ୍ଡା ଓ ସମ୍ବିତ ପାତ୍ର ଙ୍କ ସହ ମୋଟ ୨୭ ଜଣ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ଆଜି ରାଜ୍ୟସଭାର ୧୨ ଜଣ ସାଂସଦଙ୍କ ନାମ ଜେପିସିରେ ସାମିଲ କରାଯାଇଛି।

ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ସହ ଘନଶ୍ୟାମ ତିୱାରୀ, ଭୁବନେଶ୍ୱର କଳିତା, ଡ଼ କେ ଲକ୍ଷ୍ମଣ, କବିତା ପଟ୍ଟିଦାର, ସଞ୍ଜୟ ଝା, ରଣଦୀପ ସିଂ ସୂର୍ଯ୍ୟେୱାଲା, ମୁକୁଲ ବାଲକ୍ରିଷ୍ଣା ୱାସନିକ, ସାକେତ ଗୋଖଲେ, ପି ୱିଲସନ୍, ସଞ୍ଜୟ ସିଂ ଏବଂ ଭି ବିଜୟସାଇ ରେଡ୍ଡୀ ଏହି କମିଟିରେ ସ୍ଥାନ ପାଇଛନ୍ତି। ଏଥିପାଇଁ ଶ୍ରୀ ମଙ୍ଗରାଜ ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ ନିମନ୍ତେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ହାଇୱା-ବାଇକ୍...

ଯାତାୟାତ ପୂରା ଠପ୍ ହୋଇଯାଇଛି। ହେମଗିରି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଏମସିଏଲ୍ ଦୀର୍ଘ ୨୭ବର୍ଷ ଧରି କୋଇଲା ପରିବହନ କରିଆସୁଛି। କୋଇଲା ବୋଝେଇ ଭାରୀଯାନଗୁଡ଼ିକ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଅଞ୍ଚଳବାସୀ ଏହା ବିରୋଧରେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ।

### ଉତ୍ତର ପ୍ରଦେଶ ଭରସାରେ...

ଆଳୁ କ୍ୱିଣ୍ଟାଲ୍ ପିଛା ୫ଶହ ଟଙ୍କା କମ୍‌ରେ ମିଳୁଛି। ତେଣୁ ପଶ୍ଚିମବଙ୍ଗରୁ ଆମଦାନୀ ସଂପୂର୍ଣ୍ଣ ବନ୍ଦ କରି ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଆଳୁ ଆମଦାନୀ ପାଇଁ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି।

ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ଆଳୁକୁ ନେଇ ଏଭଳି ପରିସ୍ଥିତି ଉପୁଜିଥିଲେ ହେଁ ସରକାର କୌଣସି ସହଯୋଗ କରୁନାହାନ୍ତି। ସରକାର କୌଣସି କଥାକୁ ଗୁରୁତ୍ୱର ସହ ବିଚାର କରୁନାହାନ୍ତି। ଗ୍ରାହକଙ୍କ ଠାରୁ ଅତ୍ୟଧିକ ଅର୍ଥ ଆଦାୟ କରାଯାଉଛି। କିନ୍ତୁ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଭୋଟ ସମୟ ଆସିଲେ ଗ୍ରାହକ ମାନେ ଏହାର ଉତ୍ତର ଦେବେ। ଆଳୁର ପାଇକାରୀ ଦର ୨୨୦୦ ରୁ ୨୮୦୦ ରହୁଛି। ତେଣୁ ଆଳୁ ଦର ବଜାରରେ ୪୦ କିମ୍ବା ୫୦ ଟଙ୍କା ହେବା କଥା ନୁହେଁ। ବ୍ୟବସାୟୀଙ୍କ ମଧ୍ୟରେ ଗୋଟିଏ ଅସୁସ୍ଥ ପ୍ରତିଯୋଗିତା ଚାଲିଛି। ସରକାରଙ୍କ ପାଖରେ ଏହାକୁ ନିୟନ୍ତ୍ରଣ କରିବାକୁ କୌଣସି ବ୍ୟବସ୍ଥା ନଥିବା ଭଳି ମନେ ହେଉଛି। ସରକାର ଆଳୁର ଗୋଟିଏ ଦର ଧାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ପଣ୍ଡା ଦାବି କରିଛନ୍ତି। ଶ୍ରୀ ପଣ୍ଡା ଆହୁରି କହିଛନ୍ତି, ରାଜ୍ୟର ବ୍ୟବସାୟୀ ମାନେ ଉତ୍ତରପ୍ରଦେଶ ସହ ଆଳୁ ଆମଦାନୀକୁ ନେଇ ଚୁକ୍ତି କରିଛନ୍ତି। ଆଳୁ ସପ୍ଲାଏ ଚେନକୁ ବ୍ୟାହତ କରାଯିବ ନାହିଁ ବୋଲି ଉତ୍ତରପ୍ରଦେଶ ସରକାର ପ୍ରତିଶ୍ରୁତି ଦେଇଛି। ସେଠାରୁ ଆଳୁ ଆସିଲେ ରାସ୍ତା ଖର୍ଚ୍ଚ ଅଧିକ ପଡୁଛି।

ତେଣୁ କିଛି ବ୍ୟବସାୟୀ ମିଳିତ ଭାବେ ଟ୍ରେନ୍‌ରେ ଆଳୁ ଆଣିବାକୁ ଯୋଜନା କରିଛନ୍ତି। ୮୪ ପ୍ରକାର ଆଳୁ ୟୁପିରେ ଉପଲବ୍ଧ। ତେଣୁ ଉତ୍ତମ ମାନର ଆଳୁ ଆମଦାନୀ ପାଇଁ ଯୋଜନା ହେଉଥିବା ସେ କହିଛନ୍ତି। ୟୁ ପି ର ବ୍ୟବସାୟୀ, ଚାଷୀ, ଶୀତଳଭଣ୍ଡାର ମାଲିକଙ୍କ ସମେତ ଉଦ୍ୟାନକୃଷି ବିଭାଗର ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଏଭଳି ନିଷ୍ପତ୍ତି ନେଇଥିବାରୁ ଖାଉଟିଙ୍କ ସହଯୋଗ ଲୋଡିଛି ବ୍ୟବସାୟୀ ମହାସଂଘ। ୟୁପି ଆଳୁ ଖରାପ ବୋଲି ଓଡ଼ିଶାରେ ଏକ ମିଥ୍ୟା ପ୍ରଚାର ହୋଇଛି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ କେହି ବି ଏହାକୁ ପସନ୍ଦ କରୁ ନ ଥିବା ନେଇ ଏକ ଉଦ୍ଦେଶ୍ୟମୂଳକ ପ୍ରଚାର ସୃଷ୍ଟି ହୋଇଛି। ହେଲେ ପଶ୍ଚିମବଙ୍ଗରୁ ଯେତିକି ଟଙ୍କାରେ ଆଳୁ ଆସୁଛି, ସେତିକି ଟଙ୍କାରେ ୟୁପିରୁ ଆହୁରି ଭଲ ମାନର ଆଳୁ ଆସିପାରିବ। ଏ ଦିଗରେ ବି ଧ୍ୟାନ ଦିଆଯାଉଛି। ଲୋକଙ୍କ ଗ୍ରହଣୀୟତା ବଢ଼ିଲେ ଯାଇ ୟୁପି ଆଳୁ ଅଧିକ ମଗାଯାଇ ପାରିବ। ଆଗାମୀ ଦିନରେ ଦୈତନଗରୀର ବ୍ୟବସାୟୀମାନେ ମିଳିତ ଭାବେ ଟ୍ରେନ ଆଳୁ ମଗାଯିବ ବୋଲି ବ୍ୟବସାୟୀ ସଂଘ ସୂଚନା ଦେଇଛି।

**AFFIDAVIT**

I, **Nisha Chauhan,** W/o: Pramod Kumar, D/o: Jai Ram, Resident of P-19/7, Coast Guard Officers Residential Area, Pokhariput, Bhubaneswar, Dist.: Khordha, Pin - 751020, Odisha, declare by this affidavit No.: 54995, dated: 19.12.2024 that now onwards I shall be known as **NISHA** for all future purposes.

**NOTICE**

By virtue of an Affidavit sworn before Executive Magistrate, Jagatsinghpur dated 18/12/2024, I, Saikh Golam Mohammed (New Name), Address At: Kokilpur, PO: Piteipur, PS/Dist: Jagatsinghpur, State: Odisha, Pin: 754106 declare that I have changed my name from SK Golam Mohammed (Old Name) to Saikh Golam Mohammed (New Name). Henceforth, I shall be known as **SAIKH GOLAM MOHAMMED** (New Name) for all purposes.

**Saikh Golam Mohammed (New Name)**

**AFFIDAVIT**

I, **Abhijeet Roy,** S/o: Vimal Kumar Saha, Resident of D-214, Falcon Residency, KIIT Road Patia, PO: KIIT, PS: Infocity, Bhubaneswar, Dist.: Khorda, Odisha, PIN-751024, declare by this affidavit no.: 41088, dated: 19.12.2024, that now onwards I shall be known as **ABHIJEET SAHA** for all future purposes.

**AFFIDAVIT**

By virtue of an affidavit vide no.: 987, dated: 19/12/2024, sworn before the Notary Public Berhampur, Ganjam, I Madhusmita Sethy, W/o: Late Devaraja Sethi, Resident of Bhagya Nagar, Kanal Street, Gosaninuagaon, Berhampur Town, Dist.: Ganjam, Odisha has changed my Daughter's name from Adya Aditee to Adya Aditi. Henceforth she will be known as **ADYA ADITI** for all future purposes.

**AFFIDAVIT**

I, **Asima Sutar,** W/o: Ranjan Sutar, Resident of Village: Barabati, Laliteswar Nagar, PO/PS/Dist.: Jajpur, Odisha, declare by this affidavit no.: 435, dated: 09.12.2024, that now onwards I shall be known as **ASIMA MOHARANA** for all future purposes.

**AFFIDAVIT**

I, **Bobita Roy Saha**, W/o: Abhijeet Saha, Resident of D-214, Falcon Residency, KIIT Road Patia, PO: KIIT, PS: Infocity, Bhubaneswar, Dist.: Khorda, Odisha, PIN-751024, declare by this affidavit no.: 41087, dated: 19.12.2024, that now onwards I shall be known as **BOBITA ROY** for all future purposes.

**AFFIDAVIT**

By virtue of an affidavit sworn before the Notary Public, dt. 09/12/2024. I, **Maguni Kabi,** resident At-Baunshaanta, Po- Antia, Ps-Dharmasala, Dist-Jajpur, Odisha declare that I have changed my son's name from **Satya Ranjan Kabi to Soumya Ranjan Kabi.** Birth and school certificate name is **Soumya Ranjan Kabi.** But, in Aadhaar Card No-841942683211 name is **Satya Ranjan Kabi.** Soumya Ranjan Kabi and Satya Ranjan Kabi relates same and one child.

Henceforth, my son will be known as **SOUMYA RANJAN KABI** for all future purposes.

**AFFIDAVIT**

By virtue of an affidavit (No. 36, Dt. 27/11/2024) before the Executive Magistrate, Bhubaneswar. I, **Saker Naik,** resident of Masjid Colony, Kharaval Nagar, Bhubaneswar have changed my minor daughter's name & DOB from **Sabijuni Shatun (25/10/2013) to Sakitun Khatun (26/10/2010).** Henceforth, she shall be known as **Sakitun Khatun (DOB- 26/10/2010)** for all future purposes.

**ସର୍ବସାଧାରଣ ବିଜ୍ଞପ୍ତି**

ମୁଁ ଶ୍ରୀ ସନ୍ତୋଷ କୁମାର ସେଠୀ, ପିତା-ରଘୁନାଥ ସେଠୀ, କ୍ୱାର୍ଟର ନଂ. ସି-୧୨୩, ସେକ୍ଟର-୬, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ପିନ୍-୭୬୯୦୦୨, ନିବାସୀ ଖାତା ନଂ.୮୮/୨୦୨, ପ୍ଲଟ୍ ନଂ.୬୫୦, ମୌଜା-ଆର୍‌ବିୟୁ ଦଲପୋଷ, ତହସିଲ-ପାନପୋଷ, କ୍ଷେତ୍ର ଏ-୦.୦୬ ଡେସିମିଲ୍‌ରେ ଅବସ୍ଥିତ ସମ୍ପତ୍ତିକୁ ଲାମିନେଟେଡ୍ ପୂର୍ବକ ମୂଳ ଉକ୍ତ ଆଧାରରେ ବନ୍ଧକ ରଖିବାକୁ ଇଚ୍ଛା କରୁଅଛି, ଯାହା ତା ୦୩.୦୨.୧୯୯୫ରିଖରେ ପଞ୍ଜିକୃତ ବିକ୍ରୟ ଚୁକ୍ତି ନମ୍ବର- ୩୪୭କୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆର୍‌ଏସ୍‌ଏମ୍‌ଇସି (ରାସ୍‌ମେକ), ସେକ୍ଟର-୧୭, ରାଉରକେଲା, କୋଡ୍-୧୦୨୭୩ ରୁ ସିଧାସଳଖ ଭାବେ ଋଣ ଗ୍ରହଣ କରିପାରିବି। ଯଦି ଉକ୍ତ ଖତିଆନ ଖାତା ନମ୍ବର ୮୮/୨୦୨ ସମ୍ପତ୍ତି ଉପରେ କାହାରି କୌଣସି ପ୍ରକାରର ଦାବି ଓ ଆପତ୍ତି ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ସହକାରୀ ମହାପ୍ରବନ୍ଧକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆର୍‌ଏସ୍‌ଏମ୍‌ଇସି (ରାସ୍‌ମେକ), ସେକ୍ଟର-୧୭, ରାଉରକେଲାଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ। **ଶ୍ରୀ ସନ୍ତୋଷ କୁମାର ସେଠୀ**

ସି-୧୨୩, ସେକ୍ଟର-୬, ରାଉରକେଲା,
ଜିଲ୍ଲା-ସୁନ୍ଦରଗଡ, ପିନ୍-୭୬୯୦୦୨

**GOVERNMENT OF ODISHA, DEPARTMENTOF WATER RESOURCES** A-762
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDC-16/2024-25**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDC-16/2024-25 |
| 5. | Estimated Cost | : Rs. 18,42,337 /- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.21.12.2024 (10.00 AM) to dt.03.01.2025 (5.30 PM) |
| 8. | Last date/ time for receipt of bid In the Portal | : dt.03.01.2025 (up to 5.30 PM) |
| 9. | Date and Place of opening of Bid | : dt.04.01.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32405/11/0013/2425
**Addl. Chief Engineer**
**Mechanical Circle Bhubaneswar**

**OFFICE OF THE MUNICIPAL COUNCIL, BARBIL** C-1306

**"e"-Procurement Notice**
**BID REFERENCE MUNICIPALITY (BBLM-4/2024-25)**
**TENDER CALL NOTICE NO. 3799 / BBL MPLTY DATE. 19.12.2024**


1. Name of the work:- **Civil construction works as mentioned in website.**
2. No. of work:- **2 (Two)**
3. Bid value:- **Rs.4,00,000/- to Rs.5,00,000/-**
4. Period of completion:- **60 days**
5. Period of availability of tenders online:- **From 10.00 A.M. of 21.12.2024 to 5.00 P.M. of 30.12.2024**
6. Last Date & time of bidding online:- **5.00 P.M. of 30.12.2024**
7. Date & time of opening of Technical Bid:- **11.00 A.M. of dt.31.12.2024**
8. Name and address of the officer inviting bid:- **EXECUTIVE OFFICER, BARBIL MUNICIPALITY**

**Further details can be seen from the procurement portal:- www.tendersorissa.gov.in**

Sd/-
**Executive Officer,**
**Barbil Municipality.**

OIPR-13108/11/0025/2425

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

# ହିନ୍ଦୁତ୍ୱର ବିକାଶ ପରିଭାଷା

ଭାରତୀୟ ଧର୍ମନିରପେକ୍ଷତା ଭାବନା କେବଳ ଏହାର ସମ୍ବିଧାନର ସନନ୍ଦ ନୁହେଁ, ବରଂ କାୟମନୋବାକ୍ୟରେ ବିଶ୍ୱ ଶାନ୍ତି ସହାବସ୍ଥାନ ପ୍ରତି ଏକ ଅଙ୍ଗୀକାରବଦ୍ଧତା। ଆର୍ଯ୍ୟଭୂମି ଭାରତର ବିଭିନ୍ନ ଶାସ୍ତ୍ରପୁରାଣ ଏହାର ଉଦ୍‌ଘୋଷଣା କରିଥିବା ବେଳେ ଯୁଗଜନ୍ମା ବରପୁତ୍ରମାନେ ଏହି ଆତ୍ମିକବାଣୀର ପ୍ରୟୋଗ କରି ଆସୁଛନ୍ତି। କିନ୍ତୁ ବିଡ଼ମ୍ବନା ହେଉଛି ବିଶାଳ ଜନସଂଖ୍ୟାବିଶିଷ୍ଟ ଭାରତବର୍ଷର କତିପୟ ସ୍ୱାର୍ଥାନ୍ୱେଷୀଙ୍କ ଧର୍ମାନ୍ଧତା ଭାରତୀୟଙ୍କ ସଦ୍‌ଭାବନାକୁ କୁଠାରଘାତ କରୁଛି, ଭାରତର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି। ବିଶେଷକରି ମନ୍ଦିର-ମସ୍‌ଜିଦ୍ ବିବାଦ ଭାରତର ବିଶ୍ୱ ଭ୍ରାତୃତ୍ୱ ଭାବନା ଉପରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ହିଂସାର ଆଧିପତ୍ୟ ବିସ୍ତାର ପାଇଁ ପରିବେଶ ସୃଷ୍ଟି କରୁଛି।

ଦୀର୍ଘବର୍ଷର ଆଇନଗତ ଲଢ଼େଇ ପରେ ରାମଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦର ଅନ୍ତ ଘଟିଛି। ଧର୍ମାନ୍ଧତାର ଊର୍ଦ୍ଧ୍ୱକୁ ଉଠି ଏବଂ ସାମ୍ପ୍ରଦାୟିକତା ଭଳି ସଂକୀର୍ଣ୍ଣ ମାନସିକତାକୁ ପରିତ୍ୟାଗ କରି ଭାରତୀୟମାନେ ପ୍ରଗତିର ମାର୍ଗରେ ଚାଲିବା ଆରମ୍ଭ କରିଛନ୍ତି। ତେଣୁ ସାମ୍ପ୍ରଦାୟିକ ଉତ୍ତେଜନାର ଭୂତାଣୁ ବିନିଷ୍ଟ ହେବାର ପ୍ରକ୍ରିୟା ୨୦୧୯ ପରେ ଆରମ୍ଭ ହୋଇସାରିଥିବା ବିଶ୍ୱାସ କରାଯାଉଥିଲା। କିନ୍ତୁ ଏବେ ସେହି ଭୂତାଣୁ ଜ୍ଞାନବ୍ୟାପୀ, ମଥୁରା, ସମ୍ବଲ, ଆଜମେର ଆଦି ସ୍ଥାନରେ ପୁଣି ଥରେ ଆବିର୍ଭାବ ଘଟିଥିବା ଦେଖାଯାଇଛି। ଏହି ଭୂତାଣୁର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ନ୍ୟାୟିକ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇସାରିଛି। ଏହି ପୃଷ୍ଠଭୂମିରେ ହିନ୍ଦୁତ୍ୱର ପ୍ରବକ୍ତା ଭାବେ ଅଭିହିତ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗୱତ ହିନ୍ଦୁତ୍ୱର ଯେଉଁ ପରିଭାଷା ବ୍ୟାଖ୍ୟା କରିଛନ୍ତି ତାହା ଆଜିର ଦିନରେ ଖୁବ୍ ଅଧିକ ଗୁରୁତ୍ୱ ବହନ କରେ। ବିଶେଷକରି ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ଭାବନାରେ ବିଶାଳ ଭାରତବର୍ଷକୁ ପୁଣି ଥରେ ବହୁଧା ବିଭକ୍ତ କରିବାକୁ ଯେଉଁ ପ୍ରଚ୍ଛନ୍ନ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି ସେହି ପରିପ୍ରେକ୍ଷୀରେ ଭାଗୱତ୍‌ଙ୍କ ମନ୍ତବ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୁଏ। ସେ ତାଙ୍କ ବକ୍ତବ୍ୟରେ ହିନ୍ଦୁତ୍ୱର ସଞ୍ଜ୍ଞାର ବ୍ୟାପକତାକୁ କେବଳ ଦର୍ଶାଇ ନାହାନ୍ତି, ଅଧିକନ୍ତୁ ଆଧୁନିକ ଭାରତର ଆଭିମୁଖ୍ୟ ଓ ବିଶାଳ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଛନ୍ତି। ମନ୍ଦିର-ମସିଜିଦ୍ ବିବାଦ, ସାମ୍ପ୍ରଦାୟିକ ଉତ୍ତେଜନା, ଜାତିଗତ ଅସୂୟା ଆଦି ସମସ୍ୟାର ସମାଧାନର ସୂତ୍ର ଓ ଦିଗ୍‌ଦର୍ଶନ ଭାଗୱତଙ୍କ ମନ୍ତବ୍ୟରୁ ମିଳୁଛି ବୋଲି କୁହାଯାଇପାରେ।

ପୁନେଠାରେ 'ବିଶ୍ୱଗୁରୁ ଭାରତ' ବକ୍ତୃତାମାଳାରେ ନିଜ ମନ୍ତବ୍ୟ ରଖିବା ଅବସରରେ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗୱତ କହିଛନ୍ତି ଯେ ରାମ ମନ୍ଦିର ଅଗଣିତ ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଜଡ଼ିତ। କିନ୍ତୁ ରାମ ମନ୍ଦିର ନିର୍ମାଣ କରିଦେଇ ଯଦି କାହା ମନରେ ହିନ୍ଦୁତ୍ୱର ନେତୃତ୍ୱ ଭାବନା ଜନ୍ମ ନେଇଛି, ତାହା ଠିକ୍ ନୁହେଁ। ଭାରତ ନିଜକୁ ମହାଶକ୍ତି ବା ସୁପରପାୱାର ରୂପେ ନୁହେଁ, ବରଂ ବିଶ୍ୱଗୁରୁ ଭାବରେ ବିଶ୍ୱ ଦରବାରରେ ପ୍ରତିପାଦନ କରିବା ଦିଗରେ ଅଗ୍ରସର। ସୁପରପାୱାରମାନଙ୍କ ଭଳି ନିଜ ସ୍ୱାର୍ଥ ହାସଲ ଲାଗି ଅନ୍ୟ ଉପରେ କର୍ତ୍ତୃତ୍ୱ ଜାହିର କରିବା ଭାରତର ଆଭିମୁଖ୍ୟ ନୁହେଁ। ବିଶ୍ୱଗୁରୁର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଭାବରେ ଭାରତ ଏଭଳି ଏକ ମଡେଲ୍ ବା ଆଦର୍ଶ ପ୍ରତିଷ୍ଠା କରିବା ଆବଶ୍ୟକ, ଯାହା ସମଗ୍ର ବିଶ୍ୱରେ ସମ୍ମାନିତ ଓ ଆଦୃତ ହେବ।

ସାମ୍ପ୍ରଦାୟିକତା ଓ ସଂଖ୍ୟାଲଘୁମାନେ ଭାରତରେ ଅସୁରକ୍ଷିତ ବୋଲି ଯେଉଁ ଅଭିଯୋଗ ହୋଇଆସୁଛି ସେହି ପରିପ୍ରେକ୍ଷୀରେ ମଧ୍ୟ ଭାଗୱତ୍‌ଙ୍କ ହିନ୍ଦୁତ୍ୱର ସଞ୍ଜ୍ଞା ପ୍ରଶସ୍ତିକରଣ ଅନେକ ଗୁରୁତ୍ୱ ରଖେ। ଭାଗୱତ୍ କହିଛନ୍ତି ଯେ ଭାରତରେ ସଂଖ୍ୟାଲଘୁମାନେ ଅନ୍ୟ ଦେଶ ତୁଳନାରେ ଅଧିକ ସୁରକ୍ଷିତ। କାରଣ ଭାରତରେ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ଭାବନା ନାହିଁ। ଶାନ୍ତି, ପ୍ରଗତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ଭାରତ ଧର୍ମନିରପେକ୍ଷତା ମନ୍ତ୍ରରେ ଦୀକ୍ଷିତ ହୋଇଛି ଏବଂ ଏବେ ମଧ୍ୟ ସେହି ମାର୍ଗରେ ଚାଲିଛି। ଏହାର ସଦ୍ୟତମ ପ୍ରମାଣ ଉପସ୍ଥାପନ ପାଇଁ ରାମକୃଷ୍ଣ ମିଶନ୍‌ରେ ବଡ଼ଦିନ ପର୍ବ ପାଳନକୁ ଉଦାହରଣ ରୂପେ ଗ୍ରହଣ କରି ଭାଗୱତ କହିଛନ୍ତି ଯେ କେବଳ ହିନ୍ଦୁମାନେ ହିଁ ଏଭଳି କରିପାରିବେ।

ଭାରତୀୟ ସଂସ୍କୃତିର ଧର୍ମନିରପେକ୍ଷତା ଓ ସମାଜବାଦ ଚିନ୍ତାଧାରାରେ ମଝିରେ ମଝିରେ ଦେଖାଦେଉଥିବା ବିଭ୍ରାନ୍ତିକୁ ଦୂର କରିବା ଏବଂ ଭାବମୂର୍ତ୍ତିରେ ସୃଷ୍ଟି ହେଉଥିବା ସ୍ଖଳନକୁ ପ୍ରତିହତ କରିବା ପାଇଁ ଭାଗୱତ ଭାରତର ନୀତି ନିର୍ଦ୍ଧାରକ, ଶାସନ, ପ୍ରଶାସନକୁ ଦିଗ୍‌ଦର୍ଶନ ଦେବା ଉଦ୍ଦେଶ୍ୟରେ କହିଛନ୍ତି ଯେ ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ମୂଳମନ୍ତ୍ର। ଏହି ମନ୍ତ୍ରକୁ ଆଧାର କରି ଭାରତ ବିଶ୍ୱଗୁରୁ ହେବାର ପ୍ରୟାସ କରିବା ଉଚିତ। ଭାରତରେ ଧର୍ମ ଓ ସମ୍ପ୍ରଦାୟ ଆଧାରରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି କରିବାକୁ ଚାହୁଁଥିବା ବାହ୍ୟଶକ୍ତିମାନଙ୍କୁ ଚେତାଇ ଦେଇ ସେ କହିଛନ୍ତି ଯେ ଯେଉଁ ବାହ୍ୟଶକ୍ତିମାନେ ଅତୀତରେ ଆମକୁ ଶାସନ କରୁଥିଲେ ସେମାନେ ଏବେ ପୁଣି ଥରେ ଭାରତରେ ଆଧିପତ୍ୟ ବିସ୍ତାର ପାଇଁ ଅପଚେଷ୍ଟା କରୁଛନ୍ତି। ଭାରତୀୟ ମହାନ୍ ସଂସ୍କୃତିର ଧାରାକୁ ପ୍ରତିହତ କରିବାକୁ ଆଉରଙ୍ଗଜେବ୍‌ଙ୍କ ସମୟରେ ଉଦ୍ୟମ ହୋଇଥିଲା। କିନ୍ତୁ ଆମ ସଂସ୍କୃତିର ମୌଳିକ ଭିତ୍ତିଭୂମି ଏତେ ସୁଦୃଢ଼ ଯେ କୌଣସି ବାହ୍ୟଶକ୍ତି ତାହାକୁ ପ୍ରତିହତ କରିବାରେ ସଫଳ ହୋଇପାରିନାହିଁ। ବ୍ରିଟିଶରମାନେ ହିନ୍ଦୁ ମୁସଲମାନ୍ ବିଦ୍ୱେଷ ଆଧାରରେ ଭାରତକୁ ଦ୍ୱିଖଣ୍ଡିତ କରିଦେଲେ। କିନ୍ତୁ ଜଣେ ମୌଲବୀ ଓ ସନ୍ଥ ଅଯୋଧ୍ୟାର ରାମ ମନ୍ଦିରକୁ ହିନ୍ଦୁମାନଙ୍କୁ ଦେବା ପାଇଁ ସାଧୁ ଉଦ୍ୟମ କରିଥିଲେ। ବାହାଦୂର ଶାହ ଜାଫର ମଧ୍ୟ ଗୋହତ୍ୟାକୁ ନିଷେଧ କରିଥିଲେ। ବାହ୍ୟଶକ୍ତିମାନେ ଭୁଲିଯିବା ଉଚିତ ନୁହେଁ ଯେ ଆମ ଦେଶ ଏବେ ସମ୍ବିଧାନ ଆଧାରରେ ଚାଲୁଛି ଏବଂ ଜନତାଙ୍କ ପ୍ରତିନିଧିଙ୍କ ହାତରେ ଦେଶର ଶାସନ ଭାର ରହିଛି। ଅତୀତର ତିକ୍ତତା ଓ ବିବାଦକୁ ଭୁଲି ସମାବେଶୀ ବିକାଶ ପାଇଁ ଆମେ ସମସ୍ତେ ହାତ ମିଳାଇ ସାରିଛୁ। ଏହାକୁ ଭାଗବତ ତାଙ୍କ ବକ୍ତବ୍ୟରେ ପୁଣି ଥରେ ଦୋହରାଇଛନ୍ତି।

ସମ୍ପ୍ରତି ମନ୍ଦିର-ମସଜିଦ୍ ବିବାଦ ଓ ଉପସନାପୀଠ(ସ୍ୱତନ୍ତ୍ର ପ୍ରାବଧାନ)ଆଇନ-୧୯୯୧ର ବୈଧତା ଓ ପ୍ରାସଙ୍ଗିକତାକୁ ନେଇ ଯେଉଁ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି ସେହି ପୃଷ୍ଠଭୂମିରେ ଆରଏସ୍‌ଏସ୍ ମୁଖ୍ୟଙ୍କ ଏହି ଉଦାରବାଦୀ ଦୃଷ୍ଟିକୋଣ ଅନେକ କିଛି ପ୍ରଶ୍ନର ଉତ୍ତର ସ୍ୱତଃ ଆଣିଦେଇଛି। ରାମମନ୍ଦିର- ବାବ୍ରି ମସ୍‌ଜିଦ୍ ମାମଲାର ଅନ୍ତ ପରେ ମଧ୍ୟ ମନ୍ଦିର-ମସଜିଦ୍ ବିବାଦ ଜନ୍ମ ନେଉଥିବାରୁ ସେଥିରେ ଅସନ୍ତୋଷ ପ୍ରକାଶ କରି ୨୦୨୨ରେ ନାଗପୁର ସ୍ଥିତ ଆରଏସ୍‌ଏସ୍ ମୁଖ୍ୟାଳୟରେ ଏକ ସମାବେଶରେ ମଧ୍ୟ ମୋହନ କହିଥିଲେ ଯେ ବର୍ତ୍ତମାନ ଆଉ ପ୍ରତି ମସ୍‌ଜିଦ୍ ତଳେ ଶିବ ଲିଙ୍ଗ ଖୋଜିବାର ବେଳ ନୁହେଁ। ଅତୀତର ସବୁ ତ୍ରୁଟି ଓ ଭୁଲ୍ ବୁଝାମଣାକୁ ଭୁଲି ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ମିଳିତ ଉଦ୍ୟମ ହେବା ଆବଶ୍ୟକ। ହିନ୍ଦୁତ୍ୱର ଏହାଠାରୁ ବଡ଼ ସଞ୍ଜ୍ଞା ଆଉ କ'ଣ ହୋଇପାରେ! ବିଶ୍ୱଗୁରୁ ଲକ୍ଷ୍ୟ ହାସଲ ପାଇଁ ଜାତିଗତ, ଧର୍ମଗତ ଓ ସାମ୍ପ୍ରଦାୟିକ ବିବାଦରୁ ଊର୍ଦ୍ଧ୍ୱରେ ହିନ୍ଦୁତ୍ୱର ଏହି ସଞ୍ଜ୍ଞାକୁ ସବୁ ଭାରତୀୟ ଗ୍ରହଣ କରିବାକୁ ପଡ଼ିବ।

# ଯୀଶୁଙ୍କ ବାହୁ ପ୍ରସାରଣ ଓ ଭାରତୀୟ ଦର୍ଶନ

**ମନୋରଞ୍ଜନ ମହାନ୍ତି**

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ର ମଣ୍ଟମାର୍ଟ୍ରେ ପାହାଡ଼ ଉପରେ 'ପବିତ୍ର ହୃଦୟର ଗୀର୍ଜା' ବା 'ବାସିଲିକା ଅଫ୍ ସାକ୍ରେ କୋଏଉର୍' ଅବସ୍ଥିତ। ମଣ୍ଟମାର୍ଟ୍ରେ ହେଉଛି ପିଗାଲେର ପରବର୍ତ୍ତୀ ମେଟ୍ରୋଷ୍ଟପ୍। ପିଗାଲେ ଏକ ଭ୍ରଷ୍ଟଅଞ୍ଚଳ, ଯେଉଁଠି ରହିଛି ଯୌନ ବିପଣି। ଦୁଇଟି ସ୍ଥାନ ସାକ୍ରେ କୋଏଉର୍ ଓ ପିଗାଲେର ନିକଟତା ବା ସାମୀପ୍ୟ ହେଉଛି ଏକ ପ୍ରତୀକାତ୍ମକ ଅନୁସ୍ମାରକ, ଯାହା ସୂଚାଇ ଦେଉଛି ପବିତ୍ର ଓ ଅପବିତ୍ରର ମିଳନ, ସନ୍ଥ ଓ ପାପୀ ପରସ୍ପରର ପଡ଼ୋଶୀ।

'ନୂଆ-ବାଇଜାଣ୍ଟାଇନ୍ ବାସିଲିକା'ର ଆଭ୍ୟନ୍ତରୀଣରେ ରହିଛି ଏକ ଉଚ୍ଚ ମୋଜାଇକ୍ ରଚନା, ଯେଉଁଥିରେ ଚିତ୍ରିତ ହୋଇଛନ୍ତି ଯୀଶୁଖ୍ରୀଷ୍ଟ। ତାଙ୍କର ବାହୁଦୁଇଟି ପ୍ରଲମ୍ବିତ; ସତେଯେପରି କେବଳ ତାଙ୍କର ଅନୁଗାମୀମାନଙ୍କୁ ନୁହଁ, ସମଗ୍ର ମାନବଜାତିକୁ ସେ ଶ୍ରଦ୍ଧାରେ ଆଲିଙ୍ଗନ କରୁଛନ୍ତି - ସେହି ଶ୍ରଦ୍ଧାରେ ଧର୍ମ, ଜାତି ବା ଅନ୍ୟ କୌଣସିଟିର ସୀମା ନାହିଁ।

ଆଧ୍ୟାତ୍ମିକତାରେ ଅନୁରାଗୀମାନେ ପ୍ୟାରିସ୍ ଗଲେ 'ସାକ୍ରେ କୋଏଉର୍'କୁ ପରିଦର୍ଶନ କରନ୍ତି ଆଭ୍ୟନ୍ତରୀଣ ଶାନ୍ତି ଓ ସମନ୍ୱୟ ପ୍ରାପ୍ତି ନିମିତ୍ତ। ଛୋଟ ପାହାଡ଼ଟିର ଶୀର୍ଷରେ, ଯେଉଁଠି ଏହା ଅବସ୍ଥିତ, ସେଠାରେ ପହଞ୍ଚିବା ପାଇଁ ୩୦୦ଟି ଢାଲୁଆ ପାହାଚ ଚଢ଼ିବାକୁ ପଡ଼େ। କିମ୍ବା ଗୋଟେ ରଜ୍ଜୁ-ରେଳ ବା ରଶିରେ ଚାଲୁଥିବା ଟ୍ରେନ୍‌ରେ ଗଲେ ମାତ୍ର ଗୋଟେ ମିନିଟ୍‌ରେ ସେଠି ପହଞ୍ଚିଯାଇ ହୁଏ।

ଗୀର୍ଜାର ଅନ୍ତର୍ଦ୍ଦେଶରେ ଯୀଶୁଖ୍ରୀଷ୍ଟଙ୍କ ସାର୍ବଭୌମିକ ଆଶୀର୍ବାଦର ଆଭା ସ୍ପଷ୍ଟ ଅନୁଭବ କରିହୁଏ। ଯେଉଁମାନେ ପାଦରେ କଠିନ ଆରୋହଣ କରିବା ପରିବର୍ତ୍ତେ ରଜ୍ଜୁ-ରେଳରେ ଯାଇ ସେଠାରେ ପହଞ୍ଚନ୍ତି ସେମାନେ ନିଜର ତ୍ରୁଟି ବୁଝିପାରନ୍ତି। ଅର୍ଥାତ୍ ଜୀବନରେ କିଛି କମ୍ ଉପଲବ୍ଧି ହେଲା ଭଳି ଅନୁଭବ କରନ୍ତି। ସେମାନଙ୍କୁ ଲାଗେ ସତେଯେପରି ପାଦରେ ଚାଲିଚାଲି ଯାଇଥିଲେ 'ସାକ୍ରେ କୋଏଉର୍' ସେମାନଙ୍କ ଭିତରେ ଯେଉଁ ପୂର୍ଣ୍ଣ ସନ୍ତୋଷ ଓ ସମାପନର ଭାବ ସୃଷ୍ଟି କରିଥା'ନ୍ତା, ରଜ୍ଜୁ-ରେଳରେ ଯିବାଦ୍ୱାରା ତା'ର ମାତ୍ରା ହ୍ରାସ ପାଇଛି। ତୀର୍ଥଯାତ୍ରୀର ଆହ୍ୱାନଭରା ପଥ ହେଉଛି ବିଶ୍ୱାସର ଏକ ରୂପକ, ଯାହା ଧର୍ମରେ ହେଉ ବା ଅନ୍ୟ ସହିତ ସମ୍ବନ୍ଧରେ ହେଉ, ଶ୍ରଦ୍ଧାର ପରିପୂରକ। କାରଣ ତାହା ପ୍ରତିଶ୍ରୁତିବଦ୍ଧତାର ନବୀକରଣ ଓ ଆସ୍ଥାର ପୁନଃପୁଷ୍ଟି ଆବଶ୍ୟକ କରେ। ବିଶ୍ୱାସ ଓ ଶ୍ରଦ୍ଧା ଗତିହୀନ ଓ ସ୍ଥିର ନୁହେଁ; ତାହା ଗତିଶୀଳ। ଆମର ଏକମାତ୍ର ବିଶ୍ୱାସ ହେଉଛି କରୁଣାର ବାର୍ତ୍ତାରେ, ଯାହା ଆମକୁ ପ୍ରଦତ୍ତ ହୋଇଛି ଖ୍ରୀଷ୍ଟ, ବୁଦ୍ଧ, ମହାବୀର, ନାନକ, କୃଷ୍ଣ, ମହମ୍ମଦଙ୍କ ଦ୍ୱାରା।

ସମଗ୍ର ମାନବଜାତିକୁ ଶ୍ରଦ୍ଧାରେ ଆଲିଙ୍ଗନ କରୁଥିବାର ମୁଦ୍ରା, ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ଦୁଇ ପ୍ରଲମ୍ବିତ ବାହୁ ଆମକୁ ସ୍ମରଣ କରାଇଦେଉଛି ଭାରତୀୟ ଦର୍ଶନ, ସମଗ୍ର ବିଶ୍ୱ ସହିତ ଭାରତର ଆଦାନ-ପ୍ରଦାନ। 'ରାମାୟଣ' କାହାଣୀ ଆଧାରିତ କଣ୍ଢେଇ ନାଚ, ତାମ୍‌ସା ଏବେ ବି ଜାଭାବାସୀଙ୍କର ମନୋରଞ୍ଜନ କରୁଛି। ଥାଇଲାଣ୍ଡର ସବୁଠୁ ପ୍ରସିଦ୍ଧ ରାଜ୍ୟର ନାମ 'ଅୟୁଥ୍ୟା'। 'ମହାଭାରତ'ର ପ୍ରାଚୀନତମ ବିଷୟସୂଚୀ ଚୀନ୍‌ରେ ଆବିଷ୍କୃତ ହୋଇଛି। ନ୍ୟୁୟର୍କ ଓ ଲଣ୍ଡନରେ ଯୋଗ-ଷ୍ଟୁଡିଓର ସଂଖ୍ୟା ଦ୍ରୁତ ବୃଦ୍ଧିପାଉଛି। ମିଶର ଓ ନାଇଜେରିଆର ଲୋକେ ବଲିଉଡ୍ ଚଳଚ୍ଚିତ୍ରକୁ ଜାଣୁଛନ୍ତି। ରାଧାକୃଷ୍ଣଙ୍କ ପ୍ରଶସ୍ତିସୂଚକ କୀର୍ତ୍ତନ ପଶ୍ଚିମ ଭର୍ଜିନିଆର ପାହାଡ଼ୀ ଇଲାକାକୁ ମୋହିତ କରୁଛି। ଯା'ର କାରଣ ହେଉଛି ଭାରତୀୟ ସେନା ଅଶ୍ୱଗତିରେ ଉତ୍ସାହଜନକ ତତ୍ପରତାର ସହିତ ମରୁଭୂମି ଓ ପର୍ବତକୁ ଅତିକ୍ରମ କରି କେଉଁ ଆଡ଼କୁ ଯାଇନାହାନ୍ତି। ସବୁଠାରୁ ଧନଶାଳୀ ସଂଗଠନମାନେ ଭାରତୀୟ ବିଚାର ଓ ପ୍ରଥାର ପ୍ରଚାର ପାଇଁ କୌଣସି ପ୍ରଚାରକ ବା ଶିକ୍ଷାନୁଷ୍ଠାନକୁ ଅର୍ଥ ଦେଇନାହାନ୍ତି। ପୃଥିବୀର ପ୍ରତ୍ୟେକ ହୋଟେଲ୍ ରୁମ୍‌ରେ ଭାରତୀୟ ମହାକାବ୍ୟ ଓ ଶାସ୍ତ୍ର ରଖିବା ପାଇଁ ମଧ୍ୟ କେହି କାହାକୁ ଅର୍ଥ ଦେଇନାହାନ୍ତି। ଭାରତବର୍ଷର ଆତ୍ମା, ପ୍ରାଣ, ଭାବର ସାମ୍ରାଜ୍ୟବାଦ ହେଉଛି ଖୁବ୍ ସହନଶୀଳ, କିନ୍ତୁ ଅନମନୀୟ, ଯାହା ହିଂସା ପରିବର୍ତ୍ତେ ସୌନ୍ଦର୍ଯ୍ୟ ଉପରେ, ମିଥ୍ୟା ଓ ପ୍ରଚାର ପରିବର୍ତ୍ତେ କବିତା ଓ କାହାଣୀ ଉପରେ ଭରସା ରଖିଛି। ସେହିଦୃଷ୍ଟିରୁ ଶତାବ୍ଦୀ ଶତାବ୍ଦୀ ଧରି ଦରିଦ୍ରତା, ୧୯୪୭ ମସିହାରେ ରକ୍ତରଞ୍ଜିତ ସ୍ୱାଧୀନତା ଏବଂ ସ୍ୱାଧୀନତା ପରବର୍ତ୍ତୀ ଆଞ୍ଚଳିକ ଆହ୍ୱାନଗୁଡ଼ିକ ସତ୍ତ୍ୱେ ଆପେକ୍ଷିକ ଦୁର୍ବଳତାର ସ୍ଥିତିରୁ ଊର୍ଦ୍ଧ୍ୱକୁ ଯାଇ ଆଧୁନିକ ଭାରତବର୍ଷ ଭୂମଣ୍ଡଳୀୟ, ସାର୍ବତ୍ରିକ, ବୈଶ୍ୱିକ ପ୍ରଭାବ ବିସ୍ତାର କରିଚାଲିଛି। ଭାରତର ଅସାଧାରଣ ସାଂସ୍କୃତିକ ଭେଦ୍ୟତା ବା ପ୍ରବେଶତା ସହିତ ରହିଛି ତା'ର ଅସାଧାରଣ ସାଂସ୍କୃତିକ ପ୍ରସାର। ଦେଶୀ ଭାଷାଗୁଡ଼ିକର ସାହିତ୍ୟ, ଅତୀତ ବର୍ଷଗୁଡ଼ିକର ସୌନ୍ଦର୍ଯ୍ୟଶାସ୍ତ୍ର, କଳାତ୍ମକ ଗଠନ, କାହାଣୀ, ମହାକାବ୍ୟ, ସଙ୍ଗୀତ ଓ କବିତାଗୁଡ଼ିକ ହେଉଛି ଭାରତର ଐତିହ୍ୟ।

ଆଶ୍ଚର୍ଯ୍ୟଜନକ ସମାନତା ଲକ୍ଷ୍ୟ କରାଯାଇଛି - ଯେମିତି କୁରୁକ୍ଷେତ୍ର ଯୁଦ୍ଧ ପୂର୍ବରୁ ଅର୍ଜୁନ ଗୋଟିଏ ବର୍ଷ ଗୋପନବାସରେ ଥିଲେ ନାରୀ ବେଶରେ ଏବଂ ଜଣେ ରଜାଙ୍କ ଝିଅକୁ ସଙ୍ଗୀତ ଶିକ୍ଷା ଦେଉଥିଲେ। ଟ୍ରୟ୍ ଯୁଦ୍ଧ ପୂର୍ବରୁ ଆକିଲସ୍ ନାରୀ ବେଶରେ ଥିଲେ ରଜାଝିଅମାନଙ୍କ ମେଳରେ। ମହାଭାରତରେ କର୍ଣ୍ଣ ନିଜକୁ ୧୦ ଦିନ ଧରି ଯୁଦ୍ଧଠାରୁ ଦୂରେଇ ରଖିଥିଲେ। ଉଭୟ ଅର୍ଜୁନ ଓ ଆକିଲସ୍ ୧୨ଦିନ ଯୁଦ୍ଧଠାରୁ ଦୂରେଇ ରହିଥିଲେ। ଶ୍ରୀକୃଷ୍ଣ ଓ ଆକିଲସ୍‌ଙ୍କ ପାଦ ତୀରବିଦ୍ଧ ହେବାରୁ ଉଭୟ ଦେହତ୍ୟାଗ କଲେ। ସାହିତ୍ୟରେ ଆଶ୍ଚର୍ଯ୍ୟଜନକ ସମାନତା ସହିତ ରହିଛି ସମଗ୍ର ବିଶ୍ୱ ସହିତ ଭାରତର ଆଶ୍ଚର୍ଯ୍ୟଜନକ ଆଦାନ-ପ୍ରଦାନ। ସମଗ୍ର ବିଶ୍ୱକୁ ଆଲିଙ୍ଗନ କରିବାରେ ଭାରତର ଆନ୍ତରିକତା, ଅନ୍ତରଙ୍ଗତା, ଆତ୍ମୀୟତା କେତେ ଉଚ୍ଚମାନର ସତରେ! ବୋଧହେଉଛି ସତେଯେପରି ଯୀଶୁ ଦୁଇବାହୁକୁ ପ୍ରଲମ୍ବିତ କରି ବିଶ୍ୱକୁ ଆଲିଙ୍ଗନ କଲାଭଳି ଭାରତୀୟ ସଭ୍ୟତା ଅଗଣିତ ହସ୍ତ ପ୍ରସାରଣ କରି ବିଶ୍ୱକୁ ଆଲିଙ୍ଗନ କରୁଛି, ମହାଶୂନ୍ୟକୁ ଶ୍ରଦ୍ଧାର ସଂଖ୍ୟାହୀନ ତରଙ୍ଗରେ ପରିପୂର୍ଣ୍ଣ କରୁଛି।

ସଦ୍‌ଗୁରୁ ଜାଗୀ ବାସୁଦେବ ଏକ ରଚନାରେ ଦର୍ଶାଇଛନ୍ତି, 'ଭାରତ' ଶବ୍ଦରେ 'ଭା' ହେଉଛି 'ଭାବ', 'ର' - 'ରାଗ', 'ତ' - 'ତାଳ'ର ପ୍ରତୀକ। 'ଭାବ'ର ଇଂରାଜୀ ଶବ୍ଦ 'ସେନ୍‌ସେସନ୍' ବା 'ସମ୍ବେଦନା', ଯାହା ସମସ୍ତ ମାନବୀୟ ଅନୁଭୂତିର ଭିତ୍ତି। 'ରାଗ' ବା ଟ୍ୟୁନ୍ ଲକ୍ଷିତ ବା ସୂଚିତ କରେ ଧୂନ୍, ଯାହା ସମସ୍ତ ସୃଷ୍ଟିରେ ଅନ୍ତର୍ନିହିତ। 'ତାଳ'ର ଇଂରାଜୀ ଶବ୍ଦ 'ରିଦମ୍'। ଅସ୍ତିତ୍ୱର ନିଜସ୍ୱ ଜନ୍ମଜାତ, ସହଜ, ସ୍ୱାଭାବିକ ଧୂନ୍ ରହିଛି। ଏହି ଧୂନ୍‌ରେ ଗୋଟେ ତାଳ ପାଇବାକୁ ଶିକ୍ଷା କରିବା ହେଉଛି ମାନବୀୟ ଅନୁଭୂତିର ଆନନ୍ଦ ଓ ପ୍ରାଚୁର୍ଯ୍ୟକୁ ଅଧିକତମ କରିବାର ବାଟ। ତାହା ହିଁ ହେଉଛି 'ଭାରତ' ଶବ୍ଦର ନିର୍ମଳ ସାରାଂଶ ବା ତତ୍ତ୍ୱ।

ଏହି ଅନ୍ତର୍ଦୃଷ୍ଟି ହେଉଛି ବୋଧହୁଏ ବିଶ୍ୱକୁ ଆମର ସବୁଠାରୁ ଅନନ୍ୟ ଅବଦାନ। ଆମର ଆଧ୍ୟାତ୍ମିକ ସଂସ୍କୃତି ଏକତ୍ୱର ଅସ୍ତିତ୍ୱ ସମ୍ବନ୍ଧୀୟ ସତ୍ୟକୁ ବୁଝେ। ବିଶିଷ୍ଟତା (ଏକ୍‌ସ୍‌କ୍ଲୁସିଭିଟି)ର ଯୁଗ ସରିଯାଇଛି। ଆମେ ଏବେ ଅନ୍ତର୍ବେଶନ (ଇନ୍‌କ୍ଲୁସନ୍)ର ଯୁଗରେ ଅଛୁ, ଯାହା ହେଉଛି ମାନବ-ଇତିହାସରେ ଏକ କେନ୍ଦ୍ରୀୟ ମୁହୂର୍ତ୍ତ। ଏହି ନୂଆ ଯୁଗରେ ଆମେ ସମସ୍ତ ଜୀବଜଗତର ଏକତା ଓ ସଂଯୋଜକତାର ଅସ୍ତିତ୍ୱ ସମ୍ବନ୍ଧୀୟ ସତ୍ୟକୁ ଏକତ୍ର ପ୍ରତିଧ୍ୱନିତ କରିବାକୁ ଶିକ୍ଷାକରୁ। ସନାତନ ଧର୍ମ ହେଉଛି ଏକ ଚିରନ୍ତନ ନିୟମ ଓ ମାନବଜାତିକୁ ଭାରତର ମହତ ଅବଦାନ। ମହାଅଖଣ୍ଡ ଭାରତ ହେଉଛି ସମଗ୍ର ବିଶ୍ୱକୁ ଏହି ଉପମହାଦେଶର ସମଗ୍ରତା (ଇନ୍‌କ୍ଲୁସିଭ୍‌ନେସ୍)ର ମହତ ଦୃଷ୍ଟିର ଏକ ମହାର୍ଘ ଦାନ। ବ୍ୟକ୍ତିଗତ ଚୈତନ୍ୟକୁ ଭୌତିକ ଓ ପ୍ରାକୃତିକ ସୀମାର ଊର୍ଦ୍ଧ୍ୱକୁ, ସାମୂହିକ ଚୈତନ୍ୟକୁ ଜାତୀୟ ସୀମାର ଊର୍ଦ୍ଧ୍ୱକୁ ଉତ୍ତୋଳନ କରିବା ହେଉଛି ସେହି ମହତ ଦୃଷ୍ଟି। ଯେହେତୁ ୨୦୨୨ମସିହାରେ ଭାରତ ଜି-୨୦ ବୈଠକରେ ଅଧ୍ୟକ୍ଷତା କରିଛି, ସେହି ଦୃଷ୍ଟିରୁ ଆମେ ପ୍ରଭୁତ୍ୱ, ପ୍ରବଳତା ନୁହଁ, ସମଗ୍ରତାର ଭିତ୍ତି ଉପରେ ପ୍ରତିଷ୍ଠିତ ବିଶ୍ୱ-ନେତୃତ୍ୱର ଏକ ନୂଆ ଆକାର ଏହି ପୃଥିବୀ-ଗ୍ରହକୁ ଦେଇପାରିବାର ସ୍ଥିତିରେ ଅଛନ୍ତି। ଯୀଶୁ ଦୁଇବାହୁକୁ ପ୍ରସାରଣ କରି ବିଶ୍ୱକୁ ଆଲିଙ୍ଗନ କଲାଭଳି ଭାରତବର୍ଷ ସହନଶୀଳତା, ସହଯୋଗ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଶ୍ରଦ୍ଧାର ହସ୍ତ ପ୍ରସାରଣ କରି ବିଶ୍ୱକୁ ଆଲିଙ୍ଗନ କରୁଛି। ତାହା ହିଁ ତ ଭାରତୀୟ ଦର୍ଶନ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

# ଦୟନୀୟ ଦୟା ନଦୀ

**ଶ୍ରୀବତ୍ସ ନାୟକ**

ଯେଉଁ ନଦୀଜଳରେ କପିଳ ମୁନି ତପସ୍ୟା କରି ମୋକ୍ଷ ପ୍ରାପ୍ତି ହୋଇଥିଲେ, ଯେଉଁ ନଦୀରେ ସ୍ନାନ କରି ପଞ୍ଚୁପାଣ୍ଡବ ପାପ ମୁକ୍ତ ହୋଇଥିଲେ ଏବଂ ଯେଉଁ ନଦୀ ଦିନେ ଦୟା ପରବଶ ହୋଇ କଳିଙ୍ଗ ଯୁଦ୍ଧରେ ନିହତ ଲୋକମାନଙ୍କୁ କୋଳେଇ ନେଇ ନିଜେ ରକ୍ତରଞ୍ଜିତ ହୋଇଥିଲା, ଯେଉଁ ନଦୀ ଦିନେ ମଗଧର 'ଚଣ୍ଡାଶୋକ'ଙ୍କୁ 'ଧର୍ମାଶୋକ'ରେ ପରିଣତ କରିଥିଲା, ଯେଉଁ ନଦୀ ନିଜ କୂଳରେ ଗଢ଼ି ଉଠିଥିବା ଜନବସତିର ଜୀବନ ରେଖାଥିଲା, ଯେଉଁ ନଦୀ ଅତୀତରେ ଖୋର୍ଦ୍ଧାରେ ଚାଲିଥିବା ନୌବାଣିଜ୍ୟର ପ୍ରମୁଖ କେନ୍ଦ୍ର ଥିଲା, ସେ ହେଉଛି ଦୟା ନଦୀ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଦୟା ନଦୀର ପବିତ୍ରତା ଓ ସ୍ୱଚ୍ଛତା ହ୍ରାସ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ସହ ବିକାଶ ନାମରେ ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ଦୟା ନଦୀର ଅବସ୍ଥା ଦୟନୀୟ ହୋଇପଡ଼ିଛି।

ଭାରତ ସରକାରଙ୍କର ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଓଡ଼ିଶାରେ ୯୪, ୦୨୫ଟି ପୋଖରୀ; ୭୮, ୦୬୭ଟି ଟାଙ୍କି; ୬୭୯ଟି ହ୍ରଦ/କେନାଲ; ୧୬୦୬ଟି ରିଜର୍ଭୟରରେ ମଧୁର ଜଳ ଗଚ୍ଛିତ ରହିଛି। ତା' ସହିତ ସମୁଦାୟ ୨୪, ୮୭୩ କି.ମି ଦୈର୍ଘ୍ୟ ନଦୀଗୁଡ଼ିକରେ ମଧୁର ଜଳ ପ୍ରବାହିତ ହେଉଛି ଏବଂ ବାର୍ଷିକ ହାରାହାରି ୧୨୦୦ମି.ମି.ବୃଷ୍ଟିପାତ ଯୋଗୁଁ ଓଡ଼ିଶାକୁ ଏକ ଜଳସମୃଦ୍ଧ ରାଜ୍ୟ ଭାବେ ପରିଗଣିତ କରାଯାଉଛି। ଏ ସବୁ ସତ୍ତ୍ୱେ ପ୍ରଦୂଷଣ କାରଣରୁ ଗଚ୍ଛିତ ଓ ପ୍ରବାହିତ ଜଳ ଆମର ଉପଯୋଗୀ ହୋଇ ପାରୁନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁସାରେ ଭାରତରେ ଯେଉଁ ୩୫୧ଟି ନଦୀ ମାତ୍ରାଧିକ ପ୍ରଦୂଷିତ, ତନ୍ମଧ୍ୟରୁ ଦୟା ସମେତ ଓଡ଼ିଶାର ୧୯ଟି ନଦୀ ରହିଛି।

ଦୟା 'କୁଆଖାଇ'ର ଏକ ଶାଖା ନଦୀ। ଦଧିଚି ମୁନିଙ୍କ ନାମରୁ ଏହି ନଦୀର ନାମ 'ଦୟା' ହୋଇଛି। ଏହାର ପ୍ରାଚୀନ ନାମ ଦଧିଭଦ୍ରାରୁ ଅପଭ୍ରଷ୍ଟ ହୋଇ 'ଦଧିଆ', ପରେ 'ଦହିଆ' ଓ ତା' ପରେ 'ଦୟା' ହୋଇଛି। ଏହା ଭୁବନେଶ୍ୱର ଉପକଣ୍ଠ ସରଦେଇପୁର ଠାରୁ ବାହାରି ଧଉଳି, ଡେଲାଙ୍ଗ, ତିରିମଲ, ଘୋରଡିଆ, ତ୍ରିଲୋଚନପୁର, କଣାସ, ଜଙ୍କିଆ, ବସନ୍ତପୁର, ଗଡ଼ିଶାଗୋଦା ପ୍ରଭୃତି ଅଞ୍ଚଳ ଦେଇ ଦୀର୍ଘ ୪୦ କି.ମି ଅତିକ୍ରମ କରି ଚିଲିକାରେ ମିଶିଛି। ଏହି ଅଞ୍ଚଳର ପ୍ରାୟ ୪ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭରଶୀଳ। ୧୨୦୦ ହେକ୍ଟର ଚାଷ ଜମି ଏବଂ ୮୦, ୦୦୦ରୁ ଊର୍ଦ୍ଧ୍ୱ ଲୋକ ପିଇବା ପାଣି ପାଇଁ ଏହି ନଦୀ ଓ ଏହାର ଶାଖା ନଦୀ ଉପରେ ନିର୍ଭର କରିଥା'ନ୍ତି।



ଏବେ ଭୁବନେଶ୍ୱରର ଦୂଷିତ ଜଳ ଓ ପଦାର୍ଥ ଗଙ୍ଗୁଆ ନାଳ ଦେଇ ପିପିଲି ନିକଟବର୍ତ୍ତୀ କଣ୍ଟି କାଜ ଦେଇ ସିଧାସଳଖ ଦୟା ନଦୀକୁ ପ୍ରବେଶ କରି ବିଗତ ଏକ ଦଶନ୍ଧି ଧରି ତା'ର ଜଳକୁ ପ୍ରଦୂଷିତ କରିଚାଲିଛି। ଏତଦ୍‌ବ୍ୟତୀତ କେତେକ ଅସାମାଜିକ ତତ୍ତ୍ୱ ନଦୀ ପଠାକୁ ପୋତି ଘର ଓ ଚାଷ କାର୍ଯ୍ୟରେ ବିନିଯୋଗ କରୁଛନ୍ତି, ଯାହା ଜଳ ନିଷ୍କାସନ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି। ଦୀର୍ଘଦିନ ଧରି ପାଣି ଜମି ରହି ମଶା, ମାଛିଙ୍କ ବଂଶ ବଢ଼ିବା ସହିତ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ନିୟମିତ ବ୍ୟବଧାନରେ ନଦୀ ଜଳକୁ ପରିଷ୍କାର କରାଯାଉ ନ ଥିବାରୁ ତାହା ସମ୍ପୂର୍ଣ୍ଣ କଳିକତି ଓ ଚିଙ୍ଗୁଡ଼ି ଦଳରେ ପରିପୂର୍ଣ୍ଣ ହୋଇରହୁଛି। ଫଳରେ କଣାସ ଅଞ୍ଚଳର ଅନେକ ମତ୍ସ୍ୟଜୀବୀଙ୍କର ତେଲଲୁଣ ସଂସାର ଉଜୁଡ଼ି ଯାଇଛି ଏବଂ ବର୍ଷା ଋତୁରେ ସେହି ଅଞ୍ଚଳର ଚାଷଜମି ବନ୍ୟାପ୍ଲାବିତ ହେଉଛି। ଏହାଛଡ଼ା ଜୈବ ବିବିଧତା ହ୍ରାସ ପାଇବା ଯୋଗୁଁ ଚିଲିକାରୁ ଲୁଣି ପାଣି ଓଲଟା ଦୟାନଦୀରେ ପ୍ରବେଶ କରୁଥିବାରୁ ମଧୁର ଜଳ ଲବଣାକ୍ତ ହେଉଛି। ସେଥିରେ ପୁଣି ମିଶୁଛି ଚାଷଜମିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକଯୁକ୍ତ ପାଣି। ବାଲି ମାଫିଆମାନଙ୍କର ମାତ୍ରାଧିକ ବାଲି ଖନନ ଯୋଗୁଁ ଜଳଧରଣର ଶକ୍ତି ହ୍ରାସ ପାଉଛି ଏବଂ ଖରାଦିନେ ନଦୀଗର୍ଭ ଶୁଷ୍କ ରହୁଛି।

ଦୟାନଦୀର ଏହି ଭଳି ଅବସ୍ଥାକୁ ନେଇ ଅନେକ ଆନ୍ଦୋଳନ ହୋଇଛି। କିନ୍ତୁ ପ୍ରଶାସନର ବେପରୁଆ ମନୋଭାବ ଯୋଗୁଁ ଅବସ୍ଥାରେ ପରିବର୍ତ୍ତନ ହୋଇପାରୁନାହିଁ। ଅତୀତରେ ନଦୀ ଜଳ ପ୍ରଦୂଷଣକୁ ରୋକିବା ପାଇଁ ରାଜଧାନୀର ୬ଟି ସ୍ଥାନରେ ହେବାକୁ ଥିବା ସ୍ୱିରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏ ଯାଏଁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନାହିଁ। ବିଡିଏ ଦ୍ୱାରା 'ସେଭ୍ ଦୟା' କମିଟି ଗଠନ କରାଯାଇ ପ୍ରଦୂଷଣକୁ ନିୟମିତ ବ୍ୟବଧାନରେ ମାପିବା ସହ ପ୍ରଦୂଷଣକୁ କିଭଳି ଭାବେ ନିୟନ୍ତ୍ରଣ କରାଯାଇପାରିବ, ସେ ଦିଗରେ ଯୋଜନା ହୋଇଥିଲା। କିନ୍ତୁ ତାହା କାଗଜକଲମରେ ସୀମିତ ରହିଯାଇଛି। ଜଳସମ୍ପଦ ବିଭାଗ ଦ୍ୱାରା ନଦୀଜଳର ସୁରକ୍ଷା ଓ ନଦୀବନ୍ଧ ଉନ୍ନତିକରଣ ନିମନ୍ତେ ସ୍ୱତନ୍ତ୍ର ବ୍ୟୟ ବରାଦ ହେଉଥିଲେ ମଧ୍ୟ ତାହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନି। ତେଣୁ ଯୋଜନା କିଭଳି ବାସ୍ତବରେ ପରିଣତ ହେବ, ସେଦିଗରେ ସରକାର ଯତ୍ନବାନ ହେବ ଉଚିତ୍।

କେବଳ ଦୟା ନୁହେଁ, ରାଜ୍ୟର ଅଧିକାଂଶ ନଦୀର ଅବସ୍ଥା ଏହିଭଳି। ତେଣୁ ନଦୀ ଦୁରବସ୍ଥାରେ ସୁଧାର ଆଣିବା ପାଇଁ ହେଲେ ନଦୀ ଶଯ୍ୟାକୁ ସଫା କରିବା, ନଦୀର ଦୁଇ ପାର୍ଶ୍ୱରେ ବନୀକରଣ କରିବା, ବିକଳ୍ପ ଜଳ ସଂରକ୍ଷଣ ପାଇଁ ଯୋଜନା କରିବା, କିଭଳି ଅବିରତ ଧାରା ଓ ଜୈବ ବିବିଧତା ପୁନରୁଦ୍ଧାର ହେବ ତାହା ଉପରେ କାର୍ଯ୍ୟ କରିବା ଦରକାର। ଖାଲି ସରକାରଙ୍କର ତ୍ରୁଟିକୁ ଲୋକଲୋଚନକୁ ନ ଆଣି ନଦୀର ସୁରକ୍ଷା ପ୍ରତି ସାଧାରଣ ଲୋକ ମଧ୍ୟ ତତ୍ପର ହେବା ଦରକାର। ଆମେ ଆହ୍ୱାନ କରିବା ଦୟା ନଦୀ ପ୍ରତି ସମସ୍ତଙ୍କର ଦୟା ଭାବ ଜାଗ୍ରତ ହେଉ। ପ୍ରକୃତି ସୁରକ୍ଷିତ ରହୁ। ନଚେତ୍ ବିକାଶ ନାମରେ ସଭ୍ୟତାକୁ ନଷ୍ଟ କରିବା ମାନବସଭ୍ୟତା ପ୍ରତି କୁଠାରାଘାତ ହେବ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ, ମୋ: ୯୪୩୮୦୭୦୮୪୯

# ଆ-କା-ମା-ବୈ: ଆମେରିକାରୁ ବୋର୍ଣ୍ଣିଓ

**ସତ୍ୟଜ୍ୟୋତି**

(ପୂର୍ବପ୍ରକାଶିତ ଉତ୍ତାରୁ...)

## ସାତଦରିଆପାରେ

ପରବର୍ତ୍ତୀ ସମୟରେ ଏହି ଚାରି ଅକ୍ଷର ପ୍ରକ୍ଷିପ୍ତ ଓ ଅପଭ୍ରଂଶ ହୋଇ ଜନମୁଖରେ ପ୍ରଚଳିତ ହେଲା - 'ଆ କା ମା ବୈ ପାନଗୁଆ ଥୋଇ, ପାନ ଗୁଆ ତୋର ମାସିକ ଧର୍ମ ମୋର... ।' ବୋଇତ ବନ୍ଦାପନା ଓ ସାଧବ ପୁଅଙ୍କୁ ଶୁଭମେଲାଣି ବେଳେ ଦିବ୍ୟ ଓ ମାଙ୍ଗଳିକ ଦ୍ରବ୍ୟ ଭାବେ ପାନ ଓ ଗୁଆ ବ୍ୟବହୃତ ହେବାର ପରମ୍ପରା ଓ ବିଧି ପରବର୍ତ୍ତୀ ସମୟରେ ଅଭୟ ମନ୍ତ୍ରକୁ ପ୍ରକ୍ଷିପ୍ତ କରିବାରେ ଉପଯୋଗ ହେଲା। ପ୍ରଚଳିତ ପରମ୍ପରାର ସ୍ଥୂଳ ଦୃଷ୍ଟିକୋଣ ଓ ଦାୟିତ୍ୱହୀନ ନିର୍ଯାସ ମହାନ କଳିଙ୍ଗ ନୌବାଣିଜ୍ୟର ଦିଗ୍‌ବିଜୟୀ ଭାବନାକୁ ପିଢ଼ି ପରେ ପିଢ଼ି ସଂକୁଚିତ କରିଚାଲିଲା। କେତେଜଣ ସୂକ୍ଷ୍ମ ଅନୁଶୀଳନଧର୍ମୀ ଇତିହାସକାର ଏହି ଅପଭ୍ରଂଶକୁ ସଂଶୋଧନ କରି କହିଲେ -

ଆ- ଆଷାଢ଼ରେ ଆସି, କା- କାର୍ତ୍ତିକରେ ଯାଅ, ମା- ମାଘ ଓ ବୈ- ବୈଶାଖରେ ବେପାର କର। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଭାରତ ପ୍ରବେଶ ଭାରତ ମହାସାଗର/ବଙ୍ଗୋପସାଗର(କଳିଙ୍ଗସାଗର)ରୁ ହେଉଥିବାରୁ ସେତେବେଳେ ପବନର ଗତି ଉପରେ ନିର୍ଭର କରୁଥିବା ପାଲଟଣା ନୌପୋତମାନ ଦକ୍ଷିଣ-ଏସିଆ ଦ୍ୱୀପ ଦେଶମାନଙ୍କରୁ ଭାରତ ଫେରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୁଏ। ଏହା ଥାଏ ସାଧାରଣତଃ ଆଷାଢ଼ ମାସ। ତେଣୁ 'ଆଷାଢ଼ରେ ଆସ' ଉକ୍ତି ପ୍ରତିପାଦିତ ହୁଏ। ସେହିପରି ମୌସୁମୀର ପ୍ରତ୍ୟାବର୍ତ୍ତନ ବା ଉତ୍ତରା ପବନର ସମୟ ସାଧାରଣତଃ କାର୍ତ୍ତିକ ମାସ ହୋଇଥିବାରୁ ପାଲଟଣା ଜାହାଜ ସବୁ ବଙ୍ଗୋପସାଗରର ପୂର୍ବଦିଗକୁ ଯାତ୍ରା କରିବାରେ ସୁବିଧା ହୁଏ। ତେଣୁ 'ଆ-କା-ମା-ବୈ'ର ଏହି ନୂତନ ବ୍ୟୁତ୍ପତ୍ତିକୁ ଭୌଗୋଳିକ ପ୍ରମାଣ ଓ ସମର୍ଥନ ମଧ୍ୟ ମିଳିଗଲା।

ଏହି ବ୍ୟୁତ୍ପତ୍ତିରୁ ଯେଉଁ ଚିତ୍ରକଳ୍ପ ସୃଷ୍ଟି ହେଲା ସେଥିରେ କଳିଙ୍ଗ ନୌବାଣିଜ୍ୟର କାନ୍‌ଭାସର ସୀମା ଜାଭା, ବୋର୍ଣ୍ଣିଓ, ବାଲି, ସୁମାତ୍ରା, ସିଂହଳ(ସୁବର୍ଣ୍ଣ ଦ୍ୱୀପ) ପର୍ଯ୍ୟନ୍ତ ବ୍ୟାପ୍ତ ହେଲା। ଏହି ଚିତ୍ରକଳ୍ପର ଆଧାର ହେଲା- ଜୈନ ଉତ୍ତରାଧ୍ୟାୟନ ସୂତ୍ର ଓ ଜୈନ ଉପାଙ୍ଗ 'ପ୍ରଜ୍ଞାପାନ'; ଜୈନ ଗ୍ରନ୍ଥ 'ନ୍ୟାୟଧମ୍ମ କାହାଓ', ସିଂହଳର ପ୍ରାଚୀନ ବୌଦ୍ଧ ଗ୍ରନ୍ଥ 'ମହାବଂଶ', ଦ୍ୱୀପବଂଶ, ଦାଠ ଧାତୁବଂଶ, ବୌଦ୍ଧଶାସ୍ତ୍ର 'ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ', ସାରଳା ମହାଭାରତ, ଚାନ୍ଦ ସୌଦାଗର, ଖୁଦୁରୁକୁଣୀ, ଖୁଲଣା ସୁନ୍ଦରୀ, ତଅପୋଇ ପାଲା, କୁହୁକ ମଣ୍ଡଳ ଚଢ଼େଇ, ଚାରି ମହାଜନପୁଅ କଥା, ଲକ୍ଷ୍ମୀପୁରାଣ, କାର୍ତ୍ତିକ ବ୍ରତ, ଶୀରୀ ସୁମନାଥ ବ୍ରତ ଉପାଖ୍ୟାନ, ଦ୍ୟୁତିବାହନ ପୂଜା ଉପାଖ୍ୟାନ, କାଞ୍ଜିଅଁଳା ପର୍ବ, ଢଗଢମାଳି, ଲୋକକଥା, ଲୋକସାହିତ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବିଭିନ୍ନ କାବ୍ୟ, ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ବ୍ୟାସକବି ଫକିରମୋହନ ସେନାପତିଙ୍କର 'ଗାଉଁଲୀ ଗୀତ', ବିଶ୍ୱନାଥ କବିରାଜ 'ସାହିତ୍ୟ ଦର୍ପଣ'(କଳିଙ୍ଗା ସାହାସିକାଃ) ଇତ୍ୟାଦି। ଏହାଛଡ଼ା ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରାୟ ୯୨ଟି ସ୍ଥାନ ନାମର ସାମଞ୍ଜସ୍ୟ ଇଣ୍ଡୋନେସିଆର ଜାଭା, ସୁମାତ୍ରା ଓ ବାଲିରେ ରହିଥିବା ବେଳେ ଫିଲିପାଇନ୍‌ସର ଏକ ଅଞ୍ଚଳର ମାଟିର ନାମ କଳିଙ୍ଗ କ୍ଲେ ବୋଲି ଭୌଗୋଳିକମାନେ ପ୍ରମାଣଭିତ୍ତିକ ତଥ୍ୟ ଉପସ୍ଥାପନ କଲେ।

ଏହି ଚିତ୍ରକଳ୍ପକୁ ନେଇ ଆମ ଆଗରେ ଚାଟଶାଳୀ ଓ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଯେଉଁ କାନ୍‌ଭାସ ପ୍ରଦର୍ଶିତ ହୋଇଚାଲିଛି ଏବଂ ଆମ ମନରେ ଏକ ବଦ୍ଧମୂଳ ଧାରଣା ଖୋଦିତ କରିଦିଆଯାଇଛି ତାହା ହିଁ ଆମ ସମୃଦ୍ଧ ନୌବାଣିଜ୍ୟର ସୀମାକୁ ସଙ୍କୁଚିତ କରିଦେଇଛି। ତେଣୁ କଳିଙ୍ଗ ନୌବାଣିଜ୍ୟ ପରମ୍ପରା କହିଲେ ଆମେ ବୁଝୁ କେବଳ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ସିଂହଳ। ଏହାବାଦ୍ ସାହସୀ କଳିଙ୍ଗ ସାଧବପୁଅମାନଙ୍କର ନୌବାଣିଜ୍ୟର ସୀମା ଯେ ଆହୁରି ପରିବ୍ୟାପ୍ତ ହୋଇପାରେ ସେ ବିଷୟରେ ଚିନ୍ତା କରିବାକୁ ଆମ ଆଦ୍ୟ ଐତିହାସିକମାନେ ବୋଧହୁଏ ଆଉ ସାହସ ଜୁଟାଇପାରିଲେ ନାହିଁ। ଏହା ହିଁ ବିଶ୍ୱର ଏକ ମହାନ ସାହସୀ ଜାତି ପାଇଁ ଐତିହାସିକ ବିଡ଼ମ୍ବନା। କିନ୍ତୁ ନିୟତିର ଅଦେଖା ନିର୍ଦ୍ଦେଶରେ ଏହି ଧାରଣା ଆମ ମନକୁ ଶତାବ୍ଦୀ ଶତାବ୍ଦୀ ଧରି ଆଚ୍ଛନ୍ନ କରି ରଖିଛି। **(କ୍ରମଶଃ...)**

ମୋ: ୯୩୩୮୦୮୭୯୦୦

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ମହୁଲଡିହା, ୨୦।୧୨(ସମିସ):** ଠାକୁରମୁଣ୍ଡା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସ୍ୱରୂପ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପ୍ରେମଲତା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ଥାନାଧିକାରୀ ସାବିତ୍ରୀ ଦଲେଇ ଏବଂ ଏବିଇଓ ଦିଲ୍ଲୀପ କୁମାର ଧଳ ଯୋଗଦେଇ ଶିଶୁ ଅଧିକାର, ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ରୋକିବା ଦିଗରେ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟ ସମେତ ଏସଏଚଜି ମହିଳା, ଛାତ୍ର ଛାତ୍ରୀ, ପଞ୍ଚାୟତ ପ୍ରତିନିଧି, ସମସ୍ତ ଅଙ୍ଗନବାଡି ସୁପରଭାଇଜର, ପ୍ଲାନ ଇଣ୍ଡିଆର ସୁବାସ ସାହୁ, ବିଏଲଏଫ ସଭାନେତ୍ରୀ କୁନ୍ତୀଲତା ମହାନ୍ତ, ସମ୍ପାଦିକା ସୁଶିଳା ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଭଦ୍ରକ-ଆନନ୍ଦପୁର ବସ୍ ଚଳାଚଳ ବନ୍ଦକୁ ୬ ଦିନ ବିତିଲା

# ସ୍ୱାଭାବିକ ହୋଇପାରୁନି ଗମନାଗମନ

**ଭଦ୍ରକ/ବନ୍ତ/ଆଗରପଡ଼ା/ ସୋରୋ, ୨୦।୧୨(ସମିସ)**

ପ୍ରଶାସନ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚି ପାରୁନଥିବାରୁ ଭଦ୍ରକ ଓ ଆନନ୍ଦପୁର ମଧ୍ୟରେ ଗତ ୬ ଦିନ ହେଲା ବସ୍ ଚଳାଚଳ ବନ୍ଦ ରହିଛି। ଭଦ୍ରକ ବସ୍ ସିଣ୍ଡିକେଟ୍ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ହେଉଥିବା ଦାବିକୁ ପରୋକ୍ଷରେ ଅସ୍ୱୀକାର କରିବାରୁ ଅଞ୍ଚଳବାସୀ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଠାଇ ଦେଉନାହାନ୍ତି। ଫଳରେ ଭଦ୍ରକ ବସ୍ ସିଣ୍ଡିକେଟ୍ ପକ୍ଷରୁ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ବସ୍‌କୁ ଗୁରୁବାର ଠାରୁ ବନ୍ଦ କରିଦେଇଛନ୍ତି। ଶୁକ୍ରବାର ଖବର ଲେଖା ହେବା ପର୍ଯ୍ୟନ୍ତ ଭଦ୍ରକ-ଆନନ୍ଦପୁର ରାସ୍ତାରେ ଗମନାଗମନ ସ୍ୱାଭାବିକ ହୋଇ ପାରିନଥିବା ଜଣାପଡ଼ିଛି। ଇତି ମଧ୍ୟରେ ବସ୍ ଚଳାଚଳ ବନ୍ଦକୁ ୬ଦିନ ବିତିବାକୁ ବସିଲାଣି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଭଦ୍ରକରୁ ବନ୍ତ, ଆନନ୍ଦପୁର, କେନ୍ଦୁଝର ଓ ଅନୁଗୁଳ ଅଭିମୁଖେ ଯାତ୍ରୀମାନେ ବିଶେଷ ଭାବେ ଦୁର୍ଦ୍ଦଶା ଭୋଗୁଛନ୍ତି। ଉକ୍ତ ରାସ୍ତା ୫୩ ନମ୍ବର ରାଜ୍ୟ ରାଜପଥ ହୋଇଥିବାରୁ ବିଭିନ୍ନ ଜିଲ୍ଲାକୁ ସଂଯୋଗ କରୁଛି। ତେଣୁ ଭଦ୍ରକ ଜିଲ୍ଲା ସହ ଅନ୍ୟ ଜିଲ୍ଲାର ବାସିନ୍ଦା ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏଠାରେ ପ୍ରକାଶ ଥାଉକି; ଗତ ରବିବାର ଭଦ୍ରକ-ଆନନ୍ଦପୁର ରାସ୍ତାର ବନ୍ତ ବ୍ଲକ ତିଲୋ ପଞ୍ଚାୟତ ଅନ୍ତର୍ଗତ ଜାଗୁଲାଇ ପଦା ଛକ ନିକଟରେ ଭଦ୍ରକରୁ ଆନନ୍ଦପୁର ଅଭିମୁଖେ ଯାଉଥିବା ଅରୁପାନନ୍ଦ ଯାତ୍ରୀବାହୀ ବସ୍ ଏକ ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ବାଡ଼େଇ ପଥପାର୍ଶ୍ୱ ଉପରେ ଚଢ଼ି ଓଲଟି ପଡ଼ିବାରୁ ତିଲୋ ଆଥ୍ଲେଟିକ୍ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ସୁଧାକର ଧଳଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗାଡ଼ିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୮ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି କହିଛନ୍ତି ଆମେ ସବୁପ୍ରକାର ସହଯୋଗ କରୁଥିବା ବେଳେ ପ୍ରଶାସନିକ ଢିଲାଢିଲି ଲାଗି ଆଜି ଯାତ୍ରୀମାନେ ହଟହଟା ହେଉଛନ୍ତି।



ଛିଡୁନି ବିବାଦ କି ଉଠିପାରୁନି ଦୁର୍ଘଟଣାଗ୍ରସ୍ତ ବସ୍

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧନା



**କରଞ୍ଜିଆ, ୨୦।୧୨(ସମିସ):** କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ ବୁଧବାର ୨୧ଟି ଭାଷାର ଲେଖକଙ୍କୁ ପୁରସ୍କୃତ କରିବା ନିମନ୍ତେ ନାମ ଘୋଷଣା କରାଯାଇଛି। ସାନ୍ତାଳୀ ଭାଷା ପାଇଁ ଉଦଳା ଜାମଡିହା ନିବାସୀ ମହେଶ୍ୱର ସୋରେନଙ୍କୁ 'ସେଚେଦ ସାୱତା ରିନ ଆନ୍ଧା ମନ୍ନି' ପୁସ୍ତକ ପାଇଁ ପୁରସ୍କୃତ କରାଯିବ। ଏ ନେଇ ଆଜି ଠାକୁରମୁଣ୍ଡା ଡାକ ବଙ୍ଗଳାରେ ମାରଙ୍ଗବୁରୁ ଆସୋସିଏସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ରାମ ଟୁଡୁ, ବ୍ରଜକିଶୋର ଟୁଡୁ, କହ୍ନାଇ ଟୁଡୁ ବାଘରାୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ରଚିତ ଦୁଇଟି ଚଳଚ୍ଚିତ୍ର ମଧ୍ୟ ରହିଛି। ୨୦୧୦ ମସିହାରେ 'ଦୁଲାଳ ମାୟା' ଓ ୨୦୧୪ ମସିହାରେ 'ଧରମ ଦରବାର' ଚଳଚ୍ଚିତ୍ର ରହିଛିଙ୍ଗ ଧରମ ଦରବାର ଚଳଚ୍ଚିତ୍ର ୨୦୧୪ ମସିହାରେ ଜାମସେଦପୁରଠାରେ ଝାରଖଣ୍ଡ ସିନେ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୪ ମସିହାରେ ତାଙ୍କୁ 'ଆଦିବାସୀ ପ୍ରତିଭା' ସମ୍ମାନରେ ସମ୍ମାନିତ କରିଥିଲେ। ତାଙ୍କ ରଚିତ ପୁସ୍ତକ ଗୁଡ଼ିକ ହେଲା ସେଚେଦ ସାୱତା ରୀନ ଆନ୍ଧା ମାନ୍ନୀ, ସିକାରିୟା, କାରାମ ବିନ୍ତୀ ପ୍ରକାଶିତ ହୋଇଛି। ହା ବ୍ୟତୀତ ସହରାୟ ବିନ୍ତି, ଜମସିମ ବିନ୍ତି ପ୍ରକାଶିତ ହେବା ଅପେକ୍ଷାରେ ରହିଛି। ଶ୍ରୀ ସୋରେନ ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଜାମଡିହା ଗ୍ରାମର ନିବାସୀ। ପେଶାରେ ସେ ଫାର୍ମାସୀ ଅଫିସର। ବର୍ତ୍ତମାନ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ।

## ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ

**ରାଇରଙ୍ଗପୁର, ୨୦।୧୨(ସମିସ):** ବୁଧବାର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଖେଜୁରିଆ ଗାଁରେ ପ୍ରାୟ ୭ଟି ଛେଳି ଏକ ପରିବା ବଗିଚାରେ ପଶି ଲଙ୍କା, ବାଇଗଣ ଓ ଅନ୍ୟ ପରିବା ଖାଇ ଦେଇଥିଲେ। ଏ ନେଇ ଚାଷ କରିଥିବା ବୃଦ୍ଧା ମୁନି ପୂର୍ତ୍ତି (୬୦) ଛେଳି ମାଲିକଙ୍କ ନିକଟରେ ଅଭିଯୋଗ କରିଥିଲେ। ଛେଳି ମାଲିକ ଉତ୍ତ୍ୟକ୍ତ ହୋଇ ମହିଳାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ହାତୀପଲ ନଷ୍ଟକଲେ ଧାନଫସଲ

**ରାଇରଙ୍ଗପୁର, ୨୦।୧୨(ସମିସ):** ଗୁରୁବାର ରାତ୍ରି ସମୟ କୁସୁମୀ ବ୍ଲକର ମୁରୁମଡିହି ଗାଁରେ ହାତୀପଲ ପଶି ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ବ୍ୟାପକ ଫସଲ କ୍ଷତି ହେବା ଫଳରେ ମୁରୁମଡିହି ଗାଁର ମେଘରାଏ ମାର୍ଣ୍ଡି, ଜଗନ୍ନାଥ ମାର୍ଣ୍ଡି ଓ ହୀରା ମାର୍ଣ୍ଡି ଅଭିଯୋଗ କରିଛନ୍ତି।

## ଯୁବକଙ୍କ ଆକ୍ରମଣରେ ବୃଦ୍ଧ ଗୁରୁତର

**ରାଇରଙ୍ଗପୁର, ୨୦।୧୨(ସମିସ):** ଶୁକ୍ରବାର ସକାଳେ ବହଳଦା ଥାନା ଅଧୀନ ଅଁଳାଯୋଡି, କୁଦରସାହି ଗାଁରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେହି ଗାଁର ଦୁଇଜଣ ଯୁବକ ବୃଦ୍ଧଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉକ୍ତ ଯୁବକମାନେ ବୃଦ୍ଧଙ୍କୁ ମାଡମାରି ଫେରାର ହୋଇଯାଇଛନ୍ତି। ଏ ନେଇ ତାଙ୍କ ପରିବାର ଲୋକେ ବୃଦ୍ଧ ସନ୍ତୋଷ କୁମାର ମହାନ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ପୀଡିତ ପରିବାର ପକ୍ଷରୁ ବହଳଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



**କପ୍ତିପଦା, ୨୦।୧୨(ସମିସ):** ନଚ୍ଛିପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗଦେଇ ପିଲାଙ୍କ ମଧ୍ୟରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକମାନେ ଆତ୍ମବିଶ୍ୱାସ ଏବଂ ଏକାଗ୍ରତା ଭାବ ଭରିଦେବା ଆବଶ୍ୟକ ବୋଲି କହିଥିଲେ। ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଗୁରୁଜୀ ପ୍ରଭଞ୍ଜନ ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅତିଥି ଭାବେ ସରପଞ୍ଚ ଭୀମଚରଣ ସିଂ, ରଘୁବୀର ସିଂ, ତିଲୋତ୍ତମା ନାୟକ, ସମାଜସେବୀ ପ୍ରଭାତ ପରିଡ଼ା, ବିଭୂତି ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥଲେ। ପ୍ରଧାନ ଆଚାର୍ଯ୍ୟ ଯୋଗେଶ୍ୱର ସାହୁ ବାର୍ଷିକ ବିବରଣୀ ଓ ଗୁରୁଜୀ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥଲେ।

## ଅଶୋକ ଦାସଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି

**ପାଣିକୋଇଲି, ୨୦।୧୨(ସମିସ):** ଯାଜପୁରର ଭୂମିପୁତ୍ର ତଥା କୋରେଇର ପୂର୍ବତନ ବିଧାୟକ, ସାଲିସ ବିହୀନ ନେତା ଅଶୋକ ଦାସଙ୍କ ୧୬ତମ ଶ୍ରାଦ୍ଧୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଣିକୋଇଲି ଅଶୋକ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ମା' ତାରିଣୀ ମନ୍ଦିର ପରିସରରେ ସୂର୍ଯ୍ୟମଣି ପଣ୍ଡାଙ୍କ ଆବାହକତ୍ୱରେ ଆସନ୍ତା ଡିସେମ୍ବର ୨୯ ତାରିଖରେ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସ୍ଥିର କରାଯାଇଛି। ମା ତାରିଣୀ ମନ୍ଦିର ମନ୍ଦିର ପରିସରରେ ଗୀତା ଯଜ୍ଞ, ସ୍ମୃତିଚାରଣ ସଭା, ସମୂହ ପ୍ରସାଦ ସେବନ ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଚଳିତବର୍ଷ ଦୁଇଜଣ ଅଶୋକ ଦାସଙ୍କ ସହଯୋଗୀଙ୍କୁ ଶ୍ରାଦ୍ଧ ଦିବସରେ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଥିଲା। କୋରେଇର ସମସ୍ତ ଅଶୋକପ୍ରେମୀ ସ୍ମୃତିଚାରଣ ସଭାରେ ଯୋଗଦେବାକୁ ନିବେଦନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସୁବାସ ଧଳ, ସନ୍ତୋଷ ବେହେରା, କଳ୍ପତରୁ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବେଣୁଧର ଖଣ୍ଡାଇ, ଗୋକୁଳାନନ୍ଦ ସାହୁ, ଜଗଦୀଶ୍ୱର ମଲ୍ଲିକ, ବୃନ୍ଦାବନ ମହାକୁଡ, ଅଶୋକ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସରିନି ଉତ୍ତର ବାଲେଶ୍ୱରରେ ଧାନ ଅମଳ; ଚାଷୀ ଚିନ୍ତିତ

**ଜଳେଶ୍ୱର, ୨୦।୧୨ (ସମିସ):** ଚଳିତ ଖରିଫ ଋତୁରେ ଧାନ ଅମଳ ଶେଷ ହୋଇ ନ ଥିବା ବେଳେ ଆଜି ବର୍ଷା ଯୋଗୁଁ ବ୍ୟାପକ ନଷ୍ଟ ହେବାର ସମ୍ଭାବନା ଦେଖା ଦେଇଛି। ଫଳରେ ଚାଷୀ କୁଳ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ବର୍ଷାଯୋଗୁଁ କେବଳ ଧାନ ନୁହେଁ ପରିବା, ଡାଲି, ତୈଳ ବିଜର କ୍ଷତି ହେବାର ସମ୍ଭାବନା ଦେଖା ଦେଇଛି। କଟା ହୋଇ ନ ଥିବା ପ୍ରାୟ ୨୦ ଭାଗ ଧାନ ଅମଳ ହେବା ସମ୍ଭାବନା କ୍ଷୀଣ ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି। ଜଳେଶ୍ୱର ବ୍ଲକର ଚଳିତ ଖରିଫ ଋତୁରେ ୧୮୮୮୫ ହେକ୍ଟର ଜମିରେ ଧାନଚାଷ ହୋଇ ଥିବା କୃଷି ବିଭାଗ ସୂତ୍ରରୁ ପ୍ରକାଶ। ବିଳମ୍ବିତ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଧାନ ଅମଳ ପ୍ରାୟ ୮୦ ଭାଗ ଶେଷ ହୋଇଛି। କିନ୍ତୁ ଅବଶିଷ୍ଟ ୨୦ ଭାଗ ଧାନ ଅମଳ ଆଶା ଛାଡିଛନ୍ତି ଚାଷୀ ଗଣ। ଆଜି ଜଳେଶ୍ୱର ଅଞ୍ଚଳରେ ସକାଳ ଠାରୁ କୋହଲା ପାଗ ସହିତ ଝିପି ଝିପ ବର୍ଷା ଲାଗି ରହିଥିବା ବେଳେ ଅପରାହ୍ନରୁ ଅଧିକ ବର୍ଷା ଆରମ୍ଭ ହୋଇଛି। ଫଳରେ କଟା ସରିଥିବା ଧାନ କିଆରିରେ ବ୍ୟାପକ ନଷ୍ଟ ହେବାର ସମ୍ଭାବନା ରହିଛି। କଟା ହୋଇ ନ ଥିବା ଧାନ ମଧ୍ୟ କ୍ଷତି ହେବାର କୁହାଯାଇଛି। ଏବେ ଚାଷୀମାନେ ପାରମ୍ପରିକ ଧାନଚାଷ କରୁ ନ ଥିବାରୁ ଅଧିକ ଅମଳକ୍ଷମ ଚାଷ ହୋଇଛି। ଫଳରେ ଏସବୁ ଧାନ ସାମାନ୍ୟ ଓଦା ହେଲେ ଗଜା ହେବାର ସମ୍ଭାବନା ରହିଛି।କଟା ସରିଥିବା ଧାନ ଏବେବି ବହୁ ଚାଷୀଙ୍କ ଖଳାରେ ପଡ଼ି ରହିଛି। ସେଥିରୁ ଅମଳ ସରି ନ ଥିବାରୁ ତାହା ମଧ୍ୟ କ୍ଷତି ହେବ ବୋଲି କୁହା ଯାଇଛି। ଧାନ ଅଖାରେ ଭର୍ତ୍ତି ହୋଇ ଜମା କରା ଯାଇଥିଲେ ମଧ୍ୟ ଧାନ ମଣ୍ଡି ଖୋଲି ନ ଥିବାରୁ ଏହାର ମାନ ଓ ବିକ୍ରି ନେଇ ଚାଷୀ ମାନଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। କେବଳ ଧାନ ନୁହେଁ ଏବେ ଆରମ୍ଭ ହୋଇ ଥିବା କୋବି, ପନିପରିବା, ସୁରିଷ, ଚିନାବାଦାମ, ମୁଗ, ବିରି ଚାଷର କ୍ଷତି ହେବାର ଆଶଙ୍କା ଦେଖା ଦେଇଛି। ଭୋଗରାଇ ବ୍ଲକର ଚଳିତବର୍ଷ ୧୯ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ସେହିପରି ବାଲିଆପାଳରେ ୧୭ ହଜାର ହେକ୍ଟର ଜମିରେ ଧାନଚାଷ ହୋଇ ଥିବା ଜିଲ୍ଲା କୃଷି ବିଭାଗ ସୂତ୍ରରୁ ପ୍ରକାଶ। ୩ଟି ବ୍ଲକର ଚାଷୀମାନେ ବର୍ଷା ଯୋଗୁଁ ଚିନ୍ତିତ ଅବସ୍ଥାରେ ରହିଥିବା ଜଣା ଯାଇଛି।

## ଏସ୍ଏସ୍ଡି ବାଳିକା ବିଦ୍ୟାଳୟର ୩ ଶିକ୍ଷକଙ୍କ ବଦଳି ଆଦେଶ

**ବାରିପଦା, ୨୦।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ କମଳି ଏସଏସଡି ବାଳିକା ବିଦ୍ୟାଳୟର ଅବ୍ୟବସ୍ଥା ଅଭିଯୋଗ ଜଣାଇବା ନିମନ୍ତେ ୭ଜଣ ହଷ୍ଟେଲ ଛାତ୍ରୀ ଭୋରୁ ପାଚେରୀ ଡେଇଁ ପଳାଇ ଆସିବା ଘଟଣାରେ ଶିକ୍ଷକ ଅରବିନ୍ଦ ବେହେରା, ରାଜୀବ କୁମାର ବେହେରା ଓ ପରେଶ କୁମାର ବେହେରାଙ୍କୁ ବଦଳି କରାଯାଇଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହିତ କମଳି ହାଇସ୍କୁଲରେ ଥିବା ଅତିଥି ଶିକ୍ଷକ ସୁଦର୍ଶନ ସିଂଙ୍କୁ ସେଠାକାର ଆଶ୍ରମ ଛାତ୍ରୀଙ୍କୁ ଇଂରାଜୀ ପଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଡିସେମ୍ବର ୩ ତାରିଖରେ ଭୋରୁ ୪ଟାରେ ୭ ଜଣ ସପ୍ତମ ଓ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ ପାଚେରୀ ଡେଇଁ ୧୦ କିମି ଚାଲିଚାଲି ଖୁଣ୍ଟା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାର ପ୍ରଦୀପ ପାଢ଼ୀ ସେମାନଙ୍କ ଅଭିଯୋଗ ଶୁଣିବା ପରେ ପିଲାମାନେ ଅଟୋ ରିକ୍ସାରେ ଫେରିଯାଇଥିଲେ। ଏହି ଖବର ପ୍ରଘଟ ହେବା ପରେ କପ୍ତିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଏଡିଡବ୍ଲ୍ୟୁଓ ଲିପିପୁଷ୍ପା ଦାସ, ଖୁଣ୍ଟା ତହସିଲଦାର ଶିବାନୀ ଭଞ୍ଜଦେଓ, ଖୁଣ୍ଟା ଡବ୍ଲ୍ୟୁଇଓ ମନରଞ୍ଜନ ନାୟକ ଛାତ୍ରୀ ନିବାସରେ ପହଞ୍ଚି ଅନ୍ତେବାସିନୀଙ୍କୁ ପଚରାଉଚରା କରିଥିଲେ। ସେମାନଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କୁହାଯାଇଛି।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଖୁଂଟି, ୨୦।୧୨(ସମିସ):** ବାରିପଦା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଶୁକୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ପାଣ୍ଡରଶିଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଦୁଇ ଦିନିଆ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ସମୀକ୍ଷା କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଶୁକୁଳି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନନ୍ଦ ଧଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନତାରା ମହାନ୍ତ ଓ ସନ୍ଧ୍ୟାରାଣୀ ପାତ୍ରଙ୍କ ମାର୍ଗଦର୍ଶନ ତଥା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଆଶିଷ କୁମାର ଦାଶ ମହାପାତ୍ର ଓ ଭବେଶ ଚନ୍ଦ୍ର ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଚାଲିଥିଲା। ଏହି ଅବସରରେ ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀକୁ ବ୍ୟବହାର କରି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ କେତେକ ଆଦର୍ଶ ନମୁନା ଭିତ୍ତିକ ଶ୍ରେଣୀ ଶିକ୍ଷାଦାନ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁ ତଥା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କର୍ମଶାଳାରେ ସହଯୋଗ କରିଥିଲେ।

## ହାଡ଼ଭଙ୍ଗା ଶୀତକୁ କୋହଲା ପାଗ; ବୃଷ୍ଟିପାତ ନେଇ ଜିଲ୍ଲାକୁ ସତର୍କ

**ବାରିପଦା, ୨୦।୧୨(ସମିସ):** ହାଡ଼ଭଙ୍ଗା ଶୀତ ସହ କୋହଲା ପାଗ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। କୋହଲା ପାଗ ଯୋଗୁଁ ବାରିପଦା ସମେତ ଜିଲ୍ଲାବ୍ୟାପୀ ଶୁକ୍ରବାର ହାଡଭଙ୍ଗା ଶୀତ ଅନୁଭୂତ ହୋଇଛି। ଏଥିସହିତ ସ୍ଥାନେ ସ୍ଥାନେ କୁହୁଡି ପରିଲକ୍ଷିତ ହୋଇଛି। ଜିଲ୍ଲାରେ ଶୁକ୍ରବାର ଓ ଶନିବାର ବୃଷ୍ଟିପାତ ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛି। ଲଘୁଚାପ ପ୍ରଭାବରେ ଶୁକ୍ରବାର ପୂର୍ବାହ୍ନରୁ ଜିଲ୍ଲାବ୍ୟାପୀ ଝିପିଝିପି ବର୍ଷା ଆରମ୍ଭ ହୋଇଥିବା ବେଳେ ଶନିବାର ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ଯାହାକୁ ନେଇ ତାପମାତ୍ରାରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବୃଷ୍ଟିପାତ ହୋଇଥିବାର ସୂଚନା ମିଳିଛି। ତାପମାତ୍ରା ହ୍ରାସ ଫଳରେ ଶିମିଳିପାଳ ଅଭୟାରଣ୍ୟରେ ସର୍ବନିମ୍ନ ତାପମାତ୍ରା ୧ଡିଗ୍ରୀ ସେଲସିୟସ ଛୁଇଁଥିବା ବେଳେ ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଇ ପରିବର୍ତ୍ତନ ଦେଖିବାକୁ ମିଳିଛି। ତେବେ ବୃଷ୍ଟିପାତ ଛାଡିବା ପରେ ଜିଲ୍ଲାରେ ଘନ କୁହୁଡି ପରିଲକ୍ଷିତ ହେବାର ସମ୍ଭାବନା ରହିଛି। ତେବେ ଜିଲ୍ଲାରେ ଝିପିଝିପି ବର୍ଷା ପାଇଁ ଶୀତର ପ୍ରକୋପରେ ମୟୂରଭଞ୍ଜ ଥରୁଛି। ସକାଳୁ କୁହୁଡି ପରିମାଣ ମଧ୍ୟ ବୃଦ୍ଧି ପାଇଛି। ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଥିବାର ଦେଖିବାକୁ ମିଳିଛି। ଶୀତ ସହିତ ବର୍ଷା ଯୋଗୁଁ ରାସ୍ତାଘାଟ, ବଜାର ଆଦି ଜନଶୂନ୍ୟ ହୋଇପଡ଼ିଛି।

## ଦେଉଳିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ବଡସାହି, ୨୦।୧୨(ସମିସ):** ପାଠ ବହିର କେତୋଟି ଅକ୍ଷର ଚିହ୍ନି ପଢ଼ିଦେଲେ ଜଣେ ପାଠୁଆ ହୋଇଯାଏ ସତ; ମାତ୍ର ସେ ଶିକ୍ଷିତ ନୁହଁ। ଯେ ପର୍ଯ୍ୟନ୍ତ ସଂସ୍କାର ଓ ଧର୍ମ ତା' ଆଚରଣରେ ପ୍ରକଟିତ ହୋଇନାହିଁ ସେ ପର୍ଯ୍ୟନ୍ତ ସେ ମଣିଷ ନୁହଁ। ଯଦି ଶିକ୍ଷା ଭିତରେ ମଣିଷପଣିଆ ଓ ମାନବିକତା ଜାଗ୍ରତ ନ ହୁଏ, ତାହା ମୂଲ୍ୟହୀନ। ଏଣୁ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକ ପିଲାଙ୍କୁ ଶୃଙ୍ଖଳିତ ଏବଂ ସଂସ୍କାରିତ କରି ଗଢ଼ି ତୋଳିବା ଉଚିତ। ଭାରତୀୟ ସଂସ୍କୃତି, ସଭ୍ୟତା, ଅନୁଶାସନକୁ ମାନିବାକୁ ଏମାନେ ନାରାଜ। ତେଣୁ ଶିଶୁମାନଙ୍କୁ ଶୈଶବ ଅବସ୍ଥାରୁ ଆଧାତ୍ମିକ ଓ ନୈତିକ ଶିକ୍ଷା ମଧ୍ୟ ପ୍ରଦାନ କରିବା ଉଚିତ ବୋଲି ଶୁକ୍ରବାର ଦେଉଳିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧକ୍ଷ୍ୟତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି, ମୁଖ୍ୟବକ୍ତାଭାବେ ଶିକ୍ଷାବିତ ହାଡିବନ୍ଧୁ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ସିଆରସିସି ଦେବରଞ୍ଜନ ମୁଖୀ, ପ୍ରତିଷ୍ଠାତା ବିଦ୍ୟାଧର ସଦୁଆଳ, ପୂର୍ବତନ ଶିକ୍ଷକ ବିଷ୍ଣୁଚରଣ ରାଉତ, ରବୀନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସିଂ, ଶିକ୍ଷା କମିଟି ଚେୟାରମ୍ୟାନ ମନୋରଞ୍ଜନ ଲେଙ୍କା ଓ ଶାନ୍ତନୁ ସଦୁଆଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ଘୋଷ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବେତନଟୀ ପ୍ରିମିୟର ଲିଗ୍‌ର ୫ମ ଦିନ

## ବାହାନଡ଼ା ଟାଇଗର୍ସ ଓ ମା'ଦୁର୍ଗା ଫାଇଟର୍ସ ବିଜୟୀ




**ବେତନଟୀ, ୨୦।୧୨(ସମିସ):** ବେତନଟୀ କ୍ରିକେଟ କ୍ଲବ (ବିସିସି) ଆନୁକୂଲ୍ୟରେ ପରିଚାଳିତ ବେତନଟୀ ପ୍ରିମିୟର ଲିଗ୍ ସିଜିନ-୧୨ର ପଞ୍ଚମଦିନରେ ୪ଟି ଟିମ୍‌କୁ ନେଇ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା।ଚାରିଗୋଟୀ ଟିମକୁନେଇ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବାହାନଡା ଟାଇଗର୍ସ ଓ ମା'ଦୁର୍ଗା ଫାଇଟର୍ସ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ବାହାନଡା ଟାଇଗର୍ସ ଏବଂ ଦାନି-୧୧ ଚିତ୍ରଡା ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଦାନି-୧୧ ଚିତ୍ରଡା ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ବିନିମୟରେ ୧୫୯ ରନ୍ ସଂଗ୍ରହ କରିଥିଲା। ୧୬୦ରନର ବିଜୟଲକ୍ଷ୍ୟ ନେଇ ବାହାନଡା ଟାଇଗର୍ସ ୧୭.୩ଓଭରରେ ୫ଉଇକେଟ ବିନିମୟରେ ୧୬୦ ସଂଗ୍ରହ ପୂର୍ବକ ସହଜ ବିଜୟ ହାସଲ କରିନେଇଥିଲା। ଚିନ୍ମୟ ପଣ୍ଡିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ମା'ଦୁର୍ଗା ଫାଇଟର୍ସ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ଆର୍ଯ୍ୟନ ଫାଇଟର୍ସ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ରେ ସୀମିତ ରହି ପରାଜିତ ହୋଇଥିଲା। ସାଗର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ପୁରସ୍କୃତ କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କୃତୀ ଖେଳାଳିଙ୍କୁ ବିସିସିର ପ୍ରଶାନ୍ତ ନାଥ ଓ ସ୍ୱାଧୀନ ଶର୍ମା ପୁରସ୍କୃତ କରିଥିଲେ।

## ଏମ୍‌ପିକେ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବାରିପଦା, ୨୦।୧୨(ସମିସ):** ବାରିପଦା ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର କଳିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ରାସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ କ୍ରୀଡାର ଉପାଦେୟତା ଉପରେ ବିଶେଷ ଆଲୋକପାତ କରିଥିଲେ।। ସମ୍ମାନିତ ଅତିଥିଭାବେ ଡକ୍ଟର ଶଶୀଧର ବିଶ୍ୱାଳ, କମଳାଂଶୁ ତ୍ରିପାଠୀ, ହରେକୃଷ୍ଣ ପାତ୍ର, ମାଧୁରୀ ଦ୍ୱିବେଦୀ ଯୋଗଦେଇଥିଲେ। ଶିକ୍ଷକ ସତ୍ୟବ୍ରତ ବାରିକ, ତନୁଶ୍ରୀ ପାଣି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ପ୍ରଣତି ଦେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ଏସ୍ଏସ୍ଡି ଶିକ୍ଷକଙ୍କ ବଦଳି ସୁପାରିସ ପ୍ରସଙ୍ଗ

# ବିଧାୟକଙ୍କ ବାସଗୃହ ଆଗରେ ଆତ୍ମାହୁତି ଚେତାବନୀ

**ଉଦଳା, ୨୦।୧୨(ସମିସ)**

ଉଦଳା ବିଧାୟକ ଭାସ୍କର ମଢେଇଙ୍କ ବାସଗୃହ ସମ୍ମୁଖରେ ଆତ୍ମହୁତି ଦେବାକୁ ଚେତାବନୀ ଦେଇଛନ୍ତି ଜଣେ ଏସଏସଡ଼ି ଶିକ୍ଷକଙ୍କ ଭିନ୍ନକ୍ଷମ ପତ୍ନୀ। ସ୍ୱାମୀ ବ୍ରଜମୋହନ ମାଝିଙ୍କ ବଦଳି ବାତିଲ ସୁପାରିସକୁ ପ୍ରତ୍ୟାହାର ନ କଲେ ତାଙ୍କ ସ୍ତ୍ରୀ ଭିନ୍ନକ୍ଷମ ପ୍ରତିଭା ମଞ୍ଜରୀ ପରିଡ଼ା ବିଧାୟକଙ୍କ ବାସଗୃହ ସମ୍ମୁଖରେ ଆତ୍ମାହୁତି ଦେବା ପାଇଁ ସଂକଳ୍ପ କରିଥିବା କହିଛନ୍ତି। ଅଭିଯୋଗ ଅନୁସାରେ, ପ୍ରତିଭା ମଞ୍ଜରୀ ପରିଡ଼ା ହାତ ନ ଥିବା ଭିନ୍ନକ୍ଷମ ମହିଳା। ତାଙ୍କ ସ୍ୱାମୀ ବ୍ରଜମୋହନ ମାଝିଙ୍କ ଗତ ୧୩ ତାରିଖରେ ବାଲେଶ୍ୱର ଜିଲ୍ଲା ବୈଷ୍ଣବବନ୍ଧ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରୁ ମୟୂରଭଞ୍ଜ ଶାଳଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟକୁ ବଦଳି ହୋଇଛି। ତାଙ୍କର ଶିଶୁପୁତ୍ର ମଧ୍ୟ ଭିନ୍ନକ୍ଷମ ହୋଇଥିବାରୁ ସ୍ୱାମୀଙ୍କ ବିନା ସହଯୋଗରେ ବଞ୍ଚିବା ଅସମ୍ଭବ। ତେବେ ବିଧାୟକ ତଞ୍ଚକତା କରି ସ୍ୱାମୀଙ୍କ ବଦଳିକୁ ବାତିଲ କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ସୁପାରିସ କରିଥିବା ଆଲୋଚନା ହେଉଛି। ବଦଳି ଘର ପାଖକୁ ନ ହୋଇ ଯଦି ବାତିଲ ହୁଏ ଆଦେଶ ମିଳିବାର ଦୁଇଦିନ ମଧ୍ୟରେ ସେ ବିଧାୟକଙ୍କ ବାସଗୃହ ସାମ୍ନାରେ ଆତ୍ମାହୁତି ଦେବା ପାଇଁ ସଂକଳ୍ପ କରିଥିବା ଲିଖିତଭାବେ ଜଣାଇଛନ୍ତି। ଏଣୁ ବିଧାୟକ ତାଙ୍କ ସ୍ୱାମୀଙ୍କ ବଦଳି ବାତିଲ କରିବା ପାଇଁ ସୁପାରିଶ କରନ୍ତି ତାହାହେଲେ ସେ ଚରମ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ପ୍ରତ୍ୟାହାର କରି ମୋର ମୂଲ୍ୟବାନ ଜୀବନ ରକ୍ଷା କରନ୍ତୁ ଓ ଶାଳଖୁଣ୍ଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାନ୍ତୁ। ଏହା ନ ହେଲେ ପରିଣାମ ଯାହା ହେବ ବିଧାୟକ ଓ ସରକାର ଦାୟୀ ରହିବେ ବୋଲି ସେ ଲିଖିତଭାବେ ଜଣାଇଛନ୍ତି। ଏ ନେଇ ବିଧାୟକ ଶ୍ରୀ ମଢେଇଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି କହିବା ସହିତ ପୂର୍ବରୁ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଜଣକ ଦାୟିତ୍ୱରେ ରହିଥିଲେ; ହେଲେ ବିବାଦୀୟ ହେବାରୁ ବଦଳି ହୋଇଥିବା କହିବା ସହିତ ଗ୍ରାମବାସୀ ଓ ଅଭିଭାବକ ବିରୋଧ କରୁଥିବା ଅଭିଯୋଗ ଆଣିଛନ୍ତି ବୋଲି କହିଛନ୍ତି।

### ଆନନ୍ଦପୁର ବାଣିଜ୍ୟମେଳାର ଷଷ୍ଠ ସନ୍ଧ୍ୟା

# ମନଛୁଇଁଲା ଢେଙ୍କାନାଳର ଲୋକନୃତ୍ୟ ଚୁଟ୍‌କିଚୁଟା



**ଆନନ୍ଦପୁର,୨୦।୧୨(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ପ୍ରତିକୂଳ ପାଗ ସତ୍ତ୍ୱେ ବାଣିଜ୍ୟ ମେଳାର ଷଷ୍ଠ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହୋଇଛି। ଢେଙ୍କାନାଳର ସରଗମ୍ ନୃତ୍ୟାଭିନୟ ଅନୁଷ୍ଠାନର କଳାକାରମାନଙ୍କ ଓଡ଼ିଶୀ, ସମ୍ବଲପୁରୀ, ପଲ୍ଲୀ ନୃତ୍ୟ ଓ ଚଢେୟାଚଢେୟାଣୀ ନୃତ୍ୟାଭିନୟ ବେଶ୍ ମନଛୁଆଁ ହୋଇଥିଲା। ପରେ ପରେ ଯାଜପୁର ରୋଡର ସାଇ ଏକାଡେମୀର କଳାକାର ମାନେ ସଂଗୀତ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଜିର ଷଷ୍ଠ ଦିବସୀୟ ସାଧାରଣ ସଭାରେ ପ୍ରେସ୍ କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ସଂପାଦକ ସନ୍ତୋଷ କୁମାର ରାଉତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ମୁଖ୍ୟବକ୍ତା ଭାବେ ଯୋଗଗୁରୁ ଅନ୍ନଦା ଶଙ୍କର ମହାନ୍ତି ଯୋଗଦେଇଥିଲେ। ମେଳା ପଡିଆରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟକୁ ନେଇ ହୋଇଥିବା ଫୁଡ ବଜାର, ସ୍ପେସାଲ ସିଟି ଡ୍ରେସ୍ ସେଲ, ବେତରେ ପ୍ରସ୍ତୁତ ଫର୍ଣ୍ଣିଚର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଘରକରଣା ଉପକରଣ ପାଇଁ ବିଶେଷ କରି ମହିଳା ମାନଙ୍କ ଭିଡ ଜମୁଥିବା ପରିଲକ୍ଷିତ ହୋଇଛି। ଏତଦ୍ ବ୍ୟତୀତ ମୀନାବଜାର, ରାମ ଦୋଳି, ଚିଡିଆଖାନା, ମିକି ମାଉସ୍, ଜମ୍ପିଙ୍ଗ ଦୋଳି ଲାଗିଥିବାରୁ ସମାଗମ ଧିରେ ଧିରେ ବଢୁଥିବା ପରିଲକ୍ଷିତ ହୋଇଛି।

### ଫିକା ପଡ଼ିଲା ଗୋନାସିକା ମହୋତ୍ସବ

## ବର୍ଷା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ୍

**କେନ୍ଦୁଝର,୨୦।୧୨(ସମିସ):** କେନ୍ଦୁଝର କାଳୀପଡିଆ ଓ ଷ୍ଟାଡିୟମରେ ଆୟୋଜିତ ହେଉଥିବା "ଗୋନାସିକା କେନ୍ଦୁଝର ମହୋତ୍ସବ' ଏବଂ ଆଞ୍ଚଳିକ ସରସ ମେଳାର ତୃତୀୟ ସନ୍ଧ୍ୟା ଫିକା ପଡ଼ିଯାଇଛି। ଶୁକ୍ରବାର ଦିନତମାମ ଝିପିଝିପି ବର୍ଷା ପାଇଁ ମହୋତ୍ସବରେ ଉତ୍ସାହ ଦେଖିବାକୁ ମିଳିନଥିଲା। ସନ୍ଧ୍ୟାର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ୍ କରାଯାଇଥିଲା। ତେବେ ସରସମେଳାରେ ଷ୍ଟଲ୍ ଗୁଡିକ ଖୋଲିଥିଲେ ମଧ୍ୟ କାଁ ଭାଁ ଦର୍ଶକଙ୍କୁ ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁଁ ଉତ୍ସବର ସରସତା ଦେଖିବାକୁ ମିଳିନଥିଲା।

## ଟ୍ରାକ୍ଟର ଚଢ଼ି ଯିବାରୁ ଚାଳକ ମୃତ

**ତୁରୁମୁଙ୍ଗା,୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ବ୍ଲକ ଶଙ୍ଖୁଆ- ବଡବାଲିପଶି ରାସ୍ତାର ଶଙ୍ଖୁଆ ନିକଟରେ ଗୁରୁବାର ରାତିରେ ଟ୍ରାକ୍ଟର ଚଢ଼ିଯିବାରୁ ଚାଳକର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ବଡ଼ବାଲିପଶି ସଞ୍ଜୀବ କୁମାର ମହାନ୍ତ। ସଞ୍ଜୀବ ଟ୍ରାକ୍ଟର ଚଳାଇ ଯାଉଥିବା ବେଳେ ସେଥିରୁ ଖସି ପଡିବାରୁ ତାଙ୍କ ଉପରେ ଟ୍ରାକ୍ଟରର ପଛ ଚକ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁହୋଇଥିଲା। ଏନେଇ ପାଟଣା ଥାନାରେ ୩୫୫/୨୪ରେ ଏକ ଦୁର୍ଘଟଣା ମାମଲା ରୁଜୁ ହେବା ସହ ପୁଲିସ ଟ୍ରାକ୍ଟରକୁ ଜବତ କରିଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଆନନ୍ଦପୁର ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ଆନନ୍ଦପୁର,୨୦।୧୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ୬୧ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅଭିମନ୍ୟୁ ସେଠୀ କ୍ରୀଡା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ନାରାୟଣ ଦାସ, ଶିବାଚରଣ ବେହେରା, ଡ. ନିମାଇଁ ଚରଣ ରାଉତ, ପ୍ରଦୀପ କୁମାର ଧଳ ଯୋଗ ଦେଇ କ୍ରୀଡା କ୍ଷେତ୍ରରେ ପରଦର୍ଶିତା ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଆମୋଦ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ଖେଳ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ

# ରୋଷେୟା ଓ ଶିଶୁକନ୍ୟାକୁ ମାଡ଼ ଅଭିଯୋଗ



**ତେଲକୋଇ,୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଗୋନାସିକା ଏସଏସ୍‌ଡି ସରକାରୀ ବାଳିକା ବିଦ୍ୟାଳୟରେ ଜଣେ ମହିଳା ରୋଷେୟାଙ୍କୁ ବିଦ୍ୟାଳୟର ଖେଳ ଶିକ୍ଷକ ମାଡ଼ ମାରିଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ଏହା ସହିତ ତାଙ୍କର ୩ ବର୍ଷର ଶିଶୁ କନ୍ୟାକୁ ମଧ୍ୟ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ତେବେ ମହିଳାଙ୍କ ଅଭିଯୋଗ ଯେ, ଗତ ୧୩ ତାରିଖ ଶୁକ୍ରବାର ଅପରାହ୍ନ ସମୟରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟର ରୋଷେୟା ଶାନ୍ତିଲତା ଜୁଆଙ୍ଗଙ୍କୁ କୌଣସି ଏକ ଅଫିସ କାର୍ଯ୍ୟରେ ଡାକିବାରୁ ସେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପାଖରେ ଥିବା ତାଙ୍କର ୩ ବର୍ଷର ଶିଶୁ କନ୍ୟା ମଧ୍ୟ ପଛେ ପଛେ ଯାଇଥିଲା। ମାତ୍ର ଶିଶୁ କନ୍ୟା ଜଣଙ୍କ ବିଦ୍ୟାଳୟ ଫୁଲ ବଗିଚାରେ ପଶି ଏକ ଫୁଲ ଛିଣ୍ଡାଇ ଦେଇଥିଲା। ଏହା ପରେ ବିଦ୍ୟାଳୟର ଖେଳ ଶିକ୍ଷକ ରାଜୀବ ଲୋଚନ ମହାନ୍ତ ଶିଶୁ କନ୍ୟାକୁ ମାଡ଼ ମାରିଥିଲେ। ଏହା ଦେଖି ଶିଶୁ କନ୍ୟାର ମା' ତଥା ବିଦ୍ୟାଳୟର ରୋଷେୟା ଶାନ୍ତିଲତା ଜୁଆଙ୍ଗ ଝିଆକୁ କାହିଁକି ମାଡ଼ ମାରିଲ ବୋଲି ଖେଳଶିକ୍ଷକଙ୍କୁ ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଖେଳ ଶିକ୍ଷକ ଯିଏ ଫୁଲ ଛିଣ୍ଡାଇବ ତାକୁ ଏମିତି ମାଡ଼ ଦିଆଯିବ ବୋଲି କହିଥିଲେ। ଏହା ପରେ ସଂପୃକ୍ତ ରୋଷେୟା ମଧ୍ୟ ପାଖରେ ଥିବା ବଗିଚାରୁ ଗୋଟିଏ ଫୁଲ ଛିଣ୍ଡାଇ ଥିଲେ। ଫୁଲ ଛିଣ୍ଡାଇବା ପରେ ଖେଳ ଶିକ୍ଷକ ରାଜୀବ ଲୋଚନ ମହାନ୍ତ ମହିଳା ରୋଷେୟାଙ୍କୁ ବାମ ପାଖର୍ କାନ ମୂଳିଆ ଏକ ଚାପଡ ମାରିବା ସହିତ ଡାହାଣ ହାତକୁ ମୋଡ଼ି ଭାଙ୍ଗିବାକୁ ଉଦ୍ୟମ କରିବା ସହିତ ପିଟା ମରା କରିଥିଲେ। ଏଥିରେ ମହିଳାଙ୍କ ହାତରୁ ପିନ୍ଧିଥିବା ଚୁଡ଼ି ଭାଙ୍ଗି ଯାଇ ହାତରେ ପଶି ଯିବା ସହିତ ଆହତ ହୋଇଥିଲେ। ଏହି ଘଟଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଛାତ୍ରୀମାନଙ୍କ ସମ୍ମୁଖରେ ହୋଇଥିଲେ ସୁଦ୍ଧା କେହି ଅଟକାଇ ନଥିଲେ। ଏହି ଘଟଣାକୁ ନେଇ ପୀଡ଼ିତା ଶାନ୍ତିଲତା ଜୁଆଙ୍ଗ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା କେହି ତାଙ୍କ ଅଭିଯୋଗକୁ ବିଚାର କରୁ ନଥିବା ସେ ଅଭିଯୋଗ ଆଣିଛନ୍ତି। ଏହା ସହିତ ସେ ଚିକିତ୍ସା ନିମନ୍ତେ ଛୁଟି ପାଇଁ ଆକୁଳ ନିବେଦନ କରିଛନ୍ତି।

## ରାଜା ମେମୋରିଆଲ୍ ଟି-୨୦ କ୍ରିକେଟ୍ ଆରମ୍ଭ

**ରାମଚନ୍ଦ୍ରପୁର,୨୦।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ମିନି ଷ୍ଟାଡିୟମରେ ରାଜା ମେମୋରିଆଲ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ କ୍ରୀଡା ଶିକ୍ଷକ ତଥା ରାଜା ମେମୋରିଆଲର ପୃଷ୍ଠପୋଷକ କାର୍ତ୍ତିକପ୍ରସାଦ ଶତପଥି ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦଘାଟନୀ ମ୍ୟାଚରେ ରାଛିପୁର କ୍ରିକେଟ କ୍ଲବକୁ ହରାଇ ସୁଜିନ୍ଦା ଏକାଦଶ ସମିଫାଇଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖପୁରିଆପଦା ଟିମ୍‌କୁ ହରାଇ ସ୍ପୋର୍ଟସ କ୍ଲବ ଅଳତି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ହୋଇଥିବା ମ୍ୟାଚରେ ସ୍ପୋର୍ଟସ କ୍ଲବ ଅଳତି ପ୍ରଥମେ ଟସ ଜିତି ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଖପୁରିଆପଦା ୧୯ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୨୬ ରନ ସଂଗ୍ରହ କରିପାରିଥିଲା। ସ୍ପୋର୍ଟସ କ୍ଲବ ଅଳତିର ଟିମ୍ ମ୍ୟାନେଜର ପ୍ରଶାନ୍ତକୁମାର ନାୟକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଥିବା ବେଳେ ଅମ୍ପାୟାର ଭାବେ ସବ୍ୟସାଚୀ ଦାସ, ମାନସ ସେଠୀ ମ୍ୟାଚ ପରିଚାଳନା କରିଥିଲେ। ଜିତେନ୍ଦ୍ର ସାମଲ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଭାବେ ଦେବାଶିଷ ନାୟକ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

### ଲଗାମଛଡା ହୋଇ ପଡ଼ିଛି ଠିକା ସଂସ୍ଥା

# ଗୃହପାଳିତ ପଶୁପକ୍ଷୀ ଅସୁରକ୍ଷିତ



**ଆନନ୍ଦପୁର,୨୦।୧୨(ସମିସ):** ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପରେ ଆସି ଯୋଡି ହେବା ପାଇଁ ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କେନାଲ ନିର୍ମାଣକାରୀ ଠିକା ସଂସ୍ଥା ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କରିନଥିବାରୁ ଗୃହପାଳିତ ପଶୁପକ୍ଷୀ ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ ହୋଇଛି। ଏହି କେନାଲ ପାଇଁ ଅଧିଗ୍ରହଣ କରାଯାଇଥିବା ଅଞ୍ଚଳରେ ପୂର୍ବରୁ ଗୋରୁ ଗାଈ ଓ ଗୃହପାଳିତ ପଶୁପକ୍ଷୀ ଚାରଣ କରୁଥିବା ବେଳେ ବର୍ତ୍ତମାନକୁ ଏହା ସେମାନଙ୍କ ପାଇଁ ବିପଦ ସଂକୁଳ ହୋଇପଡିଛି। ସ୍ଥାନୀୟ ଶୈଳଙ୍ଗ ନିକଟରୁ କେନାଲ ନିର୍ମାଣ ପାଇଁ ମାଟି ଖୋଳା ଆରମ୍ଭ ହୋଇଯାଇଥିବା ବେଳେ ଏହାର ଚତୁଃପାର୍ଶ୍ୱରେ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନଥିବା ପରିତାପର ବିଷୟ। ପ୍ରାୟ ୨୦ ଫୁଟରୁ ଉର୍ଦ୍ଧ୍ୱ ଗଭୀରର ମାଟି ତଡାଯାଇ ଥିବାରୁ ଏହି ସ୍ଥାନ ଅତ୍ୟନ୍ତ ବିପଦଜନକ ହୋଇପଡିଥିଲେ ମଧ୍ୟ ନିର୍ମାକାରୀ ଠିକା ସଂସ୍ଥା ଲଗାମ୍ ଛଡା ଭାବେ ଏପରି କାର୍ଯ୍ୟ କରୁଥିବା ଅଂଚଳବାସୀ ସାଧାରଣରେ ଅଭିଯୋଗ ହୋଇଛି। ଏହି ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟ ଆରମ୍ଭ ହେବା ପରେ ଏହି ସ୍ଥାନ ଏପରି ବିପଦ ସଂକୁଳ ଅବସ୍ଥାରେ ପଡିରହିଥିବାରୁ ବିଭାଗୀୟ ଯନ୍ତ୍ରୀମାନେ ତଦାରଖ କରୁନଥିବା ଅନୁମାନ ହୋଇଛି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସୁରକ୍ଷା ବ୍ୟବସ୍ଥା ସହିତ କେନାଲ ପାଇଁ ମାଟି ଖୋଳା ଯାଇଥିବା ଅଂଚଳରେ ଆଲୋକ ବ୍ୟବସ୍ଥା ଯଥାଶୀଘ୍ର କରିବା ପାଇଁ ନିର୍ମାଣକାରୀ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

### ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଆନନ୍ଦପୁର



**ବେଲବାହାଲି,୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ଗ୍ରାମରେ ମା' ମଙ୍ଗଳା କ୍ରିକେଟ କ୍ଲବ୍ ପକ୍ଷରୁ ୫ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳକୁ ନେଇ ଆୟୋଜନ କରାଯାଇଥିବା ବେଳେ ଶୁକ୍ରବାର ଏହି ଲିଗ୍ ମ୍ୟାଚ୍‌ରେ ସଡ଼ା ଏକାଦଶ ସହିତ ବେଲବାହାଲି ଏକାଦଶ ହୋଇଥିଲା। ବିଜୟୀ ବେଲବାହାଲି ଏକାଦଶ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ପରେ ପରେ ଆନନ୍ଦପୁର ଏକାଦଶ ସହିତ ବାରିଗାଁ ଏକାଦଶ ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ଏକାଦଶ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ମ୍ୟାଚକୁ ପ୍ରବେଶ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଅଞ୍ଚଳର ଯୁବ ସମାଜସେବୀ ପ୍ରମୋଦ କୁମାର ବାରିକ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ଖେଳି ରାଜ୍ୟ ଓ ଦେଶର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ବେଲବାହାଲି ଏକାଦଶ ସହିତ କ୍ୱାଟର ଖେଳି ଆନନ୍ଦପୁର ଏକାଦଶ ସେମିଫାଇନାଲକୁ ପ୍ରବେଶ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଚନ୍ଦନ କୁମାର ସେଠୀ, ଟୁନା ଜେନା କରିଥିବା ବେଳେ ଧାରା ବିବରଣୀ କାହ୍ନା ନାହାକ, ମାନସ କୁମାର ସାହୁ ଦେଇଥିଲେ। କ୍ରୀଷ୍ଣା ସାହୁ, ଅଭିଷେକ ସାହୁ, ଜିତେନ୍ଦ୍ର ସାହୁ, ଅବତାର ବାଇ, ତାଜମହଲ ସାହୁ, ସର୍ବେଶ୍ୱର ସାହୁ, ସମ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଡ଼ା-ବଡ଼ବିଲ ଅଞ୍ଚଳରେ 'କିଶୋରୀ ଏକ୍ସପ୍ରେସ'ର ଶୁଭାରମ୍ଭ



**କେନ୍ଦୁଝର,୨୦।୧୨(ସମିସ):** କିଶୋରୀମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା, ବିଶେଷ କରି ସେମାନଙ୍କୁ ଆନେମିଆମୁକ୍ତ କରିବା ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ "କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ'ର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଡ଼ା ମଣ୍ଡଳ ଖଣି ଉପ ନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ଏବଂ ଏମଡିଓ ହେଡ୍ ଏନ୍.ଏନ୍ ସିଂହ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପତାକା ଦେଖାଇ "କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ଭ୍ୟାନର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ଅତ୍ୟାଧୁନିକ ଭ୍ୟାନରେ ରକ୍ତ ପରୀକ୍ଷଣ ବ୍ୟବସ୍ଥା, ଔଷଧ, ସାନିଟାରି ପ୍ୟାଡ଼ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସରଞ୍ଜାମ ଉପଲବ୍ଧ ରହିଛି। ଏହି ଭ୍ୟାନ ଗାଁ ଗାଁ ବୁଲି ସଚେତନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇବ। ଯୋଡ଼ା-ବଡ଼ବିଲ ଅଞ୍ଚଳର କିଶୋରୀମାନଙ୍କୁ ଆନେମିଆମୁକ୍ତ କରିବା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ୧୯ଟି ପଞ୍ଚାୟତ ଅଧୀନ ୧୨୦ଟି ଗ୍ରାମର ପ୍ରାୟ ୯୦୦୦ କିଶୋରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଅଙ୍ଗନବାଡ଼ି ଓ ସ୍କୁଲରେ "କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଂଗିନୀମାନେ ସହଯୋଗ କରିବେ। କିଶୋରୀମାନଙ୍କୁ ଲୌହସାରର ଅଭାବ ଓ ଏହାର ଅସୁବିଧା ସମ୍ପର୍କରେ ଅବଗତ କରାଯିବ। ସେମାନଙ୍କ ହିମୋଗ୍ଲୋବିନ ପରୀକ୍ଷଣ କରାଯାଇ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇଦିଆଯିବ। ପରିଚ୍ଛନ୍ନତା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ସାନିଟାରୀ ନାପକିନ୍ "ଶୁଭାଙ୍ଗୀ' ବିତରଣ କରାଯିବ। ଆନେମିଆ ଓ ଅତି ଗୁରୁତର ଆନେମିଆ ରୋଗୀଙ୍କୁ ପୋଷଣ ସହାୟତା ଏବଂ ମଲ୍ଟି ଭିଟାମିନ ପ୍ରଦାନ କରାଯିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ଜେଏସପିଏଲର ଅଧିକାରୀ ଓ ଜିନ୍ଦଲ ଫାଉଣ୍ଡେସନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ହାଟଡିହୀ,୨୦।୧୨(ସମିସ):** ହାଟଡିହୀ ବ୍ଲକ ଅନ୍ତର୍ଗତ ବିଶ୍ୱତାରିଣୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହା ଗତ ୩ଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀମାନଙ୍କ ମଧ୍ୟରେ ଅନେକ ପ୍ରକାରର କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧାପିକା ଆଳତି ଦାଶ, ପଲ୍ଲୀଶ୍ରୀ ପାଇକରାୟ, ଶୁଭସ୍ମିତା ପଲତା, ଶୁଭଶ୍ରୀ ରାଉତ, ସ୍ୱର୍ଣ୍ଣମଞ୍ଜରୀ ପଣ୍ଡା, ସୁମିତ୍ରା ବେହେରା, ଅଧାପକ ବିଶ୍ୱଜିତ ରାଉତ ଏବଂ କ୍ରୀଡା ଶିକ୍ଷୟତ୍ରୀ ସୁରଭି ଦାସ ଉପସ୍ଥିତ ରହି କ୍ରୀଡା କାର୍ଯ୍ୟକ୍ରମ ଗୁଡିକୁ ସୁରୁଖୁରୁରେ ପରିଚାଳନା କରାଇଥିଲା ବେଳେ ଏଥିରେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜୁ ଛାତ୍ର ଜନତା ଦଳର ସଦସ୍ୟତା ଅଭିଯାନ

**ଆନନ୍ଦପୁର,୨୦।୧୨(ସମିସ):** ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳର ଆରମ୍ଭ ହୋଇଥିବା ସଦସ୍ୟତା ଅଭିଯାନ ଆଜି ଆନନ୍ଦପୁରରେ ଶୁଭାରମ୍ଭ ହୋଇଛି। ଆନନ୍ଦପୁର ବିଜୁ ଛାତ୍ର ଜନତା ଦଳର ସଭାପତି ଶୁଭ୍ରାଜିତ ରାମଙ୍କ ତତ୍ତ୍ୱାବଧାନରେ ବିଜୁ ଛାତ୍ର ରାଜ୍ୟ ସଭାପତି ରାଜେଶ କୁମାର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କ୍ରମରେ ଆନନ୍ଦପୁର, ଘସିପୁରା ଓ ହାଟଡିହୀ ବ୍ଲକର ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି ଅଭିଯାନରେ ସାମିଲ କରି ଛାତ୍ର ସଂଗଠନକୁ ସୁଦୃଢ କରିବା ନିମନ୍ତେ ଆୟୋଜିତ ଆଲୋଚନାଚକ୍ରରେ ନିଷ୍ପତି ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଛାତ୍ର ନେତା ଅନିମେଶ ମିଶ୍ର, ସୌମ୍ୟରଞ୍ଜନ ରାମ, ସତ୍ୟରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଇଞ୍ଜୋଳରେ ବିହନ ବଣ୍ଟନ

**ହାଟଡିହୀ,୨୦।୧୨(ସମିସ):** ହାଟଡିହୀ ବ୍ଲକ ଇଞ୍ଜୋଳଠାରେ କୃଷି ବିଭାଗ ପକ୍ଷରୁ ବିହନ ବିରତଣ କରାଯାଇଛି। ଏହି ବିହନ ବଣ୍ଟନ କାର୍ଯ୍ୟକ୍ରମଟି କୃଷି କର୍ମଚାରୀ ନନ୍ଦକିଶୋର ଓଝା ଓ ସରପଞ୍ଚ ସସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ହାଟଡିହୀ ବ୍ଲକ୍ କୃଷି ଅଧିକାରୀ ଡ.ଦେବୀପ୍ରସନ୍ନ ଖୁଣ୍ଟିଆ, କୃଷି ପର୍ଯ୍ୟବେକ୍ଷକ ନିରଞ୍ଜନ ରଥ, ବ୍ଲକ ସଂଯୋଜକ ତନ୍ମୟ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ବିହନ ବିତରଣ କରିଥିଲେ। ଏଥିରେ ସତ୍ୟାନନ୍ଦ ଜେନା, ପ୍ରଫୁଲ୍ଲ ଜେନା, ଅମର କୁମାର ରାଉତ, ଚିତ୍ତରଞ୍ଜନ ନାଇକ, ଅନନ୍ତ ଚରଣ ସାହୁ, ପ୍ରଦ୍ୟୁମ୍ନ ସୁଆର, ମୁକ୍ତିକାନ୍ତ ପଣ୍ଡା, ମନୋଜ କୁମାର ରାଉତ, ସୁବାସ ଚନ୍ଦ୍ର ମହାପାତ୍ର, ହରେକୃଷ୍ଣ ନାଇକଙ୍କ ସମେତ ଅନ୍ୟଚାଷୀଙ୍କୁ ବିରି, ସୋଲା ଓ ମସୁର ଆଦି ଡ଼ାଲି ଜାତୀୟ ବିହନ ବଣ୍ଟନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଖୋଲିଲା ମଣ୍ଡି



**ହାଟଡିହୀ/ସୋସୋ,୨୦।୧୨(ସମିସ):** ହାଟଡିହୀ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ଧାନ ମଣ୍ଡି ଖୋଲିଛି। ମରୈଗାଁ ସମବାୟ ସମିତିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନି ମାଝୀ ଯୋଗ ଦେଇଥିବା ବେଳେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ, ଡିଆରସିଏସ ଶୁଭକାନ୍ତି ଜୁଆଙ୍ଗ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଏଆରସିଏସ ବିକାଶ କୁମାର ନାୟକ, ସହକାରୀ ଏଆରସି ଏସ ରାମଚନ୍ଦ୍ର ବିଶ୍ୱାଳ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର, ହରମୋହନ ଶାସିନୀ, ସମିତିର ସଭାପତି ଜଳଧର ମହାପାତ୍ର, ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ, ଏସିଏସଓ ଶିବ ପ୍ରସାଦ ଶ୍ରୀଚନ୍ଦନ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହି ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ଚାଷୀ ରେଖା ବାସ, ଶ୍ରୀକୃଷ୍ଣ ଷଡ଼ଙ୍ଗୀ, କାଶିନାଥ ଘଡେଇ, କାଶୀନାଥ ସେନାପତି, କୃଷ୍ଣଚନ୍ଦ୍ର ପଣ୍ଡା ଆଦି ଧାନ ଦେଇ ଶୁଭାରମ୍ଭ କରିଥିଲେ। ସେହିପରି ଡଅଁର ସମବାୟ ସମିତିର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଅକ୍ଷୟ ଧଳ, ଉପସଭାପତି ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ରହି ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ସମୟରେ ହୀରାବତୀ ବାସ, ପ୍ରେମଲତା ସାହାଣୀ ପଦ୍ମନାଭ ବାସ, ତପନ ଜେନା, ଅମୂଲ୍ୟ ଦାସ, କବିନ୍ଦ୍ର ସାହୁ, ମନୋଜ କୁମାର ପଟ୍ଟନାୟକ, ବିନୋଦ କୁମାର ମାଝୀ, ଗଙ୍ଗାଧର ସାହୁ ଚାଷୀ ଧାନ ଦେଇ ଶୁଭାରମ୍ଭ କରିଥିଲେ। ସଡ଼ା ସମବାୟ ସମିତି ପକ୍ଷରୁ ଧାନ କିଣାର ଶୁଭାରମ୍ଭ ହୋଇଛି। ସଭାପତି ଅଲେଖ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ରଞ୍ଜିତା ଜେନା, ଡିଆର୍‌ସିଏସ ଶୁଭ୍ରକାନ୍ତି ଜୁଆଙ୍ଗ, ଏଆରସିଏସ ବିକାଶ କୁମାର ନାୟକ, ସହକାରୀ ଏଆରସିଏସ ରାମଚନ୍ଦ୍ର ବିଶ୍ୱାଳ, ଯୋଗଣା ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମଣ୍ଡିର ଶୁଭାରମ୍ଭ କରିଥିଲେ। ସେହିପରି ସମଣା ସମବାୟ ସମିତି ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମିତିର ସଭାପତି ଦୁଃଶାସନ ବେହେରା, ସମ୍ପାଦକ ଅକ୍ଷୟ କୁମାର କବି, ବାଦଲ ପାଇକରାୟ, ଅଜୟ ସା, ଅମିୟ ରଞ୍ଜନ ବେହେରା, ଅଶୋକ ବେହେରା, ପ୍ରତାପ ସା ପ୍ରମୁଖ ଉପସ୍ଥିତ ରହି ଧାନମଣ୍ଡିର ଶୁଭାରମ୍ଭ କରିଥିଲେ।

# ୩ଟି ସ୍ଥାନରେ ଧାନ ମଣ୍ଡି ଉଦ୍‌ଘାଟିତ



**ତୁରୁମୁଙ୍ଗା,୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଭୂଇଁପୁର, ଜ୍ୟୋତିପୁର, ଫୁଲକଅଁଳେଇ ଠାରେ ଶୁକ୍ରବାର ଧାନ ମଣ୍ଡିର ଉଦଘାଟିତ ହୋଇଯାଇଛି। ଭୂଇଁପୁର ଧାନ ମଣ୍ଡିରେ ଲ୍ୟାମ୍ପ ପରିଚାଳକ ହୀରାମହନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଏଆରସିସି ମଙ୍ଗଳ ସୋରେନ, ସିଏସଓ ମଙ୍ଗଳ ସିଂହ, ଚମ୍ପୁଆ ଆରଏମସିର ସେକ୍ରେଟାରୀ ଦିଗାମ୍ବର ପ୍ରଧାନ, ମିଲର ଗଗନ ମହାନ୍ତ, ପଡୁଆ ପଂଚାୟତ ଅଧିକାରୀ ସ୍ୱାଗତିକା ସାହୁ, ଭୂଇଁପୁର ପଞ୍ଚାୟତ ଅଧିକାରୀ ଅନିଲ ମହାନ୍ତ, ହେମନ୍ତ ନାଏକ, ଅଞ୍ଚଳର ଅନେକ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। କମଣ୍ଡ ଗ୍ରାମର ଯୁବ ଚାଷୀ ରାଜେଶ ମୁଣ୍ଡା ଧାନକୁ ପ୍ରଥମ ଦିବସରେ ଭୂଇଁପୁର ଧାନ ମଣ୍ଡିରେ କିଣାଯାଇଥିଲା। ଜ୍ୟୋତିପୁର ଓ ଫୁଲ କଅଁଳେଇ ମଣ୍ଡିକୁ ଏସିଏସଓ ମଙ୍ଗଳ ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ୍ ମଙ୍ଗଳ ସୋରେନ୍, ସମ୍ପାଦକ ଦିଗାମ୍ବର ପ୍ରଧାନ, ଏସଏଆରସିଏସ୍ ହେମନ୍ତ ନାଏକ, ଆଇସିଏସ୍ ବର୍ଷା ରଣା, ଜ୍ୟୋତିପୁର ସରପଞ୍ଚ ସ୍ନେହଲତା ନାଏକ, ଜଜପଶି ସରପଞ୍ଚ ସୁବାସୀନି ନାଏକ, ଜ୍ୟୋତିପୁର ପଞ୍ଚାୟତ ପିଇଓ ଅନୀଲ ମହାନ୍ତ, ପଡୁଆ ପିଇଓ ସ୍ୱାଗତିକା ପୃଷ୍ଟି, ଷଡ଼ଙ୍ଗୀ ପିଇଓ ସ୍ମୃତିରଞ୍ଜନ ସେଠୀ, ଜଜପଶି ପିଇଓ ବିଜନ ମୁଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଧାନ କିଣାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଚାଷୀ ବିଭୁତି ଭୁଷଣ ମହାନ୍ତ ଓ କ୍ଷେତ୍ରମୋହନ ମହାନ୍ତ ଧାନ ବିକ୍ରି କରିଥିଲେ। ଏମ୍‌ଡି ମାନସ ରଞ୍ଜନ କର, ସତ୍ୟବ୍ରତ କର, ଦୁଷ୍ମନ୍ତ ସାହୁ ପ୍ରମୁଖ ଚାଷୀଙ୍କ ଠାରୁ ଧାନ କ୍ରୟ କରିଥିଲେ। ଭୂଇଁପୁର ଧାନ ମଣ୍ଡିରେ ପ୍ରତି ସୋମବାର ଓ ଶୁକ୍ରବାର ଧାନ କିଣା ଯିବା ନେଇ ସୂଚନା ରହିଥିବା ବେଳେ ଜ୍ୟୋତିପୁର ଧାନ ମଣ୍ଡିରେ ମଙ୍ଗଳବାର, ଶୁକ୍ରବାର, ଫୁଲକଅଁଳେଇ ଧାନ ମଣ୍ଡିରେ ବୁଧବାର ଓ ଶନିବାର କ୍ରୟ କେନ୍ଦ୍ରରେ ଏଫଏକ୍ୟୁ ସାଧାରଣ ମାନର ଧାନ କ୍ରୟ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଛି।

# ଦରଡ଼ିପାଳରେ ଖୋଲିଲା ଧାନମଣ୍ଡି



**ରାମଚନ୍ଦ୍ରପୁର,୨୦।୧୨(ସମିସ):** ଘସିପୁରା ବ୍ଲକ ଦରଡିପାଳ ସେବା ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡିର ଶୁଭାରମ୍ଭ ହୋଇଛି। କୋହଲା ପାଗ ସତ୍ତ୍ୱେ ସମବାୟ ସମିତିର ସଭାପତି ପ୍ୟାରୀମୋହନ ବାରିକ ଏବଂ ସମ୍ପାଦକ ତ୍ରିଲୋଚନ ବାରିକଙ୍କ ସଂଯୋଜନାରେ ପୂଜାର୍ଚ୍ଚନା ପରେ ମଣ୍ଡିର ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଜୟ କୁମାର ଦାଶ, ମଧୁସୂଦନ ସାହୁ, ଦରଡିପାଳ ସରପଞ୍ଚ ପ୍ରେମାନନ୍ଦ ଜେନା, ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବିଷ୍ଣୁପଦ ନାୟକ, ସନ୍ତୋଷ କୁମାର ଓଝା, ଗୋବିନ୍ଦ କୁମାର ମହାନ୍ତି, ଅଶୋକ କୁମାର ମହାନ୍ତି, ଗିରିଧାରୀ ଜେନା, ଅଶୋକ କୁମାର ମାଝୀ, ବାଦଲ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଅଗ୍ରଣୀ ଚାଷୀ ପ୍ରମୋଦ କୁମାର ଜେନା, ଶରତ କୁମାର ଜେନା, ଲିବନ କୁମାର ନାୟକ, ବିକାଶ ରାଉତ, କୈଳାସ ଚନ୍ଦ୍ର ନାୟକ, ଶ୍ରୀଧର ସାହୁ, ଆଲୋକ କୁମାର ନାୟକ, ରୁଦ୍ର ପ୍ରସାଦ ରାଉତ, ମନୋଜ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଣ୍ଟାପଡ଼ାରେ ହାତୀ ଉପଦ୍ରବ



**ତେଲକୋଇ,୨୦।୧୨(ସମିସ):** ହାତୀଙ୍କ ଉପଦ୍ରବରେ ଲୋକେ ଆତଙ୍କିତ। ତେଲକୋଇ ରେଞ୍ଜ ଖୁଣ୍ଟାପଡା ଗାଁରେ ଗୁରୁବାର ବିଳମ୍ବିତ ରାତିରେ ୪୦ ଟିକିଆ ହାତୀପଲ ଗାଁରେ ପଶି ଉପଦ୍ରବ ଚଳାଇଥିଲେ। ଗ୍ରାମର ଗକୋଳ ମହାନ୍ତଙ୍କ ଘର ଭାଙ୍ଗି ୫ବସ୍ତା ଧାନ ଖାଇଗଲେ। ସେହିପରି ଗ୍ରାମ ଭିତରେ ପଶି ରଞ୍ଜନ ସାହୁ ଓ ବିଦ୍ୟାଧର ସେଠୀଙ୍କ ଖଳାରେ ପଶି ଧାନ ବିଡା ଖାଇବା ସହ ଦଳି ମକଚି ନଷ୍ଟ କରିଛନ୍ତି। ଖାଲି ସେତିକି ନୁହେଁ ଧାନ ଜମିରେ ମଧ୍ୟ ହାତୀ ପଲ ପଶି ଫସଲକୁ ନଷ୍ଟ କରିଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି। ହାତୀପଲଙ୍କ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



**ଆନନ୍ଦପୁର,୨୦।୧୨(ସମିସ):** ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗର ପୂର୍ବତନ ଅଧ୍ୟକ୍ଷ ଡ. ନରେନ୍ଦ୍ର କୁମାର ସାହୁ ଯୋଗ ଦେବା ସହ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗୀତ ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସୁତାରଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ପରେ କ୍ରୀଡ଼ା ଶିକ୍ଷୟିତ୍ରୀ ଆରତୀ ସିଂଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରାଯାଇଥିଲା। ପ୍ରାଥମିକ ଶିକ୍ଷୟିତ୍ରୀ ଶଶି ବାଲାଙ୍କ ନିରୀକ୍ଷଣରେ ଛାତ୍ରୀମାନେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଉଦ୍‌ଘାଟନୀ ପରେ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଇତ୍ୟବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁନୀଲ କୁମାର ପାତ୍ର, ଭୋଜରାଜ ମହାନ୍ତ, ଅଭିଳାଷ ସାହୁ, ଅନୁଷ୍କା ଭରଦ୍ୱାଜ, ଅଭିଷେକ ଆନନ୍ଦ, ଏକତା ମିଶ୍ର, ପ୍ରିୟଦର୍ଶିନୀ ମଲ୍ଲିକ, ଭାଗ୍ୟଶ୍ରୀ ବେହେରା, ଉମେଶ ସାହୁ, ରାମେଶ୍ୱର ମୀନା, ବିମଳ ଗିରି, ମନୋରଞ୍ଜନ ବେହେରା, ମଧୁସ୍ମିତା ପ୍ରଧାନ ଏବଂ ମନସ୍ୱିନୀ ରଣାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟିପାଳରେ ଭୁଜାଲି ମାଡ଼



ଶାଶୂ, ଜ୍ୱାଇଁ ଗୁରୁତର

**ଆନନ୍ଦପୁର,୨୦।୧୨(ସମିସ):** ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁଜାଲିରେ ଆକ୍ରମଣ କରିବା ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ କଣ୍ଟିପାଳ ଖିଲାର ସାହିର ବିଜୁ ପରିଡା ଓ ତାଙ୍କ ଶାଶୂ ପ୍ରମିଳା ପଲେଇ ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ଜ୍ୱାଇଁ ବିଜୁ ପରିଡାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଖିଲାର ସାହିର ବିଜୁ ପରିଡା ଏକ ଛେଳି ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ସେହି ଗ୍ରାମର ଶିବନାଥ ଖିଲାର ଏକ ଭୁଜାଲିରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ଶାଶୂ ପ୍ରମିଳା ଏହାର ପ୍ରତିବାଦ କରିବାରୁ ଭୁଜାଲି ମାଡରେ ସିଏ ମଧ୍ୟ ଆହତ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇ ଥିବା ବେଳେ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ଜଣାଯାଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଡୁବୁଗୁଙ୍ଗା,୨୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ-ପାଟଣା ୨୨୦ ନମ୍ବର ଜାତୀୟ ରାଜପଥର ମଲ୍ଲିପଶି ଦାରାସିଂହ ଛକ ନିକଟରେ ଶୁକ୍ରବାର ଭାରସାମ୍ୟ ହରାଇ ବାଇକ୍ ରାସ୍ତାର ସୁରକ୍ଷା ବାଡକୁ ଧକ୍କା ଦେବା ଫଳରେ ବାଇକ୍ ଆରୋହିଙ୍କର ମୃତ୍ୟୁ ଘଟିଛି। ମୃତ ବାଇକ୍ ଆରୋହି ହେଲେ ଘଟଗାଁ ଥାନା ମେଲଣ ଗ୍ରାମର ରାଇଟର ମୁଣ୍ଡାଙ୍କ ପୁଅ କୃଷ୍ଣଚନ୍ଦ୍ର ମୁଣ୍ଡା (୩୮)। ସେ ମଲ୍ଲିପଶିରେ ରହି ପଢୁଥିବା ତାଙ୍କ ପୁଅକୁ ଦେଖାକରିବାକୁ ଆସୁଥିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଯୁବକ ଆଶିଷ ବେଜ ଓ ମଳୟ ରଣା ତାଙ୍କୁ ଉଦ୍ଧାର କରି ପାଟଣା ଥାନା ଗାଡିରେ ଆଣି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନାରେ ୩୫୬/୨୪ରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

### ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ବିବାଦରେ ଲାଗିଲା ପୂର୍ଣ୍ଣଚ୍ଛେଦ

# ପ୍ରଧାନଶିକ୍ଷୟିତ୍ରୀ ପଦରୁ ହଟିଲେ ସନ୍ଧ୍ୟାରାଣୀ

**ବେଲବାହାଳି,୨୦।୧୨(ସମିସ)**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଲାଗି ରହିଥିବା ବିବାଦ ଆଜି ସମାଧାନ ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଦୀର୍ଘ ୫ବର୍ଷ ଧରି ପରିଚାଳନ କମିଟି ଗଠନ ହେଉନଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଗ୍ରାମବାସୀ, ଗ୍ରାମର ବୁଦ୍ଧିଜୀବୀ ଏବଂ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଏବଂ ପରିଚାଳନା କମିଟି ଗଠନ ନିମନ୍ତେ ବିଦ୍ୟାଳୟର ମୁଖ୍ୟ ଫାଟକରେ ଗ୍ରାମବାସୀ ଓ ଅଭିଭାବକ ତାଲା ପକାଇବା ସହ ଆନ୍ଦୋଳନ କରିଥିଲେ। ଏହି ଘଟଣାକୁ ନେଇ ଆନନ୍ଦପୁର ଉପଜିଲ୍ଲାପାଳ, ବିଇଓ ଏବଂ ଜିଲ୍ଲା ଶିକ୍ଷାଧିକାରିଣୀଙ୍କୁ ବହୁବାର ଭେଟି ଅଭିଯୋଗ ମଧ୍ୟ କରିଥିଲେ। ଉକ୍ତ ଅଭିଯୋଗକୁ ଗୁରୁତର ସହ ନେଇ ଜିଲ୍ଲା ଶିକ୍ଷାଧିକାରିଣୀ ଗୌରୀରାଣୀ ନାଏକ ଏକ ଚିଠି ମାଧ୍ୟମରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସାଧାରଣ ଶିକ୍ଷୟିତ୍ରୀ ଭାବରେ ଦାୟିତ୍ୱ ଦେବା ସହ ସେହି ବିଦ୍ୟାଳୟର ଶିକ୍ଷକ ଜଗବନ୍ଧୁ ସାହୁଙ୍କୁ ପ୍ରଧାନଶିକ୍ଷକ ଭାବରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଚିଠିକୁ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ ବେଖାତିରି କରି ନୂତନ ପ୍ରଧାନ ଶିକ୍ଷକଙ୍କୁ ଅସହଯୋଗ କରି ଗୁରୁବାର ମଧ୍ୟାହ୍ନ ଗୋଟାଏ ସମୟରେ ବିଦ୍ୟାଳୟରୁ ଚାଲି ଯାଇଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସରପଞ୍ଚ ପ୍ରଶାନ୍ତି ମାଝୀଙ୍କ ଉପସ୍ଥିତିରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତ ଦାୟିତ୍ୱ ନୂତନ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁଙ୍କୁ ହସ୍ତାନ୍ତର କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୌଣସି ଦାୟିତ୍ୱ ହସ୍ତାନ୍ତର କରିବାକୁ ଅମଙ୍ଗ ଥିବା ବେଳେ ଜିଲ୍ଲା ଶିକ୍ଷାଧିକାରିଣୀ ଗୌରୀରାଣୀ ନାଏକଙ୍କ ହସ୍ତକ୍ଷେପ ପରେ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସରପଞ୍ଚ ପ୍ରଶାନ୍ତି ମାଝୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ବିଷୟରେ ପ୍ରଧାନ ଶିକ୍ଷକ କହିଛନ୍ତି ଅଧୁରା କାମକୁ ପୂରା କରିବି। ଶିକ୍ଷା କ୍ଷେତ୍ରକୁ ବିଶେଷ କରି ଗୁରୁତ୍ୱ ଦେବି ଏବଂ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା କମିଟି ଖୁବ୍‌ଶୀଘ୍ର ଗଠନ କରିବାକୁ ଚେଷ୍ଟା କରିବୁ।



**ନୂତନ ପ୍ରଧାନଶିକ୍ଷକ ଭାବେ ଜଗବନ୍ଧୁ ସାହୁ ମନୋନୀତ**

## ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



**ଚମ୍ପୁଆ,୨୦।୧୨(ସମିସ):** ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ୧୯୪୮ ମସିହାର ମହତାବ ଉଚ୍ଚ ବିଦ୍ୟାଳୟର ତାର ୭୫ ତମ ବର୍ଷରେ ହୀରକ ଜୟନ୍ତୀ ପାଳନ କରିଛି। ଆଜି ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସନାତନ ମହାକୁଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ମିଶ୍ର, ଆଲୁମିନି ସଦସ୍ୟ ରାମଚରଣ ସାହୁ, ପ୍ରିୟନାଥ ପତି, ଜଳେଶ୍ୱର ପଦାର, ତରୁଣ କୁମାର ସାହୁ ଓ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଲୋକନାଥ ଗୁଇଁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ.ଗୋଲକବିହାରୀ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତଥା ଆଲୁମିନିମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ହୀରକ ଜୟନ୍ତୀକୁ ସଫଳତାର ଶେଷ କରିଥିବାରୁ ସାଧୁବାଦ ପ୍ରଦାନ କରିଥିଲେ। ତତ୍‌କାଳିନ ଶିକ୍ଷାନୀତି ଓ ବର୍ତ୍ତମାନର ଶିକ୍ଷା ନୀତିକୁ ତର୍ଜମା କରିବା ସହିତ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ୨୦୪୭ ମସିହାରେ ଏହାର ଶତବାର୍ଷିକୀ ପାଳନ ସମୟରେ ମହତାବ ଉଚ୍ଚ ବିଦ୍ୟାଳୟ ଏକ ମହାନ ବିଦ୍ୟାଳୟରେ ପରିଣତ ହେବ ବୋଲି ମୁଖ୍ୟଅତିଥି ଆଶା ବ୍ୟକ୍ତ କରିଥିଲେ। ଆଲୁମିନିର ପୁରାତନ ଛାତ୍ର ସଭାପତି ଗଙ୍ଗାଧର କର ଓ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଲୁମିନି ଛାତ୍ର ସମେତ ବର୍ତ୍ତମାନର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ ଦେଇ ହୀରକ ଜୟନ୍ତୀକୁ ସଫଳ କରିଥିଲେ। ଏହି ପରିପ୍ରେକ୍ଷିରେ ୧୯୮୯ ବ୍ୟାଚର ୩ ଜଣ ଛାତ୍ର ମହେଶ୍ୱର ଦାସ, ସଞ୍ଜୀବ କୁମାର ରାଜ ଓ ପବିତ୍ର ନାଏକଙ୍କୁ ସାମ୍ବାଦିକତା କ୍ଷେତ୍ରରେ ସଫଳତା ପାଇଁ ବିଧାୟକ ମହାକୁଡ଼ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୀରକ ଜୟନ୍ତୀ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।

## ଉପକରଣ ବଣ୍ଟନ ଚିହ୍ନଟ ଶିବିର



**କେନ୍ଦୁଝର,୨୦।୧୨(ସମିସ):** କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦ୍‌ଭାବନା ଓ ଭାରତ ସରକାରଙ୍କ ଆଲିମକୋ ସଂସ୍ଥାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରଘୁନାଥପୁର ଗ୍ରାମର ପ୍ରୟାସ ସେବା ଗ୍ରାମଠାରେ ସହାୟକ ଉପକରଣ ବଣ୍ଟନ ନିମନ୍ତେ ଏକ ଚିହ୍ନଟିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଅଲିମିକୋର ଡ.ସତ୍ୟବ୍ରତ ଗିରି ଓ ଅରୁଣ କୁମାର ଦାସ ଯୋଗ ଦେଇ ୧୮୦ ଜଣ ବୌଦ୍ଧିକ ଅନଗ୍ରସର୍ ଓ ମସ୍ତିଷ୍କ ପକ୍ଷାଘାତ ପିଲାଙ୍କର ଚିହ୍ନଟି କରଣ କରିଥିଲେ। ପରବର୍ତ୍ତୀ ସମୟରେ ଏହି ପିଲାମାନଙ୍କୁ ଆଲିମ୍‌କୋ ତରଫରୁ ଆବଶ୍ୟକୀୟ ସହାୟକ ଉପକରଣ ବଣ୍ଟନ କରାଯିବ।

## ତରତରାକୁ ହରାଇ ମାର୍ଶାପାଳ ଚାମ୍ପିଅନ୍

**ଆନନ୍ଦପୁର,୨୦।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ପଞ୍ଚାୟତର ସାରାନାବାଗନା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ୨୬ତମ ବାଷକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସୀତାରାମପୁର ଖେଳ ପଡିଆ ଠାରେ ଆୟୋଜିତ ଏହି ମ୍ୟାଚରେ ମାର୍ଶାପାଳ ଏକାଦଶ ୪-୦ ଗୋଲରେ ତରତରାର ବାରାବାଗାନ୍ ଫୁଟବଲ୍ ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଖେଳକୁ ରେଫ୍ରି ମାନସ କୁମାର ବିଶ୍ୱାଳ ଓ ଜାକେଲ ପୁତୁଲ ପରି.ଳନା କରିଥିଲେ। ଉଦଘାଟନୀ ଉତ୍ସବରେ ସମାଜସେବୀ ବିପିନ ମିଶ୍ରଙ୍କ ସଂଯୋଜନାରେ ବିଜେଡି ଯୁବନେତା ଦେବାଶିଷ ପାତ୍ର ଯୋଗ ଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କ୍ରୀଡାବିତ୍ ବୁଲୁ ପଟ୍ଟନାୟକ, ସମାଜସେବୀ ରାହୁଲ ଶର୍ମା, ସମିତିସଭ୍ୟ ବିଜୟ କୁମାର ଜେନା ଯୋଗ ଦେଇ ଥିଲେ। ରଞ୍ଜନ କୁମାର ମାଝୀ ଓ ସୁଦାମ କୁମାର ଟୁଡୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## କାଦକଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କେନ୍ଦୁଝର,୨୦।୧୨(ସମିସ):** ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ କାଦକଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦୁଝର ମଣ୍ଡଳ ଶିକ୍ଷା ମଣ୍ଡଳାଧିଶ ସଂଚିତା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତସିଂହାର, କାଦକଳା ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଯଦୁମଣି ଠାକୁର, କାଦକଳା ଗ୍ରାମ ପଞ୍ଚାୟତର ସରପଞ୍ଚ ଅଜିତ କୁମାର ଦେହୁରୀ, ବାଂଶପାଳ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନୁରାଗ ବରାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଗମ ଠାକୁର ଓ କାଦକଳା ଅଞ୍ଚଳର ସମାଜସେବୀ ସଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୋମନାଥ ଆଇଚ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାଲି ସୈରାତ ଉପରେ ମିଳିତ ଚଢ଼ଉ : ହାଇୱା ଓ ଟ୍ରାକ୍ଟର ଜବତ



**ରାମଚନ୍ଦ୍ରପୁର/ଆନନ୍ଦପୁର ୨୦।୧୨(ସମିସ):** ଘସିପୁରା ବ୍ଲକ ଅଧୀନ ବିଭିନ୍ନ ସୈରାତରେ ଦିନକୁ ଦିନ ବେଆଇନ ଭାବେ ବଢ଼ି ଚାଲିଛି ଚୋରା ବାଲଚାଲାଣ। ଏହାକୁ ରୋକିବା ପାଇଁ ବିଭିନ୍ନ ସମୟରେ ସାଧାରଣ ଜନତା ଅଭିଯୋଗ କରି ଆସୁଛନ୍ତି। ଏପରିକି ନଦୀରେ ଶୌଚ ହେବା ପାଇଁ ନିର୍ଭର କରୁଥିବା ମହିଳା ମାନେ ଶୌଚ ହେବା ସମୟରେ ନଦୀକୂଳରେ ବାଲି ମାଫିଆ ମାନେ ଖଟି କରୁଥିବାରୁ ମହିଳା ମାନେ ହନ୍ତସନ୍ତ ହେଉଥିବା ଘଟଣା ପ୍ରଶାସନକୁ ଜଣାଇଛନ୍ତି। ଅନ୍ୟପଟେ ରାତିରେ ବାଲି ଚୋରାଚାଲାଣ ଯୋଗୁଁ ନଦୀ କୂଳରେ ଘର କରି ରହିଥିବା ଲୋକମାନେ ରାତିରେ ଶାନ୍ତିରେ ଶୋଇ ପାରୁନାହାନ୍ତି। ଏପରିକି ଅନେକ ରୋଗୀ, ବୃଦ୍ଧବୃଦ୍ଧା ମଧ୍ୟ ରାତ୍ରିଅନିଦ୍ରା ରହି ହନ୍ତସନ୍ତ ହେଉଛନ୍ତି। ଗତ ଡିସେମ୍ବର ମାସ ୧ତାରିଖ ବିଳମ୍ବିତ ରାତ୍ରିରେ ଜୁନିଅର ମାଇନିଂ ଅଫିସର୍ ବାଲି ମାଫିଆକୁ ଧରିବାକୁ ଯାଇ କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ଚୋରା ବାଲି ଚାଲାଣକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ ହୋଇଥଲା। ତେବେ ଆଜି ମାଇନିଂ ଅଫିସର ସୁରଜ ହେମ୍ବ୍ରମ୍, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ଏବଂ ଘସିପୁରା ପୁଲିସ ଟିମ୍ ମିଳିତ ଭାବେ ୨ଟି ସ୍ଥାନରେ ଅଚାନକ ଚଢ଼ଉ କରିଥଲେ। କେଶଦୁରାପାଳ ରେମାଳ ନଦୀ କୂଳରେ ବାଲି ଲୋଡିଂ କରି ଥିବା ଟ୍ରାକ୍ଟର ଖସିଯାଉଥିବା ବେଳେ ଟ୍ରାକ୍ଟର ଓ ଟ୍ରାକ୍ଟରର ମାଲିକକୁ ଅଟକ ରଖିଥିଲେ। ସେହିପରି ଶୈଳଙ୍ଗ ନିକଟରୁ ଗୋଟିଏ ବାଲି ଲୋଡ୍ ଥିବା ହାଇୱା ଗାଡିକୁ ମଧ୍ୟ ଜବଦ କରାଯାଇ ବେଆଇନ ବାଲି ଚାଲାନ ହୋଇଥିବା ଜଣାପଡିବା ପରେ ଘସିପୁରା ପୁଲିସ୍ ଗାଡି ଦୁଇଟିକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



**କେନ୍ଦୁଝର,୨୦।୧୨(ସମିସ):** ସ୍ଥାନୀୟ ଜୁଡିଆ ଫାର୍ମ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ୨୫ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ଶର୍ବାଣୀ ଦାସ ଯୋଗଦେଇ ବୈଠକକୁ ସଞ୍ଚାଳିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ.ସୁକାନ୍ତ କୁମାର ସାହୁ କେନ୍ଦ୍ର ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ଉପସ୍ଥାପନ କରିବା ସହିତ ଆଗାମୀ କାର୍ଯ୍ୟ ଯୋଜନା ଗୁଡ଼ିକୁ ଉପସ୍ଥିତ ସଭ୍ୟମାନଙ୍କ ସମ୍ମୁଖରେ ରଖିଥିଲେ। ଏହି ବୈଠକରେ ଜଳ-ଜମି-ଜଙ୍ଗଲ ଏବଂ ଜୀବ ଜଗତର ସୁରକ୍ଷା ପାଇଁ ଜାତୀୟ ପ୍ରାକୃତିକ କୃଷି ମିଶନ ପକ୍ଷରୁ ପ୍ରାକୃତିକ କୃଷି ପ୍ରକଳ୍ପ କାର୍ଯ୍ୟକାରି ହେବାକୁ ଯାଉଛି ବୋଲି କୃଷି ଅନୁସନ୍ଧାନ ପରିଷଦ ଅଟାରୀ ଜୋନ- ୫ର ପ୍ରମୁଖ ବୈଜ୍ଞାନିକ ଡ.ଅଭିଜିତ ହାଲଦାର ସୂଚନା ଦେଇଥିଲେ। ଚେସର ନିର୍ଦ୍ଦେଶକ ଡ.ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଆମ୍ବ, ପିଜୁଳି ଆଦି ଫଳ ବଗିଚାରେ ଅନ୍ତଃ ଫସଲ ଚାଷକୁ ଗୁରୁତ୍ୱାରୋପ କରିଥିଲେ। ଫଳ ପନିପରିବା ଏବଂ ଛତୁର ଅଭାବୀ ବିକ୍ରିକୁ ପ୍ରତିହତ କରିବାକୁ ଚାଷମାନଙ୍କୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ତାଲିମ୍ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡ.କିଶୋର ଚନ୍ଦ୍ର ସାହୁ, ଜିଲ୍ଲା କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳ ବିଭାଜିକା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର ସଦସ୍ୟ ମାନେ ଉପସ୍ଥିତ ରହି ପରାମର୍ଶ ପ୍ରଦାନ କରିଥିଲେ। ପରିଶେଷରେ କେନ୍ଦ୍ର ବୈଜ୍ଞାନିକ ନିଗମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାନ୍ସଫର୍ମରରେ ଲାଗିଲା ସୁରକ୍ଷା ବାଡ଼

**ବେଲବାହାଳି,୨୦।୧୨(ସମିସ)**



ସକାଳ ପ୍ରଭାବ

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ବିଦ୍ୟାଳୟ ନିକଟରେ ଥିବା ମୁକୁଳା ଟ୍ରାନ୍ସଫର୍ମରରେ ସୁରକ୍ଷା ବାଡ଼ ଲଗାଯାଇଥିବା ଦେଖିବାକୁ ମିଳିଛି। ଖବର ଅନୁଯାୟୀ ଦୀର୍ଘ ବର୍ଷ ଧରି ଏହି ଉଚ୍ଚ ବିଦ୍ୟୁତ ସମ୍ପନ୍ନ ଟ୍ରାନ୍ସଫର୍ମର ମୁକୁଳା ପଡିଥିଲା। ଟ୍ରାନ୍ସଫର୍ମର ଚତୁଃପାଶ୍ୱର୍ରେ ବାଡ଼ ନଥିବାରୁ ଚାରିପଟେ ଅନାବନା ତୃଣ ଜାତୀୟ ଗଛ ହୋଇଯିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ଯାହା ଫଳରେ ଗାଇ ଗୋଠ ତାହା ମଧ୍ୟକୁ ଅବାଧ ପ୍ରବେଶ କରି ବିଦ୍ୟୁତ୍ ଆଘାତରେ ଜୀବନ ଯାଇଛି। ଏହା ଟ୍ରାନ୍ସଫର୍ମର ନିକଟରେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଥିବାରୁ ବହୁ ସମୟରେ କୁନି କୁନି ପିଲା ମାନେ ତାହା ମଧ୍ୟକୁ ଅବାଧ ପ୍ରବେଶ କରୁଥିଲେ। ଉକ୍ତ ଘଟଣାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିବା ସହିତ ଦୈନିକ ଖବରକାଗଜ "ସକାଳ' ରେ ଖବର ପ୍ରକାଶିତ ହେବା ପରେ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନର ଅଧିକାରୀ ତୁରନ୍ତ ଏହାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କିଛି ମାସ ଭିତରେ ଏହାର ସମାଧାନ ହୋଇପାରିଛି। ଗ୍ରାମବାସୀଙ୍କ ଦାବି ପୂରଣ ହୋଇଥିବାରୁ ସମସ୍ତଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗ୍ରାମବାସୀ ବାଇଧର ଓଝା, ପ୍ରାଣକୃଷ୍ଣ ସାହୁ, ଶେଷଦେବ ଓଝା ପ୍ରଭାକର ଓଝା, ଆଲୋକ ପଣ୍ଡା, କୈଳାଶ ପଣ୍ଡା ସମେତ ଶତାଧିକ ଲୋକେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରାମଚନ୍ଦ୍ରପୁର,୨୦।୧୨(ସମିସ):** ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପୁର ଆଞ୍ଚଳିକ ଗୋପବନ୍ଧୁ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ କରଙ୍କୁ ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳିନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତକୁମାର ରାଉତ, ବ୍ଲକ ଓସ୍ତା ସଭାପତି ବିଜୟକୁମାର ସାହୁ, ଓସ୍ତା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ବିଷ୍ଣୁନାରାୟଣ ସାମଲ, ସ୍ଥାନୀୟ ସରପଞ୍ଚ ଶଶିକାନ୍ତ ଜେନା, ସମିତି ସଭ୍ୟ ବିଜୟ ଜେନା, ପରିଚାଳନା କମିଟି ସଭାପତି ରବିନାରାୟଣ ରାଉତ ପ୍ରମୁଖ ଯୋଗ ଦେଇ ପ୍ରଧାନଶିକ୍ଷକଙ୍କୁ ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ, ସର୍ବୋପରି ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ଜନାର୍ଦ୍ଦନ ବେହେରା, ମମତାମଞ୍ଜରି ଦେଓ, ଦିଲ୍ଲୀପକୁମାର ବେହୁରା, ହରିହର ଦାସ, ବିଦ୍ୟାଧର ବାରିକ, ପ୍ରତ୍ୟୁଷ କୁମାର ମହାନ୍ତି ସମେତ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ମାନପତ୍ର, ଉପଢୌକନ ସହିତ ପୁଷ୍ପଗୁଚ୍ଛ ଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଶେଷରେ ଏକ ବିରାଟ ପଟୁଆରରେ ତାଙ୍କୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କର ପୈତୃକ ଗାଁ ଯାଜପୁର ଜିଲ୍ଲା କୋରାବନ୍ଧିକୁ ପାଛୋଟି ନିଆଯାଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୧୦୫ ● ପାଉଣ୍ଡ ୧୦୬.୭୬
- ୟୁରୋ ୮୮.୭୮ ● ୟେନ୍ ୦.୫୪

**ସୁନା, ରୁପା ଦର**




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୦,୮୫୦ (ଭୁବନେଶ୍ୱର)
- ରୁପା : ୯୧,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୮,୦୪୧.୦୦
- ନିଫ୍ଟି ୨୩,୫୮୭.୫୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬




# ସେୟାର ବଜାର ଧ୍ୱସ୍ତ

## ୫ ଦିନରେ ସେନ୍ସେକ୍ସ ୪୦୦୦ ପଏଣ୍ଟ ଖସିଲା

## ଦୁଇ ବର୍ଷର ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ

ମୁମ୍ବଇ,୨୦।୧୨(ଏଜେନ୍ସି)



ଭାରତୀୟ ସେୟାର ବଜାର ଉପରେ ଘୋଟିବାରେ ଲାଗିଛି କଳାବାଦଲ। ସେୟାର ବଜାରରେ କ୍ରମାଗତ ଭାବେ ହ୍ରାସ ପରେ ଆତଙ୍କିତ ନିବେଶକ। ପୁଞ୍ଜି ବଜାର ଉପରୁ ହରାଉଛନ୍ତି ଆସ୍ଥା। ବଜାର କାରବାରରେ ଲାଗିଥିବା ଏହି ଗ୍ରହଣ ଏବେ ଛାଡିବାର ନାମ ଧରୁନାହିଁ। ଶୁକ୍ରବାର ଲଗାତାର ପଞ୍ଚମ ଦିନରେ ହ୍ରାସ ସହ ବନ୍ଦ ହୋଇଛି ଘରୋଇ ପୁଞ୍ଜି ବଜାର। ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍ସେକ୍ସରେ ୧୨୦୦ ପଏଣ୍ଟ ହ୍ରାସ ଘଟିଛି। ଅନ୍ୟପକ୍ଷରେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୨୩,୬୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଚଳିତ ସପ୍ତାହରେ ଉଭୟ ସେନ୍ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୫ ପ୍ରତିଶତ ହ୍ରାସ ହୋଇଛି। ଏହା ୨୦୨୨ ଜୁନ୍ ପରେ ସବୁଠ ବଡ଼ ସାପ୍ତାହିକ ହ୍ରାସ। ଯଦି ଆମେ ସମ୍ପୂର୍ଣ୍ଣ ସପ୍ତାହ କଥା ହିସାବକୁ ନେବା ତେବେ ପୁରା ସପ୍ତାହକରେ ବା ୫ ଦିନର କାରବାରରେ ସେନ୍ସେକ୍ସ ୪୦୦୦ ପଏଣ୍ଟ ଖସିଯାଇଥିବା ଜଣାପଡିଛି। ଏଥିଯୋଗୁ ଚଳିତ ସପ୍ତାହରେ ପୁଞ୍ଜିବଜାରରେ ନିବେଶକମାନଙ୍କୁ ପ୍ରାୟ ୧୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି।

ଆମେରିକୀୟ ଫେଡେରାଲ୍ ରିଜର୍ଭର ଆଭିମୁଖ୍ୟରେ ପରିବର୍ତ୍ତନ ଏବଂ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ମାନଙ୍କ ଦ୍ୱାରା ପ୍ରବଳ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର ଘରୋଇ ନିବେଶକଙ୍କ ମଧ୍ୟରେ ଭୟ ବଢାଇଛି। ଏପରିକି ଆଜିର କାରବାର ଶେଷରେ ବିଏସଇରେ ସମସ୍ତ କ୍ଷେତ୍ରର ସୂଚକାଙ୍କ ଗୁଡିକ ଲାଲ୍ ସଂକେତ ସହ ବନ୍ଦ ହୋଇଛି। ବିଏସ୍ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୧.୬୧ ପ୍ରତିଶତ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ୨.୬୩ ପ୍ରତିଶତ ହ୍ରାସ ପାଇ ବନ୍ଦ ହୋଇଛି। ସପ୍ତାହର ଶେଷ କାରବାରରେ ୩୦ ସେୟାର ବିଶିଷ୍ଟ ବିଏସ୍ଇ ସେନ୍ସେକ୍ସରେ ୧୧୭୬.୪୫ ପଏଣ୍ଟ ବା ୧.୪୯ ପ୍ରତିଶତ ହ୍ରାସ ଘଟି ୭୮,୦୪୧.୫୯ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ ଏନ୍ଏସ୍ଇର ୫୦ ସେୟାର ବିଶିଷ୍ଟ ନିଫ୍ଟି ସୂଚକାଙ୍କରେ ୩୬୪.୨୦ ପଏଣ୍ଟ ବା ୧.୫୨ ପ୍ରତିଶତ ହ୍ରାସ ହୋଇ ୨୩,୫୮୭.୫୦ ପଏଣ୍ଟ ସ୍ତରରେ କାରବାର ଶେଷ ହୋଇଛି।

- ଆମେରିକୀୟ ଫେଡେରାଲ୍ ରିଜର୍ଭର ନିଷ୍ପତ୍ତି ବୁଡାଇଲା ଘରୋଇ ବଜାର
- ସେନ୍ସେକ୍ସ, ନିଫ୍ଟି ସୂଚକାଙ୍କ ୫% ତଳକୁ ଖସିଛି
- ନିବେଶକ ହରାଇଲେ ୧୯ ଲକ୍ଷ କୋଟି

ଆଜିର କାରବାରରେ ବିଏସ୍ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ୪୪୧.୧୧ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ପୂର୍ବ କାରବାର ଦିବସରେ ଏହା ୪୪୯.୭୬ ଲକ୍ଷ କୋଟି ଟଙ୍କା ଥିଲା। ଫଳରେ ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ୮.୬୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି।

# ଥିଏଟରରେ ଲାଗୁ ହେଲା ଫ୍ଲେକ୍ସି ଶୋ' ନିୟମ

ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି): ଟିକଟ କାଟି ହଲ୍‌ରେ ସିନେମା ଦେଖିବାବେଳେ ସିନେମା ଭଲ ନ ଲାଗିଲେ ଆମେ ଅଧାରୁ ଉଠିଆସିଥାଉ। ହେଲେ ପଇସା କିନ୍ତୁ ପୁରା ଦେବାକୁ ପଡ଼େ। ସେତେବେଳେ ଇଚ୍ଛା ହୁଏ ଯେତିକି ଦେଖିଲି ସେତିକିର ପଇସା ନେଇଥାନ୍ତା ହେଲେ। ଆପଣଙ୍କ ଇଚ୍ଛା ଏବେ ପୂରା ହେବାକୁ ଯାଉଛି। କଥାଟି ଶୁଣି ଆଶ୍ଚର୍ଯ୍ୟ ହେଉଥିବା ନିଶ୍ଚୟ। ତେବେ ସତ। ଏବେ ଆପଣ ଯେତିକି ସିନେମା ଦେଖିବେ, କେବଳ ସେତିକିର ପଇସା ଦେବେ। ଭାରତର ପ୍ରତିଷ୍ଠିତ ଥିଏଟର କମ୍ପାନୀ ଆଇନକ୍ସ ଏବେ ଏଭଳି ସୁବିଧା ଆଣିବାକୁ ଯାଉଛି। ପେ ଫର

## ଯେତିକି ସିନେମା ଦେଖିବେ ସେତିକିର ପଇସା ଦେବେ

## ଅଧାରୁ ଉଠି ଆସିଲେ ଟଙ୍କା ଫେରସ୍ତ

ହ୍ୱାଟ୍ ୟୁ ୱାଚ୍ (ଯାହା ଦେଖିଲ ତା'ର ପଇସା ଦେବ) ମଡେଲ୍‌ରେ ଏହାକୁ ଲାଗୁ କରାଯିବ। ଯାହାକୁ 'ଫ୍ଲେକ୍ସି ଶୋ' କୁହାଯାଉଛି।। ଏହାଦ୍ୱାରା ଗ୍ରାହକ ଯେ କୌଣସି ସମୟରେ ସିନେମା ହଲ୍ ଛାଡ଼ି ଯାଇପାରିବେ। ଏବଂ ସେ ଯେତିକି ଶୋ ଦେଖିଥିବେ କେବଳ ସେତିକିରେ ହିଁ ପଇସା ଦେବେ। ପାଇଲଟ ପ୍ରକଳ୍ପ ଭାବେ ଏହାକୁ ଦିଲ୍ଲୀ, ଏନ୍‌ସିଆର ଓ ଗୁରୁଗ୍ରାମଠାରେ ଥିବା ଆଇନକ୍ସର କିଛି ସିନେମା ହଲ୍‌ରେ ଲାଗୁ କରାଯାଇଛି। ଗ୍ରାହକ ଫ୍ଲେକ୍ସି ସୋ' ଅପସନ ବାଛି ଏହି ସୁବିଧାର ଲାଭ ଉଠାଇପାରିବେ। ତେବେ ଏହି ସୁବିଧା ପାଇଁ ଗ୍ରାହକଙ୍କୁ ଟିକେଟ୍‌ର ମୂଲ୍ୟ ଅତିରିକ୍ତ ୧୦ ପ୍ରତିଶତ ଦେୟ ଦେବାକୁ ପଡ଼ିବ। ଗ୍ରାହକ ଚାଲିଯିବା ପରେ ଆଉ କେତେ ମିନିଟର ଚଳଚ୍ଚିତ୍ର ବାକି ରହିଛି ତାକୁ ଆକଳନ କରି ରିଫଣ୍ଡ ହିସାବ କରାଯିବ। ଉଦାହରଣ ସ୍ୱରୂପ, ଯଦି ଚଳଚ୍ଚିତ୍ରର ୫୦% ବାକି ରହିଥାଏ, ତେବେ ବ୍ୟକ୍ତି ୫୦% ଫେରସ୍ତ ପାଇବ। ଯଦି ୨୫ ରୁ ୫୦% ବାକି ରହିବ, ସେହି ୩୦ ପ୍ରତିଶତ ଫେରସ୍ତ ମିଳିବ। ଯଦି ୫୦%ରୁ ଅଧିକ ବାକି ଅଛି, ତେବେ ବ୍ୟକ୍ତି ୬୦ ପ୍ରତିଶତ ଫେରସ୍ତ ପାଇବେ।

# ଦେଶ ଚଳାଇବା ପାଇଁ ଆମେରିକା ପାଖରେ ଟଙ୍କା ନାହିଁ

ୱାଶିଂଟନ୍,୨୦।୧୨(ଏଜେନ୍ସି)




## ଫଣ୍ଡିଂ ବିଲ୍ ଆଣିବାକୁ ଦେଲେନି ଟ୍ରମ୍ପ-ମସ୍କ

## ସଙ୍କଟରେ ଦେଶର ୨୦ ଲକ୍ଷ କର୍ମଚାରୀଙ୍କ ଦରମା

ଅକଳରେ ବାଇଡେନ୍ ପ୍ରଶାସନ। ଆମେରିକା ସରକାରଙ୍କ ନିକଟରେ ଦେଶ ଚଳାଇବା ପାଇଁ ପାଣ୍ଠି ସରିଯାଇଛନ୍ତି। ସରକାରଙ୍କୁ ପାଣ୍ଠି ଯୋଗାଇବା ବିଲ୍ ଗୁରୁବାର ଦିନ ଆମେରିକା ସଂସଦ ଦ୍ୱାରା ପାରିତ ହୋଇପାରିଲାନାହିଁ। ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ସହଯୋଗୀ ଏଲନ୍ ମସ୍କଙ୍କ ସହଯୋଗରେ ରିପବ୍ଲିକାନ୍ ପାର୍ଟି ଦ୍ୱାରା ଏହି ବିଲ୍ ଆଗତ କରାଯାଇଥିଲା। ଏହି ବିଲ୍ ପାସ୍ କରିବାକୁ ୪୩୫ ସାଂସଦଙ୍କ ଗୃହରୁ ଦୁଇ ତୃତୀୟାଂଶ କିମ୍ବା ୨୯୦ ଭୋଟ୍ ଆବଶ୍ୟକ ଥିଲା। ମାତ୍ର ୧୭୪ ସାଂସଦ ବିଲ୍‌କୁ ସମର୍ଥନ ଜଣାଇ ଭୋଟ୍ ଦେଇଛନ୍ତି। ଯେତେବେଳେ କି ଏହା ବିରୋଧରେ ୨୩୫ ଭୋଟ୍ ପଡିଛି। ଟ୍ରମ୍ପଙ୍କ ଦଳର ୩୮ ସାଂସଦ ମଧ୍ୟ ଏହି ବିଲକୁ ବିରୋଧ କରୁଥିବା ଲୋକଙ୍କ ମଧ୍ୟରେ ରହିଛନ୍ତି।

ଏହାପୂର୍ବରୁ ହାଉସ ବାଚସ୍ପତି ମାଇକ ଜନସନ ଡେମୋକ୍ରାଟିକ୍ ପାର୍ଟି ସହିତ ଏକ ବିଲ୍ ପ୍ରସ୍ତୁତ କରିଥିଲେ। ତେବେ ଡୋନାଲ୍ଡ ଟ୍ରମ୍ପ ଏବଂ ମସ୍କ ଏହି ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ ଏବଂ ଏହାକୁ ଆଗତ କରିବାକୁ ଦେଇ ନ ଥିଲେ। ଆମେରିକୀୟ ସାଂସଦଙ୍କ ପାଖରେ ସରକାରୀ ଅର୍ଥ ସମ୍ବନ୍ଧୀୟ କୌଣସି ବିଲ୍ ପାସ୍ କରିବାକୁ ଶନିବାର ସକାଳ ୯ଟା ୩୦ ମିନିଟ୍(ଭାରତୀୟ ସମୟ) ପର୍ଯ୍ୟନ୍ତ ସମୟ ବାକି ଅଛି। ଏହା ପରେ ମଧ୍ୟ ଯଦି ଏହି ବିଲ୍ ପାରିତ ହୋଇନାହିଁ, ତେବେ ଆମେରିକା ସରକାରଙ୍କ ପାଖରେ ସରକାରୀ ଖର୍ଚ୍ଚ ପାଇଁ ଟଙ୍କା ବାକି ରହିବନାହିଁ। ଏଭଳି ପରିସ୍ଥିତିରେ ଆମେରିକାରେ ଶର୍ଟ ଡାଉନ୍ ଲାଗିପାରେ। ଆମେରିକାରେ ସରକାରୀ ଋଣ ଉପରେ ଏକ ସୀମା ରହିଛି। ଦେଶ ଚଳାଇବା ପାଇଁ ସରକାର ତା'ଠାରୁ ଅଧିକ ଋଣ ନେଇପାରିବେନାହିଁ। ବର୍ଷ ବର୍ଷ ଧରି ସରକାରଙ୍କୁ ନଗଦବିହୀନ ହେବାକୁ ରୋକିବା ପାଇଁ ଏହି ସୀମାକୁ ଅନେକ ଥର ବୃଦ୍ଧି କରାଯାଇଛି। ଏଥିପାଇଁ ଆମେରିକାର ସଂସଦ ଲୋକସଭାରେ ଏକ ବିଲ୍ ଅଣାଯାଇଛି, ବର୍ତ୍ତମାନର ବିଲ୍ ଟ୍ରମ୍ପଙ୍କ ତରଫରୁ ଅଣାଯାଇଛି, ଯାହାଫଳରେ ସେ ରାଷ୍ଟ୍ରପତି ହେଲେ ସହଜରେ ଦେଶ ଚଳାଇପାରିବେ। ଏହାକୁ ବିରୋଧୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାର ଅର୍ଥ ହେଉଛି ଯେ ଖର୍ଚ୍ଚ ପାଇଁ ଆମେରିକା ଟଙ୍କା ପାଇବ ନାହିଁ ଥରେ ବିଲ୍ ପ୍ରତ୍ୟାଖ୍ୟାନ ହୋଇଗଲେ, ଏହାକୁ ପୁଣି ଥରେ ପାସ କରିବାର ଶେଷ ସମୟ ଆଜି ଅର୍ଥାତ୍ ଶୁକ୍ରବାର ପର୍ଯ୍ୟନ୍ତ ରହିଛି। ଏହା ପରେ ମଧ୍ୟ ଯଦି ଏହି ବିଲ୍ ପାରିତ ହୋଇନାହିଁ, ତେବେ ଆମେରିକା ସରକାରଙ୍କ ସରକାରୀ ଖର୍ଚ୍ଚ ପାଇଁ ଟଙ୍କା ବାକି ରହିବନାହିଁ। ଯଦି ଏହି ବିଲ୍ ଗୃହୀତ ନହେଲା ତେବେ ଆମେରିକୀୟ ସରକାରଙ୍କ ପାଖରେ ଖର୍ଚ୍ଚ ପାଇଁ ଟଙ୍କା ରହିବ ନାହିଁ, ଅର୍ଥାତ୍ ସରକାର ସରକାରୀ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ବାବଦରେ ଅର୍ଥ ଖର୍ଚ୍ଚ କରିପାରିବେନାହିଁ। ଅନେକ ସରକାରୀ କର୍ମଚାରୀ ନୂଆ ବର୍ଷରେ ଦରମା ପାଇବେନାହିଁ। ତେବେ ଚିକିତ୍ସା ସେବା, ସୀମା ସୁରକ୍ଷା ଏବଂ ବିମାନ ସେବା ଭଳି ଜରୁରୀକାଳୀନ ସେବା ଜାରି ରହିବ। ଯଦି ଆମେରିକାରେ ବନ୍ଦ ହୋଇଯାଏ ତେବେ ସରକାରଙ୍କୁ ଏହାର ଖର୍ଚ୍ଚ ହ୍ରାସ କରିବାକୁ ପଡିବ। ୟୁଏସ୍ ଟୁଡେର ରିପୋର୍ଟ ଅନୁଯାୟୀ, ଏହି କାରଣରୁ ଦେଶରେ ୨୦ ଲକ୍ଷ କର୍ମଚାରୀ ଦରମା ପାଇବେନାହିଁ ଏବଂ ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ଛୁଟିରେ ପଠାଯିବ। ଏହି କାରଣରୁ, ଦେଶର ଅନେକ ଅନୁଷ୍ଠାନ ସେତେବେଳକୁ ବନ୍ଦ ହୋଇପାରେ।

# ଆୟକର ବିଭାଗ ସ୍କାନର୍‌ରେ ଭବ୍ୟ ବିବାହ ଆୟୋଜନ

ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି)




- ୭ ହଜାର କୋଟିର ବେହିସାବ ବିବାହ ଖର୍ଚ୍ଚର ଖିଅ ଖୋଜୁଛି ବିଭାଗ
- ବ୍ୟୟ ହେଉଛି ପୁଳା ପୁଳା କଳା ଟଙ୍କା
- ୱେଡିଂ ପ୍ଲାନରଙ୍କ ଉପରେ ଚଢ଼ଉ

ସମ୍ପ୍ରତି ଦେଶରେ ବିବାହ ମହଙ୍ଗା ହୋଇଯାଇଛି। ବହୁ ଆଡ଼ମ୍ବର ବା ଭବ୍ୟ ବିବାହ ସଂଖ୍ୟା ବଢ଼ିବରେ ଲାଗିଛି। କୋଟି କୋଟି ଟଙ୍କା କେବଳ ବିବାହ ଉତ୍ସବରେ ଖର୍ଚ୍ଚ ହେଉଛି। ଆମେରିକା, ଇଂଲଣ୍ଡ ଭଳି ଭାରତୀୟ ଲୋକମାନେ ମଧ୍ୟ ବିଦେଶ ଯାଇ ବାହାଘର ଆୟୋଜନ କରୁଛନ୍ତି। ଘରୋଇ ଜେଟ୍‌ରେ ଗେଷ୍ଟ ଆସିବା, ବଲିଉଡ ଷ୍ଟାରଙ୍କ ଯୋଗଦାନ, ସାଜସଜା ଓ ମହଙ୍ଗା ଭୋଜିରେ ବିବାହ ବଜେଟ୍ ହଜାର ହଜାର କୋଟି ଟଙ୍କା ପାର ହୋଇଯାଉଛି। ସବୁଠାରୁ ବଡ଼ କଥା ହେଲା ଏହି ବିବାହରେ ଖର୍ଚ୍ଚ ହେଉଛି ଦୁର୍ନୀତି ଖୋରଙ୍କର ପୁଳା ପୁଳା କଳା ଟଙ୍କା। ଯାହା ଏବେ ଆୟକର ବିଭାଗର ସ୍କାନରରେ। ଦେଶରେ ଗତବର୍ଷ ବିବହରେ ୭,୫୦୦ କୋଟି ଟଙ୍କାର ବେହିସାବ ଖର୍ଚ୍ଚ ହୋଇଛି। ଯାହାର ଟେର୍ ପାଉନି ଆୟକର ବିଭାଗ। ଏଥିପାଇଁ ବିଭିନ୍ନ ସ୍ଥାନରେ ଆଇଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏମିତିକି ଏ ନେଇ ଜାତୀୟ ଗଣମାଧ୍ୟମରେ ଏକ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ତେଣୁ ଏଥର ମହଙ୍ଗା ବାହାଘର କରୁଥିଲେ ଆପଣ ବି ସାବଧାନ ହୋଇଯାଆନ୍ତୁ। କାରଣ ବାହାଘର ଖର୍ଚ୍ଚ ଉପରେ ଏବେ ଆୟକର ବିଭାଗର କଡ଼ା ନଜର ରହିଛି।

ରିପୋର୍ଟ ଅନୁସାରେ, ରାଜସ୍ଥାନ ଜୟପୁରରେ ୨୦ ବଡ଼ ୱେଡିଂ ପ୍ଲାନର୍ସଙ୍କ ଉପରେ ଆୟକର ବିଭାଗ ଚଢ଼ାଉ କରିଛି। ଆଇଟି ବିଭାଗକୁ ଖବର ମିଳି ଯେ ଗତବର୍ଷ(୨୦୨୩)ରେ ହୋଇଥିବା ବାହାଘର ଆୟଜନରେ ପାଖାପାଖି ୭,୫୦୦ କୋଟି ଖର୍ଚ୍ଚ କରାଯାଇଛି। ଯାହାର କୌଣସି ହିସାବ ନାହିଁ। ବାସ୍ତବରେ, ଦେଶର ଧନୀ ଲୋକମାନେ ଭବ୍ୟ ବିହାର ଉତ୍ସବ ଆୟୋଜନ କରିବାକୁ ପସନ୍ଦ କରୁଛନ୍ତି। ଏହାର ସୁଯୋଗ ନେଇ ସେମାନେ କଳା ଟଙ୍କାକୁ ଧଳାରେ ପରିଣତ କରିବାରେ ସଫଳ ହେଉଛନ୍ତି। ଇକୋନୋମିକ୍ ଟାଇମ୍ସର ଖବର ଅନୁଯାୟୀ, ଏହି ସପ୍ତାହରୁ ଆରମ୍ଭ ହୋଇଥିବା ଚଢ଼ାଉ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଜାରି ରହିପାରେ। ବିବାହରେ ଖର୍ଚ୍ଚ ହୋଇଥିବା ଅର୍ଥର ୫୦ ରୁ ୬୦ ପ୍ରତିଶତ ୱେଡିଂ ପ୍ଲାନର୍ସଙ୍କ ମାଧ୍ୟମରେ ଖର୍ଚ୍ଚ ହୋଇଥାଏ। ତେଣୁ ହେଉଥିବା ଏହି ଚଢ଼ାଉରେ ୱେଡିଂ ପ୍ଲାନର୍ସଙ୍କ ସହିତ ହୋଇଥିବା ନଗଦ କାରବାରକୁ ଯାଞ୍ଚ କରାଯିବ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଖୁବ୍ ଶୀଘ୍ର ବିଦେଶରେ ଆୟୋଜିତ ବିବାହରେ ଖର୍ଚ୍ଚ ହୋଇଥିବା ଅର୍ଥର ମଧ୍ୟ ଯାଞ୍ଚ କରାଯିବ। ଏହି ବିବାହରେ ଅତିଥି ଏବଂ ତାରକାମାନଙ୍କୁ ଚାର୍ଟାର୍ଡ ବିମାନରେ ବିଦେଶକୁ ନିଆଯାଉଛି। ତେଣୁ ଆୟକର ବିଭାଗ ବାହାଘରରେ ହୋଇଥିବା ଖର୍ଚ୍ଚର ତୁଳନା ଆସିଥିବା ଅତିଥି ଓ ଆୟୋଜନକୁ ନେଇ ହିସାବ କରିବ। ସେହିପରି ଖାଇବା ପିଇବା ଯୋଗାଉଥିବା କମ୍ପାନୀଙ୍କୁ ମଧ୍ୟ ତଦନ୍ତ ପରିସରକୁ ଅଣାଯିବ। ବିଦେଶରେ ବିବାହ ଖର୍ଚ୍ଚ କରୁଥିବା ଲୋକମାନେ ଟିକସ କିମ୍ବା ଫେମା ଆଇନର ଉଲ୍ଲଂଘନ କରୁଛନ୍ତି ବୋଲି କ୍ୱଚିତ୍ ଜାଣିଥାଇପାରନ୍ତି। ତେବେ ବିଦେଶକୁ ଟ୍ରାନ୍ସଫର ହୋଇଥିବା ଟଙ୍କା ରିଜର୍ଭ ବ୍ୟାଙ୍କର ଲିବରାଲାଇଜଡ୍ ରିମିଟାନ୍ସ ସ୍କିମ୍ (ଏଲ୍ଆର୍ଏସ୍) ର ସୀମା ଅତିକ୍ରମ କରିଛି ବୋଲି ଯଦି ସନ୍ଦେହ ହୁଏ ତେବେ ଏହି ବାହାଘର ଆଇଟି ନଜରକୁ ଆସିପାରେ।

ଆୟକର ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ବଡ଼ ବିବାହ ଆୟୋଜନ କରୁଥିବା ଲୋକମାନେ ନିଜ ସହରର ବଡ଼ ଇଭେଣ୍ଟ ପ୍ଲାନର୍ସଙ୍କ ସହ ଯୋଗାଯୋଗ କରନ୍ତି। ତା'ପରେ ଏମାନେ ରାଜସ୍ଥାନର ଇଭେଣ୍ଟପ୍ଲାନର୍ସଙ୍କ ସହିତ ଯୋଗାଯୋଗ କରିବା ପରେ ସେମାନେ ବିବାହର ଆୟୋଜନ କରିଥାନ୍ତି। ଏଥିରେ ହୋଟେଲ, ଟେଣ୍ଟ ହାଉସ୍, କ୍ୟାଟରିଂ କମ୍ପାନୀ, ଫୁଲ ଦୋକାନ ଏବଂ ସେଲିବ୍ରିଟି ମ୍ୟାନେଜର ମଧ୍ୟ ସାମିଲ୍ ରହିଥାଏ। ଇଭେଣ୍ଟ ମ୍ୟାନେଜରମାନେ ଗ୍ରାହକଙ୍କ ସୁବିଧା ଅନୁଯାୟୀ ସହଜରେ ନଗଦ ନିଅନ୍ତି। ବାସ୍ତବରେ, ୱେଡିଂ ପ୍ଲାନର୍ସ ସମସ୍ତ ଖର୍ଚ୍ଚ ନଗଦରେ କରିପାରିବେ ନାହିଁ। ତେଣୁ, ପେମେଣ୍ଟକୁ ଭ୍ୟାଲିଡ୍ କରିବାକୁ, ତୃତୀୟ ପକ୍ଷ ଅପରେଟର ବ୍ୟବହାର କରାଯାଏ। ଏଥିରେ ଚେକ୍ ଏବଂ ବ୍ୟାଙ୍କିଙ୍ଗ୍ ଚ୍ୟାନେଲ ମାଧ୍ୟମରେ ପେମେଣ୍ଟ କରିବାକୁ ପଡ଼େ। ଏହିଭଳି ନେଣଦେଣକୁ ସଠିକ୍ ଦର୍ଶାଇବା ପାଇଁ ବ୍ୟବହାର କରାଯଉଥିବା ଫର୍ଜି ବିଲକୁ ଯାଞ୍ଚ କରିବା ପରେ ଦୁର୍ନୀତି ସମ୍ପର୍କରେ ଜଣାପଡ଼ିଥିଲା। ଏହି ଅପରେଟରମାନେ ୱେଡିଂ ପ୍ଲାନରଙ୍କ ଠାରୁ ନଗଦ ବଦଳରେ ହୋଟେଲ ଏବଂ କ୍ୟାଟରିଂ କମ୍ପାନୀଗୁଡିକୁ ବିଲ୍ ପ୍ରଦାନ କରନ୍ତି। ଜିଏସ୍‌ଟି ନମ୍ବର ଥିବା ସଂସ୍ଥାଗୁଡ଼ିକ ଦ୍ୱାରା ଏହି ବିଲ୍ ପ୍ରସ୍ତୁତ କରାଯାଏ। ତେଣୁ ଏଭଳି ସ୍ଥିତିରେ ଅନେକ ଖର୍ଚ୍ଚ ବିନା ହିସାବରେ କରାଯାଉଛି ବୋଲି ଆୟକର ବିଭାଗ କହିଛି।

# ଜିନ୍ଦଲ ଷ୍ଟେନଲେସ୍‌କୁ ସମ୍ମାନଜନକ ସ୍ୱର୍ଡ ଅଫ୍ ଅନର ପୁରସ୍କାର



ଭୁବନେଶ୍ୱର, ୨୦।୧୨(ସମିସ): ଜିନ୍ଦଲ ଷ୍ଟେନଲେସର ହିସାର ୟୁନିଟ୍‌କୁ ବ୍ରିଟିଶ ସେଫ୍ଟି କାଉନସିଲ୍ ପକ୍ଷରୁ ସମ୍ମାନଜନକ ସ୍ୱର୍ଡ ଅଫ୍ ଅନରରେ ପୁରସ୍କୃତ କରାଯାଇଛି। ଏହି ବିଶ୍ୱସ୍ତରୀୟ ପୁରସ୍କାର ବୃତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୃତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପରିଚାଳନାରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ସଂସ୍ଥାଗୁଡ଼ିକୁ ସ୍ୱର୍ଡ ଅଫ୍ ଅନର ପ୍ରଦାନ କରାଯାଏ। ୨୦୨୪ରେ ଏହି ମାନ୍ୟତା ପାଇବାରେ ବିଶ୍ୱର ମାତ୍ର ୭୧ଟି ଅନୁଷ୍ଠାନ ମଧ୍ୟରୁ ଜିନ୍ଦଲ ଷ୍ଟେନଲେସ୍ ଅନ୍ୟତମ। ଏହା କମ୍ପାନୀର ସୁଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ପରିଚାଳନାଗତ ଉତ୍କର୍ଷତାକୁ ସୂଚାଉଛି। ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଏହି ସଫଳତା ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି, ଏହି ପୁରସ୍କାର ଜିନ୍ଦଲ ଷ୍ଟେନଲେସରେ ସୁରକ୍ଷା ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି। ଆମେ ଆମର କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ। ଆମେ ନିରନ୍ତର ଅଭିବୃଦ୍ଧି ଦିଗରେ ଆଗକୁ ବଢୁଥିବା ବେଳେ ଏହି ସ୍ୱୀକୃତି ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡକୁ ବଜାୟ ରଖିବା ପାଇଁ ଆମର ସଂକଳ୍ପକୁ ଆହୁରି ଦୃଢ଼ କରିଛି।

## ପିଏଚ୍‌ଡିସିସିଆଇ ଗ୍ୟାସ୍ ବଜାର ଓ ଶିଳ୍ପ ସୁରକ୍ଷା କର୍ମଶାଳା

# 'ସୁଦୃଢ଼ ଏନର୍ଜୀ ନେଟୱର୍କ ପ୍ରତିଷ୍ଠା ଜରୁରୀ'

## ପୂର୍ବଭାରତରେ ଶକ୍ତି ଚାହିଦା ପୂରଣରେ ଧାମରା ଏଲ୍ଏନ୍‌ଜି ଟର୍ମିନାଲ୍‌ର ବଡ଼ ଭୂମିକା




ଭୁବନେଶ୍ୱର,୨୦।୧୨(ଏଜେନ୍ସି): ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରର ଭିତ୍ତିଭୂମିର ସମ୍ପ୍ରସାରଣ ନିହାତି ଆବଶ୍ୟକ। ଏଥିରେ ଏଲ୍ଏନ୍‌ଜି ଟର୍ମିନାଲକୁ ବଢ଼ାଇବାକୁ ହେବ। କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ହେଉଛି ଦେଶର ସମସ୍ତ ଭାଗରେ ପ୍ରାକୃତିକ ବାଷ୍ପର ଉପଲବ୍ଧତା ବୃଦ୍ଧି କରିବା। ଆମର ଶକ୍ତି କ୍ଷେତ୍ରରେ ପାଇପ୍‌ଲାଇନ୍ ବ୍ୟବସ୍ଥାକୁ ଏକ ବୁଢ଼ିଆଣୀ ଜାଲ ପରି ବଢ଼ାଇବାକୁ ହେବ। ଯାହା ଫଳରେ ଆମେ ଗ୍ୟାସ୍ ଯୋଗାଣକୁ ସୁନିଶ୍ଚିତ କରିପାରିବା। ଆମକୁ ଏକ **'ସୁଦୃଢ଼ ଏନର୍ଜୀ ନେଟୱର୍କ ପ୍ରତିଷ୍ଠା କରିବାକୁ ହେବ ଯାହା ବର୍ତ୍ତମାନପ ଏବଂ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିପାରୁଥିବ** ବୋଲି ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ପିଏଚ୍‌ଡିସିସିଆଇ) ଗ୍ୟାସ୍ ବଜାର ଓ ଶିଳ୍ପ ସୁରକ୍ଷା କର୍ମଶାଳାରେ ଅତିଥି ଭାବେ ଯୋଗଦେଇ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ନିୟାମକ ବୋର୍ଡ(ପିଏନ୍‌ଜିଆର୍‌ବି)ର ସଦସ୍ୟ ଏ.କେ. ତିୱାରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଶ୍ରୀ ତିୱାରୀ ଗ୍ୟାସ୍ ଭିତ୍ତିଭୂମିର ସମ୍ପ୍ରସାରଣର ବହୁତ ଲାଭ ରହିଛି। ପୂର୍ବଭାରତରେ ଶକ୍ତି ଚାହିଦା ପରଣ କ୍ଷେତ୍ରରେ ଧାମରା ଏଲ୍ଏନ୍‌ଜି ଟର୍ମିନାଲ ଆମ ପାଇଁ ଏକ ବଡ଼ ସମ୍ପତ୍ତି। ଏହାର ଏ କ୍ଷେତ୍ରରେ ଏକ ବଡ଼ ଭୂମିକା ରହିଛି। ଦେଶର ପୂର୍ବ ଭାଗରେ ଏଲ୍ଏନ୍‌ଜି ବ୍ୟବସ୍ଥା ଆପଣାଇବା, ଗ୍ୟାସ୍ ଭିତ୍ତିଭୂମି ଏବଂ ଶିଳ୍ପ ସୁରକ୍ଷା ଦିଗରେ ପ୍ରସ୍ତୁତିକୁ ଗୁରୁତ୍ୱ ଦେଇ ଗ୍ୟାସ୍ ବଜାରର ବିକାଶ କ୍ଷେତ୍ରରେ ରହିଥିବା ସୁଯୋଗ ଏବଂ ଆହ୍ୱାନକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହୋଟେଲ ଭିଭାନ୍ତାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦ, ନୀତି ନିର୍ଦ୍ଧାରଣକାରୀ ଏବଂ ଆକାଡେମିକ୍ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ କ୍ଷେତ୍ରର ବିକାଶ କ୍ଷେତ୍ରରେ ରଣନୀତିକ ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ତୈଳ ଏବଂ ଗ୍ୟାସ୍ କ୍ଷେତ୍ର ଉପରେ ବିଶେଷଜ୍ଞମାନଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଆଇଜିଏକ୍ସର ଚିଫ୍ ବିଜ୍‌ନେସ୍ ଅଫିସର ଦୀପକ ମେହେଟ୍ଟା ଯୋଗଦେଇ ଭିତ୍ତିଭୂମି ନିବେଶ ଏବଂ ସ୍ୱଚ୍ଛ ନିୟାମକ ବ୍ୟବସ୍ଥା ଉପରେ ମତ ରଖିଥିଲେ। କାର୍ଯ୍ୟକମରେ ଅନ୍ୟମାନଙ୍କ ମଧ୍ୟରେ ୟୁସିସିଆଇର ସଞ୍ଜୀବ ମହାପାତ୍ର, ପିଏଚ୍‌ଡିସିସିଆଇର ଉପମହାସଚିବ ଡ. ଯତୀନ୍ଦର ସିଂହ ଏବଂ ବରିଷ୍ଠ ସଚିବ ରୂପେଶ କେ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଦୈନିକ 'ସକାଳ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର୍ ରହିଥିଲା।

# ଏଏମ୍ଏନ୍ ଷ୍ଟିଲ ପ୍ଲାଣ୍ଟରେ ବିପିଏନଏସଆଇର କର୍ମଶାଳା




ଭୁବନେଶ୍ୱର,୨୦।୧୨(ଏଜେନ୍ସି): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପାରାଦୀପଠାରେ ଅବସ୍ଥିତ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନା ରେ ହାଜାର୍ଡସ ୱେଷ୍ଟ ମ୍ୟାନେଜମେଣ୍ଟ ସମ୍ବନ୍ଧିତ ଏକ ଦିବସୀୟ କର୍ମଶାଳା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଏମ୍ଏନ୍ ପ୍ଲାଣ୍ଟର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି. ଏବଂ ଏସପିସିବି ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏସପିସିବି ଓଡିଶାର ଉପ ପରିବେଶ ବିଜ୍ଞାନୀ ଲିତା ସୋରେନ, ଇଂ ଦିବ୍ୟ ଲୋଚନ ମହାପାତ୍ର ଏବଂ ଇଂ ସୌମ୍ୟକାନ୍ତ ସେଠୀ, ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଶୁଭେନ୍ଦୁ କୁମାର ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନାର ଅଧିକାରୀ ଦେବଦତ୍ତ ଦାସ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଅଧିକାରୀ ଇଂ ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଂଚାଳନ କରିଥିଲେ।



## ୱାନ୍-ଡେ କପ୍ ହେଲା ଡିନ୍ ଜୋନ୍ସ ଟ୍ରଫି

ମେଲବୋର୍ଣ୍ଣ, ୨୦।୧୨ (ଏଜେନ୍ସି): କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ର ଘରୋଇ ଏକଦିବସୀୟ ପ୍ରତିଯୋଗିତା 'ୱାନ-ଡେ କପ୍'ର ନାମ ପରିବର୍ତ୍ତନ ହୋଇଛି । ଏହା ଏବେ କିମ୍ବଦନ୍ତୀ କ୍ରିକେଟର୍ ଡିନ୍ ଜୋନ୍ସଙ୍କ ନାମରେ ନାମିତ ହୋଇଛି । ଅର୍ଥାତ୍ ଏବେ ଏହା 'ଡିନ୍ ଜୋନ୍ସ ଟ୍ରଫି' ନାମରେ ଖେଳାଯିବ । ଶୁକ୍ରବାର ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ଉତ୍ସବରେ ସ୍ୱର୍ଗତ ଡିନ୍‌ଙ୍କ ପତ୍ନୀ ଜାନେ ଏବଂ ଦୁଇ ଝିଅ ଅଗଷ୍ଟା ଓ ଫୋଏବେ ଉପସ୍ଥିତ ରହି ଏହି ଟ୍ରଫିକୁ ଉନ୍ମୋଚନ କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ, ଅଷ୍ଟ୍ରେଲିଆର ଅନ୍ୟତମ ମହାନ ବ୍ୟାଟର୍ ଡିନ୍ ଜୋନ୍ସ ୨୦୨୦ରେ ଭାରତରେ ଥିବା ସମୟରେ ହୃଦ୍‌ଘାତରେ ୫୯ ବର୍ଷ ବୟସରେ ପ୍ରାଣ ହରାଇଥିଲେ । ସେ ଅଷ୍ଟ୍ରେଲିଆ ପାଇଁ ୫୨ ଟେଷ୍ଟ ଓ ୧୬୪ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୩୬୩୧ ଓ ୬୦୬୮ ରନ ସଂଗ୍ରହ କରିଥିଲେ । ଉଭୟ ଫର୍ମାଟ୍‌ରେ ସେ ୧୮ ଶତକ ଓ ୬୦ ଅର୍ଦ୍ଧଶତକ ମାରିଥିଲେ । 'ଡିନ୍ ଜୋନ୍ସ ଟ୍ରଫି' ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ଏବେ 'ମାଇକେଲ୍ ବେଭାନ ମେଡାଲ' ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ବେଭାନ ମଧ୍ୟ ଅଷ୍ଟ୍ରେଲିଆର ଜଣେ ଦକ୍ଷ ବ୍ୟାଟର୍ ଥିଲେ ।

ହକି ଇଣ୍ଡିଆ ଲିଗ୍

# ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ରଙ୍ଗାରଙ୍ଗ ଉଦ୍‌ଘାଟନୀ

ଭୁବନେଶ୍ୱର, ୨୦।୧୨(ସମିସ): ବହୁ ପ୍ରତିକ୍ଷୀତ ହକି ଇଣ୍ଡିଆ ଲିଗ୍ (ଏଚ୍ ଆଇଏଲ୍) ର ଆଗାମୀ ଷଷ୍ଠ ସଂସ୍କରଣ ପୂରା ଢ଼ଙ୍ଗରେ ଆରମ୍ଭ ହେବାକୁ ଯାଉଛି । ଡିସେମ୍ବର ୨୮ରେ ଲିଗ୍‌ର ପ୍ରଥମ ମ୍ୟାଚ୍ ଆୟୋଜନ ହେବା ପୂର୍ବରୁ ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏହି ହାଇପ୍ରୋଫାଇଲ ଲିଗ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ । ଏହି ଉତ୍ସବରେ କ୍ରୀଡ଼ା, ମନୋରଞ୍ଜନ, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦେଖିବାକୁ ମିଳିବ । ଏହି ଉତ୍ସବରେ ଭାରତୀୟ ସେଲିବ୍ରିଟିମାନେ ଆକର୍ଷଣୀୟ ଥିମ୍ ତଥା ସଙ୍ଗୀତ 'ହକି କା ଜସ୍ନ' ତାଳେ ତାଳେ ନୃତ୍ୟ ପରିବେଷଣ କରି ଷ୍ଟାଡିୟମରେ ଉପସ୍ଥିତ ୩୫ ହଜାର ଦର୍ଶକଙ୍କ ମନୋରଞ୍ଜନ କରିବେ ।



### ଯୋଗଦେବେ ସାରା ଅଲି, କିଙ୍ଗ୍


ବଲିଉଡ ସେନ୍‌ସେସନ ସାରା ଅଲି ଖାନ ଓ ଜଣାଶୁଣା ସଙ୍ଗୀତକାର କିଙ୍ଗ୍ ଏହି ଉତ୍ସବରେ ନୃତ୍ୟ ଓ ସଙ୍ଗୀତ ପରିବେଶ କରି ଦର୍ଶକଙ୍କ ମନମୋହିବେ । ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶିଆମାକ ଡାଭାର ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରି ଷ୍ଟାଡିୟମରେ ବୈଦ୍ୟୁତିକ ପରିବେଶ ସୃଷ୍ଟି କରିବ । ଷ୍ଟାଡିୟମରେ ଫ୍ଲୋ ପ୍ରୋଜେକସନ ମ୍ୟାପିଂ ଦ୍ୱାରା ଏକ ଥ୍ରିଡାଇମେନସନର ଭ୍ରମ ସୃଷ୍ଟି ହେବା ଓ ଏହା ଦର୍ଶକଙ୍କୁ ଚକିତ କରିବ । ଦର୍ଶକ ତଥା ପ୍ରଶଂସକଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍‌ଘାଟନୀ ଉତ୍ସବ ସମେତ ଷ୍ଟାଡିୟମରେ ଦର୍ଶକଙ୍କ ପାଇଁ ମାଗଣା ଟିକଟ ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଏହି ଲିଗ୍ ଓ ହକି ପ୍ରଶଂସକଙ୍କ ନିକଟତର ହେବ । ରାଉରକେଲା ତଥା ସୁନ୍ଦରଗଡ଼ରେ ହକିର ଜବରଦସ୍ତ ଲୋକପ୍ରିୟତା ରହିଆସିଛି । ତେଣୁ ଏଠାରେ ଲିଗ୍‌ର ଦମ୍‌ଦାର ଆରମ୍ଭ ହେବ ବୋଲି ଏଚ୍‌ଆଇଏଲ୍ ଅଧ୍ୟକ୍ଷ ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କି କହିଛନ୍ତି । ଏଥର ଲିଗ୍‌ରେ ହକି ଓ ମନୋରଞ୍ଜନର ଏକ ଆନୁପାତିକ ମିଶ୍ରଣ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି ।

### ଡିସେମ୍ବର ୨୮ରୁ ପୁରୁଷ ଲିଗ୍

ଲିଗ୍‌ର ଷଷ୍ଠ ସଂସ୍କରଣ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖରେ ଶେଷ ହେବ । ହକି ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜନ ହେବାକୁ ଥିବା ଏହି ଲିଗ୍ ପୁରୁଷ ଇଭେଣ୍ଟରେ ୮ଟି ଓ ମହିଳା ଇଭେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିବେ । ପୁରୁଷ ପ୍ରତିଯୋଗିତାରେ ୮ଟି ଦଳକୁ ପୁଲ୍ ଏ ଓ ବି'ରେ ବିଭକ୍ତ କରାଯାଇଛି । ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ମହିଳା ଲିଗ୍ ଜାନୁଆରୀ ୧୨ରେ ଆରମ୍ଭ ହେବ ଓ ୨୬ରେ ଲିଗ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ ।


**ପୁଲ ଏ:** ଦିଲ୍ଲୀ ଏସ୍‌ଜି ପାଇପର୍ସ, ଶ୍ରଚି ରାର ବେଙ୍ଗଲ ଟାଇଗର୍ସ, ସୁରମା ହକି କ୍ଲବ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ ।

**ପୁଲ ବି:** ଗୋନାସିକା, ହାଇଦ୍ରାବାଦ ତୁଫାନ୍ସ, ତାମିଲନାଡୁ ଡ୍ରାଗନ୍ସ, ୟୁପି ରୁଦ୍ରସ୍ ।




■ ଆଜିଠାରୁ ବିଜୟ ହଜାରେ ଟ୍ରଫି

## ରିଙ୍କୁ ସିଂଙ୍କୁ ଉତ୍ତର ପ୍ରଦେଶ ଦଳର ନେତୃତ୍ୱ



ଲକ୍ଷ୍ନୌ, ୨୦।୧୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ଏକଦିବସୀୟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ୩୨ତମ ସଂସ୍କରଣ ଶନିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି । ଏଥିଲାଗି ଉତ୍ତର ପ୍ରଦେଶ ଦଳ ଘୋଷିତ ହୋଇଯାଇଛି । ଭାରତୀୟ ସୀମିତ ଓଭର ଦଳର ଅନ୍ୟତମ ଶ୍ରେଷ୍ଠ ଯୁବ ଫିନିଶର ରିଙ୍କୁ ସିଂଙ୍କୁ ଘୋଷିତ ଉତ୍ତର ପ୍ରଦେଶ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି । ନିକଟରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଭେଟେରାନ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଉତ୍ତର ପ୍ରଦେଶ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । କିନ୍ତୁ ବିଜୟ ହଜାରେ ଟ୍ରଫି ଲାଗି ଭୁବନେଶ୍ୱରଙ୍କ ସ୍ଥାନରେ ରିଙ୍କୁଙ୍କୁ ନେତୃତ୍ୱ ଭାର ନ୍ୟସ୍ତ କରାଯାଇଛି । ଫଳରେ ରିଙ୍କୁ ପ୍ରଥମଥର ଲାଗି ରାଜ୍ୟ ବରିଷ୍ଠ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଆସନ୍ତା ଫେବ୍ରୁଆରୀରେ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । ଏଥିଲାଗି ବିଜୟ ହଜାରେ ଟ୍ରଫି ଉପରେ ଜାତୀୟ ଚୟନକର୍ତ୍ତାଙ୍କ ନଜର ରହିଛି । ରିଙ୍କୁ ଭାରତୀୟ ଟି-୨୦ ଦଳର ନିୟମିତ ସଦସ୍ୟ ହୋଇଥିଲେ ମଧ୍ୟ ଏକଦିବସୀୟ କ୍ରିକେଟ୍‌ରେ କେବଳ ୨ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଛନ୍ତି ।

## ପାୟଲଙ୍କୁ ସ୍ୱର୍ଣ୍ଣିମ ସଫଳତା



ଭୁବନେଶ୍ୱର, ୨୦।୧୨ (ସମିସ): ଚୀନର ଫୁସାନ ସହରରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ୱିଚୁଂ (ଏକପ୍ରକାର ମାର୍ଶାଲ ଆର୍ଟ କ୍ରୀଡ଼ା) ପ୍ରତିଯୋଗିତାରେ ଓଡ଼ିଆ ଝିଅ ପାୟଲ ପଟ୍ଟନାୟକ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ପାୟଲ କନିଷ୍ଠ ବର୍ଗରେ ଏହି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଭାରତୀୟ ଦଳ ମୋଟ୍ ଉପରେ ଏହି ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ସହ ୯ଟି ପଦକ ବିଜୟୀ ହୋଇଥିଲା । ୫ ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ପାୟଲ ମନୋନୀତ ହୋଇଥିଲେ । ସେହିଭଳି ଓଡ଼ିଶାର ପ୍ରଦ୍ୟୁମ୍ନ ବେହେରା ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ସଫଳତା ଲାଗି ଓଡ଼ିଶା ଉଷୁ ଆସୋସିଏସନର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ସମ୍ପାଦକ ଯୁବରାଜ ହରିଚନ୍ଦନ, ମୁଖ୍ୟ ପୃଷ୍ଠପୋଷକ ପ୍ରବୋଧ ମହାନ୍ତି ପାୟଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

■ ଏକଦିବସୀୟ ପରାଜୟର ମଧୁର ପ୍ରତିଶୋଧ

## ଟି-୨୦ ସିରିଜ ପୋଛିନେଲା ବାଂଲାଦେଶ



ସେଣ୍ଟ ଭିନସେଣ୍ଟ, ୨୦।୧୨ (ଏଜେନ୍ସି): ଜାକେର ଅଲ୍ଲୀଙ୍କ ଅପରାଜିତ ୭୨ ରନ ବଳରେ ଭ୍ରମଣକାରୀ ବାଂଲାଦେଶ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ୮୦ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି । ଫଳରେ ଟି-୨୦ ସିରିଜକୁ ବାଂଲାଦେଶ ୩-୦ରେ ପୋଛିନେଇଛି । ପୂର୍ବରୁ ସିରିଜର ପ୍ରଥମ ଦୁଇ ମ୍ୟାଚକୁ ୱେଷ୍ଟଇଣ୍ଡିଜ ଯଥାକ୍ରମେ ୭ ରନ ଓ ୨୭ ରନରେ ହାରିଥିଲା । ସିରିଜ ବିଜୟ ସହ ବାଂଲାଦେଶ ଏକଦିବସୀୟ ସିରିଜ ପରାଜୟର ମଧୁର ପ୍ରତିଶୋଧ ନେଇଛି । ପୂର୍ବରୁ ଘରୋଇ ୱେଷ୍ଟଇଣ୍ଡିଜ ଏକଦିବସୀୟ ସିରିଜକୁ ୩-୦ରେ ଜିତିଥିଲା ।

ଗୁରୁବାର ବିଳମ୍ବିତ ରାତିରେ ଏଠାରେ ଅନୁଷ୍ଠିତ ୩ୟ ଟି-୨୦ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ବାଂଲାଦେଶ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୯ ରନ କରିଥିଲା । ଦଳ ପକ୍ଷରୁ ଜାକର ଅଲ୍ଲୀ ୪୧ ବଲରୁ ୬ ଛକା ଓ ୩ ଚୌକା ବଳରେ ସର୍ବାଧିକ ୭୨ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରଭେଜ ହୋସେନ ଏମନ୍ ୩୯, ମେହଦୀ ହାସନ ମିରାଜ ୨୯ ରନର ଉପଯୋଗୀ ପାଳି ଖେଳିଥିଲେ । ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ରୋମାରିଓ ସେଫର୍ଡଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଥିଲା । ଜବାବରେ ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ୱିକେଟ୍‌ମାନ ହରାଇ ୧୬.୪ ଓଭରରେ ୧୦୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା । ସେଫର୍ଡ ବ୍ୟାଟିଂରେ ମଧ୍ୟ ସର୍ବାଧିକ ୩୩ ରନ କରିଥିଲେ । ସେହିଭଳି ଜନସନ ଚାର୍ଲସ ୨୩, ନିକୋଲସ ପୁରନ ୧୫, ଗୁଡାକେଶ ମୋତି ୧୨ ରନ କରିଥିଲେ । ବିଜୟୀ ବାଂଲାଦେଶ ପାଇଁ ରିଶଦ ହୋସେନ ୩ ଏବଂ ତାସକିନ ଅହମ୍ମଦ ଓ ମେହଦୀ ହାସାନ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ । ଜାକର ଅଲ୍ଲୀ ମ୍ୟାଚର ଓ ମେହଦୀ ହାସାନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ବିଶ୍ୱ ଟେନିସ୍ ଲିଗ୍

## ଯୁଗଳରେ ନାଗଲଙ୍କ ଚମକ

ଆବୁଧାବି, ୨୦।୧୨(ଏଜେନ୍ସି): ଗତ ୧୯ ତାରିଖରୁ ଏଠାରେ ଆରମ୍ଭ ହୋଇଥିବା ବିଶ୍ୱ ଟେନିସ ଲିଗ୍ (ଡବ୍ଲ୍ୟୁଟିଏଲ୍) ର ତୃତୀୟ ସଂସ୍କରଣରେ ଭାରତୀୟ ତାରକା ସୁମିତ ନାଗଲଙ୍କ ଚମକ ଦେଖିବାକୁ ମିଳିଛି । ନାଗଲଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଟିଏସ୍‌ଏଲ ହକ୍ସ ଲିଗ୍‌ର ତୃତୀୟ ମ୍ୟାଚ୍‌ରେ ୨୧-୧୪ ବ୍ୟବଧାନରେ ହନରଏଫ୍‌ଏକ୍ସ ଇଗଲ୍ସକୁ ଶୁକ୍ରବାର ପରାସ୍ତ କରିଛି । ନାଗଲ ଉଭୟ ପୁରୁଷ ଏକକ ଓ ଯୁଗଳରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ପୁରୁଷ ଯୁଗଳରେ ନାଗଲ ଓ ଜୋର୍ଡାନ ଥମ୍ପସନ ଇଗଲ୍‌ର ଯୋଡି ଆଲେକଜାଣ୍ଡର ଶେଭଚେଙ୍କୋ ଓ ଷ୍ଟିଫାନୋସ ସିତସିପାସଙ୍କୁ ୬-୪ ସ୍କୋର ଓ ମୋଟ ଉପରେ ୧୮-୭ରେ ପରାସ୍ତ କରିଥିଲେ । ସେହିପରି ପୁରୁଷ ଏକକରେ ନାଗଲ ୨୦- ୧୩ ଓଭରଅଲ୍ ସ୍କୋରରେ ପରାସ୍ତ କରିଥିଲେ । ଏହାପୂର୍ବରୁ ଅରିନା ସାବାଲେଙ୍କା ଓ ମୀରା ଆନ୍ଦ୍ରିଭା ମହିଳା ଯୁଗଳରେ ୬-୧ରେ ଇଗା ସ୍ୱିଆଟେକ ଓ ପାଉଲା ବଡୋସାଙ୍କୁ ପରାସ୍ତ କରିଥିଲେ ।

ରାଜ୍ୟ ବାସ୍କେଟବଲ୍

## ଗଞ୍ଜାମକୁ ହରାଇଲା କିଟ୍

କଟକ, ୨୦।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୬୫ତମ ରାଜ୍ୟ ବାସ୍କେଟବଲ ଚାମ୍ପିଅନସିପ୍ ଖେଳାଯାଉଛି । ଶୁକ୍ରବାର ପ୍ରତିଯୋଗିତାର ୩ୟ ଦିବସରେ ମହିଳା ବର୍ଗର ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ କିଟ୍ ୪୫-୩୫ ପଏଣ୍ଟରେ ଗଞ୍ଜାମକୁ ପରାସ୍ତ କରିଥିଲା । ଅନ୍ୟ ମ୍ୟାଚ୍‌ଗୁଡିକରେ ରୋଭର୍ସ ୧୯-୬ ପଏଣ୍ଟରେ କେନ୍ଦୁଝରକୁ, ପୁରୀ ୩୮-୮ ପଏଣ୍ଟରେ ବିବିଏକୁ, କେଡିବିଏ ୩୮-୧୦ ପଏଣ୍ଟରେ ସିଡିଏକୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୩୨-୭ ପଏଣ୍ଟରେ ସମ୍ବଲପୁରକୁ ପରାସ୍ତ କରିଥିଲା । ଦୁଇ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରୋଭର୍ସ ୪୪-୧୯ ପଏଣ୍ଟରେ ବିଏକୁ ଏବଂ କିଟ୍ ୪୧-୨୮ ପଏଣ୍ଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି ।



## ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀରେ କିଟ୍‌କୁ ରୌପ୍ୟ

ଭୁବନେଶ୍ୱର, ୨୦।୧୨ (ସମିସ): ପଞ୍ଜାବର ମୋହାଲିଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍‌ରେ କିଟ୍ ଦଳ ରୌପ୍ୟ ପଦକ ବିଜୟୀ ହୋଇଛି । ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଶୁକ୍ରବାର କିଟ୍ ଦଳ ୭-୧୦ ସ୍କୋରରେ ଆୟୋଜକ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ନିକଟରୁ ପରାସ୍ତ ହୋଇଥିଲା । କିଟ୍ ବିଶ୍ୱବିଦ୍ୟାଳୟ ଏଥିପୂର୍ବରୁ ସେମିଫାଇନାଲରେ ୨୬-୦୫ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ପରାସ୍ତ କରିଥିଲା । ସେହିଭଳି କ୍ୱାର୍ଟରଫାଇନାଲରେ ଦମ୍‌ଦାର ପ୍ରଦର୍ଶନ କରି ୨୬-୦ରେ ଶିବାଜୀ ବିଶ୍ୱବିଦ୍ୟାଳୟକୁ ହରାଇ ସେମିକୁ ଉଠିଥିଲା । ଲିଗ୍ ପର୍ଯ୍ୟାୟରେ କିଟ୍ ଦଳ ଯଥାକ୍ରମେ ୬୪-୦ରେ ରାଜା ମହେନ୍ଦ୍ର ପ୍ରତାପ ସିଂହ ଷ୍ଟେଟ୍ ବିଶ୍ୱବିଦ୍ୟାଳୟକୁ ଏବଂ ୨୪-୦ରେ କରମବୀର ବାଉରାଓ ପାଟିଲ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ଏଠାରେ ରୌପ୍ୟ ପଦକ ଜିତିବା ସହ କିଟ୍ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଦଳ ଆଗାମୀ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛି ।



ଏହି ରୌପ୍ୟ ପଦକ ସଫଳତା ଲାଗି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ଏହି ପ୍ରତିଯୋଗିତା ଗତ ୧୬ରୁ ଆୟୋଜିତ ହୋଇଥିଲା ।

## ଐତିହାସିକ ଦିନିକିଆ ସିରିଜ ଜିତିଲା ପାକିସ୍ତାନ

କେପ୍ ଟାଉନ୍, ୨୦।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକରୀ ପାକିସ୍ତାନ ବୃହତ୍ ୮୧ ରନରେ ବିଜୟ ହାସଲ କରିଛି । ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି । ଏଥିସହ ପାକିସ୍ତାନ ବିଶ୍ୱର ପ୍ରଥମ ଦଳ ଭାବେ ଏକବିଂଶ ଶତାବ୍ଦୀରେ ଦକ୍ଷିଣ ଆଫ୍ରିକା ମାଟିରେ ୩ଟି ଦିନିକିଆ ସିରିଜ୍ ବିଜୟୀ ହୋଇଛି । ସ୍ଥାନୀୟ ନ୍ୟୁଲାଣ୍ଡସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ୩୨୯ ରନକରି ଅଲଆଉଟ ହୋଇଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୪୩.୧ ଓଭରରେ ୨୪୮ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା ।



ଦକ୍ଷିଣ ଆଫ୍ରିକା ପାଇଁ ୱିକେଟରକ୍ଷକ ବ୍ୟାଟର ହେନେରିଚ କ୍ଲାସେନ ୭୪ ବଲରୁ ୮ ଚୌକା ଓ ୪ ଛକା ସହ ୯୭ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନଥିଲା । ଟୋନି ଡି ଜର୍ଜି ୩୪, ଡେଭିଡ୍ ମିଲର ୨୯ ରାସି ଭାନ ଡେର ଡୁସେନ ୨୩, ଆଇଡେନ ମାରକ୍ରାମ ୨୧ ରନକରି ଆଉଟ ହୋଇଥିଲେ । ପାକିସ୍ତାନ ତରଫରୁ ବୋଲିଂରେ ଶାହିନ ଶାହା ଆଫ୍ରିଦି ସର୍ବାଧିକ ୪, ନସିମ ଶାହା ୩, ଅବରାର ଅହମ୍ମଦ ୨, ସଲମାନ ଆଘା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଅଧିନାୟକ ମହମ୍ମଦ ରିଜୱାନ ସର୍ବାଧିକ ୮୦, ବାବର ଆଜମ ୭୩, କାମରାନ ଗୁଲାମ ୬୩, ସଇମ ଆୟୁବ ୨୫, ସଲମାନ ଆଘା ୩୩, ଆଫ୍ରିଦି ୧୬ ରନକରି ଆଉଟ ହୋଇଥିଲେ । ଦକ୍ଷିଣ ଆଫ୍ରିକା ପାଇଁ କ୍ୱେନା ମଫାକା ସର୍ବାଧିକ ୪, ମାର୍କୋ ଜାନସେନ ୩ ୱିକେଟ ଅକ୍ତିଆର କରିଥିଲେ ।

## ମହିଳା ଟି-୨୦ ସିରିଜ୍ ଜିତିଲା ଭାରତ

ମୁମ୍ବାଇ, ୨୦ ।୧୨(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ କରି ୬୦ ରନରେ ବୃହତ୍ ବିଜୟ ହାସଲ କରିଛି । ସ୍ଥାନୀୟ ଡି ୱାଇ ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୪ ୱିକେଟ ହରାଇ ୨୧୭ ରନ ସଂଗ୍ରହ କରିଛି । ଜବାବରେ ୱେଷ୍ଟଇଣ୍ଡିଜ ୯ ୱିକେଟ ହରାଇ ୧୫୭ ରନରେ ସୀମିତ ରହିଥିଲା । ଏଥିସହ ଭାରତ ୨-୧ରେ ସିରିଜ ହାତେଇ ନେଇଛି । ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୪୯ ରନରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୯ ୱିକେଟରେ ବିଜୟୀ ହୋଇଥିଲା । ସ୍ମୃତି ମନ୍ଧାନା ସିରିଜର ଓ ରିଚା ଘୋଷ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ୱେଷ୍ଟଇଣ୍ଡିଜ ତରଫରୁ ଚିନେଲେ ହେନେରୀ ସର୍ବାଧିକ ୪୩ ରନ କରିଥିଲେ । ବାମହାତୀ ସ୍ପିନର ରାଧା ଯାଦବ ସର୍ବାଧିକ ୪, ରେଣୁକା ସିଂ, ସଞ୍ଜୀବନ ସଜନା, ତିତାସ ସିଧୁ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଅଧିନାୟିକା ସ୍ମୃତି ମନ୍ଧାନା ୪୭ ବଲରୁ ୧୩ ଚୌକା ଓ ୧ ଛକା ସହ ୭୭ ଓ ରିଚା ଘୋଷ ୨୧ ବଲରୁ ୩ ଚୌକା ଓ ୫ ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଜେମିମା ରୋଡ୍ରିଗ୍ସେଜ ୩୯ ରନକରି ଆଉଟ ହୋଇଥିଲେ ।

## ଜାନୁଆରୀ ୫ରୁ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ

ଭୁବନେଶ୍ୱର, ୨୦ ।୧୨(ସମିସ): ଭେଟେରାନ କ୍ରିକେଟ ଆସୋସିଏସନ ଅଫ୍ ଓଡ଼ିଶା (ଭିସିଏଓ) ଆନୁକୂଲ୍ୟରେ ଜାନୁଆରୀ ୫ରୁ ୧୨ ତାରିଖ ମଧ୍ୟରେ ୨୧ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ । ହାଇଟେକ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଇଚ୍ଛୁକ ଥିବା ସ୍କୁଲଗୁଡ଼ିକ ୨୯ ତାରିଖ ସୁଦ୍ଧା ମୋ ନଂ: ୯୯୩୮୦୧୭୩୯୦, ୯୮୧୭୬୩୬୭୭୫ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

### ଏସିଆନ୍ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍

# ରେକର୍ଡ ସହ ଜ୍ୟୋତ୍ସ୍ନାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୦ ।୧୨ (ସମିସ): ଓଡ଼ିଶାର ଉଦୀୟମାନ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ଶବର ନୂଆ ଏସୀୟ ଯୁଥ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । କତାରର ଦୋହାଠାରେ ଚାଲିଥିବା ଏସିଆନ ଯୁବ (ବାଳକ ଓ ବାଳିକା) ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ୧୬ ବର୍ଷୀୟା ଜ୍ୟୋତ୍ସ୍ନା ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । ଜ୍ୟୋତ୍ସ୍ନା ୪୦ କିଗ୍ରା ଯୁଥ୍ ବାଳିକା ବିଭାଗରେ ମୋଟ୍ ୧୩୫ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନରେ ରହିଥିଲେ । ଯାହାକି ନୂଆ ଏସୀୟ ଯୁଥ୍ ରେକର୍ଡ ପ୍ରତିଷ୍ଠା କରିଥିଲା । ଏଥିରେ ସେ ସ୍ନାଚରେ ୬୦ କିଗ୍ରା ଓ କ୍ଲିନ୍ ଆଣ୍ଡ ଜର୍କରେ ୭୫ କିଗ୍ରା ଉଠାଇଥିଲେ । ସ୍ନାଚ ଓ କ୍ଲିନ୍ ଆଣ୍ଡ ଜର୍କରେ ମଧ୍ୟ ସର୍ବାଧିକ ଭାର ଉଠାଇଥିବାରୁ ଜ୍ୟୋତ୍ସ୍ନା ମୋଟ୍ ଉପରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଗଜପତିର ପେକଟା ଗ୍ରାମରେ ଜନ୍ମିତ ଜ୍ୟୋତ୍ସ୍ନା ଓଭରଅଲ୍


ଜ୍ୟୋତ୍ସ୍ନା ଶବର


ପ୍ରୀତିସ୍ମିତା ଭୋଇ

(୧୩୫ କିଗ୍ରା) ଆଉ ଗୋଟିଏ କିଗ୍ରା ଅଧିକ ଭାର ଉଠାଇଥିଲେ ୪୦ କିଗ୍ରା ଯୁଥ୍ ବିଭାଗରେ ବିଶ୍ୱରେକର୍ଡ ସହ ସମକକ୍ଷ ହୋଇଥାନ୍ତେ । ସେ ବର୍ତ୍ତମାନ ଓଡ଼ିଶା ୱେଟ୍‌ଲିଫ୍ଟିଂ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି ।

### ପ୍ରୀତିସ୍ମିତାଙ୍କୁ ରୌପ୍ୟ

ଏହି ଏସିଆନ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଭାଗନେଇଥିବା ଅନ୍ୟତମ ଓଡ଼ିଆ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ପ୍ରୀତିସ୍ମିତା ୪୫ କିଗ୍ରା ଯୁଥ୍ ବାଳିକାରେ ମୋଟ୍ ୧୪୫ କିଗ୍ରା ଭାର ଉଠାଇଥିଲେ । ସେ ସ୍ନାଚରେ ୬୦ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୮୫ କିଗ୍ରା ହାସଲ କରିଥିଲେ ।

## କୋହଲିଙ୍କ ନୂଆ କେଶ ବିନ୍ୟାସ



ନୂଆଦିଲ୍ଲୀ, ୨୦ ।୧୨(ଏଜେନ୍ସି): ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ନୂଆ କେଶ ବିନ୍ୟାସ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ସାମାଜିକ ଗଣମାଧ୍ୟମରେ ତାଙ୍କୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି । ତାଙ୍କର ଏହି ନୂଆ ହେୟାର ଷ୍ଟାଇଲର ଦୃଶ୍ୟ ଇଣ୍ଟରନେଟ୍‌ରେ ଜବରଦସ୍ତ ଭାଇରାଲ ହୋଇଛି । ମେଲବୋର୍ଣ୍ଣରେ ୨୬ ତାରଖରୁ ତୃତୀୟ ତଥା ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହେବ ।

# ପୃଥ୍ୱୀ ହିଁ ନିଜେ ନିଜର ଶତ୍ରୁ: ଏମ୍‌ସିଏ



ନୂଆଦିଲ୍ଲୀ, ୨୦ ।୧୨(ଏଜେନ୍ସି): ବିଜୟ ହଜାରେ ଟ୍ରଫି ପାଇଁ ଘୋଷିତ ମୁମ୍ବାଇ ଦଳରେ ସ୍ଥାନ ପାଇ ନଥିବା ଯୁବ ବ୍ୟାଟର ପୃଥ୍ୱୀ ଶଙ୍କୁ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ତରଫରୁ କଡ଼ା ଜବାବ ଦିଆଯାଇଛି । ଦଳରୁ ବାଦ୍ ପଡ଼ିବା ପରେ ପୃଥ୍ୱୀ ସାମାଜିକ ଗଣମାଧ୍ୟମରେ ନିଜର ଅସନ୍ତୋଷ ଜାହିର କରିବା ସହ ଏମ୍‌ସିଏକୁ ସମାଲୋଚନା କରିଥିଲେ । କିନ୍ତୁ ଏମ୍‌ସିଏ ଶୁକ୍ରବାର ତାଙ୍କୁ କଡ଼ା ଜବାବ ଦେବା ସହ ତାଙ୍କୁ ଦଳରେ ସାମିଲ ନ କରିବାର କାରଣ ଉପରେ ଆଲୋକପାତ କରିଛି । ତାଙ୍କ ପାଖରେ ଶୃଙ୍ଖଳାର ଅଭାବ ରହିଛି । ତାଙ୍କର ଫିଟ୍‌ନେସ୍ ଅତ୍ୟନ୍ତ ଦୁର୍ବଳ ଓ ସେ ନିଜର ସ୍ୱଭାବରେ ପରିବର୍ତ୍ତନ ଆଣିପାରି ନାହାନ୍ତି । ତାଙ୍କର ଫିଲ୍ଡିଂ ମଧ୍ୟ ଅତ୍ୟନ୍ତ ଦୁର୍ବଳ । ମୁସ୍ତାକ ଅଲି ଟ୍ରଫିରେ ତାଙ୍କ ପାଖ ଦେଇ ଯାଉଥିଲେ ମଧ୍ୟ ସେ ବଲ୍ ଧରିବାକୁ ସକ୍ଷମ ହୋଇପାରୁ ନଥିଲେ । ପୁଣି ବ୍ୟାଟିଂ କରିବା ବେଳେ ସେ ବଲ ପାଖକୁ ଯାଇପାରୁ ନଥିଲେ ବୋଲି ଏମ୍‌ସିଏର ଜଣେ ଅଧିକାରୀ କହିଛନ୍ତି । ସେ ନିୟମିତ ଭାବେ ଶୃଙ୍ଖଳା ଭଙ୍ଗ କରିଥିଲେ । ମୁସ୍ତାକ ଅଲି ଟ୍ରଫି ଅବସରରେ ସେ ବରାବର ରାତିରେ ବାହାରେ ରହୁଥିଲେ ଓ ସକାଳ ୬ଟାରେ ଟିମ୍ ହୋଟେଲକୁ ଆସୁଥିଲେ । ତାଙ୍କ ବିରୋଧରେ ବରିଷ୍ଠ ଖେଳାଳିମାନେ ମଧ୍ୟ ଅଭିଯୋଗ ଆଣିଥିଲେ । ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରତି ନ୍ୟାୟ କରିବାରେ ବିଫଳ ହୋଇଛନ୍ତି । ପୁଣି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଭଲ କରିନାହାନ୍ତି । ଗତ ଅକ୍ଟୋବରରେ ମଧ୍ୟ ସମାନ କାରଣ ପାଇଁ ତାଙ୍କୁ ରଣଜୀ ଟ୍ରଫିରେ ସାମିଲ କରାଯାଇ ନଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି ।

## ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି

ନୂଆଦିଲ୍ଲୀ, ୨୦ ।୧୨(ଏଜେନ୍ସି): ସଦ୍ୟ ପ୍ରକାଶିତ ଫିଫା ମାନ୍ୟତାରେ ଭାରତୀୟ ଫୁଟବଲ ଦଳ ଗୋଟିଏ ସ୍ଥାନ ଉପରକୁ ଉଠି ୧୨୬ତମ ସ୍ଥାନରେ ପହଞ୍ଚିଛି । ଚଳିତ ୨୦୨୪ରେ ଭାରତ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମଧ୍ୟ ବିଜୟ ହାସଲ କରିପାରି ନାହିଁ । ବିଶ୍ୱ ଚାମ୍ପିଅନ ତଥା ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ପୂର୍ବପରି ଶୀର୍ଷରେ ରହିଛି । ସେହିପରି ରନର୍ସଅପ୍ ଫ୍ରାନ୍ସ ଦ୍ୱିତୀୟ ଓ ୟୁରୋପିଆନ ଚାମ୍ପିଅନ ସ୍ପେନ୍ ତୃତୀୟ ସ୍ଥାନରେ ରହିଛି । ଶ୍ରେଷ୍ଠ-୧୦ରେ ଆଉ କୌଣସି ପରିବର୍ତ୍ତନ ହୋଇନାହିଁ । ଏହିକ୍ରମରେ ଇଂଲଣ୍ଡ ଚତୁର୍ଥ, ବ୍ରାଜିଲ ୫ମ, ପର୍ତ୍ତୁଗାଲ ଷଷ୍ଠ, ନେଦରଲାଣ୍ଡସ ୭ମ, ବେଲଜିୟମ ଅଷ୍ଟମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛି । ଦକ୍ଷିଣ ଆଫ୍ରିକୀୟ ଦେଶ ଆଙ୍ଗୋଲା ଚଳିତବର୍ଷ ସର୍ବାଧିକ ଖେଳିଛି ଓ ସର୍ବାଧିକ ୩୨ଟି ସ୍ଥାନ ଉପରକୁ ଉଠି ଲମ୍ବଡିଆଁ ମାରିବା ସହ ୮୫ତମ ସ୍ଥାନରେ ପହଞ୍ଚିଛି । ଆସନ୍ତା ଏପ୍ରିଲ୍‌ରେ ପରବର୍ତ୍ତୀ ଫିଫା ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇବ ।

# 'କ୍ୱାର୍ଟରରେ ଅମିତ୍‌ଙ୍କୁ ରେଡ୍‌କାର୍ଡ ଧକ୍କା ସଦୃଶ ଥିଲା'



ଭୁବନେଶ୍ୱର, ୨୦ ।୧୨ (ସମିସ): ଗତ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଥିଲା । ୧୯୭୨ ପରେ ପ୍ରଥମଥର ଲାଗି ଭାରତୀୟ ହକି ଦଳ କ୍ରମାଗତ ଅଲିମ୍ପିକ୍ସରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲା । ପ୍ୟାରିସ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ଭାରତୀୟ ଦଳର ପ୍ରମୁଖ ଖେଳାଳି ଓଡ଼ିଶାର ଅମିତ୍ ରୋହିଦାସଙ୍କୁ ରେଡ୍ କାର୍ଡ ମିଳିଥିଲା । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଏହା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ଥିଲା ବୋଲି ଭାରତୀୟ ହକି ଦଳର ଅନ୍ୟତମ ପ୍ରମୁଖ ଖେଳାଳି ଶମଶେର ସିଂହ କହିଛନ୍ତି । '୧୦ ଜଣ ଖେଳାଳିରେ ମ୍ୟାଚର ବଳକା ଦୁଇ ତୃତୀୟାଂଶରେ ବ୍ରିଟେନକୁ ହରାଇବା କଷ୍ଟକର ଥିଲା । ଏହାସତ୍ତ୍ୱେ ଆମ ଦଳ ମଧ୍ୟରେ ଏକତା ଥିଲା । ଏଭଳି କଠିନ ପରିସ୍ଥିତିରେ ଆମେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସୁଟ୍ ଆଉଟ୍‌ରେ ୪-୨ ଗୋଲରେ ବିଜୟୀ ହୋଇଥିଲୁ' ବୋଲି ଶମଶେର ପ୍ରକାଶ କରିଛନ୍ତି । ଶୁକ୍ରବାର ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗହଣରେ ପ୍ୟାରିସ ଅଲିମ୍ପିକ୍ସ କ୍ୱାର୍ଟର ଫାଇନାଲ ମ୍ୟାଚକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଶମଶେରଙ୍କ ସମେତ ପ୍ୟାରିସରେ ପଦକ ଜିତିଥିବା ଜରମନପ୍ରୀତ୍ ସିଂହ, ରାଜକୁମାର ପାଲ ଓ ବରୁଣ କୁମାର ଉପସ୍ଥିତ ଥିଲେ । ସେହିଭଳି ବରୁଣ କୁମାର କହିଥିଲେ, 'ଯଦିଓ ଦେଶରେ କ୍ରିକେଟ୍ ପ୍ରତି ଅଧିକ ସମର୍ଥନ ଥିବା ଜଣାପଡ଼େ, ତେବେ ଭାରତୀୟ ହକି ଦଳ କ୍ରମାଗତ ୨ଟି ଅଲିମ୍ପିକ୍ସରେ ପଦକ ଜିତିବା ପରେ ହକି ପ୍ରତି ମଧ୍ୟ ଆଦର ବୃଦ୍ଧି ପାଇଛି ।'

ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଖେଳାଳିଙ୍କୁ ସ୍ୱାଗତ କରିଥିଲେ । ସେହିଭଳି ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଏହାକୁ ପରିଚାଳନା କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ, ଆସନ୍ତା ୨୮ରୁ ଫ୍ରାଞ୍ଚାଇଜଭିତ୍ତିକ ହକି ପ୍ରତିଯୋଗିତା 'ହକି ଇଣ୍ଡିଆ ଲିଗ୍' ରାଉରକେଲାରେ ଆରମ୍ଭ ହେବ । ଏହି ୪ଜଣ ଖେଳାଳି ଦିଲ୍ଲୀ ଏସ୍‌ଜି ପାଇପର୍ସରୁ ଖେଳିବା ଲାଗି ବର୍ତ୍ତମାନ ଓଡ଼ିଶା ଗସ୍ତରେ ରହିଛନ୍ତି ।

## ଟିକଟ ବାତିଲ କଲେ ଅଶ୍ୱିନଙ୍କ ପିତା

ନୂଆଦିଲ୍ଲୀ, ୨୦ ।୧୨(ଏଜେନ୍ସି): ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ହଠାତ୍ ଅବସର ଘୋଷଣା କରିବା କେବେଳ କ୍ରିକେଟ ଜଗତ ନୁହେଁ ତାଙ୍କ ପରିବାରକୁ ମଧ୍ୟ ଆଚମ୍ବିତ କରିଛି । ସେ ଅବସର ଘୋଷଣା କରିଥିବାରୁ ତାଙ୍କ ପିତାଙ୍କୁ ଆଗାମୀ ଚତୁର୍ଥ ଟେଷ୍ଟର ଟିକ୍‌ଟ ବାତିଲ କରିବାକୁ ପଡ଼ିଛି । ତାଙ୍କ ପିତା ମେଲବୋର୍ଣ୍ଣ ଓ ସିଡନୀରେ ଆୟୋଜନ ହେବାକୁ ଥିବା ଚତୁର୍ଥ ଓ ୫ମ ଟେଷ୍ଟ ପାଇଁ ଟିକଟ ବୁକ୍ କରିଥିଲେ । କିନ୍ତୁ ଯେହେତୁ ଅଶ୍ୱିନ ଖେଳିବେ ନାହିଁ, ତେଣୁ ସେ ଟିକଟ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । କ୍ରମାଗତ ଭାବେ ଅଣଦେଖା କରିବାରୁ ଅଶ୍ୱିନ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ତାଙ୍କ ପିତା ମତ ଦେଇ ହଇଚଇ ସୃଷ୍ଟି କରିଥିଲେ । ତେବେ ଅଶ୍ୱିନ ପିତାଙ୍କ ଏହି ମତକୁ ଖଣ୍ଡନ କରିଥିଲେ ।

### ଆଜିଠୁ ବିଜୟ ହଜାରେ ଟ୍ରଫି

# ଗୋଆକୁ ଭେଟିବ ଓଡ଼ିଶା


କଟକ, ୨୦।୧୨(ସମିସ): ବିସିସିଆଇର ଏକଦିବସୀୟ ଫର୍ମାଟ ଘରୋଇ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଶନିବାରଠାରୁ ଆରମ୍ଭ ହେବ । ଜୟପୁରର ଡଃ ସୋନି ଷ୍ଟାଡିୟମରେ ଖେଳାଯିବାକୁ ଥିବା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଗୋଆକୁ ଭେଟିବ ଓଡ଼ିଶା । ଗତ ୧୦ବର୍ଷ ଭିତରେ ଏହି ଦୁଇ ଦଳ ବିଜୟ ହଜାରେ ଟ୍ରଫିରେ ମାତ୍ର ଥରେ ସାମ୍ନାସାମ୍ନି ହୋଇଛନ୍ତି । ୨୦୧୪ରେ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ଓଡ଼ିଶା ୧ରନ୍‌ରେ ବିଜୟୀ ହୋଇଥିଲା । ପ୍ରଥମ ଲିଗ୍‌ରେ ଗୋଆକୁ ହରାଇ ସନ୍ଦୀପ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି ।

ବିଜୟ ହଜାର ଟ୍ରଫିର ଗତ ସଂସ୍କରଣରେ ଓଡ଼ିଶା ଲିଗ ପର୍ଯ୍ୟାୟରୁ ବିଦା ହୋଇଥିଲା । ୭ଟି ମ୍ୟାଚ୍‌ରୁ ୪ଟି ବିଜୟ ଏବଂ ୩ଟି ପରାଜୟ ବଳରେ ଦଳ ୧୬ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଥିଲା । କ୍ରମାଗତ ୩ଟି ପରାଜୟର ସମ୍ମୁଖୀନ ପରେ ଅନ୍ତିମ ୩ଟି ମ୍ୟାଚ୍‌କୁ ଜିତି ଓଡ଼ିଶା ପ୍ରତିଯୋଗିତାରେ ପ୍ରଭାବ ପକାଇ ପାରିଥିଲା । ଏପରିକି ଅନ୍ତିମ ଲିଗ୍‌ରେ ଦଳ ଶକ୍ତିଶାଳୀ ମୁମ୍ବାଇକୁ ମାତ୍ ଦେଇଥିଲା । ବିଗତବର୍ଷର ତ୍ରୁଟିକୁ ନ ଦୋହରାଇ ଚଳିତଥର କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଓଡ଼ିଶା ରହିଛି । ଦଳରେ ପ୍ରମୁଖ ବ୍ୟାଟର ଭାବେ ସନ୍ଦୀପ ପଟ୍ଟନାୟକ, ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଗୋବିନ୍ଦ ପୋଦ୍ଦାର, ୱିକେଟ କିପର ରାଜେଶ ଧୂପର, ଆଶୀର୍ବାଦ ସ୍ୱାଇଁ, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ ରହିଛନ୍ତି । ସେହିପରି ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ତରଣୀ ସ, ତାପସ ଦାସ ପେସ୍ ବୋଲିଂ ସମ୍ଭାଳିବେ । ସୁମିତ ଶର୍ମା ଏବଂ ଜାମଲା ଭଞ୍ଜନ ମହାପାତ୍ର ମୁଖ୍ୟ ସ୍ପିନର ଭାବେ ଦଳରେ ରହିଥିଲେ ସୁଦ୍ଧା ଗୋବିନ୍ଦ ଏବଂ ଅଭିଷେକ ରାଉତ କାମଚଳା ସ୍ପିନ୍ ବୋଲିଂ ଜରିଆରେ ୱିକେଟ ନେବାର କ୍ଷମତା ରଖିଛନ୍ତି । ମିଡିୟମ ପେସ୍ ବୋଲିଂ ସହ ଧୁଆଁଧାର ବ୍ୟାଟିଂ କରି ପାରୁଥିବା ପ୍ରୟାସ କୁମାର ସିଂହଙ୍କୁ ମଧ୍ୟ ସାମିଲ କରାଯାଇଛି । ସେହିପରି ୩୨ବର୍ଷୀୟ ଅଲରାଉଣ୍ଡର ଦର୍ଶନ ମିଶାଲଙ୍କ ନେତୃତ୍ୱରେ ଗୋଆ ଦଳ ଗଠନ ହୋଇଛି । ଏହି ଦଳରେ ଇଶାନ ଗାଡେକର, କାଶ୍ୟପ ଭାକଲେ, ମନ୍ଥନ କୁଠକାର, ରାହୁଲ ମେହତାଙ୍କ ଭଳି ବ୍ୟାଟରଙ୍କୁ ସ୍ଥାନ ମିଳିଛି । ଶୁଭମ ତାରି, ଭିଜେଶ ପ୍ରଭୁଦେଶାଇ ପେସ୍ ବୋଲିଂ ଭାର ସମ୍ଭାଳିବେ । ଗୋଆ ବିପକ୍ଷ ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଉଛି ।

### ବର୍ଡର- ଗାଭାସ୍କର ଟ୍ରଫି: ଅନ୍ତିମ ଦୁଇ ଟେଷ୍ଟ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷିତ

# ବାଦ୍ ପଡ଼ିଲେ ମ୍ୟାକସ୍ୱିନୀ, ହାଜଲେଉଡ୍

ମେଲବୋର୍ଣ୍ଣ, ୨୦ ।୧୨(ଏଜେନ୍ସି): ଚଳିତ ବର୍ଡର- ଗାଭାସ୍କର ଟ୍ରଫି(ବିଜିଟି)ର ଅନ୍ତିମ ଦୁଇଟି ଟେଷ୍ଟ ପାଇଁ ଶୁକ୍ରବାର ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି । ଏଥିରେ ଦୁଇଟି ବଡ଼ ପରିବର୍ତ୍ତନ କରାଯାଇଛି । ପ୍ରଥମ ୩ଟି ଟେଷ୍ଟରେ ଉସ୍‌ମାନ ଖ୍ୱାଜାଙ୍କ ସହିତ ଓପନିଂ କରିଥିବା ନାଥନ ମ୍ୟାକସ୍ୱିନୀଙ୍କୁ ଚୟନକର୍ତ୍ତାମାନେ ଦଳରୁ ବାଦ୍ ଦେଇଛନ୍ତି । ତାଙ୍କ ବଦଳରେ ନବାଗତ ୧୯ ବର୍ଷୀୟ ଓପନର ସାମ କୋନଷ୍ଟାସ୍‌ଙ୍କୁ ଦଳରେ ସାମିଲ କରାଯାଇଛି । ସେହିପର ଆଘାତ ସମସ୍ୟା ଦେଇ ଗତି କରୁଥିବା ଦ୍ରୁତ ବୋଲର ଜୋଶ ହାଜଲେଉଡ୍‌ଙ୍କୁ ଦଳରେ ସ୍ଥାନ ମିଳିନାହିଁ । ଏହାକୁ ବାଦ୍ ଦେଲେ ଦୀର୍ଘ ୩ ବର୍ଷ ପରେ ଝେ ରିଚାର୍ଡସନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ବିଜିଟିର ଚତୁର୍ଥ ଟେଷ୍ଟ ମ୍ୟାଚ୍ ମେଲବୋର୍ଣ୍ଣରେ ଡିସେମ୍ବର ୨୬ ଅର୍ଥାତ ବକ୍ସିଂ ଡେ'ରୁ ଆରମ୍ଭ ହେବ । ସେହିପରି ୫ମ ତଥା ଅନ୍ତିମ ମୁକାବିଲା ଜାନୁଆରୀ ୩ରେ ସିଡନୀରେ ଆରମ୍ଭ ହେବ ।


ସାମ କୋନଷ୍ଟାସ୍

### ପଦାର୍ପଣ କରିବେ ୧୯ ବର୍ଷୀୟ କୋନଷ୍ଟାସ୍

ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ପାଇଁ ଖେଳିଥିବା ୧୯ ବର୍ଷୀୟ ଓପନିଂ ବ୍ୟାଟର ସାମ କୋନଷ୍ଟାସ୍ ଟେଷ୍ଟ ପଦାର୍ପଣ କରିବେ । କୋନଷ୍ଟାସ୍ ଏହି ପିଙ୍କବଲ୍ ଅଭ୍ୟାସ ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିଲେ । ତାଙ୍କୁ ସେଥିପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚନା କରାଯାଇଥିଲା । ଏହି ଡାହାଣହାତୀ ବ୍ୟାଟର ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ଓ ଗୋଟିଏ ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି । ସେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ପାଇଁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି ।

### ୩ ବର୍ଷ ପରେ ରିଚାର୍ଡସନଙ୍କୁ ସୁଯୋଗ

ହାଜଲେଉଡ୍‌ଙ୍କ ସ୍ଥାନରେ ଝେ ରିଚାର୍ଡସନଙ୍କୁ ଦଳରେ ସ୍ଥାନ ମିଳିଛି ଓ ଦୀର୍ଘ ୩ ବର୍ଷ ପରେ ସେ ଦଳକୁ ଫେରିଛନ୍ତି । ୨୦୨୧ ଡିସେମ୍ବରରେ ସେ ଇଂଲଣ୍ଡରେ ଅନୁଷ୍ଠିତ ଆସେସ୍ ସିରିଜରେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ ।

### ୧-୧ ସ୍ଥିତିରେ ସିରିଜ

ଏପର୍ଯ୍ୟନ୍ତ ୩ଟି ଟେଷ୍ଟ ମ୍ୟାଚ୍ ଖେଳାଯାଇଥିବା ବେଳେ ସିରିଜ ୧-୧ ଅମୀମାଂସିତ ସ୍ଥିତିରେ ରହିଛି । ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୨୯୫ ରନରେ ବିଜୟ ହାସଲ କରିଥିଲା । ସେହିପରି ଅଷ୍ଟ୍ରେଲିଆ ଆଡିଲେଡ୍‌ରେ ଅନୁଷ୍ଠିତ ଦିବାରାତ୍ର ପିଙ୍କବଲ୍ ଟେଷ୍ଟରେ ୧୦ ୱିକେଟରେ ବିଜୟ ହାସଲ କରିଥିଲା । ସେହିପରି ବ୍ରିସ୍‌ବେନ୍‌ରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ତୃତୀୟ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଥିଲା ।

**ଘୋଷିତ ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କମିନ୍ସ (ଅଧିନାୟକ), ଟ୍ରାଭିସ ହେଡ୍ (ଉପଅଧିନାୟକ), ଷ୍ଟିଭ ସ୍ମିଥ୍ (ଉପଅଧିନାୟକ), ସିନ ଆବୋଟ୍, ସ୍କଟ ବୋଲାଣ୍ଡ, ଆଲେକ୍ସ କାରେ, ଜୋଶ ଇଂଲିଶ୍, ଉସ୍‌ମାନ ଖ୍ୱାଜା, ସାମ କୋନଷ୍ଟାସ, ମାର୍ନସ ଲାବୁସେନ, ନାଥନ ଲିଅନ, ମିଚେଲ ମାର୍ଶ, ଝେ ରିଚାର୍ଡସନ, ମିଚେଲ ଷ୍ଟାର୍କ ଓ ବିୟୁ ୱେବ୍‌ଷ୍ଟାର ।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଆସିଷ୍ଟାଣ୍ଟ ମ୍ୟାନେଜର (ସେଲ୍ସ) | ଏମ୍.ବି.ଏ. ଡିଗ୍ରୀ ସହିତ ୩ ରୁ ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୨ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS